ISSN-0971-8397

# ଯୋଜନା

ସେପ୍ଟେମ୍ବର ୨୦୧୭ ବିକାଶମୂଳକ ମାସିକ ପତ୍ରିକା ୨୨ ଟଙ୍କା


## ସମସ୍ତଙ୍କ ପାଇଁ ଘର

**ସହରାଞ୍ଚଳରେ ଶସ୍ତା ଘର; ସମସ୍ୟା ଓ ସମାଧାନ**
ଦୁର୍ଗାଶଙ୍କର ମିଶ୍ର

**ସମସ୍ତଙ୍କ ପାଇଁ ଘର ଯୋଜନା ସହ ଜମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସର ସମ୍ପର୍କ**
ଅମ୍ଳାନ ଜ୍ୟୋତି ଗୋସ୍ୱାମୀ, ଗୌତମ ଭାନ

**ଶସ୍ତା ଘର ତିଆରି ପାଇଁ ଅର୍ଥଯୋଗାଣ ବ୍ୟବସ୍ଥା**
ଚରଣ ସିଂହ

**ବିଶେଷ ପ୍ରବନ୍ଧ**
**ରିଅଲ୍ ଇଷ୍ଟେଟ୍ ନିୟନ୍ତ୍ରଣ, ବିକାଶ ଆଇନ ଓ ଗୃହ କ୍ରେତାଙ୍କ ସ୍ୱାର୍ଥ**
ରଂଜିତ୍ ମେହେଟ୍ଟା




**ମହାତ୍ମା ଗାନ୍ଧୀଙ୍କ 'କର ବା ମର ଆହ୍ୱାନ'**
ଏ. ଅନ୍ନାମଲାଇ

**ଫୋକସ୍**
**୭୦ରେ ଭାରତ: ଉପଲବ୍ଧି, ଆହ୍ୱାନ ଓ ସମ୍ଭାବନା**
ବାଲ୍ମିକି ପ୍ରସାଦ ସିଂହ

# ପ୍ରଧାନମନ୍ତ୍ରୀଙ୍କ ସ୍ୱାଧୀନତା ଦିବସର ଭାଷଣ (ମୁଖ୍ୟାଂଶ)



୭୧ତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଲାଲକିଲ୍ଲାର ପ୍ରାଚୀର ଉପରୁ ଜାତି ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ। ତାଙ୍କ ଭାଷଣର ମୁଖ୍ୟାଂଶ ନିମ୍ନରେ ପ୍ରଦାନ କରାଗଲା।

- ଏହି ବର୍ଷଟି ଭାରତ ପାଇଁ ସ୍ୱତନ୍ତ୍ର। ଭାରତଛାଡ଼ ଆନ୍ଦୋଳନର ୭୫ତମ ବାର୍ଷିକୀ, ଚମ୍ପାରଣ ଆନ୍ଦୋଳନର ଶତବାର୍ଷିକୀ ଓ ଗଣେଶ ଉତ୍ସବର ୧୨୫ ତମ ବାର୍ଷିକୀ ଦେଶ ଏ ବର୍ଷ ପାଳନ କରୁଛି।

- ଭାରତଛାଡ଼ ଆନ୍ଦୋଳନର ବାର୍ତ୍ତା ଥିଲା ବ୍ରିଟିଶ ଶାସକ ଭାରତ ଛାଡ଼, କିନ୍ତୁ ଆଜି ଦିବସର ଆହ୍ୱାନ ହେଉଛି ଭାରତ ଯୋଡ଼।

- ଏକ ନୂଆ ଭାରତ ଗଠନର ସଂକଳ୍ପ ନେଇ ଆମକୁ ଦେଶକୁ ଆଗେଇନେବାକୁ ପଡ଼ିବ।

- ୧୯୪୨ ରୁ ୧୯୪୭ ପର୍ଯ୍ୟନ୍ତ ଦେଶ ମିଳିତ ଶକ୍ତି ପ୍ରଦର୍ଶନ କରିଥିଲା। ସେହି ମିଳିତ ଶକ୍ତି, କଠିନ ପରିଶ୍ରମ ଓ ଅଙ୍ଗୀକାର ପ୍ରଦର୍ଶନ କରି ଆମକୁ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଦେଶକୁ ଆଗେଇ ନେବାକୁ ହେବ।

- ୧୨୫ କୋଟି ଭାରତବାସୀଙ୍କୁ ନେଇ ମିଳିତ ଶକ୍ତି ପ୍ରଦର୍ଶନ କରି ନୂଆ ଭାରତ ଗଠନ କରିବାକୁ ଆମକୁ ଆଗକୁ ଚାଲିବାକୁ ହେବ। ଏଥିରେ ଛୋଟବଡ଼ର ଭେଦଭାବ ରହିବ ନାହିଁ।

- ଆମକୁ କାମଚଳା ମନୋଭାବ ପରିହାର କରିବାକୁ ପଡ଼ିବ। ସ୍ଥିତି ବଦଳାଇ ହେବ - ଏହି ମନୋଭାବ ଆମକୁ ଆମ ଭିତରେ ଉଦ୍ରେକ କରିବାକୁ ହେବ। ଏହି ମନୋଭାବ ଆମକୁ ସାହାଯ୍ୟ କରିବ।

- ଟିମ୍ ଇଣ୍ଡିଆ ପାଇଁ ଏକ ନୂଆ ଭାରତ ନିର୍ମାଣର ଅଙ୍ଗୀକାର ନେବାକୁ ଏହା ଉପଯୁକ୍ତ ସମୟ।

- ଦେଶର ନିରାପତ୍ତା ରକ୍ଷା ଆମର ସବୁଠୁ ବଡ଼ ଅଗ୍ରାଧିକାର।

- ଜିଏସ୍‌ଟି ସହଯୋଗ ଭିତ୍ତିକ ସଂଘୀୟ ବ୍ୟବସ୍ଥାର ଭାବନା ସୃଷ୍ଟି କରିଛି। ଜିଏସ୍‌ଟି ସମର୍ଥନରେ ସାରା ଦେଶ ଏକ ହୋଇଛି। ଟେକ୍‌ନୋଲୋଜି ଆମକୁ ଏଥିରେ ସାହାଯ୍ୟ କରିଛି। ଜିଏସ୍‌ଟି ପ୍ରବର୍ତ୍ତନ ପରେ ପରିବହନ କ୍ଷେତ୍ରରେ ଦକ୍ଷତା ୩୦ ଶତାଂଶ ବଢ଼ିଛି ଓ ଜମା ବଢ଼ିବା ସହ ଖର୍ଚ୍ଚ ହ୍ରାସ ପାଇଛି।

- ଭାରତ ଶାନ୍ତି, ଏକତା ଓ ସଦ୍‌ଭାବନାର ଦେଶ, ଏଠାରେ ଜାତିବାଦ, ସଂପ୍ରଦାୟବାଦର ସ୍ଥାନ ନାହିଁ।

- କଳାଧନ ଓ ଦୁର୍ନୀତି ବିରୋଧରେ ଆମର ସଂଘର୍ଷ ଜାରି ରହିବ। ଦୁର୍ନୀତି ମୁକ୍ତ ଭାରତ ଗଠନ ଦିଗରେ ଆମ ପ୍ରୟାସ ଫଳବତୀ ହୋଇଛି। ଆମେ ମିଳିତ ଭାବେ ଏଭଳି ଏକ ଭାରତ ଗଢ଼ିବା ଯେଉଁଠି ପ୍ରିୟାପ୍ରୀତି ଓ ଦୁର୍ନୀତିର ସ୍ଥାନ ନ ଥିବ। ୧.୨୫ ଲକ୍ଷ କୋଟି ଟଙ୍କାର କଳାଧନ ଠାବ ହୋଇଛି। ୧.୭୫ ଲକ୍ଷରୁ ଅଧିକ ନକଲି କମ୍ପାନୀକୁ ବନ୍ଦ କରିଦିଆଯାଇଛି।

- ଆସନ୍ତୁ ଅଗ୍ରଭାଗରେ ରହି ନେତୃତ୍ୱ ନେବା, ଡିଜିଟାଲ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଓ ଭିମ ଆପ୍‌କୁ ବ୍ୟବହାର କରିବା।

- ଆମେ ସହଯୋଗମୂଳକ ସଂଘୀୟ ଢାଞ୍ଚାରୁ ପ୍ରତିଯୋଗିତାମୂଳକ ସହଯୋଗୀ ସଂଘୀୟ ବ୍ୟବସ୍ଥାକୁ ଉନ୍ନୀତ ହୋଇଛୁ। ଆମ ଦେଶ ବିଶ୍ୱର ସର୍ବାଧିକ ଯୁବ ଜନସଂଖ୍ୟାର ଦେଶ। ଏହା ଆଇଟିର ଯୁଗ। ଆସନ୍ତୁ ସମସ୍ତେ ଡିଜିଟାଲ କାରବାର ପଥରେ ଆଗେଇ ଚାଲିବା।

- ଆମେ ଏପରି ଏକ ଭାରତ ନିର୍ମାଣ କରିବା ଯେଉଁଠି ଚାଷୀ ଶାନ୍ତିରେ ଶୋଇପାରିବେ ଓ ଏବେ ଯାହା ରୋଜଗାର କରୁଛନ୍ତି ତାହାକୁ ଦ୍ୱିଗୁଣିତ କରିବେ।

- ଆମର ସଂକଳ୍ପ ଯୁବକ ଓ ମହିଳାଙ୍କୁ ସେମାନଙ୍କ ସ୍ୱପ୍ନ ସାକାର କରିବାକୁ ସୁଯୋଗ, ସୁବିଧା ଦେଉଥିବା ଏକ ଦେଶ ଗଢ଼ିବା।

- ଆତଙ୍କବାଦ, ସଂପ୍ରଦାୟବାଦ, ଜାତିବାଦରୁ ମୁକ୍ତ ଏକ ଭାରତ ଗଢ଼ିବା ଆମର ସଂକଳ୍ପ।

- ଆମେ ଏକ ଦିବ୍ୟ ଓ ଭବ୍ୟ ଭାରତ ନିର୍ମାଣ ପାଇଁ ଆଶାବାଦୀ।

ସେପ୍ଟେମ୍ବର ୨୦୧୭

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଛଲ
ସଂପାଦକ ଓ ଉପନିର୍ଦ୍ଦେଶକ : ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ଚତୁର୍ବିଂଶ ବର୍ଷ / ଏକାଦଶ ସଂଖ୍ୟା


## ଏ ସଂଖ୍ୟାରେ...


| ବିଷୟ / ଲେଖକ | ପୃଷ୍ଠା |
|---|---|
| ● ସମ୍ପାଦକୀୟ | ୦୪ |
| ● ସହରାଞ୍ଚଳରେ ଶସ୍ତା ଘର: ସମସ୍ୟା ଓ ସମାଧାନ<br>*ଦୁର୍ଗାଶଙ୍କର ମିଶ୍ର* | ୦୫ |
| ● ସମସ୍ତଙ୍କ ପାଇଁ ଘର ଯୋଜନା ସହ ଜମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସର ସମ୍ପର୍କ<br>*ଅମ୍ଳାନଜ୍ୟୋତି ଗୋସ୍ୱାମୀ, ଗୌତମ ଭାନ* | ୧୨ |
| ● ଶସ୍ତା ଘର ତିଆରି ପାଇଁ ଅର୍ଥଯୋଗାଣ ବ୍ୟବସ୍ଥା<br>*ଚରଣ ସିଂହ* | ୧୬ |
| ● ମହାତ୍ମା ଗାନ୍ଧୀଙ୍କ 'କର ବା ମର ଆହ୍ୱାନ'<br>*ଏ. ଅନ୍ନାମଲ୍ଲାଇ* | ୨୪ |
| ● ସମସ୍ତଙ୍କ ପାଇଁ ଆବାସ ଭିତ୍ତିଭୂମି ଓ ଏହାର ପରିଚାଳନା ବ୍ୟବସ୍ଥା<br>*କୃଷ୍ଣ ଦେବ* | ୩୬ |
| ● ଶସ୍ତା ଗୃହ ନିର୍ମାଣରେ ଅନୁକୂଳ ଜ୍ଞାନକୌଶଳର ଉପଯୋଗ<br>*ଯଶ କୁମାର ଶୁକ୍ଳ* | ୪୨ |
| ● ସ୍ମାର୍ଟ ସିଟିରେ ଗରିବଙ୍କ ଆବାସ ବ୍ୟବସ୍ଥା<br>*ଉଷା ପି. ରଘୁପତି* | ୪୫ |
| ● ଆପଣ ଜାଣନ୍ତି କି ? | ୪୯ |
| ● ସାମ୍ପ୍ରତିକୀ | ୫୧ |

**ଫୋକସ୍**

୭୦ରେ ଭାରତ: ଉପଲବ୍ଧି, ଆହ୍ୱାନ ଓ ସମ୍ଭାବନା
ବାଲ୍ମିକି ପ୍ରସାଦ ସିଂହ ପୃଷ୍ଠା: ୨୮

**ବିଶେଷ ପ୍ରବନ୍ଧ**

ରିୟଲ୍ ଇଷ୍ଟେଟ୍ ନିୟନ୍ତ୍ରଣ, ବିକାଶ ଆଇନ ଓ ଗୃହ କ୍ରେତାଙ୍କ ସ୍ୱାର୍ଥ
ରଂଜିତ୍ ମେହେଟ୍ଟା ପୃଷ୍ଠା: ୨୦



*Editor*
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207



ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସମ୍ପାଦକୀୟ...

# ସମସ୍ତଙ୍କ ପାଇଁ ଘର

ମୁଣ୍ଡ ଉପରେ ଛାତ ଖଣ୍ଡେ ପାଇବା ସବୁ ମଣିଷର ସ୍ୱପ୍ନ। ଧନାଢ୍ୟ ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ନିଜ ପାଇଁ ପ୍ରାସାଦ ନିର୍ମାଣ କରୁଥିବା ବେଳେ ଗରିବ ଲୋକଟିଏ ନିଜେ ଓ ନିଜ ପରିବାରର ମୁଣ୍ଡ ଗୁଞ୍ଜିବା ପାଇଁ ପଲା ଖଣ୍ଡେ ତିଆରି କରିବାକୁ ଜରି ପ୍ଲାଷ୍ଟିକର ଆଶ୍ରୟ ନିଏ।

ଭାରତୀୟ ପରିପ୍ରେକ୍ଷୀରେ ଆବାସ ଏକ ସମୟରେ ଆଦୌ ଏକ ପ୍ରସଙ୍ଗ ନ ଥିଲା। ଯୌଥ କୁଟୁମ୍ବରେ ଗୋଟିଏ ଘରେ ସମସ୍ତେ ରହୁଥିଲେ। ପେଟପାଟଣା ପାଇଁ ଲୋକଙ୍କ ସହରକୁ ପଳାୟନ ଘର ସମସ୍ୟା ସୃଷ୍ଟି କଲା। ଛୋଟ ପରିବାରରେ ଏ ସମସ୍ୟା ଅଧିକ ଉତ୍କଟ ହେଲା। ବାପ ମା ନିଜ ପିଲାଙ୍କୁ ଧରି ସହରକୁ ପଳାଇ ଗଲାପରେ  ଜୀବିକା ଅନ୍ୱେଷଣରେ ଗୋଟିଏ ସ୍ଥାନରେ ରହିଲେ ତ କାଳକ୍ରମେ ପିଲାଏ ଅନ୍ୟତ୍ର ରହିବାକୁ ବାଧ୍ୟ ହେଲେ। ସହରାଞ୍ଚଳରେ ଅଧିକରୁ ଅଧିକ ସଂଖ୍ୟକ ଲୋକ ସମବେତ ହେବା ଫଳରେ ଘରର ଅଭାବ ପଡ଼ିଲା। ତେଣୁ ଅଳ୍ପ ଖର୍ଚ୍ଚରେ ଚଳିବା ପାଇଁ ଶ୍ରମିକ ଶ୍ରେଣୀର ଅନେକ ଲୋକ ସହର ଆଖପାଖରେ ବସ୍ତିରେ ଅସ୍ଥାୟୀ ଘର କରି ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିବାକୁ ବାଧ୍ୟ ହେଲେ। ଏହି ପ୍ରକ୍ରିୟା ଅଧିକରୁ ଅଧିକ ବସ୍ତି ସୃଷ୍ଟି କଲା। ୨୦୧୧ ଜନଗଣନା ତଥ୍ୟ ଅନୁସାରେ ୧୦ବର୍ଷ ମଧ୍ୟରେ ସହରାଞ୍ଚଳ ଜନସଂଖ୍ୟା ୯୧ ନିୟୁତ ବଢ଼ିଛି। ସେହି ଜନଗଣନା ତଥ୍ୟ ଆକଳନ ଅନୁସାରେ ୨୦୧୨ ଆରମ୍ଭ ସୁଦ୍ଧା ସହରରେ ୧୮.୭୮ ନିୟୁତ ଘରର ଅଭାବ ପଡ଼ିବ ଓ ଆର୍ଥିକ ଅନଗ୍ରସର ବର୍ଗ ବା ସ୍ୱଳ୍ପ ଆୟକାରୀ ଗୋଷ୍ଠୀର ଲୋକେ ଅଧିକ ଆବାସ ଅଭାବର ସମ୍ମୁଖୀନ ହେବେ ବୋଲି ଏଥିରେ କୁହାଯାଇଥିଲା।

ଅତଏବ ବର୍ତ୍ତମାନ ସମୟରେ ଶସ୍ତା ଘର ସବୁଠୁ ଏକ ବଡ଼ ସମସ୍ୟା। ଯୁବପିଢ଼ିର ସଦସ୍ୟମାନେ ବୃତ୍ତି ଅନ୍ୱେଷଣରେ ପ୍ରାୟତଃ ସହରମୁଖୀ ହେଉଥିବାରୁ ସେମାନଙ୍କୁ ସ୍ଥାୟୀ ଆଶ୍ରୟର ଆବଶ୍ୟକତା ରହିଛି। ତେଣୁ ସେମାନଙ୍କ ପାଇଁ ଆବାସିକ ସୁବିଧା କରିବାକୁ ଯୋଜନା ପ୍ରସ୍ତୁତ କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। ସହରାଞ୍ଚଳରେ ଜମି ଓ କୋଠାବାଡ଼ିର ଆକାଶଛୁଆଁ ମୂଲ୍ୟ ଶସ୍ତା ଘର ପାଇବା ଏବଂ ତିଆରି କରିବା କ୍ଷେତ୍ରରେ ପ୍ରଧାନ ପ୍ରତିବନ୍ଧକ ହୋଇଛି। କ୍ରମବର୍ଦ୍ଧିଷ୍ଣୁ ଘର ଭଡ଼ା, ବିଲ୍ଡରମାନଙ୍କ ଶୋଷଣ, ଅଣଅନୁମୋଦିତ ଭାବେ ଜମିର ଉପଯୋଗ, ନିମ୍ନମାନର ନିର୍ମାଣ ସାମଗ୍ରୀ ଆଦି ଯୋଗାଣ ଓ ଚାହିଦାର ତାରତମ୍ୟକୁ ଅଧିକ ବ୍ୟାପକ କରିଛି। ଲୋକଙ୍କ ଚାହିଦା ଅନୁସାରେ ଓ କ୍ରୟ ଶକ୍ତି ଭିତରେ ଘର ମିଳୁନାହିଁ।

ଏଭଳି ଏକ ପରିସ୍ଥିତିର ମୁକାବିଲା ପାଇଁ ସରକାରୀ ନିୟନ୍ତ୍ରଣ ଓ ନୀତି ନିୟମର ବିଶେଷ ଗୁରୁତ୍ୱ ରହିଛି। ସରକାରଙ୍କ ଭୂମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସ ବିଲ୍ ବିଭିନ୍ନ କାର୍ଯ୍ୟ ପାଇଁ ଜମିର ଉଚିତ ବ୍ୟବହାରକୁ ନିଶ୍ଚିତ କରିଛି। ଗୃହକ୍ରେତାଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ରିୟଲ ଇଷ୍ଟେଟ (ନିୟନ୍ତ୍ରଣ ଓ ବିକାଶ) ଆଇନ ପ୍ରବର୍ତ୍ତନ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବା ସହରାଞ୍ଚଳର ସମସ୍ତଙ୍କ ପାଇଁ ଘର କାର୍ଯ୍ୟକ୍ରମ ଭାରତୀୟ ମଧ୍ୟବିତ୍ତ, ନିମ୍ନ ମଧ୍ୟମିତ୍ତ ବର୍ଗ ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ଆବାସ ଆବଶ୍ୟକତା ପୂରଣ ପାଇଁ ଅଭିପ୍ରେତ। ସେହିଭଳି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ମାଧ୍ୟମରେ ଗ୍ରାମାଞ୍ଚଳର ବାସହୀନ ଗରିବ ତଥା କଞ୍ଚା ଘରେ ରହୁଥିବା  ନିମ୍ନ ମଧ୍ୟବିତ୍ତ ବର୍ଗର ଲୋକଙ୍କୁ ପକ୍କା ଘର ସହ ମୌଳିକ ସୁବିଧା ସୁଯୋଗ ୨୦୨୨ ସୁଦ୍ଧା ଯୋଗାଇ ଦେବାକୁ କାର୍ଯ୍ୟକାରୀ ହେଉଛି। ଏଥିପାଇଁ ଯେଉଁ ଅର୍ଥର ଆବଶ୍ୟକତା ରହିଛି ସେ ସକାଶେ ଜାତୀୟ ଆବାସ ବ୍ୟାଙ୍କ ଜରିଆରେ ଗୃହଋଣ ଯୋଗାଣକାରୀ କମ୍ପାନୀମାନଙ୍କୁ ନିୟନ୍ତ୍ରିତ କରାଯାଉଛି। ରିଜର୍ଭ ବ୍ୟାଙ୍କ ମଧ୍ୟ ଏ କ୍ଷେତ୍ରରେ ସବୁ ବ୍ୟାବସାୟିକ ବ୍ୟାଙ୍କ ଓ କିଛି ମାତ୍ରାରେ ସେବା ସମବାୟ ସମିତିକୁ ନିୟନ୍ତ୍ରିତ କରୁଛି। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଓ ସ୍ୱଳ୍ପ ଆୟକାରୀ ବର୍ଗ ବାହାରେ ଯେଉଁମାନେ ଘର ଖଣ୍ଡିଏ କରିବାକୁ ଟଙ୍କା ଯୋଗାଡ଼ କରିପାରୁନାହାନ୍ତି ସେମାନଙ୍କ ପାଇଁ ମଧ୍ୟ ସରକାର ଋଣ ସଂଯୋଗ ବ୍ୟବସ୍ଥାରେ ସୁଧ ଉପରେ ରିଆତି ଦେଇ ଅର୍ଥ ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି। ଆବାସ କ୍ଷେତ୍ରରେ ଭିତ୍ତିଭୂମିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାସ୍ତା, ମେଟ୍ରୋ ଟ୍ରେନ୍, ସ୍କୁଲ, ହସ୍ପିଟାଲ, ବିପଣି ସ୍ଥଳ ଓ ପିଲା ଖେଳିବା ପାଇଁ ଜାଗା ତିଆରି କରିବା ଭିତ୍ତିଭୂମି ସହ ଜଡ଼ିତ। ୨୦୨୨ ସୁଦ୍ଧା ସମସ୍ତଙ୍କୁ ଘର ଯୋଗାଣ ଲକ୍ଷ୍ୟ ପୂରଣ କରିବା ପୂର୍ବରୁ ଏସବୁ ଦିଗର ବିକାଶ ପାଇଁ କାର୍ଯ୍ୟ କରିବାକୁ ହେବ। ଆଜିକା ଦିନରେ ଘର ତିଆରିରେ ମଜବୁତ ଓ ପରିବେଶ ଅନୁକୂଳ ନିର୍ମାଣ ସାମଗ୍ରୀ ବ୍ୟବହାର କରିବା ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଘରର ନିର୍ମାଣ ଶୈଳୀ ଓ ଢାଞ୍ଚା ଏମିତି ହେବା ଉଚିତ ଯାହା ପ୍ରାକୃତିକ ବିପତ୍ତିର ମୁକାବିଲା କରିପାରୁଥିବ ଓ ଅଧିକ ଦିନ ତିଷ୍ଠିବ। ସେଥିପାଇଁ  ଡିଜାଇନ୍ ଉପରେ ଗୁରୁତ୍ୱ ଦେବାକୁ ହେବ। ଘରଗୁଡ଼ିକ ପରିବେଶ ଅନୁକୂଳ ଏବଂ ଅଭିନବ ଜ୍ଞାନକୌଶଳରେ ତିଆରି କରିବାକୁ ପଡ଼ିବ। ଫଳରେ ଖରାଦିନେ ଅତ୍ୟଧିକ ଗରମ କିମ୍ବା ଶୀତଦିନେ ଅତିଶୟ ଥଣ୍ଡା ଲାଗିବ ନାହିଁ। ସ୍ମାର୍ଟ ସିଟି ମିଶନ ଓ ଅଟଳ ମିଶନ ଫର୍ ରେଜୁଭିନେସନ ଆଣ୍ଡ ଅର୍ବାନ୍ ଟ୍ରାନ୍ସଫର୍ମେସନ (ଅମୃତ) ଯୋଜନା ଜରିଆରେ ସହରଗୁଡ଼ିକରେ ମୌଳିକ ଭିତ୍ତିଭୂମିର ବିକାଶ ଘଟାଇ ନାଗରିକଙ୍କୁ ସ୍ୱଚ୍ଛ ଓ ଉପଯୁକ୍ତ ପରିବେଶ ଯୋଗାଣ ସହ ଉତ୍ତମମାନର ସେବା ଯୋଗାଇଦେବାକୁ ପ୍ରୟାସ କରାଯାଉଛି।

ପରିବାରର ଜୀବନ ଧାରଣ ଓ ସୁଖସମୃଦ୍ଧି ପାଇଁ ଏକ ମଜବୁତ୍ ଘର ଏକାନ୍ତ ଅପରିହାର୍ଯ୍ୟ, ଅତଏବ ଲୋକଙ୍କୁ ଉତ୍ତମ ଆବାସ ବ୍ୟବସ୍ଥା ଯୋଗାଇଦେବାକୁ ସରକାର ଉଦ୍ୟମରତ। ଏହାଦ୍ୱାରା ଦେଶର ଶେଷ ବ୍ୟକ୍ତିଜଣଙ୍କ ମଧ୍ୟ ଉତ୍ତମ ଜୀବନ ଜିଇବାର ସୁଯୋଗ ପାଇବ।

# ସହରାଞ୍ଚଳରେ ଶସ୍ତା ଘର: ସମସ୍ୟା ଓ ସମାଧାନ

● ଦୁର୍ଗାଶଙ୍କର ମିଶ୍ର

**ଉପକ୍ରମ:**

ସହର, ସମୂହ ଅର୍ଥନୈତିକ ଅଭିବୃଦ୍ଧି ଓ ଅଭିନବତାର ଇଞ୍ଜିନ୍ ସଦୃଶ। ଦେଶର ଜନସଂଖ୍ୟାର ଏକତୃତୀୟାଂଶ ଲୋକ ଏବେ ସହରୀ ଭାରତରେ ବସବାସ କରୁଛନ୍ତି। ସେମାନେ ଦେଶର ମୋଟ୍ ଜାତୀୟ ଆୟର ଏକ ପଞ୍ଚମାଂଶରୁ ଅଧିକ ଉତ୍ପାଦନ କରୁଛନ୍ତି। ଆବାସ ଉଦ୍ୟୋଗ ଦେଶର ୨୬୯ଟି ଶିଳ୍ପ ଓ ଉଦ୍ୟୋଗ ସହ ସଂଯୁକ୍ତ ହୋଇଥିବାରୁ ଏହା ଭାରତୀୟ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ଆବାସ ଉଦ୍ୟୋଗର ବିକାଶ ସହିତ କର୍ମନିଯୁକ୍ତି ସୃଷ୍ଟି, ଜିଡିପି ଅଭିବୃଦ୍ଧି ଏବଂ ଅର୍ଥନୀତିର ଉପଭୋଗ ଧାରା ସିଧାସଳଖ ସଂପୃକ୍ତ।

ସହରାଞ୍ଚଳ ବିକାଶ ଓ ଶସ୍ତା ଆବାସ ଦ୍ୱାରା ଲୋକଙ୍କ ଆର୍ଥିକ କଲ୍ୟାଣ ଓ ସାମାଜିକ ଜୀବନର ମାନ ବୃଦ୍ଧି ଜଡ଼ିତ ଥିବା କଥା ବିଶ୍ୱବ୍ୟାପୀ ଏବେ ଅନୁଭୂତ ହେଉଛି। ସେଥିପାଇଁ ୨୦୧୬ର ହାବିଟାଟ୍-୩ର ନୂଆ ସହରାଞ୍ଚଳ କାର୍ଯ୍ୟସୂଚୀରେ ଏହା ଅଗ୍ରାଧିକାର ପାଇଛି। ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ପ୍ୟାରିସ ଘୋଷଣାନାମା ୨୦୧୬ ଏବଂ ୨୦୧୫ ସେଣ୍ଡାଇ ଫ୍ରେମ୍ୱାର୍କ (ଢାଞ୍ଚା)ରେ ଶସ୍ତା ତଥା ବିପତ୍ତି ନିରୋଧକ ଆବାସ ନିର୍ମାଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ନିରନ୍ତର ବିକାଶ ଯୋଜନା ଲକ୍ଷ୍ୟ -୧୧ରେ ସହର ଏବଂ ଓ ଆବାସସ୍ଥଳିଗୁଡ଼ିକୁ ସମାବେଶୀ, ନିରାପଦ, ସ୍ଥିତିସ୍ଥାପକ ଏବଂ ସହଣୀୟ କରିବାକୁ ଅଗ୍ରାଧିକାର ଦିଆଯାଇଛି। ତଦନୁସାରେ ଭାରତ ଆବାସିକ କ୍ଷେତ୍ରର ବିକାଶକୁ ଗୁରୁତ୍ୱ ଦେଇ ଲୋକଙ୍କ ସାମାଜିକ ଆର୍ଥିକ ବିକାଶ ଦିଗରେ କାର୍ଯ୍ୟ କରୁଛି। ସେଥିପାଇଁ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ - ୨୦୨୨ ସୁଦ୍ଧା ସମସ୍ତଙ୍କୁ ଘର ଯୋଗାଣ ଲକ୍ଷ୍ୟ ଅନ୍ୟତମ।

ଏସବୁକୁ ଦୃଷ୍ଟିରେ ରଖି ଏହି ଲେଖାଟି ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି ଏବଂ ଉପକ୍ରମରୁ ଉପସଂହାର ପର୍ଯ୍ୟନ୍ତ ବିଭିନ୍ନ ଭାଗରେ ସହରାଞ୍ଚଳ ଆବାସ, ଏହାର ସମସ୍ୟା ଓ ସମାଧାନ ଦିଗ ଆଦି ବିଷୟରେ ଆଲୋଚନା କରାଯାଇଛି।

**ଆବାସ ଦୃଶ୍ୟପଟ ଓ ଆହ୍ୱାନ:**

ଆବାସ ନିଅଣ୍ଟ ସଂକ୍ରାନ୍ତ ବୈଷୟିକ ଗୋଷ୍ଠୀ (୨୦୧୨-୧୭) (ଟିଜି-୧୨) ଯାହା ଆବାସ ଓ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରଣାଳୟଦ୍ୱାରା ଗଠିତ ହୋଇଥିଲା, ତାହାର ରିପୋର୍ଟ ଅନୁସାରେ ଦେଶରେ ୧୮.୭୮ ନିୟୁତ ଘରର ଅଭାବ ରହିଛି। ସେଥିରୁ ଦୁର୍ବଳ ଶ୍ରେଣୀର ଲୋକଙ୍କ ଆବାସ ଅଭାବ ସଂଖ୍ୟା ୧୦.୫୫ ନିୟୁତ ବା ମୋଟ୍ ଅଭାବର ୫୬.୨ ଭାଗ। ନିମ୍ନ ଆୟକାରୀ ବର୍ଗ ୪.୪ ଶତାଂଶ ବା ୦.୮୨ ନିୟୁତ ଘର ଲୋଡ଼ନ୍ତି। ଏଥିରୁ ସ୍ପଷ୍ଟ ଯେ କମ୍ ଦାମ୍‌ରେ ଘର ଲୋଡୁଥିବା ଲୋକଙ୍କ ସଂଖ୍ୟା ଅଧିକ। ଦେଶର ମାତ୍ର ୧୦ଟି ରାଜ୍ୟରେ ୭୬ ଶତାଂଶ ସହରାଞ୍ଚଳରେ ଆବାସ ଅଭାବ ରହିଛି। ଏହି ସବୁ ରାଜ୍ୟ ହେଲା ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ବିହାର, ରାଜସ୍ଥାନ, ମଧ୍ୟପ୍ରଦେଶ, କର୍ଣ୍ଣାଟକ ଓ ଗୁଜରାଟ। ଅତଏବ ଏହି ଆବାସ ସମସ୍ୟା ଦୂରକରି ଦେଶର ଅର୍ଥନୈତିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଆମ ପାଖରେ ଏକ ସୁଯୋଗ ରହିଛି।

ଟିଜି-୧୨ ରିପୋର୍ଟରେ ଦେଶରେ ୧୮.୭୮ ନିୟୁତ ଆବାସର ଅଭାବ ଥିବା କଥା ଦର୍ଶାଯାଇଥିବା ବେଳେ ସେଥି ମଧ୍ୟରୁ ସହରୀ ଭାରତରେ ୧୧.୦୭ ନିୟୁତ ଘର ଖାଲିଥିବା କଥା ୨୦୧୧ ଜନଗଣନା ରିପୋର୍ଟରେ ଉଲ୍ଲେଖ ଥିଲା। ଏଥିରୁ ଆବାସ ବଜାରର ବିରୋଧାଭାସ ସାମ୍ନାକୁ ଆସେ। ଉଚ୍ଚଆୟକାରୀ ବର୍ଗଙ୍କ ପାଇଁ ବଳକା ଘର ଥିବାବେଳେ ୯୫ ଶତାଂଶ ନିମ୍ନ ମଧ୍ୟବିତ୍ତ, ସ୍ୱଳ୍ପ ଆୟକାରୀ ଓ ଗରିବ ଘର ଅଭାବର ସମ୍ମୁଖୀନ ଥିଲେ। ଏହାର ଅର୍ଥ ଆବାସ ବଜାରରେ ଚାହିଦା ଓ ଯୋଗାଣ କ୍ଷେତ୍ରରେ ଏକ ବିରୋଧାଭାସ ରହିଥିଲା।

ଏହି ପରିସଂଖ୍ୟାନ ଅନୁସାରେ ଉଚ୍ଚ ଆୟକାରୀ ବର୍ଗଙ୍କ ପାଖରେ ଏକାଧିକ ଘର ଥିବାବେଳେ ସେଥିରୁ ଅନେକ ଖାଲି ରହିଥିଲା। ତେବେ ଅର୍ଥନୈତିକ ଅନଗ୍ରସର ଶ୍ରେଣୀ ଓ ସ୍ୱଳ୍ପ ଆୟକାରୀ ବର୍ଗର ୯୫ଶତାଂଶ ଲୋକ ଆବାସ ଅଭାବର ସମ୍ମୁଖୀନ ଥିଲେ। ଏହି ତଥ୍ୟ ଅନୁସାରେ ଭାରତର ସହରାଞ୍ଚଳ ଜନସଂଖ୍ୟା (୨୦୧୧ ଜନଗଣନା ଅନୁସାରେ) ବାର୍ଷିକ ୨.୭୬ହାରରେ ବଢୁଥିବାବେଳେ ୨୦୫୦ ସୁଦ୍ଧା ମୋଟ୍ ସହରୀ ଲୋକସଂଖ୍ୟା ୮୧୪ ନିୟୁତରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏହା ଫଳରେ ସହରାଞ୍ଚଳରେ ଗରିବ ଓ ସ୍ୱଳ୍ପ ଆୟକାରୀ ବର୍ଗର ଲୋକଙ୍କ ଆବାସ ଓ ମୌଳିକ ସୁବିଧା ସୁଯୋଗ ଅଧିକ ଉତ୍କଟ ଆକାର ଧାରଣ କରିବ। ଏଥିପାଇଁ ସହରାଞ୍ଚଳରେ ଗୃହହୀନ ଲୋକଙ୍କ ସଂଖ୍ୟା ବହୁତ ବଢ଼ିଯିବ। ଆହୁରି ମଧ୍ୟ ସେତେବେଳକୁ କାମ ଅନ୍ୱେଷଣରେ ସହରକୁ ସାମୟିକ ଭାବେ ଆସୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ ଯଥେଷ୍ଟ ବଢ଼ିଥିବ। ଘର ଅଭାବ ସାଙ୍ଗକୁ ଜମିର ଅତ୍ୟଧିକ ମୂଲ୍ୟବୃଦ୍ଧି ଯୋଗୁଁ ସାଧାରଣ ଓ ଗରିବ ଶ୍ରେଣୀର ଲୋକମାନେ ବସ୍ତି ଅଞ୍ଚଳରେ ରହିବାକୁ ବାଧ୍ୟ ହୋଇଥାନ୍ତି। ଆହୁରି ମଧ୍ୟ ଏହି ଗରିବ ଲୋକ ଓ ଶ୍ରମିକମାନେ ସହରତଳି ଅଞ୍ଚଳରେ ସରକାରୀ

ଜମି ଜବରଦଖଲ କରି ବସ୍ତି ତିଆରି କରି ସେଥିରେ ରହନ୍ତି। ଏହା ଫଳରେ ସହରର ବିକାଶ ଓ ଅଭିବୃଦ୍ଧି ଯୋଜନା ମୁତାବକ ହୋଇପାରେ ନାହିଁ।

ଅତଏବ ସହରାଞ୍ଚଳରେ ଶସ୍ତା ଘର ନିର୍ମାଣ କ୍ଷେତ୍ରରେ ବିକଶିତ ଓ ବିବାଦମୁକ୍ତ ଜମି ଅଭାବ, ନିର୍ମାଣ ବ୍ୟୟ ବୃଦ୍ଧି, ଗରିବଙ୍କ ପାଇଁ ଗୃହ ଋଣର ଅଭାବ, ଘରୋଇ ଉଦ୍ୟୋଗ ଆବାସ ନିର୍ମାଣ ପ୍ରକଳ୍ପରେ ସାମିଲ ନ ହେବା, ନିୟନ୍ତ୍ରିତ ଭଡ଼ା ବ୍ୟବସ୍ଥା ଓ ବଜାରର ଅଭାବ ଆଦି ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ସେହିଭଳି ଶସ୍ତା ଆବାସ ନିର୍ମାଣ ପାଇଁ ନୂଆ ଜ୍ଞାନକୌଶଳର ଉଦ୍ଭାବନ ଏବଂ ଉପଯୋଗ ପ୍ରାୟତଃ ନାହିଁ। ଏହାଛଡ଼ା ଶସ୍ତା ଆବାସ ନିର୍ମାଣ ପ୍ରକଳ୍ପ ପାଇଁ ଆଇନଗତ ବ୍ୟବସ୍ଥା, ପରିବେଶ ଅନୁମୋଦନ, ଦୀର୍ଘ ଓ ଜଟିଳ ପ୍ରକଳ୍ପ ଅନୁମୋଦନ ପ୍ରକ୍ରିୟା, ମାଷ୍ଟର ପ୍ଲାନର କାର୍ଯ୍ୟକାରିତାରେ ଅସୁବିଧା ଏ କ୍ଷେତ୍ରରେ ମଧ୍ୟ ସମସ୍ୟା ସୃଷ୍ଟି କରିଛି।

**ସରକାରୀ ପ୍ରୟାସ:**

**କାର୍ଯ୍ୟକ୍ରମ, ନୀତି ଓ ସଂସ୍କାର**

ସ୍ୱାଧୀନତା ପରଠାରୁ ଭାରତ ସରକାର ଗରିବ ଲୋକଙ୍କୁ ଆବାସିକ ସୁବିଧା ଯୋଗାଇ ଦେବାକୁ ବିଭିନ୍ନ ଯୋଜନା, ନୀତି ଓ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିଆସୁଛନ୍ତି। ୧୯୫୨ରେ ପ୍ରଥମେ ସମନ୍ୱିତ ଆବାସ ଯୋଜନା ଶିଳ୍ପ ଶ୍ରମିକ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ କାର୍ଯ୍ୟକାରୀ ହେଲା। ଏହାପରେ ସ୍ୱଳ୍ପ ଆୟକାରୀ ବର୍ଗଙ୍କ ପାଇଁ ଆବାସ ନିର୍ମାଣ ଯୋଜନା ୧୯୫୬ ଏବଂ ପରବର୍ତ୍ତୀ ସମୟରେ ବସ୍ତି ବିକାଶ ଯୋଜନା ୧୯୭୨ ପର୍ଯ୍ୟନ୍ତ ଚାଲିଲା। ସେହି ଯୋଜନାକୁ ୧୯୭୨ରେ ବନ୍ଦ କରି ସରକାର ସହରାଞ୍ଚଳ ବସ୍ତି ପରିବେଶ ବିକାଶ ଯୋଜନା ହାତକୁ ନେଲେ। ୧୯୯୬ରେ ଆରମ୍ଭ ହେଲା ଜାତୀୟ ବସ୍ତି ବିକାଶ କାର୍ଯ୍ୟକ୍ରମ। ନେହେରୁ ରୋଜଗାର ଯୋଜନାରେ ଆବାସ ଓ ଆଶ୍ରୟ ଉନ୍ନୟନ କାର୍ଯ୍ୟକ୍ରମ ୧୯୮୯ରେ ଆରମ୍ଭ ହୋଇଥିଲା ଯାହା 'ଶାଶୁ' କାର୍ଯ୍ୟକ୍ରମ ନାମରେ ପରିଚିତ। ୧୯୯୭ରେ ଏହାକୁ ବନ୍ଦ କରିଦିଆଗଲା। ୧୯୮୮-୮୯ରେ ଆରମ୍ଭ ହେଲା ରାତ୍ରି ଆଶ୍ରୟ ଯୋଜନା। ଏଥିରେ ଦେଶରେ ନିରାଶ୍ରୟମାନଙ୍କୁ ରାତ୍ରିକାଳୀନ ଆଶ୍ରୟ ଦେବାର ବ୍ୟବସ୍ଥା କରାଯାଇଥିଲା। ଏହାପରେ ୨୦୦୧ରେ ଦୁଇ ନିୟୁତ ଆବାସ ଯୋଜନା ଓ ବାଲ୍ମିକୀ-ଆମ୍ବେଦକର ଆବାସ ଯୋଜନା ବା 'ବାମ୍ବେ' କାର୍ଯ୍ୟକ୍ରମ ହାତକୁ ନିଆଗଲା। ଏହାପରେ କାର୍ଯ୍ୟକାରୀ ହେଲା ଜବାହରଲାଲ୍ ନେହେରୁ ଜାତୀୟ ସହରାଞ୍ଚଳ ନବୀକରଣ ମିଶନ (ଜେଏନ୍‌ୟୁଆରଏଲ୍‌ଏମ୍), ରାଜୀବ ଆବାସ ଯୋଜନା (ଆର୍‌ଏୱାଇ)। ସର୍ବଶେଷ ଯୋଜନା ଭାବେ ଏ କ୍ଷେତ୍ରରେ ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳ ବା ପିଏମ୍‌ଏୱାଇ-ୟୁ କାର୍ଯ୍ୟକାରୀ ହେଉଛି। ତେବେ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା ଆବାସ ଯୋଜନାଗୁଡ଼ିକ ସୀମିତ ହୋଇଥିବାରୁ ଏହା ସହରାଞ୍ଚଳରେ ବସ୍ତି ବୃଦ୍ଧିର କାରଣ ହୋଇଛି।

ଶସ୍ତା ଘର ତିଆରି ପାଇଁ ସରକାର ମଧ୍ୟ କେତେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ୧୯୮୮ରେ ପ୍ରଥମ ଆବାସ ନୀତି ଘୋଷିତ ହୋଇଥିଲା। ଏହାପରେ ୧୯୯୪ରେ ଏକ ସଂଶୋଧିତ ନୀତି କାର୍ଯ୍ୟକାରୀ ହେଲା। ୧୯୯୮ରେ ନୂଆ ଆବାସ ଓ ଥଇଥାନ ନୀତି କାର୍ଯ୍ୟକାରୀ ହେବା ସହ ଶସ୍ତା ଘର ନିର୍ମାଣ ଅଗ୍ରାଧିକାର ପାଇଲା। ଏଥିରେ ସହରାଞ୍ଚଳ ଭୂମି ସିଲିଂ ଓ ନିୟନ୍ତ୍ରଣ ଆଇନର ଉଚ୍ଛେଦ ତଥା ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ପାଇଁ ପଥ ପରିଷ୍କାର ହେଲା। କାଳକ୍ରମେ ଏସବୁ ନୀତି ଉଭୟ ସହର ଓ ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେବା ସହ ଏ କ୍ଷେତ୍ରରେ କିଛି ସଫଳତା ମିଳିଲା। ଆବାସ ନିର୍ମାଣର ଏହି ଲମ୍ବା ଇତିହାସ ଫର୍ଦ୍ଦରେ ୨୦୦୭ରେ ଆଉ ଏକ ଫର୍ଦ୍ଦ ଯୋଡ଼ିହେଲା। ସରକାର ନୂଆ ଜାତୀୟ ସହରାଞ୍ଚଳ ଆବାସ ଓ ଗୃହନିର୍ମାଣ ନୀତି କାର୍ଯ୍ୟକାରୀ କଲେ। ସମସ୍ତଙ୍କୁ ଶସ୍ତାରେ ଘର ଯୋଗାଇ ଦେବା ପାଇଁ ସରକାରୀ -ବେସରକାରୀ ସହଭାଗୀତା ଓ ଆଉ କେତେକ ବିଷୟ ଉପରେ ଏହି ନୀତି ଅଗ୍ରାଧିକାର ପ୍ରଦାନ କରିଥିଲା। ଆହୁରି ମଧ୍ୟ ନିର୍ଦ୍ଧନ, ସ୍ୱଳ୍ପ ଆୟକାରୀ, ଅର୍ଥନୈତିକ ଅନଗ୍ରସର ବର୍ଗଙ୍କ ନିମନ୍ତେ ଜମି ନିର୍ଦ୍ଧାରିତ କରିବାକୁ ଏହି ନୀତିରେ ବ୍ୟବସ୍ଥା କରାଗଲା। ସମସ୍ତଙ୍କୁ ଶସ୍ତାରେ ଘର ଯୋଗାଇଦେବା ଲକ୍ଷ୍ୟରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ସ୍ଥାନୀୟ ପୌର ପ୍ରଶାସନ, ବ୍ୟାଙ୍କ, ଆବାସ ଅର୍ଥ ଲଗାଣକାରୀ ସଂସ୍ଥା ଓ ସରକାରୀ ସଂସ୍ଥାଗୁଡ଼ିକର ଭୂମିକା କ'ଣ ହେବ ତାହା ମଧ୍ୟ ଏଥିରେ ସ୍ପଷ୍ଟ ନିର୍ଦ୍ଧାରିତ ହୋଇଥିଲା। ଆବାସ ନିର୍ମାଣ କ୍ଷେତ୍ରରେ ଏବେ ଦେଖାଦେଇଥିବା ନାନାବିଧ ସମସ୍ୟାର ସମାଧାନ ପାଇଁ ସରକାର



ଏବେ ଏହି ନୀତିର ପରିବର୍ତ୍ତନ କରିବାକୁ ଆଗ୍ରହୀ।

ଏହି କ୍ଷେତ୍ର ପାଇଁ ଇତିମଧ୍ୟରେ ସରକାର ଜାତୀୟ ସରକାରୀ-ବେସରକାରୀ ଅଂଶୀଦାର ନୀତି ପ୍ରସ୍ତୁତ କରିଛନ୍ତି। ଘରୋଇ କ୍ଷେତ୍ର ସହଯୋଗରେ ଦେଶର ବିଭିନ୍ନ ଭାଗରେ ବିଭିନ୍ନ ବର୍ଗଙ୍କ ପାଇଁ ସରକାର ଆବାସ ପ୍ରକଳ୍ପମାନ ଶସ୍ତାରେ ତିଆରି କରିବାକୁ ଉଦ୍ୟମ କରୁଛନ୍ତି। ଏହି ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଜାତୀୟ ସହରାଞ୍ଚଳ ଭଡ଼ା ନୀତି ଓ ଆଦର୍ଶ ଭଡ଼ା ଆଇନ ପ୍ରଣୟନ କରିଛନ୍ତି। ଏହା ଫଳରେ ଘରଭଡ଼ା ଓ ତତ୍ ସଂକ୍ରାନ୍ତ ବଜାର ସୁବ୍ୟବସ୍ଥିତ ହୋଇପାରିବ। ଆବାସ କ୍ଷେତ୍ର ପାଇଁ ପୁଞ୍ଜି ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ରିୟଲ ଇଷ୍ଟେଟ୍ ନିୟନ୍ତ୍ରଣ ଆଇନ (ରେରା) ପ୍ରସ୍ତୁତ ହୋଇଥିବା ବେଳେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ନୀତିକୁ କୋହଳ କରାଯାଇଛି। ରିୟଲ ଇଷ୍ଟେଟ ବିକାଶ ପାଣ୍ଠି ଗଠନ ସହ ଏ କ୍ଷେତ୍ରରେ ଜିଏସ୍‌ଟିରେ ମଧ୍ୟ କେତେକ ଅନୁକୂଳ ପଦକ୍ଷେପ ସରକାର ଗ୍ରହଣ କରିଛନ୍ତି। ରେରା ଆଇନ ୨୦୧୭ ମଇ ପହିଲାରେ କାର୍ଯ୍ୟକାରୀ ହୋଇଛି। ଏହାଦ୍ୱାରା ଅସଂଗଠିତ ରିୟଲ ଇଷ୍ଟେଟ ଉଦ୍ୟୋଗ ସଂଗଠିତ ହେବାର ସୁଯୋଗ ପାଇଥିବାବେଳେ ସେମାନଙ୍କ କାର୍ଯ୍ୟ ଓ କାରବାର ସ୍ୱଚ୍ଛ, ସ୍ପଷ୍ଟ ଏବଂ ଆଇନର ପରିସରଭୁକ୍ତ ହୋଇଛି। ଏବେ ଠକେଇ, ତଞ୍ଚକତା ଆଦିର ସମ୍ଭାନା ନାହିଁ ଏବଂ ନିବେଶକ ଏ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ଅଧିକରୁ ଅଧିକ ସଂଖ୍ୟାରେ ଆଗେଇ ଆସିବେ ବୋଲି ଆଶା କରାଯାଉଛି। ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ଥିବା ଟିକସ ଅନ୍ତରାୟ ଓ ଜଟିଳତାର ସମାଧାନ କରାଯାଇ ଏକକ, ଏକୀକୃତ ବଜାର ବ୍ୟବସ୍ଥା ଟିକସ ଓ କାରବାର ଆଦି ପାଇଁ ସ୍ପଷ୍ଟ ବ୍ୟବସ୍ଥା ହୋଇଛି।

ପ୍ରକଳ୍ପ ଅନୁମୋଦନ, କାର୍ଯ୍ୟ ଆରମ୍ଭରେ ଅହେତୁକ ବିଳମ୍ବ ଏବଂ ପ୍ରକଳ୍ପ ନିର୍ମାଣ ସଂପୂର୍ଣ୍ଣ କରିବାରେ ଅନିଶ୍ଚିତତା ରିୟଲ ଇଷ୍ଟେଟ କ୍ଷେତ୍ରର ସବୁଠୁ ବଡ଼ ସମସ୍ୟା। ଏହାର ଦୂରୀକରଣ ପାଇଁ ସରକାର ଏକକ ବାତାୟନ ବ୍ୟବସ୍ଥା, ସ୍ୱୟଂକ୍ରିୟ ବିଲ୍‌ଡିଂ ପ୍ଲାନ ଅନୁମୋଦନ ବ୍ୟବସ୍ଥା, ଜମି ମାଲିକାନା ପ୍ରମାଣନ ବ୍ୟବସ୍ଥା ଆଦି ପ୍ରବର୍ତ୍ତନ କରିଛନ୍ତି। ଫଳରେ ପ୍ରକଳ୍ପ ନିର୍ମାଣ ଆଉ ବିଳମ୍ବିତ ହେବ ନାହିଁ କିମ୍ବା ପ୍ରକଳ୍ପ ଖର୍ଚ୍ଚ ଅଯଥାରେ ବଢ଼ିବ ନାହିଁ। ୨୦୧୭ କେନ୍ଦ୍ରୀୟ ବଜେଟରେ ରିୟଲ ଇଷ୍ଟେଟକୁ ଭିତ୍ତିଭୂମିର ମର୍ଯ୍ୟାଦା ପ୍ରଦାନ କରାଯିବା ପରେ ଆବାସ ନିର୍ମାଣ ପାଇଁ ଏଣିକି ବିଭିନ୍ନ ଟିକସ ରିଆତି ଓ ଅନ୍ୟାନ୍ୟ ସୁବିଧାସୁଯୋଗ ମିଳିବ। ଘର କ୍ରୟ ଓ ନିର୍ମାଣ ପାଇଁ ଅର୍ଥ ଯୋଗାଡ଼ ଏକ ବଡ଼ ସମସ୍ୟା। ଏହାକୁ ଦୃଷ୍ଟିରେ ରଖି ସରକାର ବନ୍ଧକ ନିୟମରେ ସଂସ୍କାର ଆଣିଛନ୍ତି। ଏହାଛଡ଼ା ଅସ୍ୱଚ୍ଛଳବର୍ଗଙ୍କ ପାଇଁ ଋଣ ଉପରେ ସୁଧ ରିଆତି ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ କରାଯାଇଛି।

**ନୂଆ ସହରାଞ୍ଚଳ ଆବାସ ମିଶନ:** ଜୁନ୍, ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳର ଲକ୍ଷ୍ୟ ହେଲା ୨୦୨୨ ସୁଦ୍ଧା ସହରାଞ୍ଚଳର ସବୁ ବାସହୀନଙ୍କୁ ଘର ଯୋଗାଇ ଦେବା। ଏଥି ପାଇଁ କେନ୍ଦ୍ରସରକାର ପୌରପାଳିକା/ ନଗରନିଗମକୁ ଆର୍ଥିକ ସହାୟତା ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି। ରାଜ୍ୟ ସରକାର / କେନ୍ଦ୍ରଶାସିତ ଅଞ୍ଚଳ ସମୂହ ଏହାକୁ କାର୍ଯ୍ୟକାରୀ କରିବେ। ଏହି କାର୍ଯ୍ୟକ୍ରମର ଚାରିଟି ମୁଖ୍ୟ ନୀତି ରହିଛି। ତାହା ହେଲା - ଋଣ ସଂଯୁକ୍ତ ସବ୍‌ସିଡି ବ୍ୟବସ୍ଥା, ବସ୍ତି ଅଞ୍ଚଳରେ ଥିବା ଲୋକଙ୍କ ଘର ଓ ଜମି ଉନ୍ନତି ବିଧାନ ବା ବିକାଶ, ଶସ୍ତାରେ ଘର ନିର୍ମାଣ ଓ ହିତାଧିକାରୀ ଭିତ୍ତିକ ବ୍ୟକ୍ତିଗତ ଗୃହ ନିର୍ମାଣ କ୍ଷେତ୍ରରେ ସବ୍‌ସିଡି ପରିମାଣ ବୃଦ୍ଧି। ଶେଷ ତିନିଟି ପାଇଁ କେନ୍ଦ୍ର ସରକାର ସାହାଯ୍ୟ ସହଯୋଗ ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି।

ସଂଘୀୟ ସହଯୋଗ ନୀତିକୁ କେନ୍ଦ୍ର ସରକାର ଅଗ୍ରାଧିକାର ଦେଇ ଏ କ୍ଷେତ୍ରରେ ଉପର ଲିଖିତ କେଉଁ ନୀତିରେ ଏହି ଶସ୍ତା ଘର ତିଆରି କରାଯାଇପାରିବ ତାହା ବାଛିବାକୁ ରାଜ୍ୟ ସରକାରଙ୍କୁ ବିକଳ୍ପ ଦେଇଛନ୍ତି। ରାଜ୍ୟଗୁଡ଼ିକ ମଧ୍ୟ ଏଥିପାଇଁ ପ୍ରକଳ୍ପ ପ୍ରସ୍ତୁତି ଓ ଶୀଘ୍ର କାର୍ଯ୍ୟ ସମ୍ପାଦନ ପାଇଁ ନିଜ ଇଚ୍ଛା ଓ ସୁବିଧାମତେ ପଦକ୍ଷେପ ଗ୍ରହଣ କରିବାର ସ୍ୱାଧୀନତା ପାଇଛନ୍ତି। ଏ କ୍ଷେତ୍ରରେ କେନ୍ଦ୍ର ସରକାର କୌଣସି ଢାଞ୍ଚା ବା ନିର୍ଦ୍ଦେଶ ଲଦି ଦେବେ ନାହିଁ। ସମସ୍ତଙ୍କ ପାଇଁ ଘର ଯୋଜନାକୁ ଚାହିଦାଭିତ୍ତିକ କରିବା ଉପରେ ଅଗ୍ରାଧିକାର ଦିଆଯାଇଛି।

**ପୁରୁଣା ଘରର ପୁନର୍ବିକାଶ (ଆଇଏଲ୍‌ଏସ୍‌ଆର):** ବସ୍ତି ଅଞ୍ଚଳରେ ଯେଉଁମାନଙ୍କର ପୁରୁଣାକାଳିଆ ଘର ଅଛି ସେ ଘରର ପୁନର୍ନିର୍ମାଣ ଓ ପୁନର୍ବିକାଶ ପାଇଁ ଇନ୍-ସିଟୁ-ସ୍ଲମ ଡେଭେଲପମେଣ୍ଟ (ଆଇଏସ୍‌ଏସ୍‌ଆର) ଯୋଜନା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ଘରୋଇ ଡେଭେଲପରଙ୍କୁ ନିଯୋଜିତ କରାଯାଉଛି। ଏହି ଯୋଜନାରେ ବସ୍ତି ଅଞ୍ଚଳର ବିକାଶ ପାଇଁ ପୁରୁଣାକାଳିଆ ଘରର ପୁନର୍ନିର୍ମାଣ ତଥା ଏହାର ଆଖପାଖ ଅଞ୍ଚଳରେ ଥିବା ଜମିକୁ ଚିହ୍ନଟ କରି ସ୍ୱଳ୍ପ ଆୟକାରୀ ବର୍ଗଙ୍କ ପାଇଁ ଆବାସ ନିର୍ମାଣ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ନିର୍ମାଣ କାଳରେ ସଂପୃକ୍ତ ବସ୍ତିବାସିନ୍ଦାଙ୍କୁ ସାମୟିକ ଭାବେ ଅନ୍ୟତ୍ର ଥଇଥାନ କରିବାର ଦାୟିତ୍ୱ ସଂପୃକ୍ତ ଡେଭେଲପରଙ୍କ ଉପରେ ନ୍ୟସ୍ତ କରାଯାଇଛି। ଘର ନିର୍ମାଣ ପରେ ହିତାଧିକାରୀଙ୍କୁ ଘର ଆବଣ୍ଟନର ବ୍ୟବସ୍ଥା ରହିଛି। କେଉଁ ବସ୍ତି ଅଞ୍ଚଳର ପୁନର୍ବିକାଶ କରାଯିବ ତାହା ସ୍ଥାନୀୟ ପୌରକର୍ତ୍ତୃପକ୍ଷ ଚିହ୍ନଟ କରି ନିଷ୍ପତ୍ତି ନେବେ। ଏହି ଯୋଜନାରେ ବସ୍ତିର ପ୍ରତ୍ୟେକ ଘରର ନିର୍ମାଣ ଓ ପୁନଃନିର୍ମାଣ ପାଇଁ ରାଜ୍ୟସରକାରଙ୍କୁ କେନ୍ଦ୍ର ସରକାର ହାରାହାରି ଏକ ଲକ୍ଷ ଟଙ୍କା ଲେଖାଏଁ ଯୋଗାଉଛନ୍ତି। ଘରୋଇ ଜମିରେ ଥିବା ବସ୍ତି ପାଇଁ ଏହି ଅନୁଦାନ ଯୋଗାଣ ବ୍ୟବସ୍ଥା ନାହିଁ।

**କ୍ରେଡିଟ୍ ଲିଙ୍କ୍‌ଡ ସବ୍‌ସିଡି ସ୍କିମ୍ ବା କ୍ଲାସ:** ଏହି ଯୋଜନାରେ ପ୍ରାରମ୍ଭିକ ଅବସ୍ଥାରେ ଆବାସ ନିର୍ମାଣ ପାଇଁ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସରକାର ସବ୍‌ସିଡି ଯୋଗାଇ ଦେଉଥିଲେ। ପରେ ଏହି କ୍ଲାସ୍ ବ୍ୟବସ୍ଥାର ପରିସରକୁ ବୃଦ୍ଧି କରାଯାଇ ଏଥିରେ ମଧ୍ୟମ ଆୟକାରୀ ବର୍ଗ (ଏମ୍‌ଆଇଜି)ଙ୍କୁ ଆବାସ ନିର୍ମାଣର ସୁଯୋଗ ଦିଆଯାଇଛି। ଏହାର ଅର୍ଥ ହେଲା ଘର ତିଆରି ପାଇଁ ହିତାଧିକାରୀ ଋଣ କଲେ

ସୁଧ ଉପରେ ସେମାନଙ୍କୁ ସବ୍‌ସିଡି ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଏହି ଯୋଜନାରେ ଏମ୍‌ଆଇଜି ବର୍ଗଙ୍କୁ ଘର ଋଣ ଉପରେ ଋଣର ପରିମାଣକୁ ହିସାବକୁ ନେଇ ସୁଧ ଉପରେ ୩ ରୁ ୪ ଶତାଂଶ ସବ୍‌ସିଡି ଦିଆଯାଉଛି । ଟେବୁଲ-୧ରେ ନୂଆ ନିର୍ମାଣ ଓ ଘରର ସଂପ୍ରସାରଣ ପାଇଁ ଏହି ଋଣ ପ୍ରଦାନର ବ୍ୟବସ୍ଥା କରାଯାଇଥିବା ଦର୍ଶାଯାଇଛି । ସେହିଭଳି ଏହି ସ୍କିମ୍‌ରେ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କୁ ୩୦ବର୍ଗ ମିଟର ଓ ନିମ୍ନ ଆୟକାରୀ ବର୍ଗଙ୍କୁ ୬୦ ବର୍ଗ ମିଟର ପରିମିତ ଘର ନିର୍ମାଣ ପାଇଁ ଋଣରେ ୬.୫ ଶତାଂଶ ସୁଧ ସବ୍‌ସିଡି ଦେବାର ବ୍ୟବସ୍ଥା ଅଛି । ଋଣକର୍ତ୍ତାଙ୍କୁ ୧୫ବର୍ଷ ମଧ୍ୟରେ ଏହି ଋଣ ପରିଶୋଧ କରିବାକୁ ପଡ଼ିବ । ତେବେ ସର୍ବୋଚ୍ଚ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ଏହି ସୁଧ ସବ୍‌ସିଡି ଲାଗୁ ହେବ । ହଡ୍‌କୋ, ଜାତୀୟ ହାଉସିଂ ବ୍ୟାଙ୍କ ଏବାବଦ ସବ୍‌ସିଡି କେନ୍ଦ୍ରୀୟ ସ୍ତରରେ ସଂପୃକ୍ତ ଋଣ ପ୍ରଦାନକାରୀ ସଂସ୍ଥାଙ୍କୁ ଯୋଗାଇ ଦେଉଛନ୍ତି ।

**ଅଂଶୀଦାର ଭିତ୍ତିକ ଶସ୍ତା ଆବାସ ଯୋଜନା ବା ଏଏଚ୍‌ପି:**

ଏହି ସ୍କିମ୍‌ରେ ଯେତେବେଳେ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ ସରକାରୀ-ବେସରକାରୀ ଭାଗୀଦାରୀ ଭିତ୍ତିରେ ଆବାସ ନିର୍ମାଣ କରାଯିବ ସେତେବେଳେ ନିର୍ମାତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ଆର୍ଥିକ ଦୁର୍ବଳ ଶ୍ରେଣୀ ପାଇଁ କେନ୍ଦ୍ର ସରକାର ଘର ପିଛା ଏହି ଯୋଜନାରେ ଦେଢ଼ ଲକ୍ଷ ଟଙ୍କା ସହାୟତା ଯୋଗାଉଛନ୍ତି । ତେବେ ଏହି ଘର ତିଆରି ହୋଇସାରିଲେ ଏହାର ସର୍ବାଧିକ ବିକ୍ରୟ ମୂଲ୍ୟ କାର୍ପେଟ ଏରିଆର ପ୍ରତି ବର୍ଗ ମିଟର ପିଛା କେତେ ହେବ ତାହା ରାଜ୍ୟ ସରକାର ଧାର୍ଯ୍ୟ କରିବେ । ତେବେ ଏ କ୍ଷେତ୍ରରେ ଘରର ମୂଲ୍ୟ ସଂପୃକ୍ତ ବର୍ଗର କ୍ରୟଶକ୍ତି ବାହାରକୁ ଯେପରି ନ'ଯାଏ ସେଥିପ୍ରତି ସରକାରଙ୍କୁ ଦୃଷ୍ଟି ଦେବାକୁ ହେବ । ଆବଶ୍ୟକ ପଡ଼ିଲେ ରାଜ୍ୟ ସରକାର ଘରର ମୂଲ୍ୟ କମ୍ ରଖିବାକୁ ଏଭଳି ଆବାସ ପ୍ରକଳ୍ପ ପାଇଁ ରିହାତି, ମାଗଣା ଜମି ଯୋଗାଣ ଓ ଷ୍ଟାମ୍ପ ଡ୍ୟୁଟି ଛାଡ଼ କରିପାରନ୍ତି । ଯଦି ବିଭିନ୍ନ ବର୍ଗଙ୍କ ପାଇଁ ମିଳିତ ଆବାସିକ ପ୍ରକଳ୍ପ ରାଜ୍ୟ ସରକାର ନିର୍ମାଣ କରୁଥାନ୍ତି ସେ କ୍ଷେତ୍ରରେ ସେଥିରେ ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ୩୫ ଶତାଂଶ ଘର ସଂରକ୍ଷିତ ରହିଲେ ସେଥିପାଇଁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇଦେବେ ।

ଉପଭୋକ୍ତା ଭିତ୍ତିକ ଆବାସ ନିର୍ମାଣ ସ୍କିମ୍ ବା **ବେନିଫିସିଆରୀ ଲେଡ୍ ହାଉସିଂ କନ୍‌ଷ୍ଟ୍ରକସନ୍ :**

ଏହି ସ୍କିମ୍‌ରେ ନୂଆ ଘର ନିର୍ମାଣ ବା ପୁରୁଣା ଘର ବିକାଶ ପାଇଁ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଘର ପିଛା ଦେଢ଼ ଲକ୍ଷ ଟଙ୍କାର କେନ୍ଦ୍ରୀୟ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ଅଛି । ଏଥିପାଇଁ ସଂପୃକ୍ତ ହିତାଧିକାରୀଙ୍କୁ ଆବଶ୍ୟକ କାଗଜପତ୍ର ସହିତ ସ୍ଥାନୀୟ ପୌର ପ୍ରଶାସନ ନିକଟରେ ଆବେଦନ କରିବାକୁ ପଡ଼ିବ । ଏସବୁ ଆବେଦନକୁ ବିଚାରକୁ ନେଇ ସଂପୃକ୍ତ ପୌରସଂସ୍ଥା ସମନ୍ୱିତ ସହରଭିତ୍ତିକ ଆବାସିକ ପ୍ରକଳ୍ପ ନିର୍ମାଣ ଯୋଜନା ପ୍ରସ୍ତୁତ କରିବାର ବ୍ୟବସ୍ଥା ଅଛି ।

**ଟେବୁଲ - ୧ : ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପ୍ରମୁଖ ଢାଞ୍ଚା**

| | | | | | |
|---|---|---|---|---|---|
| ଇନ୍-ସିଟୁ ସ୍ଲମ ଡେଭେଲପମେଣ୍ଟ ବା ଆଇଏସ୍ଏସ୍ଆର୍ | - ଜମିକୁ ଏକ ସମ୍ବଳ ଭାବେ ବ୍ୟବହାର କରିବା<br>- ଘରୋଇ ସହଯୋଗ<br>- ଭାରତ ସରକାରଙ୍କ ଅନୁଦାନ ଘରପିଛା ଏକ ଲକ୍ଷ ଟଙ୍କା<br>- ଅତିରିକ୍ତ ଏଫ୍ଏସ୍ଆର / ଟିଡିଆର ଓ ଏଫ୍ଏଆର୍ ଦରକାର ପଡ଼ିଲେ ରାଜ୍ୟ ସରକାର ଯୋଗାଇବେ | | | | |
| ବିଏଲ୍‌ସିଏଚ୍ (ବେନିଫିସିଆରୀ ଲେଡ୍ ହାଉସିଂ କନଷ୍ଟ୍ରକସନ୍) | - ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକ ବ୍ୟକ୍ତିଗତ ଘର ଚାହୁଁଥିଲେ<br>- କେନ୍ଦ୍ରୀୟ ଅନୁଦାନ ଘର ପିଛା ଦେଢ଼ଲକ୍ଷ ଟଙ୍କା ଯୋଗାଇବେ ଏହି ଟଙ୍କା ନୂଆ ଘର ବା ପୁରୁଣା ଘରର ଉନ୍ନୟନ ପାଇଁ ଖର୍ଚ୍ଚ କରାଯାଇପାରିବ | | | | |
| ଏଏଚ୍‌ପି ବା ଆଫର୍ଡେବୁଲ ହାଉସିଂ ଇନ୍ ପାର୍ଟନରସିପ୍ | - ସରକାରୀ ଓ ଘରୋଇ ଉଦ୍ୟୋଗ ସହଯୋଗରେ ନିର୍ମିତ ହେବାକୁ ଥିବା ପ୍ରକଳ୍ପ<br>- କେନ୍ଦ୍ରୀୟ ଅନୁଦାନ ଆର୍ଥିକ ଅନଗ୍ରସର ବର୍ଗଙ୍କୁ ଘରପିଛା ଦେଢ଼ ଲକ୍ଷ ଟଙ୍କାର ସହାୟତା | | | | |
| କ୍ଲାସ ବା କ୍ରେଡିଟ୍ ଲିଙ୍କ୍‌ଡ ସବ୍‌ସିଡି ସ୍କିମ୍ | **ଉଡବ୍ଲୁଏସ୍ ; ଏଲ୍ଆଇଜି ଓ ଏମ୍ଆଇଜି ବର୍ଗଙ୍କ ପାଇଁ ସୁଧ ସବ୍‌ସିଡି** | | | | |
| | | ଇଡବ୍ଲୁଏସ୍ | ଏଲ୍ଆଇଜି | ଏସ୍ଆଇଜି -୧ | ଏସ୍ଆଇଜି-୨ |
| | ବାର୍ଷିକ ପାରିବାରିକ ଆୟ | ତିନିଲକ୍ଷ ପର୍ଯ୍ୟନ୍ତ | ତିନିଲକ୍ଷରୁ ୬ ଲକ୍ଷ ପର୍ଯ୍ୟନ୍ତ | ୬ ଲକ୍ଷରୁ ୧୨ ଲକ୍ଷ | ୧୨ଲକ୍ଷରୁ ୧୮ ଲକ୍ଷ |
| | ବାର୍ଷିକ ସୁଧ ରିଆତି | ୬.୫% | ୬.୫% | ୪% | ୩% |
| | ଡିୟୁ କାର୍ପେଟ ଏରିଆ | ୩୦ ବର୍ଗମିଟର | ୬୦ ବର୍ଗମିଟର | ୯୦ ବର୍ଗମିଟର | ୧୧୦ ବର୍ଗମିଟର |

**ତଥ୍ୟ : ଆବାସ ଓ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରଣାଳୟ, ଭାରତ ସରକାର - ୨୦୧୭**

ଏହି କାର୍ଯ୍ୟକ୍ରମ ବା ମିଶନରେ ଆରମ୍ଭରୁ ଏଯାବତ୍ ୨୪ ଲକ୍ଷ ଘର ନିର୍ମାଣ ପାଇଁ ଅନୁମୋଦନ ମିଳିଛି। ସେଥିମଧ୍ୟରୁ ୧୦ ଲକ୍ଷ ଘରର ନିର୍ମାଣ କାର୍ଯ୍ୟ ଚାଲିଛି। ଏହାଛଡ଼ା ୫୧୪୭ଟି ପ୍ରକଳ୍ପ ସରକାରଙ୍କ ଦ୍ୱାରା ପରୀକ୍ଷିତ ହୋଇଛି ଯେଉଁଥିରେ ୧,୨୭,୮୧୦ କୋଟି ଟଙ୍କାର ବ୍ୟୟ ବରାଦ ହେବ ବୋଲି ହିସାବ କରାଯାଇଛି। ସେଥିମଧ୍ୟରୁ କେନ୍ଦ୍ର ସରକାରଙ୍କ ସହାୟତା ପରିମାଣ ୩୭,୨୭୦ କୋଟି କ୍ଲାସ୍ ସ୍କିମ୍ ପାଇ ସରକାର ୨୦୧୭ ଜୁଲାଇ ୩୧ ସୁଦ୍ଧା ୪୮୮୬୩ ନୂଆ ଘର ନିମନ୍ତେ ୯୬୨ କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରିସାରିଛନ୍ତି। ଆନ୍ଧ୍ରପ୍ରଦେଶର ସର୍ବାଧିକ ପ୍ରକଳ୍ପ ଉପରେ ବିଚାର ଆଲୋଚନା ହୋଇଥିବାବେଳେ ଏହା ପଛକୁ କ୍ରମାନ୍ୱୟରେ ତାମିଲନାଡୁ, ମଧ୍ୟପ୍ରଦେଶ ଓ କର୍ଣ୍ଣାଟକ ରହିଥିବା ଟେବୁଲ-୨ରେ ଦର୍ଶାଯାଇଛି।

ଏସବୁ ପ୍ରକଳ୍ପର ସ୍ଥିତି, ପ୍ରଗତି ଓ ଗତିବିଧିକୁ ଉନ୍ନତ ଡିଜାଇନ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗ କରାଯାଇ ପ୍ରକଳ୍ପ କାର୍ଯ୍ୟକୁ ଶୀଘ୍ର ଶେଷ କରିବାକୁ ପ୍ରୟାସ ଜାରି ରହିଛି। ଜିଓ ଟ୍ୟାଗିଂ ଓ ଆଧାର ସଂଯୋଗ ବ୍ୟବସ୍ଥାରେ ହିତାଧିକାରୀଙ୍କ ଘର ନିର୍ମାଣର ଅଗ୍ରଗତିକୁ ତଦାରଖ କରାଯାଉଛି।

ଅତ୍ୟାଧୁନିକ ଭବନ ନିର୍ମାଣ ଜ୍ଞାନକୌଶଳର ଉପଯୋଗ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘରଗୁଡ଼ିକୁ ଶସ୍ତା, ସୁନ୍ଦର ଓ ମଜବୁତ କରିବା ପାଇଁ ଏକ ଟେକ୍‌ନୋଲୋଜି ସବ୍‌ମିଶନ ସରକାର ଗଠନ କରିଛନ୍ତି। ଏହି ମିଶନ, ପରିବେଶ ଅନୁକୂଳ, ଉଦାରବାଦୀ ଡିଜାଇନର ଘର ନିର୍ମାଣକୁ ପ୍ରୋତ୍ସାହିତ କରୁଛି। ସ୍ଥାନୀୟ ଭାବେ ମିଳୁଥିବା କଞ୍ଚାମାଲ୍ ଓ ସବୁଜ ଜ୍ଞାନ କୌଶଳ ବ୍ୟବହାରକୁ ଏହା ଅଗ୍ରାଧିକାର ଦେଉଛି। ନିର୍ମାଣ କାର୍ଯ୍ୟର ଗୁଣାତ୍ମକମାନ ପରଖିବା ପାଇଁ ତଦାରଖକାରୀ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ବିଶେଷ କରି ପ୍ରାକୃତିକ ଦୁର୍ବିପାକର ମୁକାବିଲା ପାଇଁ ଏହି ଆବାସଗୁଡ଼ିକ ଯେପରି ସଫଳ ହୁଏ ସେଥିପ୍ରତି ଆବଶ୍ୟକ ଦୃଷ୍ଟି ଦିଆଯାଉଛି। ସରକାର ଏହି ଯୋଜନାରେ ଯେଉଁ ଘର ତିଆରି କରୁଛନ୍ତି ତାହାର ଏକ ନମୂନା ବା ମଡେଲ ପ୍ରସ୍ତୁତ କରାଯାଇଛି। ତଦନୁସାରେ ୧୩ଟି ରାଜ୍ୟରେ ସେହି ଡିଜାଇନର ଘର ତିଆରି କରାଯାଉଛି।

**ଦୁଇଟି ମିଶନର ଏକୀକରଣ:**

ସହରାଞ୍ଚଳ ଆବାସ ଯୋଜନାକୁ ତ୍ୱରିତ ଓ ବ୍ୟାପକ କରିବାକୁ ସରକାର ଆବାସ ମିଶନ ଓ ସହରାଞ୍ଚଳ ମିଶନକୁ ମିଶାଇ ଏକାଠି କାର୍ଯ୍ୟକରୁଛନ୍ତି। ସହର ସମୂହର ମୌଳିକ ଭିତ୍ତିଭୂମି କ୍ଷେତ୍ରର ବିକାଶ ଘଟାଇ ଲୋକଙ୍କ ଜୀବନଧାରଣର ମାନ ବଢ଼ାଇବା ପାଇଁ ସରକାର ସ୍ମାର୍ଟ ସିଟି ମିଶନ କାର୍ଯ୍ୟକାରୀ କରୁଛନ୍ତି। ଏଥିରେ ଇଲାକାଭିତ୍ତିକ ଆବାସ ନିର୍ମାଣର (ଗରିବଙ୍କ ପାଇଁ) ବ୍ୟବସ୍ଥା ମଧ୍ୟ ଅଛି। ଏହାଦ୍ୱାରା ସହରର ବସ୍ତି ଓ ଅପନ୍ତରା ଅଞ୍ଚଳର ବିକାଶ କରାଯାଇ ସେଠାରେ ରହୁଥିବା ଲୋକଙ୍କ ସ୍ଥିତିରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରହିଛି। ସେହି ଯୋଜନାରେ ବସ୍ତି ଅଞ୍ଚଳରେ ନୂଆ ଘର ନିର୍ମାଣ ସହିତ ପୁରୁଣା ଘରର ବିକାଶ କରିବାର ଲକ୍ଷ୍ୟ ରଖାଯାଇଛି। ତେଣୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ)କୁ ଏହା ସହ ମିଶାଇ ଆବାସ ନିର୍ମାଣ ଓ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ଏହା ଫଳରେ ସହରର ବିକାଶ ଏବଂ ସଂପ୍ରସାରଣ ପ୍ରକ୍ରିୟା ତ୍ୱରିତ ହୋଇପାରିବ।



ଟେବୁଲ - ୨ : ୨୦୧୭ ଜୁଲାଇ ୩୧ ସୁଦ୍ଧା

| କ୍ରମିକ ସଂଖ୍ୟା | | ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ନାମ | ବିଚାର ହୋଇଥିବା ପ୍ରକଳ୍ପ ପ୍ରସ୍ତାବ | ମିଶନରେ ନିବେଶ ହୋଇଥିବା ଅର୍ଥ (କୋଟିରେ) | କେନ୍ଦ୍ରୀୟ ସହାୟତା (କୋଟିରେ) | ନିର୍ମାଣ ହେବାକୁ ଥିବା ଘର |
|---|---|---|---|---|---|---|
| ୧ | | ଆନ୍ଧ୍ରପ୍ରଦେଶ | ୨୦୭ | ୨୪୮୩୯.୮୬ | ୬୩୨୪.୨୯ | ୪୨୦୩୮୬ |
| ୨ | | ବିହାର | ୧୮୦ | ୩୯୧୧.୧୮ | ୧୪୫୪.୩୯ | ୮୮୩୭୧ |
| ୩ | | ଛତିଶଗଡ଼ | ୬୯ | ୨୯୬୪.୩୯ | ୫୧୭.୦୫ | ୩୫୩୫୭ |
| ୪ | | ଗୋଆ | – | ୧.୪୬ | ୦.୩୬ | ୨୦ |
| ୫ | | ଗୁଜରାଟ | ୧୭୪ | ୧୦୩୭୭.୬୮ | ୨୨୫୬.୧୫ | ୧୫୬୪୯୩ |
| ୬ | | ହରିୟାଣା | ୫ | ୩୪୧.୨୨ | ୨୨୭.୫୩ | ୪୪୭୪ |
| ୭ | | ହିମାଞ୍ଚଳ ପ୍ରଦେଶ | ୩୬ | ୨୨୧.୯୨ | ୯୬.୫୮ | ୪୮୯୭ |
| ୮ | | ଜାମ୍ମୁ-କାଶ୍ମୀର | ୪୪ | ୨୯୨.୩୨ | ୧୦୪.୨୩ | ୬୨୫୦ |
| ୯ | | ଝାଡ଼ଖଣ୍ଡ | ୧୮୪ | ୩୦୩୧.୮୯ | ୧୨୬୪.୦୬ | ୮୧୭୨୫ |
| ୧୦ | ରାଜ୍ୟ ସମୂହ | କର୍ଣ୍ଣାଟକ | ୮୪୨ | ୯୨୫୧.୧୯ | ୩୩୪୨.୪୩ | ୨୦୩୧୪୫ |
| ୧୧ | | କେରଳ | ୧୦୬ | ୧୦୮୨.୫୫ | ୫୧୭.୫୨ | ୩୨୬୪୨ |
| ୧୨ | | ମଧ୍ୟପ୍ରଦେଶ | ୩୬୮ | ୧୯୪୫୨.୬୧ | ୪୪୧୧.୫୧ | ୨୮୬୯୪୯ |
| ୧୩ | | ମହାରାଷ୍ଟ୍ର | ୪୯ | ୧୪୧୪୪.୬୮ | ୨୦୬୯.୦୦ | ୧୩୩୦୪୩ |
| ୧୪ | | ଓଡ଼ିଶା | ୧୧୬ | ୨୬୬୩.୭୮ | ୯୭୬.୬୬ | ୫୯୫୨୫ |
| ୧୫ | | ପଞ୍ଜାବ | ୩୨୯ | ୧୨୧୪.୯୦ | ୬୦୪.୪୧ | ୪୨୯୦୫ |
| ୧୬ | | ରାଜସ୍ଥାନ | ୬୫ | ୩୧୯୦.୪୫ | ୭୯୦.୧୯ | ୪୪୭୬୩ |
| ୧୭ | | ତାମିଲନାଡୁ | ୧୬୩୪ | ୧୧୯୪୫.୨୪ | ୫୦୮୭.୧୮ | ୩୩୪୮୦୧ |
| ୧୮ | | ତେଲଙ୍ଗାନା | ୧୪୬ | ୫୦୦୩.୪୪ | ୧୨୫୩.୧୨ | ୮୩୦୯୪ |
| ୧୯ | | ଉତ୍ତରପ୍ରଦେଶ | ୨୫୬ | ୩୨୬୨.୦୭ | ୧୩୩୯.୧୩ | ୭୮୭୨୭ |
| ୨୦ | | ଉତ୍ତରାଖଣ୍ଡ | ୪୧ | ୫୧୬.୫୨ | ୨୦୩.୫୨ | ୮୦୭୨ |
| ୨୧ | | ପଶ୍ଚିମବଙ୍ଗ | ୧୫୩ | ୫୯୦୩.୭୨ | ୨୧୮୪.୭୦ | ୧୪୪୮୬୨ |
| | | **ଉପ ସମୁଦାୟ-ରାଜ୍ୟ** | **୫୦୦୪** | **୧୨୩୬୧୩.୦୯** | **୩୫୦୨୪.୦୨** | **୨୨୫୦୫୦୧** |
| ୨୨ | | ଅରୁଣାଚଳ ପ୍ରଦେଶ | ୫ | ୯୮.୧୬ | ୭୮.୪୪ | ୧୬୦୬ |
| ୨୩ | | ଆସାମ | ୪୭ | ୧୨୪୭.୭୮ | ୫୪୮.୮୯ | ୩୬୫୭୭ |
| ୨୪ | | ମଣିପୁର | ୨୪ | ୬୭୯.୫୨ | ୩୯୬.୭୨ | ୨୬୪୫୧ |
| ୨୫ | | ମେଘାଳୟ | ୮ | ୩୨.୨୩ | ୧୧.୫୧ | ୭୬୪ |
| ୨୬ | ଉତ୍ତର ପୂର୍ବାଞ୍ଚଳ ରାଜ୍ୟ | ମିଜୋରାମ | ୯ | ୨୨୨.୯୨ | ୧୬୫.୨୯ | ୧୦୫୫୨ |
| ୨୭ | | ନାଗାଲାଣ୍ଡ | ୧୩ | ୩୩୫.୦୩ | ୨୨୯.୨୭ | ୧୩୫୬୦ |
| ୨୮ | | ସିକ୍କିମ | ୧ | ୧.୯୫ | ୦.୬୫ | ୪୩ |
| ୨୯ | | ତ୍ରିପୁରା | ୨୪ | ୧୨୬୭.୪୯ | ୭୨୨.୫୭ | ୪୫୯୭୨ |
| | | **ଉପସମୁଦାୟ-ରାଜ୍ୟ** | **୧୩୧** | **୩୮୮୫.୦୯** | **୨୧୫୩.୩୪** | **୧୩୫୫୨୫** |
| ୩୦ | | ଆଣ୍ଡାମାନ ନିକୋବର | ୩ | ୫୩.୯୬ | ୯.୧୪ | ୬୦୯ |
| ୩୧ | | ଚଣ୍ଡିଗଡ଼ | – | ୧.୨୯ | ୦.୨୧ | ୧୦ |
| ୩୨ | | ଦାଦ୍ରା, ନଗରହାବେଳି | ୧ | ୩୯.୩୨ | ୧୫.୧୨ | ୯୪୬ |
| ୩୩ | କେନ୍ଦ୍ର ଶାସିତ ଅଞ୍ଚଳ | ଡାମନ, ଡିଉ | ୨ | ୫.୦୬ | ୨.୧୧ | ୧୩୬ |
| ୩୪ | | ଦିଲ୍ଲୀ | – | ୫୦.୧୮ | ୮.୯୧ | ୪୬୮ |
| ୩୫ | | ଲକ୍ଷାଦ୍ୱୀପ | – | – | – | – |
| ୩୬ | | ପୁଡୁଚେରୀ | ୬ | ୧୬୨.୮୧ | ୫୮.୦୧ | ୩୮୬୬ |
| | | **ଉପସମୁଦାୟ-କେନ୍ଦ୍ରଶାସିତ ଅଞ୍ଚଳ** | **୧୨** | **୩୧୨.୬୩** | **୯୩.୪୯** | **୬୦୩୫** |
| | | **ସର୍ବମୋଟ** | **୫୧୪୭** | **୧୨୭୮୧୦.୮୧** | **୩୭୨୭୦.୮୪** | **୨୩୯୨୦୬୧** |

ସୂତ୍ର : ଭାରତ ସରକାରଙ୍କ ଆବାସ ଓ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରଣାଳୟ

**ଅଟଳ ମିଶନ:**

ଅଟଳ ମିଶନ ଯୋଜନାର ମୂଳ ଲକ୍ଷ୍ୟ ହେଲା ସହରଗୁଡ଼ିକର ଜଳଯୋଗାଣ, ରାସ୍ତାଘାଟ, ଜଳନିଷ୍କାସନ, ବିଦ୍ୟୁତ୍ ଯୋଗାଣ, ପରିଚ୍ଛନ୍ନତା ଓ ପରିବହନ ବ୍ୟବସ୍ଥାରେ ଉନ୍ନତି ଆଣିବା। ଏହା ମଧ୍ୟ ଅମୃତ ଯୋଜନା ନାମରେ ପରିଚିତ। ସହରାଞ୍ଚଳରେ ପ୍ରଦୂଷଣ ହ୍ରାସ ଓ ଖୋଲାସ୍ଥାନ ସୃଷ୍ଟିକୁ ମଧ୍ୟ ଅମୃତ ଯୋଜନାରେ ଅଗ୍ରାଧିକାର ପ୍ରଦାନ କରାଯାଇଛି। ଏଥିରେ ସହରାଞ୍ଚଳର ଭିତ୍ତିଭୂମିରେ ଉନ୍ନତି ଅଣାଯାଉଛି। ଏହାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହ ସଂଯୋଗ କରାଯିବା ଫଳରେ ସହରାଞ୍ଚଳ ବିକାଶ ପ୍ରକ୍ରିୟା ଅବଶ୍ୟ ତ୍ୱରାନ୍ୱିତ ହେବ। ସେହିଭଳି ସ୍ୱଚ୍ଛଭାରତ ନିର୍ମାଣ ଯୋଜନାରେ ଖୋଲାରେ ମଳମୂତ୍ର ତ୍ୟାଗକୁ ନିରୁତ୍ସାହିତ କରାଯାଇ ପାଇଖାନା ଓ ଶୌଚାଳୟ ନିର୍ମାଣକୁ ଅଗ୍ରାଧିକାର ଦିଆଯାଇଛି। ସହରାଞ୍ଚଳର କଠିନ ବର୍ଜ୍ୟବସ୍ତୁ ପରିଚାଳନା ମଧ୍ୟ ଏହାର ଅନ୍ତର୍ଭୁକ୍ତ ହୋଇଛି। ଅତଏବ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହ ଏହା ମିଶିଗଲେ ସହରାଞ୍ଚଳର ସ୍ୱଚ୍ଛତା ଓ ପରିଚ୍ଛନ୍ନତା କାର୍ଯ୍ୟ ତ୍ୱରାନ୍ୱିତ ହେବ। ଏହା ବ୍ୟତୀତ ସହରାଞ୍ଚଳ ବାସହୀନଙ୍କ ପାଇଁ ଉଦ୍ଦିଷ୍ଟ ଦୀନଦୟାଲ ଉପାଧ୍ୟାୟ ଅନ୍ତ୍ୟୋଦୟ ଯୋଜନା, ଜାତୀୟ ସହରାଞ୍ଚଳ ଜୀବିକା ମିଶନ ଓ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ମିଳିତ ଭାବେ ସହରାଞ୍ଚଳ ଆବାସ ଯୋଜନା ସହ କାର୍ଯ୍ୟକାରୀ ହେଲେ ସହରର ଦରିଦ୍ର, ପଛୁଆ ଓ ଭୂମିହୀନ ଲୋକମାନେ ଆବାସ ସୁବିଧା ସହ ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା, ଆଲୋକ, ପାଣି, ସଡ଼କ ପରିବହନ ଆଦି ମୌଳିକ ସୁବିଧା ସୁଯୋଗ ପାଇପାରିବେ ଯାହା ସେମାନଙ୍କ ଜୀବିକା ଅର୍ଜନରେ ସହାୟକ ହେବ।

**ଉପସଂହାର:**

୨୦୨୨ ସୁଦ୍ଧା ସମସ୍ତଙ୍କୁ ଘର ଯୋଗାଇ ଦେବାର ଯେଉଁ ଲକ୍ଷ୍ୟ ରଖାଯାଇଛି ତାହାକୁ ପୂରଣ କରିବା ପାଇଁ ସବୁ କ୍ଷେତ୍ରରେ ଦକ୍ଷତା ନିର୍ମାଣ କରିବା ସବୁଠୁ ବଡ଼ ଆବଶ୍ୟକତା। ତା'ନହେଲେ ଲକ୍ଷ୍ୟ ପୂରଣ ସହଜ ହେବ ନାହିଁ। ଏହି ଯୋଜନାରେ ସଂପୃକ୍ତ ସବୁ ପକ୍ଷଙ୍କ ଦକ୍ଷତା ବୃଦ୍ଧି ଓ ପ୍ରଦର୍ଶନ ସମସ୍ତରର ହେବା ଉଚିତ। ତାହା ହେଲେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ ଏବଂ ଧାର୍ଯ୍ୟ ସମୟରେ ଲକ୍ଷ୍ୟ ପୂରଣ ହୋଇପାରିବ। ଏ କ୍ଷେତ୍ରରେ ରାଜ୍ୟମାନଙ୍କର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କାରଣ ଆବାସ ଓ ସହରାଞ୍ଚଳ ବିକାଶ ସମ୍ବିଧାନ ଅନୁସାରେ ରାଜ୍ୟ ତାଲିକାର ବିଷୟବସ୍ତୁ। କେନ୍ଦ୍ର ସରକାର ଏ କ୍ଷେତ୍ରରେ ନୀତି ପ୍ରଣୟନ, ଅର୍ଥ ଯୋଗାଣ ଓ ପରାମର୍ଶ ଆଦି ଦେଇ କେବଳ ସୁବିଧାପ୍ରଦାନକାରୀ ବା ଫାସିଲିଟେଟର ଭୂମିକା ତୁଲାଇବେ। ରୂପାୟନ କାର୍ଯ୍ୟ ସଂପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କର। ସେମାନେ ଏଥିପାଇଁ ପୂର୍ଣ୍ଣାଙ୍ଗ ଆବାସ ପ୍ରକଳ୍ପର ଯୋଜନା, ହିତାଧିକାରୀ ଚିହ୍ନଟ, ଆଇନଗତ ବ୍ୟବସ୍ଥା, ଭୂମି ଅଧିଗ୍ରହଣ, ରୂପାୟନ ଢାଞ୍ଚା ଓ ସହର ଚିହ୍ନଟ ଆଦି ନିଜ ସୁବିଧା ମତେ ପ୍ରସ୍ତୁତ କରିବା ଆବଶ୍ୟକ। ଏହା ହୋଇପାରିଲେ ୨୦୨୨ ସୁଦ୍ଧା ସ୍ୱାଧୀନତାର ୭୫ ବର୍ଷପୂର୍ତ୍ତି ଅବସରରେ ସହରାଞ୍ଚଳର ବାସହୀନମାନଙ୍କୁ ଘର ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ସମ୍ଭବ ହେବ।




ଲେଖକ - ଭାରତ ସରକାରଙ୍କ ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ସଚିବ

# ସମସ୍ତଙ୍କ ପାଇଁ ଘର ଯୋଜନା ସହ ଜମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସର ସମ୍ପର୍କ

● ଅମ୍ଳାନଜ୍ୟୋତି ଗୋସ୍ୱାମୀ ଓ ଗୌତମ ଭାନ

ଜମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସ (ଏଲ୍‌ଏଆର୍‌ଆର୍) ସହିତ 'ସମସ୍ତଙ୍କ ପାଇଁ ଘର' ଯୋଜନା କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କାରଣ ସମସ୍ତଙ୍କ ପାଇଁ ଘର ଯୋଜନା ନିମନ୍ତେ ଯେଉଁ ଯୋଜନାକୃତ ଆବାସ ବିକାଶର ଆବଶ୍ୟକତା ରହିଛି ସେଥିପାଇଁ ଦେଶରେ ଉପଯୁକ୍ତ ଜମିର ବିଶେଷ ଅଭାବ ଅଛି। ଯେତିକି ଜମି ଉପଲବ୍ଧ ସେଥିରେ ଲୋକଙ୍କ ଆବଶ୍ୟକତା ପୂରଣ କରିବା ଯଥେଷ୍ଟ ନୁହେଁ। ମୋଟାମୋଟି ଭାବେ ଏହି ଯୋଜନାରେ ଥିବା ଘରର ଚାହିଦା ଅନୁସାରେ ଭୂମିର ବିଶେଷ ଅଭାବ ରହିଛି।

ସବିଶେଷ ସରକାରୀ ତଥ୍ୟ ଅନୁସାରେ ଦେଶର ସହରାଞ୍ଚଳରେ ଲୋକସଂଖ୍ୟା ଚାହିଦା ଅନୁସାରେ ପ୍ରାୟ ୧୯ ନିୟୁତ ଘରର ଅଭାବ ରହିଛି। ଏହି ଅଭାବର ପ୍ରାୟ ୮୦ ଶତାଂଶ (୧୫ ନିୟୁତ ଘର) ଲୋକଙ୍କ ଚାହିଦା ପୂରଣ ପାଇଁ ଯଥେଷ୍ଟ ନୁହେଁ। ତେଣୁ ବାସ୍ତବରେ ସେସବୁ ପରିବାରକୁ ଗୃହହୀନ କୁହାଯାଉ ନ ଥିଲେ ହେଁ ଏହା ଗୃହହୀନ ସଙ୍ଗେ ସମାନ। ଏଥିରୁ ସହରାଞ୍ଚଳରେ ନାମକୁ ମାତ୍ର ଘର ଥିବା ଲୋକ ଓ ଗୃହହୀନ ଲୋକଙ୍କ ସମସ୍ୟା କେତେ ଉତ୍କଟ ତାହା ସହଜେ ଅନୁମେୟ। ଏହି ସମସ୍ୟା ଦୃଷ୍ଟିରୁ ଭାରତ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୨୨ ସୁଦ୍ଧା ସାରା ଦେଶରେ ୨୦ ନିୟୁତ ନୂଆ ଘର ତିଆରି କରିବାକୁ ଯୋଜନା କରିଛନ୍ତି।

ଦେଶର ଗ୍ରାମାଞ୍ଚଳରେ ୫୬ ଶତାଂଶ ବା ୧୦ କୋଟିରୁ ଊର୍ଦ୍ଧ୍ୱ ପରିବାର ଭୂମିହୀନ। ତେଣୁ ଦେଶର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଏହି ଦୁଇ ବାସ୍ତବତାକୁ ଗୁରୁତ୍ୱର ସହିତ ଅନୁଧ୍ୟାନ କରିବାକୁ ପଡ଼ିବ। ଦେଶରେ ଭୂସଂସ୍କାର କାର୍ଯ୍ୟକାରୀ କରିବାର ଐତିହାସିକ ବିଫଳତାକୁ ମଧ୍ୟ ଏହି ଗ୍ରାମ-ସହର ଭୂଅର୍ଜନ ପ୍ରୟାସର ବିଭାଜିତ ରାଜନୀତି ମଧ୍ୟରେ ଦେଖିବାକୁ ହେବ।

ସହରାଞ୍ଚଳରେ ଶସ୍ତା ଘର ନିର୍ମାଣ ପାଇଁ ଯେଉଁ ନୀତି ଗୃହୀତ ହୋଇଛି ତାହାକୁ ଆମେ କିପରି ମୂଲ୍ୟାୟନ କରିବା? ଏଥିପାଇଁ ତିନିଟି ମାନଦଣ୍ଡକୁ ବିଚାରକୁ ନିଆଯାଇପାରେ। ପ୍ରଥମ ଦୁଇଟି ହେଲା ପର୍ଯ୍ୟାପ୍ତତା ଓ ସାମର୍ଥ୍ୟ। ଏହି ଦୁଇଟି ବିଷୟ ନୀତି ନିର୍ଦ୍ଧାରଣ ସମୟରେ ବିଚାରର ପରିସରଭୁକ୍ତ ହୋଇଛି ଏବଂ ସ୍ୱଳ୍ପ ଆୟକାରୀବର୍ଗଙ୍କୁ କିପରି ଆବାସ ଯୋଜନାର ଅନ୍ତର୍ଭୁକ୍ତ କରାଯିବ ସେଥିପାଇଁ କିଛି ବ୍ୟବସ୍ଥା କରାଯାଇଛି। ସେଥିରେ ସ୍ୱଳ୍ପ ଆୟର ସଂଜ୍ଞା ନିର୍ଦ୍ଧାରଣ, ଘରର ଆକାର, ମୂଲ୍ୟ, ଘର ତିଆରି ପାଇଁ କି ପ୍ରକାର ଉପକରଣ ଓ ସାମଗ୍ରୀ ବ୍ୟବହାର କରାଯାଇପାରିବ ଏବଂ ଘରେ କି ପ୍ରକାର ସୁବିଧା ରହିବ ଏହା ପ୍ରାୟ ଚୂଡ଼ାନ୍ତ ହୋଇଛି। ହେଲେ ତୃତୀୟ ମାନଦଣ୍ଡଟିକୁ ବିଚାରକୁ ନିଆଯାଇନାହିଁ। ସେଇଟି ହେଲା ବ୍ୟବହାର୍ଯ୍ୟତା ବା ସମ୍ଭବକ୍ଷମତା ଯାହାକୁ ଇଂରାଜୀରେ ଭାୟାବିଲିଟି କୁହାଯାଉଛି। ଏହି ମାନକଟି ଗୃହ ନିର୍ମାଣ ସ୍ଥାନର ଉପଯୁକ୍ତ ସ୍ଥିତି ଓ ଘରର ମୂଲ୍ୟ ସହ ମଧ୍ୟ ଜଡ଼ିତ। ତେଣୁ ଆବାସ ନିର୍ମାଣର ଯେଉଁ ନୀତି ନିର୍ଦ୍ଧାରଣ କରାଯାଇଛି ସେଥିରେ ଧାର୍ଯ୍ୟ ମୂଲ୍ୟ (କଷ୍ଟ) ଓ ଲାଭ (ବେନିଫିଟ୍)କୁ ଏହି ଭାୟାବିଲିଟି ପ୍ରସଙ୍ଗଟି ବଳିପଡୁଛି। ସରକାରଙ୍କ ପୂର୍ବନୀତି ଅନୁସାରେ ନିର୍ମିତ ସହରାଞ୍ଚଳ ଆବାସ ଯୋଜନାର ଘରଗୁଡ଼ିକ ମଧ୍ୟରୁ ପ୍ରତି ତିନିଟିରେ ଗୋଟିଏ ଉପଯୁକ୍ତ ଭାବେ ଅଧିକୃତ ହୋଇଛି। ଅର୍ଥାତ୍ ସେହି ଘରର ଉପଯୁକ୍ତ ଭୋଗ ଦଖଲ ହାର ପ୍ରତି ତିନିରେ ଗୋଟିଏ। ଏହି ହାର ପର୍ଯ୍ୟାପ୍ତ ନୁହେଁ। ଯଦି କେନ୍ଦ୍ର ଓ ରାଜ୍ୟ ସରକାର ଏହି ଭୋଗଦଖଲ ହାରକୁ ବଢ଼ାଇବାକୁ ଚାହାନ୍ତି ତେବେ ଯୋଜନାର ଭାୟାବିଲିଟି ବା ବ୍ୟବହାର୍ଯ୍ୟତା ପ୍ରତି ଦୃଷ୍ଟିଦେବାକୁ ହେବ।

ନିମ୍ନ ଆୟକାରୀ ବର୍ଗଙ୍କ ପାଇଁ ଭାୟାବିଲିଟିର ତିନିଟି ଦିଗ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ତାହା ହେଲା ପ୍ରଥମ - କର୍ମନିଯୁକ୍ତି ଓ ଜୀବିକା ସହ ସମ୍ପର୍କ। ଅର୍ଥାତ୍ ଯେଉଁଠି ନିଯୁକ୍ତି ତା'ର ଆଖପାଖରେ ଲୋକଙ୍କର ରହିବାର ସୁବିଧା। ଦ୍ୱିତୀୟଟି ହେଲା ଯୋଗାଯୋଗ ସୁବିଧା। ଅନ୍ୟ ଅର୍ଥରେ ଯାତାୟାତ ପାଇଁ ଲୋକଙ୍କୁ ସାଧାରଣ ପରିବହନ ବ୍ୟବସ୍ଥା ସୁବିଧାରେ ମିଳୁଥିବା ଦରକାର। ତୃତୀୟଟି ହେଲା - ଭୌତିକ ଓ ସାମାଜିକ ଭିତ୍ତିଭୂମିର ସୁବିଧା ସୁଯୋଗ। ସରଳ ଭାବେ କହିଲେ ଲୋକଙ୍କୁ ସ୍କୁଲ, କଲେଜ, ଡାକ୍ତରଖାନା, କମ୍ୟୁନିଟି ସେଣ୍ଟର ଆଦିର ସୁବିଧା ସୁଯୋଗ ସହଜରେ ମିଳୁଥିବ। ଏହି ତିନିଟି ମୌଳିକ ଆବଶ୍ୟକତା ପୂରଣ ନ' ହେଲେ କୌଣସି ଶସ୍ତା ଆବାସ ନିର୍ମାଣ ଯୋଜନାର ଲକ୍ଷ୍ୟ ସଫଳ ହୋଇପାରିବ ନାହିଁ।

ଆବାସ ନିର୍ମାଣ ବେଳେ ଭୌଗୋଳିକ

ସଂଯୋଗ ଓ ସଂପୃକ୍ତି ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ସହରାଞ୍ଚଳର ମୁଖ୍ୟଧାରାରୁ ବିଛିନ୍ନ କରି ଆବାସ ନିର୍ମାଣ କରାଗଲେ ତାହା ସିନା ଘର ହେବ ସେଥିରେ ଲୋକେ ରହିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ତେଣୁ ଆବାସକୁ ଆବାସିକ ବ୍ୟବସ୍ଥା ସହ ଯୋଡ଼ିବାକୁ ପଡ଼ିବ। ତେଣୁ ଶସ୍ତା ଘର ନିର୍ମାଣ ବେଳେ ଜମି ଚିହ୍ନଟ ଓ ଅଧିଗ୍ରହଣ ବେଳେ ସମ୍ଭାବ୍ୟ କ୍ରେତା ବା ଉପଭୋକ୍ତାର ମୌଳିକ ଆବଶ୍ୟକତା ପ୍ରତି ନଜର ଦିଆଯିବା ଜରୁରୀ। ଏସବୁ ଦୃଷ୍ଟିରୁ ସ୍ୱଳ୍ପ ଆୟକାରୀ ସହରାଞ୍ଚଳ ଲୋକଙ୍କୁ ସହର ଉପକଣ୍ଠ ଅଞ୍ଚଳର ଆବାସିକ ପ୍ରକଳ୍ପକୁ ସ୍ଥାନାନ୍ତରିତ କରାଗଲା ବେଳେ ସେ ଅଞ୍ଚଳର ବିକାଶ, ଯୋଗାଯୋଗ, ମୌଳିକ ଭିତ୍ତିଭୂମି କ୍ଷେତ୍ର ଆଦିର ବିକାଶ ପ୍ରତି ଦୃଷ୍ଟିଦେବାକୁ ପଡ଼ିବ। ଏହାଦ୍ୱାରା ଦୁଇଟି ଉଦ୍ଦେଶ୍ୟ ସାଧିତ ହେବ। ସହର ଉପକଣ୍ଠ ଗ୍ରାମାଞ୍ଚଳରେ ସହରୀ ସୁବିଧାସୁଯୋଗର ବିକାଶ ଘଟିବ ଏବଂ ନୂଆ ଆବାସିକ ପ୍ରକଳ୍ପରେ ଲୋକେ ରହିବାକୁ ଅଧିକରୁ ଅଧିକ ଆକୃଷ୍ଟ ହେବେ। ତେଣୁ ଭୂମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସ ବ୍ୟବସ୍ଥା ସମୟରେ 'ରୁର୍ବାନ' ସୁବିଧା ସୁଯୋଗ ପ୍ରତି ଧ୍ୟାନ ଦେବା ଅପରିହାର୍ଯ୍ୟ। ଏ କ୍ଷେତ୍ରରେ କେବଳ ସହରଠାରୁ ଦୂରରେ ନୂଆ ଆବାସ ପ୍ରକଳ୍ପ ନିର୍ମାଣ ଯଥେଷ୍ଟ ନୁହେଁ। ସେଥିପାଇଁ ପ୍ରକଳ୍ପ ସ୍ଥାନର ସମ୍ଭାବ୍ୟ ସ୍ଥିତି ସହିତ ପୁରୁଣା ବସ୍ତି ବା ଇଲାକାରେ ରହୁଥିବା ଲୋକଙ୍କୁ ସେଠାରେ ଆବାସ ଯୋଗାଣର ସୁବିଧା ଦେବା, ଘର ତିଆରି ପାଇଁ କମ୍ ସୁଧରେ ଋଣ ଯୋଗାଣ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେଲେ ସମସ୍ତଙ୍କ ପାଇଁ ଗୃହ ଯୋଜନା ଅଧିକ ସଫଳ ହେବ।

**ଜମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସ ଆଇନ (ଏଲଏଆରଆର ଆଇନ) :**

ଏଲ୍ଏଆର୍ଆର୍ ଆଇନରେ ନିମ୍ନଲିଖିତ ଜନସ୍ୱାର୍ଥ ସଂବଳିତ କାର୍ଯ୍ୟ ପାଇଁ ଜମି ଅଧିଗ୍ରହଣ ବ୍ୟବସ୍ଥା ଅଛି।

୧) ନିର୍ଦ୍ଦିଷ୍ଟ ଆୟକାରୀ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ସମୟରେ ଆବାସିକ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର ଜମି ଅଧିଗ୍ରହଣ କରିପାରିବେ।

୨) ସହରର ଯୋଜନାକୃତ ବିକାଶ କିମ୍ବା ଗ୍ରାମର ଉନ୍ନତି ପାଇଁ ଉଭୟ ଅଞ୍ଚଳରେ ସରକାର ଜମି ଅଧିଗ୍ରହଣ କରିପାରିବେ। ସେହି ଅଧିଗୃହୀତ ଅଞ୍ଚଳରେ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଆବାସ ପ୍ରକଳ୍ପ ନିର୍ମାଣ କରିପାରିବେ।

୩) ଗରିବ, ଭୂମିହୀନ, ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳର ଲୋକ, କିମ୍ବା କୌଣସି ସରକାରୀ ଯୋଜନା ବା ପ୍ରକଳ୍ପ କାରଣରୁ ପ୍ରଭାବିତ ଅଥବା ବିସ୍ଥାପିତ ଲୋକଙ୍କ ଥଇଥାନ ପାଇଁ ସରକାର ଜମି ଅଧିଗ୍ରହଣ କରିପାରିବେ।

ଏଲ୍ଏଆର୍ଆର୍ ଆଇନରୁ ଏହା ସ୍ପଷ୍ଟ ହୋଇଯାଇଛି ଯେ ସରକାର ଶସ୍ତା ଗୃହନିର୍ମାଣ ବା ଆବାସିକ ପ୍ରକଳ୍ପ ପାଇଁ ଉଭୟ ସହର ଓ ଗ୍ରାମାଞ୍ଚଳରେ ଜମି ଅଧିଗ୍ରହଣ କରିବାକୁ କ୍ଷମତାପ୍ରାପ୍ତ। ଏଥିପାଇଁ ସରକାର ଜମି ହରାଉଥିବା ଲୋକଙ୍କୁ ଆବଶ୍ୟକ କ୍ଷତିପୂରଣ ଓ ଆବଶ୍ୟକସ୍ଥଳେ ପୁନର୍ବାସ ଦେବାକୁ ମଧ୍ୟ ବାଧ୍ୟ। ଏହି ଅଧିଗ୍ରହଣ ମଧ୍ୟ ପିପିପି କିମ୍ବା ଘରୋଇ କମ୍ପାନୀ ମାଧ୍ୟମରେ ହେଉଥିବା ପ୍ରକଳ୍ପ ପାଇଁ କରାଯାଇପାରିବ। ତେବେ ଜମି ଅଧିଗ୍ରହଣ ପୂର୍ବରୁ ପ୍ରଭାବିତ ହେବାକୁ ଥିବା ଲୋକଙ୍କ ସମ୍ମତି, ଉପଯୁକ୍ତ କ୍ଷତିପୂରଣ ଓ ଆବଶ୍ୟକସ୍ଥଳେ ଥଇଥାନ ଆଦି ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ସରକାର ବାଧ୍ୟ।

ଆଉ ଗୋଟିଏ ଭଲ କଥା ହେଲା ନୂଆ ଆଇନରେ ଲୋକଙ୍କ ଆବଶ୍ୟକତା ବା ଜନସ୍ୱାର୍ଥର ଯେଉଁ ସଂଜ୍ଞା ଓ ତାଲିକା ପ୍ରସ୍ତୁତ ହୋଇଛି ସେଥିରେ ଆବାସିକ ପ୍ରକଳ୍ପ ନିର୍ମାଣ ବିଷୟ ସ୍ଥାନ ପାଇଛି। ହେଲେ ଶସ୍ତାରେ ଲୋକଙ୍କୁ ଘର ଯୋଗାଇବା ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣର ସଫଳତା ଭାରତରେ ବିରଳ। ଅନ୍ୟ ଲୋକସ୍ୱାର୍ଥ ଜନିତ କାର୍ଯ୍ୟ ପାଇଁ ସରକାର ଜମି ଅଧିଗ୍ରହଣରେ ସଫଳ ହୋଇଥିବା ବେଳେ ଶସ୍ତା ଆବାସ କ୍ଷେତ୍ର ପାଇଁ ଜମି ଅଧିଗ୍ରହଣ ଏକ ନୂଆ କଥା ହୋଇଛି।

ଏଲ୍ଏଆର୍ଆର୍ ଆଇନରେ ଯେଉଁଠି ଜମି ଅଧିଗ୍ରହଣ କରାଯାଉଛି ସେଠାରେ ସର୍ବନିମ୍ନ ଭିତ୍ତିଭୂମି ବିକାଶ ସହ କ୍ଷତିଗ୍ରସ୍ତଙ୍କ ଥଇଥାନ ଓ ପୁନର୍ବାସ ବ୍ୟବସ୍ଥା କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଅଛି। ଆବାସ ନିର୍ମାଣ ପାଇଁ ମଧ୍ୟ ଏହି ନିୟମ ପ୍ରଯୁଜ୍ୟ। ଅତଏବ ଯେଉଁମାନେ ଆବାସିକ ପ୍ରକଳ୍ପ ଯୋଗୁଁ ପ୍ରଥମେ ଜମି ହରାଇ କ୍ଷତିଗ୍ରସ୍ତ ହେବେ ସେମାନଙ୍କୁ ନୂଆ ଆବାସିକ ପ୍ରକଳ୍ପରେ ଥଇଥାନ ଓ ପୁନର୍ବାସ





ପାଇଁ ଅଗ୍ରାଧିକାର ମିଳିବାର ଆବଶ୍ୟକତା ରହିଛି। ଏଲଏଆର୍‌ଆର୍ ଆଇନ ମଧ୍ୟ ଏହା ସ୍ପଷ୍ଟ କରିଛି। ସେହିଭଳି ଅଧିଗୃହୀତ ଅଞ୍ଚଳରେ ତିନିବର୍ଷ ଧରି ଏକାଦିକ୍ରମେ ବସବାସ କରୁଥିବା କୃଷି ଶ୍ରମିକ, ଭଡ଼ାଟିଆ, ଭାଗଚାଷୀ, କାରିଗର, ବୁଣାକାର, ଶିଳ୍ପୀ, ଜଙ୍ଗଲାଞ୍ଚଳର ଅଧିବାସୀ ଓ ସହରାଞ୍ଚଳବାସୀ, ଯେଉଁମାନଙ୍କର ଜୀବିକା ପ୍ରଭାବିତ ହେଉଥିବ ସେମାନେ ମଧ୍ୟ ଥଇଥାନ ଓ ପୁନର୍ବାସ ସୁବିଧା ପାଇବାକୁ ବାଧ୍ୟ। ତେଣୁ ଶସ୍ତା ଆବାସ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରିବାବେଳେ ପ୍ରଭାବିତ ଏତେ ସଂଖ୍ୟକ ଲୋକଙ୍କୁ ଥଇଥାନ କରିବା ବା ଆବାସ ଯୋଗାଇବା ସହଜ କାମ ନୁହେଁ।

ଏ କ୍ଷେତ୍ରରେ ଏକ ବିକଳ୍ପ ମାର୍ଗ ହେଲା ଜମି ଅଧିଗ୍ରହଣ ପରିବର୍ତ୍ତେ ଜମି ସଂଯୋଜନ ବା ଏକାଠି କରିବା। ଏହା ଲ୍ୟାଣ୍ଡ ପୁଲିଂ ଭାବେ ପରିଚିତ। ଏଥିରେ ମଧ୍ୟ ଆଇନତଃ ଆର୍ଥିକ ଦୁର୍ବଳ ଶ୍ରେଣୀ, ନିମ୍ନଆୟକାରୀ ବର୍ଗ ଆଦିଙ୍କ ପାଇଁ ଶସ୍ତା ଘର ନିର୍ମାଣ କରିବାକୁ ଭୂମି ସଂରକ୍ଷିତ କରିବାକୁ ପଡ଼ିବ। ଆହୁରି ମଧ୍ୟ ମୌଳିକ ଭିତ୍ତିଭୂମି ଓ ନିଯୁକ୍ତି ସୁଯୋଗ ସୃଷ୍ଟି ମଧ୍ୟ ଏକ ଅପରିହାର୍ଯ୍ୟ ଆବଶ୍ୟକତା। ଆଇନରେ ଏସବୁ ବିଧି ବ୍ୟବସ୍ଥା ରହିଥିଲେ ହେଁ ବାସ୍ତବରେ ତାହାର କାର୍ଯ୍ୟକାରିତା ଆଦୌ ସହଜ ନୁହେଁ। ଜମି ସଂଯୋଜନ (ଲ୍ୟାଣ୍ଡପୁଲିଂ) ପଛରେ ଯେଉଁ ରାଜନୈତିକ ଅର୍ଥ ବ୍ୟବସ୍ଥା ରହୁଛି ସେଥିରେ ମୂଲ୍ୟବାନ ଜମିକୁ ଲୋକେ ଆବାସ ପ୍ରକଳ୍ପ ପାଇଁ ଦେଇ ନିଜ ଅଧିକାରକୁ ସଂକୁଚିତ କରିବା ଓ ଅନ୍ୟମାନଙ୍କୁ ଶସ୍ତାରେ ଘର ଯୋଗାଇବାକୁ ରାଜି ନୁହଁନ୍ତି। ବିକଶିତ ଜମିର ଅଳ୍ପ କିଛି ଅଂଶ ମାଲିକକୁ ମିଳୁଛି। ଏହି ଲ୍ୟାଣ୍ଡ ପୁଲିଂ ବ୍ୟବସ୍ଥା ମଧ୍ୟ ବିଶେଷ ଫଳପ୍ରଦ ହେଉ ନ ଥିବା ଦେଖାଯାଉଛି।

ଅତଏବ ଆମ ଆଗରେ ଏବେ ଦୁଇଟି ଆହ୍ୱାନ। ପ୍ରଥମଟି ହେଲା ଏଲ୍‌ଏଆର୍‌ଆର୍ ଉପଯୋଗ ବେଳେ ଏହାର ଅସୁବିଧାଗୁଡ଼ିକ ପ୍ରତି ଆବଶ୍ୟକ ଧ୍ୟାନ ଦେଇ ଅଧିକ ବାସ୍ତବବାଦୀ ହେବା ଏବଂ ଦ୍ୱିତୀୟଟି ହେଲା ଏଲ୍‌ଏଆର୍‌ଆରର ବ୍ୟବସ୍ଥା ଓ ଆଇନକୁ ଶସ୍ତା ଆବାସ ନିର୍ମାଣ କ୍ଷେତ୍ରରେ କିପରି ସଫଳ ଭାବେ କାର୍ଯ୍ୟରେ ଲଗାଇ ପାରିବା।

ଏହି ପ୍ରେକ୍ଷାପଟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଆର୍‌ୱାଇ)ର ବିଭିନ୍ନ ଦିଗକୁ ଆମକୁ ବିଚାରକୁ ନେବାକୁ ପଡ଼ିବ। ପିଏମ୍‌ଆର୍‌ୱାଇ ଚାରିଟି ଦିଗ ଉପରେ ଗୁରୁତ୍ୱ ପ୍ରଦାନ କରେ। ସେଗୁଡ଼ିକ ହେଲା, ୧- ଜମିକୁ ଏକ ସମ୍ବଳଭାବେ ଗ୍ରହଣ କରି ଘରୋଇ ଡେଭେଲପର୍‌ଙ୍କ ସହାୟତାରେ ଏହାର ପୁନଃବିକାଶ। ଏଥିରେ ଅତିରିକ୍ତ ଟିଡିଆର / ଏଫ୍‌ଏଆର ଯୋଗାଇ ଘରୋଇ ଉଦ୍ୟୋଗ ମାଧ୍ୟମରେ ପ୍ରକଳ୍ପକୁ ଆର୍ଥିକ ଦୃଷ୍ଟିରୁ ସକ୍ଷମ କରିପାରିବା। ୨- ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଋଣ ସୁଧ ଉପରେ ରିଆତି ବ୍ୟବସ୍ଥା। ୩- ପିପିପି ଢାଞ୍ଚାରେ ଶସ୍ତା ଆବାସ ନିର୍ମାଣ ଯେଉଁଥିରେ କେନ୍ଦ୍ର ସରକାରଙ୍କର ଆର୍ଥିକ ସହାୟତା ରହିବ, ସେଥିରୁ ୩୫ ଶତାଂଶ ଘର ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ସଂରକ୍ଷିତ ରଖିବା ଏବଂ ୪- ବ୍ୟକ୍ତିଗତ ଭାବେ ଗୃହନିର୍ମାଣ କ୍ଷେତ୍ରରେ ଲୋକଙ୍କୁ ସବ୍‌ସିଡି ବା ରିଆତି ଯୋଗାଇଦେବା ବ୍ୟବସ୍ଥା।

ଏଥିରୁ ସ୍ପଷ୍ଟ ହୋଇଯାଇଛି ଯେ ଜନସ୍ୱାର୍ଥ ଉଦ୍ଦେଶ୍ୟରେ ଭୂମି ଅଧିଗ୍ରହଣ କରି ଆବାସ ନିର୍ମାଣ ଯୋଜନାରେ ତାହାକୁ ବିନିଯୋଗ କରିବା କାଗଜପତ୍ରରେ ସହଜ ମନେ ହେଉଥିଲେ ହେଁ

ବାସ୍ତବ ଦୃଷ୍ଟିରୁ ସମ୍ଭବ ନୁହେଁ। ଯେଉଁ ଉଦ୍ଦେଶ୍ୟରେ ଶସ୍ତା ଘର ନିର୍ମାଣ ଯୋଜନା କରାଯାଇଛି ତାହା ହାସଲ ନ' ହୋଇ ଏହା ଯଦି ଘରୋଇ ଉଦ୍ଦେଶ୍ୟ ସାଧନ କରେ ତେବେ କଥା ସରିଲା। ସେଥିପାଇଁ ଆମେ ଏହି ଲେଖାରେ ପୂର୍ବରୁ ଦର୍ଶାଇଥିଲୁ ଯେ ସହରାଞ୍ଚଳରେ ଆବାସ ଅଭାବ ଜନିତ ଯେଉଁ ସମସ୍ୟା ରହିଛି ତାହାର ସମାଧାନ ପାଇଁ ଶସ୍ତା ଘର ତିଆରି କରିବାବେଳେ ଭୌଗୋଳିକ ସ୍ଥିତି, ଯୋଗାଯୋଗ, ମୌଳିକ ସୁବିଧାସୁଯୋଗ, ଘରର ନିର୍ମାଣ ମୂଲ୍ୟ ଆଦି ଉପରେ ଗୁରୁତ୍ୱ ନ ଦେଲେ ଏହା ନିରର୍ଥକ ପ୍ରମାଣିତ ହେବ।

ଜମି ଅଭାବର ଅସୁବିଧା ଦୂର କରିବାର ଏକ ବାଟ ହେଲା ଯେଉଁଠି ବସ୍ତି ବା ଘର ଅଛି ଏବଂ ତାହା ସଂପୃକ୍ତ ଲୋକଙ୍କ ଚଳଣି ପାଇଁ ଯଥେଷ୍ଟ ହେଉନାହିଁ ତାହାର ବିକାଶ ଘଟାଇ ଜମିକୁ ଉପଯୋଗ କରିବା। ଏଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ମଡେଲ ଅଛି। ଏହି ମଡେଲରେ ପୁରୁଣା ଘର ବା ଆବାସର ଉନ୍ନତି ବିଧାନ ତଥା ସଂପୃକ୍ତ ଘରକୁ ଭାଙ୍ଗି ତାହାର ପୁନଃ ନିର୍ମାଣ ଓ ସେସ୍ଥାନର ବିକାଶ ଏଭଳି ଦୁଇଟି ବ୍ୟବସ୍ଥା ଅଛି। ପ୍ରଥମ ଉପାୟରେ ବସ୍ତି ଅଞ୍ଚଳର ପୁରୁଣା ଘରର ଉନ୍ନତି ବିଧାନ କରି ପାଣି, ଆଲୋକ ଓ ଅନ୍ୟାନ୍ୟ ସୁବିଧା କରାଯାଇପାରିବ। ଦ୍ୱିତୀୟ ଉପାୟର କାର୍ଯ୍ୟକରିତା କିନ୍ତୁ ସହଜ ନୁହେଁ। ଲାଗିଲାଗି ଥିବା ଛୋଟଛୋଟ କୁଡ଼ିଆଗୁଡ଼ିକୁ ଭାଙ୍ଗି ସେଥିରେ ଅଳ୍ପ କିଛି ଯାଗା ମିଶାଇ ଆବାସ ପ୍ରକଳ୍ପ କରିବାକୁ ପଡ଼ିବ। ବସ୍ତିରେ ଯେଉଁମାନଙ୍କର ପକ୍କା ଘର ଅଛି ସେମାନଙ୍କୁ ପିଏମ୍‌ଆର୍‌ୱାଇ ଲାଭ ଦେବାର ବ୍ୟବସ୍ଥା ନାହିଁ। ଏହା ଫଳରେ କେତେକ ବସ୍ତି ଅଞ୍ଚଳରେ ପୁନଃ ବିକାଶ କାର୍ଯ୍ୟ ହାତକୁ ନେବା ସହଜ ନୁହେଁ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯେଉଁସବୁ ତ୍ରୁଟି ବିଚ୍ୟୁତି ରହିଛି ତାହାକୁ ସୁଧାରିବା ପାଇଁ ଅନେକ ରାଜ୍ୟ ସରକାର ନିଜର ସହରାଞ୍ଚଳ ଆବାସ ଯୋଜନା ପ୍ରସ୍ତୁତ କରିଛନ୍ତି। କର୍ଣ୍ଣାଟକ ସରକାର ଏଥିପାଇଁ ସାତଟି ମଡେଲ ପ୍ରସ୍ତୁତ କରି ତାହାକୁ କାର୍ଯ୍ୟକାରୀ କରୁଛନ୍ତି। ସେଥିରେ ଘରର ବିକାଶ, ପୁନଃବିକାଶ, ପୁନଃନିର୍ମାଣ, ପୁନଃ ଥଇଥାନ, ପୁନର୍ବାସ, ପ୍ଲଟେଡ୍ ସ୍କିମ୍, ଗୋଷ୍ଠୀ ଆବାସ ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ। ଏହି ମଡେଲ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସବୁ ସର୍ତ୍ତ ଖାପ୍ ଖାଉ ନ ଥିଲେ ମଧ୍ୟ ଦୁଇ ତିନିଟିରେ ସାମଞ୍ଜସ୍ୟ ରହିଛି।

ଏବେ ପ୍ରଶ୍ନ ହେଉଛି ଏ କ୍ଷେତ୍ରରେ ଆମେ ଆଗକୁ କିପରି ଯିବା ? ଆବାସ ଅଭାବ ସମସ୍ୟା ଭାରତର ବଡ଼ ବଡ଼ ସହରାଞ୍ଚଳରେ କେବଳ ସୀମିତ ନୁହେଁ। ଏହା କ୍ଷୁଦ୍ର ସହର ଓ ନୂଆ କରି ସହର ଆଡ଼କୁ ବଢୁଥିବା ସ୍ଥାନମାନଙ୍କରେ ମଧ୍ୟ ରହିଛି। ତେଣୁ ଆବାସ ଅଭାବ ଜନିତ ପରିସ୍ଥିତିର ମୁକାବିଲା ପାଇଁ କେବଳ ଏଲଏଆର୍‌ଆର୍ ନୀତି ନୁହେଁ, ଏହା ବାହାରକୁ ଯାଇ କାମ କରିବାକୁ ପଡ଼ିବ। ସେଥିପାଇଁ ନୂଆ ସହର ନିର୍ମାଣ ଯୋଜନା କରିବାକୁ ହେବ। ସେଥିରେ ବିଭିନ୍ନ ଆୟକାରୀ ବର୍ଗଙ୍କ ପାଇଁ ନିର୍ଦ୍ଦିଷ୍ଟ ପରିମାଣର ଜମି ସଂରକ୍ଷିତ କରି ଶସ୍ତାରେ ଘର ତିଆରି କରିବା ସହଜ ହେବ। କୋଟା ଓ ଯୋଧପୁରରେ ରାଜସ୍ଥାନ ସରକାର ଏହି ଢାଞ୍ଚାରେ ନୂଆ ସହର ଓ ଆବାସିକ ଅଞ୍ଚଳ ନିର୍ମାଣ କରିଛନ୍ତି। ରାଞ୍ଚି ମାଷ୍ଟର ପ୍ଲାନରେ ମଧ୍ୟ ଏଭଳି ବ୍ୟବସ୍ଥା କରାଯାଇଛି।

ଲୋକଙ୍କ କ୍ରୟଶକ୍ତିକୁ ଚାହିଁ ଘର ନିର୍ମାଣ ଯୋଜନା-କାର୍ଯ୍ୟକାରୀ କରିବାକୁ ଯେଉଁ ଏଲଏଆର୍‌ଆର୍ ଆଇନ ରହିଛି ତାହାକୁ ବିଭିନ୍ନ ଦୃଷ୍ଟିରୁ ବିଚାର କରାଯିବା ଦରକାର। ଏଥିରେ ବିସ୍ଥାପିତ ଓ ପ୍ରଭାବିତ ଲୋକଙ୍କ ଉପଯୁକ୍ତ ଥଇଥାନ, ରୋଜଗାର ବ୍ୟବସ୍ଥା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଆଦି ଯୋଗାଇ ଦେବାର ନିର୍ଦ୍ଦେଶ ଅଛି। ତେଣୁ ଥଇଥାନ ଓ ପୁନର୍ବାସବେଳେ ବା ନୂଆ ଆବାସ ଯୋଜନା କାର୍ଯ୍ୟକାରୀ କରିବା ସମୟରେ ସର୍ବନିମ୍ନ ଆବଶ୍ୟକତାଗୁଡ଼ିକ ପ୍ରତି ଉପଯୁକ୍ତ ଦୃଷ୍ଟି ଦିଆଯିବା ଉଚିତ। ନୂଆ ଆବାସିକ ଅଞ୍ଚଳର ଯୋଜନାବଦ୍ଧ ବିକାଶ ପ୍ରତି ଧ୍ୟାନ ନ' ଦେଲେ ଏହାର ବାସ୍ତବ ଲକ୍ଷ୍ୟ ସାଧିତ ହୋଇପାରିବ ନାହିଁ। ମଧ୍ୟପ୍ରଦେଶ ସରକାର ଦେଶର ପ୍ରଥମ ରାଜ୍ୟ ଭାବେ ଆବାସ ଗ୍ୟାରେଣ୍ଟି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ଗ୍ରାମାଞ୍ଚଳ ଭୂମିହୀନଙ୍କୁ ମଧ୍ୟ ଘରଡିହ ଯୋଗାଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ମୋଟାମୋଟି ଭାବେ ଦେଖିଲେ ଲୋକଙ୍କୁ ଶସ୍ତା ଘର ଯୋଗାଇ ଦେବା କାର୍ଯ୍ୟକ୍ରମରେ ସାମଗ୍ରିକ କୌଶଳ ମଧ୍ୟରେ ଏଲ୍‌ଏଆର୍‌ଆର୍ ଗୋଟିଏ ଅଂଶ ବିଶେଷ ମାତ୍ର। ତଥାପି ଏହାର ଗୁରୁତ୍ୱ ବେଶ୍ ଅଧିକ। ଆବାସର ଭୌଗୋଳିକ ସ୍ଥିତି ଲୋକଙ୍କ ଜୀବନ ଜୀବିକା ପାଇଁ ଯେତେ ସୁବିଧାଜନକ ହେବ ତାହାକୁ କିଣିବାକୁ ଓ ସେଥିରେ ରହିବାକୁ ଲୋକେ ସେତେ ଆଗ୍ରହ ପ୍ରକାଶ କରିବେ। ସେଦୃଷ୍ଟିରୁ ସହରାଞ୍ଚଳର ଉପକଣ୍ଠ ଇଲାକାରେ ଯୋଜନାବଦ୍ଧ ବିକାଶ ଢାଞ୍ଚାରେ ଶସ୍ତା ଆବାସିକ ଅଞ୍ଚଳମାନ ନିର୍ମାଣ କଲେ ଏହାର ବୃହତ୍ତର ଲକ୍ଷ୍ୟ ସାଧିତ ହେବ ଏବଂ ଲୋକେ ଏଥିପ୍ରତି ଅଧିକ ଆକର୍ଷିତ ହେବେ। ସେଥିପାଇଁ ଏପରି-ଅର୍ବାନ ଆବାସ ବିକାଶ ଯୋଜନା ବିଶେଷ ମହତ୍ୱ ରଖେ।

ଏହା ସହିତ ଯେଉଁମାନେ ସହର ଭିତରେ ବସ୍ତି ବା ସଂକୀର୍ଣ୍ଣ ଅଞ୍ଚଳରେ ବସବାସ କରୁଛନ୍ତି ସେମାନଙ୍କ ଆବାସିକ ସ୍ଥିତିରେ ଉନ୍ନତି ଆଣିବାକୁ ଆବଶ୍ୟକ ଗୁରୁତ୍ୱ ଦିଆଯିବା ଜରୁରୀ। ଶସ୍ତା ଆବାସ ଯୋଜନା ଭଳି କାର୍ଯ୍ୟକ୍ରମ ଜନସ୍ୱାର୍ଥ ପାଇଁ ଅଭିପ୍ରେତ ହୋଇଥିବାରୁ ଏହାର କାର୍ଯ୍ୟକାରିତା ସମୟରେ ନିଛକ ବାସ୍ତବତା ଓ ଲୋକଙ୍କ ଜୀବନଜୀବିକା ପ୍ରତି ଆବଶ୍ୟକ ଦୃଷ୍ଟି ଦେବାକୁ ପଡ଼ିବ।

ଲେଖକଦ୍ୱୟ ଭାରତୀୟ ମାନବ ଆବାସ ପ୍ରତିଷ୍ଠାନ (ଆଇଆଇଏଚ୍‌ଏସ୍)ରେ କାର୍ଯ୍ୟରତ

# ଶସ୍ତା ଘର ତିଆରି ପାଇଁ ଅର୍ଥଯୋଗାଣ ବ୍ୟବସ୍ଥା

● ଚରଣ ସିଂହ

ପ୍ରାୟ ୨୭୦ ଶିଳ୍ପ ସହ ଆବାସର ସଂପର୍କ ଥିବାରୁ ଏହା ଯେ କୌଣସି ଦେଶର ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ଗୃହନିର୍ମାଣ ଉଦ୍ୟୋଗର ବିକାଶ ସହିତ ନିଯୁକ୍ତି ସୃଷ୍ଟିର ପ୍ରତ୍ୟକ୍ଷ ସଂପର୍କ ରହିଛି। ଏହା ମଧ୍ୟ ଜିଡିପି ଅଭିବୃଦ୍ଧି ଓ ଅର୍ଥନୀତିର ଉପଭୋଗବାଦ ନୀତି ସହ ସଂପୃକ୍ତ। ଆବାସ କ୍ଷେତ୍ରର ବିକାଶ ପାଇଁ ଦେଶରେ ଏକ ସୁବିକଶିତ ଆବାସ ଅର୍ଥଲଗାଣ ବଜାର ନିର୍ମାଣର ଆବଶ୍ୟକତା ରହିଛି। ଅନ୍ୟାନ୍ୟ ରାଷ୍ଟ୍ର ତୁଳନାରେ ଭାରତରେ ଆବାସ ଅର୍ଥ ଲଗାଣ ବଜାର ପଛୁଆ ତଥା ପ୍ରାରମ୍ଭିକ ଅବସ୍ଥାରେ ଅଛି। ଆବାସ ଅର୍ଥ ଲଗାଣ ଖାତାର ଅଭୁକ୍ତ (ଆଉଟ୍‌ଷ୍ଟାଣ୍ଡିଂ) ଅର୍ଥର ପରିମାଣ ଭାରତରେ ଏହାର ଜିଡିପିର ୮ ଶତାଂଶ। ଚୀନ୍‌ରେ ଏହି ହାର ୧୨, ମାଲେଆରେ ୨୭, ସ୍ପେନ୍‌ରେ ୪୬ ଏବଂ ଆମେରିକାରେ ୮୦ ଶତାଂଶ।

ସହରାୟନର ବିକାଶ ଫଳରେ ଆବାସ ଅର୍ଥ ଲଗାଣ ବଜାରର ଆକାର ବଢ଼ିବା ଆଶା କରାଯାଏ। ଭାରତରେ ସହରାୟନ ପ୍ରକ୍ରିୟା ଦ୍ରୁତତର ହୋଇଛି। ୨୦୧୧ରେ ଏ କ୍ଷେତ୍ରର ଅଭିବୃଦ୍ଧି ୩୧ ଶତାଂଶ ଥିବାବେଳେ ୨୦୩୦ ସୁଦ୍ଧା ୪୧ ଶତାଂଶରେ ପହଞ୍ଚିବ ବୋଲି ଆଶା କରାଯାଉଛି। ୨୦୧୧ରେ ଭାରତରେ ୩୬କୋଟି ଲୋକ ସହରାଞ୍ଚଳରେ ବାସ କରୁଥିବାବେଳେ ୨୦୩୦ରେ ୬୦କୋଟି ଲୋକ ସହରାଞ୍ଚଳରେ ବସବାସ କରିବେ ବୋଲି ହିସାବ କରାଯାଇଛି। ଅତଏବ ଯୋଗାଣ ଓ ଚାହିଦା ମଧ୍ୟରେ ଏକ୍ଷେତ୍ରରେ ଏକ ଉତ୍ତମ ସମନ୍ୱୟ ଓ ନୀତି ରହିବା ଆବଶ୍ୟକ। ସେଥିପାଇଁ ଆବଶ୍ୟକ ଅର୍ଥ ଯୋଗାଣର ବ୍ୟବସ୍ଥା ମଧ୍ୟ ଜରୁରୀ। ଦେଶ ପାଇଁ ଉଚିତ ମୂଲ୍ୟର ଆବାସ ନିର୍ମାଣ ଏକାନ୍ତ ଅପରିହାର୍ଯ୍ୟ। ଏଥିପାଇଁ ଏକ ସମତୁଲ ଓ ନିରନ୍ତର ଅର୍ଥ ଲଗାଣ ବ୍ୟବସ୍ଥା ଓ ଢାଞ୍ଚା ରହିବା ଅପରିହାର୍ଯ୍ୟ। ଏବେ ଯେଉଁ ବଜାର ଭିତ୍ତିକ ଅର୍ଥ ଲଗାଣ ଢାଞ୍ଚା ଭାରତରେ ରହିଛି ତାହା ମୁଖ୍ୟତଃ ଉଚ୍ଚ ଆୟକାରୀ ବର୍ଗଙ୍କ ଆବଶ୍ୟକତା ପୂରଣ କରୁଛି। ଅନ୍ୟ ପକ୍ଷରେ ଆର୍ଥିକ ଦୁର୍ବଳ ଶ୍ରେଣୀ ଓ ସ୍ୱଳ୍ପ ଆୟକାରୀ ବର୍ଗ ତଥା ବସ୍ତିବାସିନ୍ଦାଙ୍କ ପାଇଁ ଗୃହନିର୍ମାଣ ଋଣ ସୁବିଧା ପାଇବା ସୁଯୋଗ ପ୍ରାୟତଃ ନାହିଁ।

ଚାହିଦା ଓ ଯୋଗାଣ ଅନୁପାତରେ ଭାରତରେ ଆବାସ ଅର୍ଥ ଲଗାଣ ବଜାର ଅତ୍ୟନ୍ତ ଜଟିଳ। ସହରାଞ୍ଚଳରେ ଜମିର ଅଭାବ ଏ କ୍ଷେତ୍ରରେ ଅଧିକ ସମସ୍ୟା ସୃଷ୍ଟି କରିଛି। ଆର୍ଥିକ ସ୍ୱଚ୍ଛଳତା ବଢ଼ିଲେ ଆବାସ ଆବଶ୍ୟକତା ବୃଦ୍ଧିପାଏ। ଆବାସ ନିର୍ମାଣ ଓ ଯୋଗାଣ କ୍ଷେତ୍ରରେ ଦେଶରେ ଅନେକ ନିର୍ମାତା (ବିଲ୍‌ଡର), ଡେଭଲପର, ନିର୍ମାଣକାରୀ କମ୍ପାନୀ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ କାର୍ଯ୍ୟ କରୁଛନ୍ତି। କେନ୍ଦ୍ର ଓ ପ୍ରାଦେଶିକ ସ୍ତରରେ ସମ୍ପୃକ୍ତ ସରକାର ଏ କ୍ଷେତ୍ରରେ ସହାୟକ ଭାବେ ମଧ୍ୟ କାର୍ଯ୍ୟରତ। ଭାରତୀୟ ରିଜର୍ଭବ୍ୟାଙ୍କ ଓ ନ୍ୟାସନାଲ ହାଉସିଂ ବ୍ୟାଙ୍କ ଏ ଦୁଇ ସଂସ୍ଥା ଏ କ୍ଷେତ୍ରରେ ନିୟନ୍ତ୍ରକ ଭାବେ କାର୍ଯ୍ୟ କରୁଛନ୍ତି। ଆବାସ ଅର୍ଥ ଲଗାଣ ବଜାରରେ ଦେଶୀ, ବିଦେଶୀ ବ୍ୟାବସାୟିକ ବ୍ୟାଙ୍କମାନେ ପ୍ରଭାବ ବିସ୍ତାର କରିଛନ୍ତି। ଏହା ସହିତ ସମବାୟ ବ୍ୟାଙ୍କ ଏବଂ ହାଉସିଂ ଫାଇନାନ୍ସ ବ୍ୟାଙ୍କମାନେ ମଧ୍ୟ ଏ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ସ୍ୱୟଂସହାୟକ ଗୋଷ୍ଠୀ, ମାଇକ୍ରୋ ଫାଇନାନ୍ସ କମ୍ପାନୀ, ଏନ୍‌ଜିଓ ଭଳି ଏକାଧିକ ସଂସ୍ଥା ମଧ୍ୟ ଏ କ୍ଷେତ୍ରରେ କାର୍ଯ୍ୟରତ। ରିଜର୍ଭ ବ୍ୟାଙ୍କ ବ୍ୟାବସାୟିକ ବ୍ୟାଙ୍କଗୁଡ଼ିକୁ ଏ କ୍ଷେତ୍ରରେ ନିୟନ୍ତ୍ରିତ କରୁଥିବାବେଳେ ସମବାୟ ବ୍ୟାଙ୍କ ସମୂହଙ୍କୁ ଆଂଶିକ ନିୟନ୍ତ୍ରଣ କରୁଛନ୍ତି। ସମବାୟ ବ୍ୟାଙ୍କ ସମୂହ ମୁଖ୍ୟତଃ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ। ହାଉସିଂ ଫାଇନାନ୍ସ କମ୍ପାନୀଗୁଡ଼ିକ ଜାତୀୟ ହାଉସିଂ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ।

**ଶସ୍ତା ଆବାସ:**

ଭାରତରେ ଶସ୍ତା ଆବାସ ନିର୍ମାଣ ନୀତି ସ୍ୱାଧୀନତା ଲାଭ ପରବର୍ତ୍ତୀ କାଳରେ ଆରମ୍ଭ ହୋଇଥିଲା। ଦେଶ ବିଭାଜନ ପରେ ଭାରତକୁ ପଳାଇ ଆସିଥିବା ଲକ୍ଷଲକ୍ଷ ଶରଣାର୍ଥୀଙ୍କୁ ଥଇଥାନ ପାଇଁ ଶସ୍ତାରେ ଘର ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହା କରାଯାଇଥିଲା। ୧୯୫୭ରେ ଗ୍ରାମ୍ୟ ଆବାସ ଯୋଜନା ଆରମ୍ଭ ହେଲା ଏବଂ ଲୋକଙ୍କୁ ଋଣ ଦେବା ପାଇଁ ସମବାୟ ସମିତିକୁ ଅଧିକୃତ କରାଗଲା। ଏହାପରେ ୧୯୭୦ ଦଶକରେ ଘରଡିହ ଯୋଗାଣ ଓ ଘର ନିର୍ମାଣ ନୀତି ପ୍ରଚଳନ କରାଗଲା ପରେ ୧୯୭୪ରେ ଏହି କାର୍ଯ୍ୟକୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତରିତ କରାଯାଇଥିଲା। ୧୯୮୫ରେ ଇନ୍ଦିରା ଆବାସ ଯୋଜନା ଆରମ୍ଭ ହେଲା। ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା ଗ୍ରାମ୍ୟ ଓ ଭୂମିହୀନ ନିଯୁକ୍ତି (୧୯୮୦ ଓ ୧୯୮୩) ଯୋଜନାରୁ ଏହି ଆବାସ ନିର୍ମାଣ ଯୋଜନାର ପରିକଳ୍ପନା ଆସିଥିଲା। ଏବେ କେନ୍ଦ୍ର ସରକାର ୨୦୨୨ ସୁଦ୍ଧା ସବୁ ବାସହୀନଙ୍କୁ ଘର ଯୋଗାଇ ଦେବାକୁ 'ସମସ୍ତଙ୍କ ପାଇଁ ଘର' ଯୋଜନା ଆରମ୍ଭ କରିଛନ୍ତି। ଏହା ୨୦୧୫ ଜୁନ୍ ୨୫ରୁ କାର୍ଯ୍ୟକାରୀ ହୋଇଛି। ଏଥିରେ ୨୦୨୨ ସୁଦ୍ଧା ଦେଶର ସହରାଞ୍ଚଳରେ ୨ କୋଟି ଅତିରିକ୍ତ ଘର ନିର୍ମାଣ କରିବାର ଲକ୍ଷ୍ୟ ରହିଛି। ଗ୍ରାମାଞ୍ଚଳରେ ଏହି ଯୋଜନା (ଏଚ୍‌ଏ-୨୨) ୨୦୧୬ ଏପ୍ରିଲ ପହିଲାରୁ ଆରମ୍ଭ ହୋଇଛି। ୨୦୨୨ ସୁଦ୍ଧା

ଗ୍ରାମାଞ୍ଚଳରେ ୩କୋଟି ପକ୍କା ଘର ନିର୍ମାଣ କରିବାକୁ ଏଥିରେ ଲକ୍ଷ୍ୟ ରଖାଯାଇଛି।

ଶସ୍ତା ଘର ଯୋଜନାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ। ଏହା ଉଭୟ ସହର ଓ ଗ୍ରାମାଞ୍ଚଳ ପାଇଁ ଉଦ୍ଦିଷ୍ଟ। ଏଥିରେ ମଧ୍ୟ ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ସେହି ସ୍ଥାନରେ ପୁନଃ ଥଇଥାନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ଘରୋଇ ସହଯୋଗରେ ବସ୍ତିବାସିନ୍ଦା ରହୁଥିବା ଜମି ଉପରେ ପକ୍କା ଘର ନିର୍ମାଣ କରିବା ଏହି ଯୋଜନାର ଏକ ବିଶେଷତ୍ୱ। ଏଥିରେ ଅର୍ଥନୈତିକ ଅନଗ୍ରସର ଶ୍ରେଣୀ ଓ ନିମ୍ନଆୟକାରୀ ବର୍ଗଙ୍କ ପାଇଁ ଋଣ ସଂଯୋଗ ଓ ରିଆତି ବ୍ୟବସ୍ଥା ଅଛି।

କେନ୍ଦ୍ର ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଅର୍ଥକୁ ସ୍ଥାନୀୟ ପୌର/ସ୍ୱାୟତ୍ତଶାସନ ସଂସ୍ଥା ଖର୍ଚ୍ଚ କରି ହିତାଧିକାରୀଙ୍କୁ ଘର ଯୋଗାଇ ଦେବାକୁ ଅଧିକୃତ। ଏହାର କାର୍ଯ୍ୟକାରିତା ରାଜ୍ୟ ସରକାରଙ୍କ ମାଧ୍ୟମରେ କରିବାର ବ୍ୟବସ୍ଥା କରାଯାଇଛି।

**ଅନୁଷ୍ଠାନର ଭୂମିକା:**

ନୂଆ ବ୍ୟବସ୍ଥାରେ ସରକାର ଆଉ ଘର ଯୋଗାଣକାରୀ ହେବେ ନାହିଁ। ଏଣିକି ସରକାର ବଜାର ସୁବିଧାକାରୀ ବା ମାର୍କେଟ ଫାସିଲିଟେଟର ଦାୟିତ୍ୱ ନିର୍ବାହ କରିବେ। ଐତିହାସିକ ଦୃଷ୍ଟିରୁ ଦେଖିଲେ ୧୯୫୧ରେ ଆରମ୍ଭ ହୋଇଥିବା ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ଆବାସ ଉଦ୍ୟୋଗକୁ ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଇଥିଲା। ତେଣୁ ଜାତୀୟ ନିର୍ମାଣ ପ୍ରତିଷ୍ଠାନ (ଏନ୍‌ବିଓ) ୧୯୫୪ରେ ପ୍ରତିଷ୍ଠା କରାଗଲା। ପରେ ଏହି ଦାୟିତ୍ୱ ଜାତୀୟ ସହରାଞ୍ଚଳ ଗୃହ ନିର୍ମାଣ ନିଗମ (ହଡ଼କୋ) ଉପରେ ନ୍ୟସ୍ତ କରାଗଲା। ୧୯୮୮ରେ ପ୍ରତିଷ୍ଠା ହେଲା ଜାତୀୟ ହାଉସିଂ ବ୍ୟାଙ୍କ। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ଆବାସ ଉଦ୍ୟୋଗ ପାଇଁ ଅର୍ଥଯୋଗାଣର ବ୍ୟବସ୍ଥା କରିବା।

ଗୃହ ନିର୍ମାଣ ଉଦ୍ୟୋଗ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଟିକସ ରିଆତି ଯୋଗାଉଛନ୍ତି। ଋଣ ଗ୍ରହିତାଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଭିନ୍ନ ରାଜ୍ୟ ସରକାର ସ୍ୱତନ୍ତ୍ର ଆଇନ ପ୍ରଣୟନ କରିଛନ୍ତି। ଭଡ଼ା ଦେବା ଉଦ୍ଦେଶ୍ୟରେ ଗୃହ ନିର୍ମାଣକୁ ମଧ୍ୟ ପ୍ରୋତ୍ସାହିତ କରାଯାଉଛି। ରିୟଲ ଇଷ୍ଟେଟ ଉଦ୍ୟୋଗରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ପାଇଁ ମଧ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି। ଏଥିରେ ସହରାଞ୍ଚଳ ପାଇଁ ଶତପ୍ରତିଶତ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶର ବ୍ୟବସ୍ଥା କରାଯାଇଛି। ଟାଉନ୍‌ସିପ୍ ନିର୍ମାଣ, ଭିତ୍ତିଭୂମି ପ୍ରସ୍ତୁତି, ବିଭିନ୍ନ ପ୍ରକଳ୍ପର ନିର୍ମାଣ ଓ ଆବାସିକ ୟୁନିଟ୍ ନିର୍ମାଣ ପାଇଁ ସ୍ୱୟଂକ୍ରିୟ ବ୍ୟବସ୍ଥାରେ ଶତପ୍ରତିଶତ ବିଦେଶୀ ପୁଞ୍ଜି ଲଗାଣ ବ୍ୟବସ୍ଥା ହୋଇଛି।

ଭାରତୀୟ ରିଜର୍ଭବ୍ୟାଙ୍କ ଆବାସ କ୍ଷେତ୍ରରେ ଅନେକ ପଦକ୍ଷେପ ନେଇଛନ୍ତି। ନିଜ ଇନ୍‌କ୍ରିମେଣ୍ଟାଲ ଡିପୋଜିଟର ଏକ ନିର୍ଦ୍ଦିଷ୍ଟ ଅଂଶ ଆବାସ ଭଳି ଅଗ୍ରାଧିକାର କ୍ଷେତ୍ରରେ ବିନିଯୋଗ କରିବାକୁ ବ୍ୟାବସାୟିକ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ହାଉସିଂ ସୋସାଇଟି ଓ ନିର୍ମାତାମାନଙ୍କଠାରୁ ବଣ୍ଡ୍ ନେଇ ଋଣ ଅର୍ଥ ଯୋଗାଇ ଦେବାକୁ ବ୍ୟାବସାୟିକ ବ୍ୟାଙ୍କଗୁଡ଼ିକ ମଧ୍ୟ ଅନୁମତି ପାଇଛନ୍ତି। ବନ୍ଧକଭିତ୍ତିକ ପ୍ରତିଭୂତି ଓ ଆଉକେତେକ ବ୍ୟବସ୍ଥା ପ୍ରଚଳନ କରାଯାଇ ଏହି ଅଗ୍ରାଧିକାର କ୍ଷେତ୍ରରେ ଋଣ ଯୋଗାଣର ସ୍ୱତନ୍ତ୍ର ସୁବିଧା ବ୍ୟାଙ୍କଗୁଡ଼ିକୁ ଦିଆଯାଇଛି।

'ସମସ୍ତଙ୍କ ପାଇଁ ଘର' ଯୋଗାଣ ଲକ୍ଷ୍ୟ ଓ କାର୍ଯ୍ୟକ୍ରମକୁ ଆନ୍ତର୍ଜାତିକ ସଂସ୍ଥା ତଥା ସଂଗଠନମାନ ସମର୍ଥନ କରୁଛନ୍ତି। ଏ କ୍ଷେତ୍ରରେ ଭାରତ ସରକାରଙ୍କୁ ସବୁ ପ୍ରକାର ସମ୍ଭାବ୍ୟ ସାହାଯ୍ୟ ସହଯୋଗ କରିବାକୁ 'ୟୁଏନ୍‌ଡିପି' ପ୍ରତିଶ୍ରୁତିବଦ୍ଧ। ବିଶ୍ୱବ୍ୟାଙ୍କ ମଧ୍ୟ ଏଥିପାଇଁ ଭାରତକୁ ଜାତୀୟ ଗୃହନିର୍ମାଣ ବ୍ୟାଙ୍କ ଜରିଆରେ ଅର୍ଥ ଯୋଗାଉଛନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗରିବ ଓ ସ୍ୱଳ୍ପ ଆୟକାରୀ ବର୍ଗର ଲୋକେ କିପରି ଶସ୍ତା ଓ ସୁବିଧାରେ ଘରଖଣ୍ଡେ କରିପାରିବେ କିମ୍ବା କିଣିପାରିବେ।

**ଆନ୍ତର୍ଜାତିକ ଅନୁଭୂତି:**

ଭୂୟୋଦର୍ଶନ ବା ଅନୁଭବସିଦ୍ଧ ଅଧ୍ୟୟନ ଅନୁସାରେ ଆମେରିକା ଓ ୟୁରୋପରେ ଯେତେସବୁ ଆର୍ଥିକ ସଂକଟ ନିକଟ ଅତୀତରେ ଘଟିଯାଇଛି ସେଥିପାଇଁ ଆବାସ ଉଦ୍ୟୋଗ ଦାୟୀ। ଆବାସ ଅର୍ଥ ଲଗାଣର ପ୍ରତ୍ୟକ୍ଷ ସମ୍ପର୍କ ଗୋଟିଏ ଦେଶର ଆର୍ଥିକ ସ୍ଥିରତା ସହ ସଂପୃକ୍ତ। ଏହି

## ଋଣଭିତ୍ତିକ ରିଆତି ଯୋଜନା (କ୍ଲାସ୍)

ପିଏମ୍‌ୱାଇ (ସହରାଞ୍ଚଳ) ସମସ୍ତଙ୍କ ପାଇଁ ଘର-୨୨ ମିଶନ ଅନୁସାରେ ଆର୍ଥିକ ଅନଗ୍ରସର ଶ୍ରେଣୀ ଓ ସ୍ୱଳ୍ପ ଆୟକାରୀ ବର୍ଗ ଏବଂ ମଧ୍ୟମ ଆୟକାରୀ ବର୍ଗଙ୍କ ପାଇଁ ଋଣ ଭିତ୍ତିକ ରିଆତି ଯୋଜନା (କ୍ଲାସ୍) ଆରମ୍ଭ ହୋଇଛି। ଦେଶରେ ଆବାସର ଚାହିଦା ବଢ଼ାଇବା କ୍ଲାସ୍‌ର ଲକ୍ଷ୍ୟ। ଏହି ବ୍ୟବସ୍ଥା ଅନୁସାରେ ଗୃହ ନିର୍ମାଣ, କ୍ରୟ, ସମ୍ପତ୍ତି କ୍ରୟ, ଗୃହର ସଂପ୍ରସାରଣ ବା ପରିବର୍ଦ୍ଧନ, ପୁରୁଣା ଘର ପାଇଁ ଶୌଚାଳୟ ଓ ରୋଷେଇ ଘର ନିର୍ମାଣ ଆଦି ଏହାର ଅନ୍ତର୍ଭୁକ୍ତ। ଏଥିପାଇଁ ଉଦ୍ଦିଷ୍ଟ ଋଣ ଉପରେ ଗରିବ ଓ ନିମ୍ନ ଆୟକାରୀ ବର୍ଗଙ୍କ ନିମନ୍ତେ ୬.୫ ଶତାଂଶ ସୁଧ ରିଆତି ବ୍ୟବସ୍ଥା ଥିବା ବେଳେ ଏମଆଇଜି-୧ ବର୍ଗଙ୍କ ପାଇଁ (୧୨ ଲକ୍ଷରୁ କମ୍ ଆୟ) ୪ ଶତାଂଶ ଓ ୧୨ରୁ ୧୮ ଲକ୍ଷ ପର୍ଯ୍ୟନ୍ତ ଆୟକାରୀ ବର୍ଗଙ୍କ (ଏମ୍‌ଆଇଜି-୨) ପାଇଁ ସୁଧ ରିଆତି ୩ ଶତାଂଶ ଦେବାର ବ୍ୟବସ୍ଥା ଅଛି। ତେବେ ଆର୍ଥିକ ଅନଗ୍ରସର / ସ୍ୱଳ୍ପ ଆୟକାରୀ ବର୍ଗଙ୍କ ପାଇଁ ସର୍ବୋଚ୍ଚ ୬ ଲକ୍ଷ ଟଙ୍କାର ଋଣ ଉପରେ ରିଆତି ଦେବାର ବ୍ୟବସ୍ଥା ହୋଇଥିବା ବେଳେ ଏମ୍‌ଆଇଜି-୧ ବର୍ଗ ପାଇଁ ୯ ଲକ୍ଷ ଓ ଏମ୍‌ଆଇଜି-୨ ବର୍ଗଙ୍କ ପାଇଁ ସର୍ବାଧିକ ୧୨ଲକ୍ଷ ଟଙ୍କା ଉପରେ ରିଆତି ପ୍ରଦାନ ବ୍ୟବସ୍ଥା ରହିଛି। ସମସ୍ତଙ୍କ ପାଇଁ ଘର ଯୋଜନାରେ ଅବିବାହିତ କର୍ମଜୀବୀ ମହିଳା, ବିଧବା, ସଫେଇ କର୍ମଚାରୀ, ତୃତୀୟ ଲିଙ୍ଗ ଓ ଭିନ୍ନକ୍ଷମଙ୍କୁ ଅଗ୍ରାଧିକାର ଦିଆଯାଇଛି।

*(ସୂତ୍ର : ଗୃହ ନିର୍ମାଣ ଓ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରଣାଳୟ, ଭାରତ ସରକାର)*



କ୍ଷେତ୍ରର ସମୃଦ୍ଧି ଓ ମାନ୍ଦାବସ୍ଥା ବ୍ୟବସ୍ଥିତ ଆର୍ଥିକ ସ୍ଥିତି ସହ ଜଡ଼ିତ । ସ୍ପେନ୍, ଆମେରିକା, ଆୟାରଲାଣ୍ଡ ଏବଂ ବ୍ରିଟେନର ନିକଟ ଅତୀତର ଘଟଣାବଳୀ ପଛରେ ରହିଛି ମାତ୍ରାଧିକ ଆବାସ ନିର୍ମାଣ କାର୍ଯ୍ୟକ୍ରମର କୁଫଳ । ଏହି କ୍ଷେତ୍ରରେ ମାତ୍ରାଧିକ କାର୍ଯ୍ୟକଳାପ ଓ ଅର୍ଥ ଲଗାଣକୁ ସେଠାକାର ଅର୍ଥନୀତି ସମ୍ଭାଳି ପାରିନାହିଁ । ଫଳରେ ଶ୍ରମଶକ୍ତି ଓ ପୁଞ୍ଜିର ଅପଚୟ ଘଟିଛି ଏବଂ ବ୍ୟାଙ୍କସମୂହ ସଂକଟର ସମ୍ମୁଖୀନ ହୋଇଛନ୍ତି । ପ୍ରଚୁର ପୁଞ୍ଜି ବିନିଯୋଗରେ ଗଢ଼ିଉଠିଥିବା ଆବାସ ଉଦ୍ୟୋଗ ପାଇଁ ଆବଶ୍ୟକ କ୍ରେତା ନାହାନ୍ତି । ଚାହିଦାକୁ ଯୋଗାଣ ବଳିପଡ଼ିଛି । ସେହିପରି ଏହି କ୍ଷେତ୍ରର ମନ୍ଥରତା ଓ ନୈରାଶ୍ୟ ଯୋଗୁଁ ଗୁରୁତର ଆର୍ଥିକ ମାନ୍ଦାବସ୍ଥା ସୃଷ୍ଟି ହୋଇଛି । ଅତଏବ ଗୃହନିର୍ମାଣ ଉଦ୍ୟୋଗ ପାଇଁ ଅର୍ଥ ଯୋଗାଉଥିବା ବଜାରର ଉଚିତ ମୂଲ୍ୟାୟନ କରାଯିବା ଉଚିତ ।

ବିକଶିତ ରାଷ୍ଟ୍ରସମୂହରେ ଗୃହନିର୍ମାଣ ଅର୍ଥଲଗାଣକାରୀ ବଜାରର ଇତିହାସ ୨୦୦ ବର୍ଷରୁ ଅଧିକ ପୁରୁଣା । ୧୭୯୫ରେ ଡେନିସ୍ ମଡ଼୍‌ଗେଜ୍ ଲେଣ୍ଡିଂ ସିଷ୍ଟମ ଆରମ୍ଭ ହୋଇଥିଲା । ୧୭୬୯ରେ ଆରମ୍ଭ ହୋଇଥିଲା ଜର୍ମାନ ସିଷ୍ଟମ । ତୁଳନାତ୍ମକ ଭାବେ ଉଦୟମାନ ବଜାରସମୂହରେ ଅଳ୍ପକାଳ ପୂର୍ବରୁ ଏହି ବଜାର କାର୍ଯ୍ୟ କରିବା ଆରମ୍ଭ କଲା । ବିକଶିତ ରାଷ୍ଟ୍ରସମୂହରେ ଆବାସ ଅର୍ଥ ଲଗାଣର ପ୍ରମୁଖ ବୈଶିଷ୍ଟ୍ୟ ହେଲା ବଣ୍ଡ୍ ଓ ବନ୍ଧକ ଭିତ୍ତିକ ସିକୁରିଟି ବା ପ୍ରତିଭୂତି । ଏଥିରେ ଏଲ୍‌ଟିଭି ଅନୁପାତ ୮୦ ଶତାଂଶ ବା ଅଧିକ ଏବଂ ଋଣ ମିଆଦ ୨୦ବର୍ଷ ବା ତତୋଽଧିକ । ଅଧିକାଂଶ ଘଟଣାରେ ଗୃହ ଋଣର ସୁଧ ହାର ନମନୀୟ ଏବଂ ଜୋରିମାନା ସହ ଦେୟ ଆଦାୟ କରାଯାଇଥାଏ । ଆମେରିକାକୁ ଛାଡ଼ି ଅନ୍ୟ ଅତି ବିକଶିତ ରାଷ୍ଟ୍ରସମୂହରେ ସ୍ୱଳ୍ପ ଆୟକାରୀ ବର୍ଗର ଲୋକଙ୍କୁ ଘର ଯୋଗାଇବା ପାଇଁ ସରକାରୀ ନୀତି ନିୟମ ରହିଛି । ତେବେ ୟୁରୋପରେ ଏକ ଅନନ୍ୟ ବ୍ୟବସ୍ଥା ଅଛି ଯେଉଁଠି ଚୁକ୍ତିଭିତ୍ତିକ ସଞ୍ଚୟକୁ ଗୃହଋଣ ଉଦ୍ଦେଶ୍ୟରେ ସବ୍‌ସିଡି ଆକାରରେ ବ୍ୟବହାର କରି କ୍ରେତାକୁ ତାହାର ଲାଭ ଯୋଗାଇ ଦିଆଯାଏ । ଉଦୟମାନ ରାଷ୍ଟ୍ରସମୂହରେ ଆବାସ କ୍ଷେତ୍ର ପାଇଁ ବ୍ୟାଙ୍କ ହିଁ ମୁଖ୍ୟ ଋଣ ପ୍ରଦାନକାରୀ । ତେବେ ଅନେକ ଦେଶରେ ଏଥିପାଇଁ ବଣ୍ଡ୍‌କୁ ଗ୍ରହଣ କରାଯାଏନାହିଁ । ସେହିଭଳି ବନ୍ଧକଭିତ୍ତିକ ପ୍ରତିଭୂତିକୁ ମଧ୍ୟ ଅନେକ ରାଷ୍ଟ୍ର ଗ୍ରହଣ କରନ୍ତି ନାହିଁ । ତେବେ ଏସବୁ ଦେଶରେ ଏହି ଉଦ୍ୟୋଗ ପାଇଁ ଋଣ ଉପରେ ସୁଧ ହାର ନମନୀୟ । ଗୃହ ଋଣ ଉପରେ ସବ୍‌ସିଡି, ଟିକସ ରିଆତି ଓ ଭବିଷ୍ୟନିଧିରୁ ଟଙ୍କା ଆଗୁଆ ଉଠାଣର ବ୍ୟବସ୍ଥା ଅଛି ।

ଆଗୁଆ ଅର୍ଥନୀତିରେ ଗୃହ ମାଲିକାନାକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ନିୟମିତ ଏ କ୍ଷେତ୍ରରେ ହସ୍ତକ୍ଷେପ କରନ୍ତି । ଆମେରିକା, ଜାପାନ, ଦକ୍ଷିଣ କୋରିଆ ଓ ଜର୍ମାନୀରେ ସରକାର ସବ୍‌ସିଡି ପ୍ରଦାନ କରି ଆବାସ ଅର୍ଥ ଲଗାଣ ବଜାରକୁ ସହାୟତା ଦେଇଥାନ୍ତି । ସେହିଭଳି ମାଲେସିଆରେ ସ୍ୱତନ୍ତ୍ର ବନ୍ଧକ ବ୍ୟବସ୍ଥା ଥିବାବେଳେ ବ୍ରାଜିଲ, ଚୀନ, ଇଣ୍ଡୋନେସିଆ, ସିଙ୍ଗାପୁର ଓ ଥାଇଲାଣ୍ଡରେ ସରକାର ବନ୍ଧକବଜାର (ମଡ଼୍‌ଗେଜ୍ ମାର୍କେଟ)ରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ।

ଆବାସ କ୍ଷେତ୍ର ପାଇଁ ବିଭିନ୍ନ ଦେଶରେ ନାନା ପ୍ରକାର ସ୍କିମ୍, କାର୍ଯ୍ୟକ୍ରମ ଓ ନୀତି ରହିଛି। ଏହାର ମୁଖ୍ୟ ଲକ୍ଷ୍ୟ ହେଲା ଲୋକଙ୍କ କ୍ରୟଶକ୍ତିକୁ ବିଚାରକୁ ନେଇ ଘର ଯୋଗାଇ ଦେବା। ଡେନ୍‌ମାର୍କ, ସିଙ୍ଗାପୁର ଓ ସୁଇଡେନ୍‌ରେ ସବୁ ନାଗରିକଙ୍କ ପାଇଁ ଶସ୍ତାରେ ଘର ଯୋଗାଣର ବ୍ୟବସ୍ଥା ରହିଛି। ଅନ୍ୟ ପକ୍ଷରେ ମାଲେସିଆ, କାନାଡ଼ା ଓ ଆମେରିକାରେ କେବଳ ନିମ୍ନ ଆୟକାରୀ ବର୍ଗଙ୍କ ପାଇଁ ଶସ୍ତା ଘର ଯୋଗାଣ ବ୍ୟବସ୍ଥା ଅଛି ଯାହା ସେସବୁ ଦେଶର ପାରମ୍ପରିକ ଆବାସ ବଜାରର ପରିସର ବାହାରେ। ଆମେରିକାରେ ଶସ୍ତା ଘର ପାଇଁ ସରକାର ସମସ୍ତ ଅର୍ଥ ବହନ କରନ୍ତି। କାନାଡ଼ାରେ ସ୍ଥାନୀୟ କର୍ତ୍ତୃପକ୍ଷ ଏଥିପାଇଁ ଅର୍ଥଯୋଗାଣରେ ବୃହତ୍ତର ଭୂମିକା ନିର୍ବାହ କରନ୍ତି। ଆମେରିକାରେ ନିମ୍ନ ଆୟକାରୀ ବର୍ଗଙ୍କ ପାଇଁ ଡେଭଲପର ଓ ବିଲ୍‌ଡର ନିର୍ଦ୍ଦିଷ୍ଟ ଭାବେ ନିଜ ପ୍ରକଳ୍ପର ଏକ ଅଂଶ ସଂରକ୍ଷିତ ରଖୁଥିବାବେଳେ କାନାଡ଼ାରେ ବିନା ଲାଭ ବିନା କ୍ଷତି ନୀତିରେ ବିଲ୍‌ଡର / ଡେଭଲପର ନିମ୍ନ ଆୟକାରୀ ବର୍ଗଙ୍କ ପାଇଁ ନିର୍ଦ୍ଦିଷ୍ଟ ପରିମାଣର ଘର ତିଆରି କରି ବିକନ୍ତି। ହଲାଣ୍ଡରେ ଏହି ବର୍ଗଙ୍କ ପାଇଁ ସରକାର ଘର ତିଆରି ନିମନ୍ତେ ଅର୍ଥ ଯୋଗାଇ ଦେଇଥାନ୍ତି।

ବାଂଲାଦେଶରେ ସରକାର ପୁନର୍ବାସ ଶିବିର ନିର୍ମାଣ ପାଇଁ ଆର୍ଥିକ ସହାୟତା ଯୋଗାଇଥାନ୍ତି। ଏହାଛଡ଼ା ଗ୍ରାମୀଣ ବ୍ୟାଙ୍କ ଓ ଅନ୍ୟାନ୍ୟ ମାଇକ୍ରୋ ଫାଇନାନ୍ସ ସଂସ୍ଥା ଗ୍ରାମାଞ୍ଚଳରେ ଘର ତିଆରି ପାଇଁ ଲୋକଙ୍କୁ ଋଣ ଦେଇଥାନ୍ତି। ମେକ୍ସିକୋରେ କର୍ମଚାରୀଙ୍କ ବେତନର ଏକ ନିର୍ଦ୍ଦିଷ୍ଟ ଅଂଶ ଶସ୍ତା ଘର ପାଇଁ ବାଧ୍ୟତାମୂଳକ ଭାବେ କାଟିରଖାଯାଏ।

**ଉପସଂହାର:**

ଭାରତରେ ଆବାସ ବଜାରରେ ଏକ ବଡ଼ ବ୍ୟବଧାନ ରହିଛି ଯାହା ମୁଖ୍ୟତଃ କେନ୍ଦ୍ର ସରକାରଙ୍କ ଦ୍ୱାରା ପୂରଣ ହେଉଛି। ଏବେ କେନ୍ଦ୍ର ସରକାର ଓ ରିଜର୍ଭ ବ୍ୟାଙ୍କ ଆବାସ ଉଦ୍ୟୋଗ ପାଇଁ ଅର୍ଥ ଲଗାଣ ବ୍ୟବସ୍ଥାକୁ ଅଧିକ ଉଦାର ଓ କୋହଳ କରିଛନ୍ତି। ଫଳରେ ଅନେକ ସଂସ୍ଥା ଏବେ ଏହି ବଜାରରେ ପ୍ରବେଶ କରିଛନ୍ତି। ତେବେ ଏମାନଙ୍କ ମଧ୍ୟରୁ କେତେକଙ୍କ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ନାହିଁ କିମ୍ବା ଏହାର ତଦାରଖ କେହି କରୁନାହାନ୍ତି। ବିଶ୍ୱ ଅନୁଭୂତି କହେ ଘରର ମୂଲ୍ୟ ଓ ଗୃହଋଣ ପରସ୍ପର ସହିତ ସଂପୃକ୍ତ। ଏଲଟିଭି ଅନୁପାତ ଓ ଗୃହମୂଲ୍ୟର ନିମ୍ନଗତିର ପରିସର ମଧ୍ୟରେ ଏକ ଅସ୍ତିବାଚକ ସମ୍ପର୍କ ରହିଛି। ବିଲ୍‌ଡର ଅଧିକ ଲାଭ ଆଶାରେ ଘରର ମୂଲ୍ୟବୃଦ୍ଧି ଘଟାଇଲେ ଏହାର ବିକ୍ରୟ ପ୍ରଭାବିତ ହୋଇଥାଏ। ସେହିଭଳି ଅନିୟନ୍ତ୍ରିତ ଉଦ୍ୟୋଗ ଯଦି ଗୃହଋଣ ଯୋଗାନ୍ତି, ତାହା ଅଧିକ ବିପଦ ସୃଷ୍ଟି କରିଥାଏ। ତେଣୁ ସବୁଠୁ ଭଲ ନୀତି ହେଲା ଏ କ୍ଷେତ୍ରରେ କଠୋର ମାନ ନିର୍ଦ୍ଧାରଣ, ଉପଯୁକ୍ତ ତଦାରଖ, ନିୟନ୍ତ୍ରଣ, ବିପଦ ପରିଚାଳନା ପ୍ରତି ଧ୍ୟାନ ଦେବାକୁ ହେବ।

ଘର କିଣିବା ବା ତିଆରି କରିବାରେ ସାଧାରଣତଃ ଲୋକେ ନିଜର ଜୀବନଯାକର ସଞ୍ଚୟ ଖଟାଇ ଥାନ୍ତି। ତେଣୁ ସରକାର ଉଭୟ କେନ୍ଦ୍ରୀୟ ଓ ପ୍ରାଦେଶିକ ସ୍ତରରେ ଗୃହ ନିର୍ମାଣ ଉଦ୍ୟୋଗ ପାଇଁ ଅର୍ଥ ଲଗାଣ କ୍ଷେତ୍ରରେ ଅଧିକ ସମ୍ବେଦନଶୀଳ ହେବା ଆବଶ୍ୟକ। ନିୟନ୍ତ୍ରକ, ତଦାରଖକାରୀଙ୍କ ଅଭାବରୁ ଏହି ଉଦ୍ୟୋଗର ଅର୍ଥ ଲଗାଣ ଓ ଅନ୍ୟାନ୍ୟ କାର୍ଯ୍ୟ ଅସ୍ୱଚ୍ଛ ଏବଂ ଦୁର୍ନୀତି ହେବା ସମ୍ଭାବନା ଅଧିକ। ନିର୍ମାଣରେ ବ୍ୟବହୃତ ସାମଗ୍ରୀର ମାନ ନିର୍ଦ୍ଧାରଣ, ଲିଜ୍ ଓ ଏଗ୍ରିମେଣ୍ଟ ବ୍ୟବସ୍ଥା ଓ ନିରାପତ୍ତା ତଥା ଗ୍ରାହକର ସ୍ୱାର୍ଥକୁ ସୁରକ୍ଷିତ କରିବା ପାଇଁ ନୀତି ନିୟମ ସ୍ପଷ୍ଟ ହେବା ଉଚିତ।

ଭବିଷ୍ୟତ ପାଇଁ ଯୋଜନା କରିବାର ଏହା ଏକ ଅତି ଜରୁରୀ ଆବଶ୍ୟକତା। ଭାରତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆସନ୍ତା ପାଞ୍ଚବର୍ଷରେ ପାଞ୍ଚକୋଟି ଘର ତିଆରି ହେବ। ସଦ୍ୟ ପ୍ରବର୍ତ୍ତିତ କ୍ଲାସସ୍କିମ୍ ବ୍ୟବସ୍ଥାରେ ଆର୍ଥିକ ଦୁର୍ବଳ, ନିମ୍ନଆୟକାରୀ ବର୍ଗ ଓ ମଧ୍ୟ ଆୟକାରୀ ବର୍ଗଙ୍କ ପାଇଁ ଅଧିକରୁ ଅଧିକ ଆବାସ ଚାହିଦା ସୃଷ୍ଟି ହେବ। ଏଥିପାଇଁ ଅର୍ଥ ଲଗାଣ ବ୍ୟବସ୍ଥା ସମ୍ପର୍କରେ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ଏହି ଅର୍ଥ ବ୍ୟାଙ୍କ ଯୋଗାଇବେ କିମ୍ବା ଅନ୍ୟ କେଉଁ ସଂସ୍ଥା ଦେବେ ତାହା ମଧ୍ୟ ସ୍ଥିର କରିବାକୁ ହେବ। ଯଦି ଅନ୍ୟ ଉତ୍ସରୁ ଅର୍ଥ ଆସିବ ତେବେ ସେ ଉତ୍ସ କିଏ ଏବଂ ସେମାନଙ୍କୁ କିଏ ନିୟନ୍ତ୍ରିତ ଓ ତଦାରଖ କରିବ ତାହା ଚୂଡ଼ାନ୍ତ କରିବାକୁ ପଡ଼ିବ। ଏଥିରେ ମାଇକ୍ରୋ ଫାଇନାନ୍ସ ଓ ଲୋକାଲ ବଡି ସଂପୃକ୍ତ ହେବେ କି ନାହିଁ ତାହାକୁ ମଧ୍ୟ ପରଖିବାକୁ ହେବ। ଆବାସ ନିର୍ମାଣ କ୍ଷେତ୍ରରେ ବ୍ୟବହୃତ ହେବାକୁ ଥିବା ବାଲି, ଗୋଡ଼ି, ସିମେଣ୍ଟ, ଲୁହାଛଡ଼, ବିଜୁଳି ଉପକରଣ ଓ କାଠ ଆଦିର ସଂଗ୍ରହ ଓ ଯୋଗାଣ ଆଦି ସମ୍ପର୍କରେ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶ ଭଳି ରାଜ୍ୟ ଯେଉଁଠି ଘରର ଅଭାବ ସର୍ବାଧିକ ସେଠାରେ ଆବାସ ପ୍ରକଳ୍ପ ନିର୍ମାଣ ପାଇଁ ଜମି ଯୋଗାଡ଼ କରିବା ଏକ ସମସ୍ୟା। ଏଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ହେବ।

ଶେଷରେ – ଆବାସ ଅର୍ଥ ଲଗାଣ ଜାତୀୟ ଅର୍ଥନୀତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିବାରୁ ହୁଡକୋ, ଏନ୍‌ଏଚ୍‌ଜି, ଏନବିଓ ଭଳି ଆବାସ ସଂକ୍ରାନ୍ତ ପ୍ରତିଷ୍ଠାନକୁ ଅଧିକ ମଜବୁତ ଓ ସୁସଂହତ କରିବାକୁ ପଡ଼ିବ। ଭାରତର ଆବାସ ନିର୍ମାଣ ଗବେଷଣାକୁ ବ୍ୟାପକ କରିବାକୁ ଏସବୁ ସଂସ୍ଥାଙ୍କୁ ପ୍ରୋତ୍ସାହିତ କରାଯିବା ଉଚିତ। ଏକ ଉଜ୍ଜ୍ୱଳ ଆବାସ ଉଦ୍ୟୋଗ ଜାତୀୟ ଅର୍ଥନୀତିକୁ ସୁଦୃଢ଼ କରୁଥିବା ଦୃଷ୍ଟିରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏ ଦିଗରେ ଉତ୍ତମ ଯୋଜନାମାନ ପ୍ରଣୟନ କରିବାର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ଅବହେଳା ଆର୍ଥିକ ମାନ୍ଦାବସ୍ଥା ସୃଷ୍ଟି କରିବା ସହ ବେକାରୀ ଓ ବିପର୍ଯ୍ୟୟ ସୃଷ୍ଟି କରିବ।

ଲେଖକ ବେଙ୍ଗାଲୁରୁସ୍ଥିତ ଭାରତୀୟ ପରିଚାଳନା ପ୍ରତିଷ୍ଠାନର ଅର୍ଥନୀତି ଓ ସମାଜ ବିଜ୍ଞାନ ବିଭାଗରେ କାର୍ଯ୍ୟରତ।

ଏହି ଲେଖା ପାଇଁ ଅଜୟ ପଇ ଗବେଷଣା ସହାୟତା ଯୋଗାଇଛନ୍ତି।

# ରିୟଲ ଇଷ୍ଟେଟ ନିୟନ୍ତ୍ରଣ, ବିକାଶ ଆଇନ ଓ ଗୃହ କ୍ରେତାଙ୍କ ସ୍ୱାର୍ଥ

● ଡକ୍ଟର ରଞ୍ଜିତ ମେହେଟ୍ଟା




ରିୟଲ ଇଷ୍ଟେଟ ଉଦ୍ୟୋଗର ନିୟନ୍ତ୍ରଣ, ଏହି କ୍ଷେତ୍ରର କାରବାରରେ ସ୍ୱଚ୍ଛତା ଆଣିବା ସହ ଖାଉଟିଙ୍କ ସ୍ୱାର୍ଥରକ୍ଷା ପାଇଁ ରାଜ୍ୟସଭାରେ ଏକ ବିଲ୍ ୨୦୧୬ ମାର୍ଚ୍ଚ ୧୦ ତାରିଖରେ ଗୃହୀତ ହୋଇଥିଲା। ଏହା ପରେ ବିଲ୍‌ଟି ଆଇନରେ ପରିଣତ ହେବା ପରେ ଏହା ୨୦୧୭ ମେ ପହିଲାରୁ ଜାମ୍ମୁକାଶ୍ମୀର ବ୍ୟତୀତ ସମଗ୍ର ଦେଶରେ ଲାଗୁ ହୋଇଛି। ଆଇନର ନାମ ହେଲା ରିୟଲ ଇଷ୍ଟେଟ୍ ନିୟନ୍ତ୍ରଣ ଓ ବିକାଶ ଆଇନ-୨୦୧୬ ବା 'ରେରା'। ଆଇନର ବ୍ୟବସ୍ଥା ଅନୁସାରେ ରିୟଲ ଇଷ୍ଟେଟ ପାଇଁ ଏକ ନିୟନ୍ତ୍ରକ ଓ ରାୟପ୍ରଦାନକାରୀ କର୍ତ୍ତୃପକ୍ଷ ଗଠନ କରାଯାଇଛି। ଜମିବାଡ଼ି ଓ କୋଠାବାଡ଼ି କ୍ରୟରେ ସ୍ୱଚ୍ଛତା ଆଣିବା ସହ ଖାଉଟିଙ୍କ ସ୍ୱାର୍ଥ ରକ୍ଷା ଏହାର ମୁଖ୍ୟ ଲକ୍ଷ୍ୟ।

ଏହି ଆଇନର ପ୍ରବର୍ତ୍ତନ ପୂର୍ବରୁ କ୍ରେତା ୧୯୮୬ ଖାଉଟି ସୁରକ୍ଷା ଆଇନର ପରିସରଭୁକ୍ତ ହେଉଥିଲେ। ତା' ନହେଲେ ସେ ଏ ସଂକ୍ରାନ୍ତ ବିବାଦକୁ ସିଭିଲ କୋର୍ଟରେ ଲଢ଼ିବାକୁ ସୁଯୋଗ ପାଉଥିଲେ। ସବୁ କଥାକୁ ଗୋଟିଏ ମାନଦଣ୍ଡରେ ବିଚାର କରିବା ପ୍ରାକୃତିକ ନ୍ୟାୟର ପରିପନ୍ଥୀ; ତେଣୁ ଜଣେ ଗୃହ କ୍ରେତାକୁ ନ୍ୟାୟ ଦେବା ପାଇଁ ଖାଉଟି ସୁରକ୍ଷା ଆଇନ ଉପଯୁକ୍ତ ନ ଥିଲା।

**ରେରାର ଆବଶ୍ୟକତା ଓ ଭାରତର ରିୟଲ ଇଷ୍ଟେଟ ଉଦ୍ୟୋଗ:**

ରିୟଲ ଇଷ୍ଟେଟ୍ ଉଦ୍ୟୋଗ ଚାରିଟି ଉପକ୍ଷେତ୍ରକୁ ନେଇ ଗଠିତ। ସେସବୁ ହେଲା ଆବାସ (ହାଉସିଂ) ଖୁଚୁରା (ରିଟେଲ) ଆତିଥ୍ୟ (ହସ୍‌ପିଟାଲିଟି) ଓ ବ୍ୟାବସାୟିକ (କମର୍ସିଆଲ) ଉଦ୍ୟୋଗ ପରିବେଶର ଅଭିବୃଦ୍ଧି ଓ ସହରାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳରେ କ୍ରମବର୍ଦ୍ଧିଷ୍ଣୁ ଅଫିସ ଏବଂ ଆବାସିକ ଆବଶ୍ୟକତା ପୂରଣ ପାଇଁ ଏ କ୍ଷେତ୍ରରେ ଚାହିଦା ଯଥେଷ୍ଟ ରହିଛି।

୨୦୨୨ ସୁଦ୍ଧା ଦେଶର ସବୁ ବାସହୀନଙ୍କୁ ଘର ଯୋଗାଇଦେବାକୁ ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସ୍ୱପ୍ନ ରହିଛି। ଲୋକଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ରିୟଲ ଇଷ୍ଟେଟ ଉଦ୍ୟୋଗକୁ ପ୍ରୋତ୍ସାହିତ କରିଛି। ଜୀବନକାଳ ମଧ୍ୟରେ ସହରରେ ମୁଣ୍ଡ ଗୁଞ୍ଜିବାକୁ ରୋଜଗାରିଆ ଲୋକମାନେ ଘର ଖଣ୍ଡେ କରିବାକୁ କିମ୍ବା କିଣିବାକୁ ବ୍ୟଗ୍ର। ଏକ ହିସାବ ଅନୁସାରେ ୨୦୧୯ ସୁଦ୍ଧା ଦେଶର ସହରାଞ୍ଚଳରେ ଆବାସ ଚାହିଦା ୧୫ ନିୟୁତ ବୃଦ୍ଧି ପାଇବ। କସ୍‌ମ୍ୟାନ୍ ୱେକ୍‌ଫିଲ୍ଡ ରିପୋର୍ଟ ଅନୁସାରେ ଦେଶର ଶୀର୍ଷ ଆଠଟି ସହର ମଧ୍ୟରୁ ଜାତୀୟ ରାଜଧାନୀ କ୍ଷେତ୍ର ଦିଲ୍ଲୀରେ ୩.୪ ନିୟୁତ ଅତିରିକ୍ତ ଘରର ଚାହିଦା



ଏହି ସମୟ ମଧ୍ୟରେ ସୃଷ୍ଟି ହେବ। ଏହାର ଅର୍ଥ କେବଳ ଦିଲ୍ଲୀ ଅଞ୍ଚଳରେ ୮୭୨,୦୦୦ ଘରର ଆବଶ୍ୟକତା ପଡ଼ିବ। ଏହି ସବୁ ଘରର ଆବଶ୍ୟକତା ସ୍ଥାନୀୟ ରାଜଧାନୀ କ୍ଷେତ୍ର, ଗୁରୁଗ୍ରାମ, ନଏଡ଼ା, ଗାଜିଆବାଦ ଓ ଫରିଦାବାଦ୍‌ରେ ଦେଖାଦେବ। ଶୀର୍ଷ ଆଠଟି ନଗରୀ ମଧ୍ୟରେ ୨୦୧୯ ସୁଦ୍ଧା ମଧ୍ୟ ଆୟକାରୀ ବର୍ଗର ଲୋକମାନେ ୪୧ ଶତାଂଶ ବା ୧୪ ଲକ୍ଷ ଘର ଲୋଡ଼ିବେ। ସେହିଭଳି ନିମ୍ନ ଆୟକାରୀ ବର୍ଗରୁ ୧୩ ଲକ୍ଷ ଘରର ଚାହିଦା ରହିବ। ଅର୍ଥନୀତି ପାଇଁ ରିୟଲ ଇଷ୍ଟେଟ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ଏହାର କାରଣ ହେଲା ଏହି କ୍ଷେତ୍ରରେ ନିଯୁକ୍ତିର ସମ୍ଭାବନା ଓ ସାମର୍ଥ୍ୟ ଅଧିକ। ଏହାଛଡ଼ା ଏହି ଉଦ୍ୟୋଗ ସରକାରଙ୍କ ପାଇଁ ରାଜସ୍ୱ ସୃଷ୍ଟି କରେ ଓ ପୁଞ୍ଜି ଆକର୍ଷଣରେ ସହାୟକ ହୋଇଥାଏ। ଏହା ଅତି ଦ୍ରୁତଗତିରେ ଅଭିବୃଦ୍ଧି ହାସଲ କରୁଥିବା ଉଦ୍ୟୋଗ ଯାହା ଜିଡିପିକୁ ୯.୫ ଶତାଂଶ ଆୟ ଯୋଗାଏ। ଏହି ଉଦ୍ୟୋଗ ଏବେ ଏକ ପ୍ରମୁଖ ନିଯୁକ୍ତି ସୃଷ୍ଟିକାରୀ କ୍ଷେତ୍ର ହୋଇଥିବାରୁ ୨୦୧୩ରୁ ୨୨ ମଧ୍ୟରେ ସର୍ବାଧିକ ମାନବ ସଂବଳ ଆବଶ୍ୟକ କରୁଥିବା କ୍ଷେତ୍ର ଭାବେ ଜାତୀୟ ଦକ୍ଷତା ବିକାଶ ନିଗମ ଦ୍ୱାରା ମାନ୍ୟତା ପାଇଛି।

ଭାରତୀୟ ରିୟଲ ଇଷ୍ଟେଟ ଉଦ୍ୟୋଗ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୨୬୫ଟି ସହାୟକ ଶିଳ୍ପ ସଂସ୍ଥା ସହ ସଂପୃକ୍ତ। ତେଣୁ ଏହି ଉଦ୍ୟୋଗ ଦେଶର ଅର୍ଥନୀତିକୁ ବିଶେଷ ଅବଦାନ ଯୋଗାଉଛି। ଏକଦା ବିକ୍ଷିପ୍ତ ଓ ଅସଂଗଠିତ ଥିବା ଏହି ଉଦ୍ୟୋଗ ଏବେ ଏକ ସଂଗଠିତ ଓ ସୁସଂହତ ଉଦ୍ୟୋଗରେ ରୂପାନ୍ତରିତ ହୋଇଛି। ସମଗ୍ର ବିଶ୍ୱରେ ଏହି ଉଦ୍ୟୋଗର ଗୁରୁତ୍ୱ ବୃଦ୍ଧି ପାଇଛି। ଭାରତରେ ଏହି କ୍ଷେତ୍ରର ବିକାଶ ବିଶ୍ୱ ପ୍ରେକ୍ଷାପଟରେ ଦେଶର ମର୍ଯ୍ୟାଦା ବଢ଼ାଇଛି। କାଳକ୍ରମେ ଏହି ଉଦ୍ୟୋଗରୁ ଲୋକେ ଅଧିକ ଦାୟିତ୍ୱବୋଧ ଆଶା କରୁଛନ୍ତି।

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବା ସମସ୍ତଙ୍କ ପାଇଁ ଘର ମିଶନ କାର୍ଯ୍ୟକ୍ରମ ସକାଶେ ଦେଶର ୩୦୫ ସହର ଓ ନଗରକୁ ଚିହ୍ନଟ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୨୦୨୨ ସୁଦ୍ଧା ସହରାଞ୍ଚଳ ଗରିବଙ୍କ ପାଇଁ ପ୍ରଥମ ପର୍ଯ୍ୟାୟରେ ୨ କୋଟି ଘର ତିଆରି କରିବାର ଲକ୍ଷ୍ୟ ରଖାଯାଇଛି। ସ୍ୱଳ୍ପ ମୂଲ୍ୟର ଘର ନିର୍ମାଣର ମାନଦଣ୍ଡରେ ପରିବର୍ତ୍ତନ କରାଯାଇଛି। ଆଗରୁ ଏହି ଘରର ମୋଟ ନିର୍ମାଣ ପରିସୀମା (ବିଲ୍ଟ ଅପ୍ ଏରିଆ) ୩୦ ଓ ୬୦ ବର୍ଗମିଟର ଥିଲା। ତାହାକୁ ଏବେ ବଢ଼ାଇ କାର୍ପେଟ ଏରିଆ ବା ଘରର ଆଭ୍ୟନ୍ତରୀଣ କ୍ଷେତ୍ରଫଳକୁ ୩୦ ଓ ୬୦ ବର୍ଗମିଟର କରାଯାଇଛି। ଏହାଦ୍ୱାରା ଉଭୟ ବିଲ୍ଡର ଓ କ୍ରେତା ଲାଭବାନ ହେବେ। କାର୍ପେଟ ଏରିଆ ବୃଦ୍ଧି ଫଳରେ ଲୋକଙ୍କୁ ଚଳିବା ପାଇଁ ସୁବିଧା ହେବ, ତେଣୁ ଏଭଳି ଘର କିଣିବାକୁ ଅଧିକ ଆଗ୍ରହ ପ୍ରକାଶ କରିବେ।

ତେବେ ଏହି ୩୦ ଓ ୬୦ ବର୍ଗମିଟର ବିଶିଷ୍ଟ କାର୍ପେଟ ଏରିଆର ଘର ସବୁ ଦୁଇ ବର୍ଗର ସହରରେ ନିର୍ମିତ ହେବ। ୩୦ ବର୍ଗ ମିଟର କାର୍ପେଟ ଏରିଆ ଘର ଦେଶର ଚାରିଟି ମହାନଗର ନିଗମ ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ହୋଇଥିବାବେଳେ ୬୦ବର୍ଗ ମିଟର ବିଶିଷ୍ଟ କାର୍ପେଟ ଏରିଆ ଘର ମହାନଗରୀର ସହରତଳି ଅଞ୍ଚଳ ଓ ଅନ୍ୟାନ୍ୟ ସହରରେ ନିର୍ମିତ ହେବ।





ଯେଉଁସବୁ ସହର ଓ ନଗରରେ ଏହି ଶସ୍ତା ଘର ତିଆରି ହେବ ସେଥିମଧ୍ୟରେ ମଧ୍ୟପ୍ରଦେଶର ୭୪, ଓଡ଼ିଶାରେ ୪୨, ରାଜସ୍ଥାନରେ ୪୦, ଛତିଶଗଡ଼ରେ ୩୬, ଗୁଜରାଟରେ ୩୦, ତେଲଙ୍ଗାନାରେ ୩୪, ଜାମ୍ମୁ ଓ କାଶ୍ମୀରରେ ୧୯ ଏବଂ କେରଳ ଓ ଝାଡ଼ଖଣ୍ଡରେ ୧୫ଟି ଲେଖାଏଁ ସହର ଅନ୍ତର୍ଭୁକ୍ତ। ଏଥିପାଇଁ ଯେଉଁସବୁ ରାଜ୍ୟ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି ସେଥିମଧ୍ୟରେ ଅଛନ୍ତି ଆନ୍ଧ୍ରପ୍ରଦେଶ, ବିହାର, ମଣିପୁର, ମିଜୋରାମ, ନାଗାଲାଣ୍ଡ, ଉତ୍ତରାଖଣ୍ଡ। ଏହି ମିଶନରେ ଏବେ ୨୯ ନିୟୁତ ନିଯୁକ୍ତି ସୃଷ୍ଟି ହେବାକୁ ଥିବାବେଳେ ୨୦୩୦ ସୁଦ୍ଧା ଏହି ନିଯୁକ୍ତି ସୁଯୋଗ ୩୮ ନିୟୁତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି।

ଏହି ପୃଷ୍ଠଭୂମିରେ ସରକାର 'ରେରା' ଆଇନ କାର୍ଯ୍ୟକାରୀ କରିଛନ୍ତି। ଏହି ଆଇନ ଗୃହକ୍ରେତାଙ୍କୁ ସୁରକ୍ଷା ଦେବା ସହ ଏଥିସହିତ ସଂପୃକ୍ତ ଉଦ୍ୟୋଗକୁ ନିୟନ୍ତ୍ରିତ ତଥା ସ୍ୱଚ୍ଛ କରିବାରେ ସହାୟକ ହେବ।

**ରେରାର କେତେକ ଗୁରୁତ୍ୱପୂର୍ଣ୍ଣ ଧାରା:**

- ଏହା ଉଭୟ ଆବାସିକ ଓ ବ୍ୟାବସାୟିକ ରିୟଲ ଇଷ୍ଟେଟ ନିୟନ୍ତ୍ରିତ କରିବାକୁ ଉଦ୍ଦିଷ୍ଟ।
- ଏହି ଆଇନରେ ଉଭୟ କେନ୍ଦ୍ରଶାସିତ ଅଞ୍ଚଳ ଓ ପ୍ରାଦେଶିକ ସ୍ତରରେ ରିୟଲ ଇଷ୍ଟେଟ୍ ନିୟନ୍ତ୍ରକ ପ୍ରାଧିକରଣ ଗଠନ କରାଯିବ।
- ପ୍ରାଧିକରଣ ନିକଟରେ ରିୟଲ ଇଷ୍ଟେଟ୍ ପ୍ରକଳ୍ପ ଓ ଏଜେଣ୍ଟ ମାନଙ୍କୁ ପଞ୍ଜୀକୃତ ହେବାକୁ ପଡ଼ିବ।
- ପ୍ରାଧିକରଣ ପାଖରେ ପଞ୍ଜୀକୃତ ପ୍ରକଳ୍ପ ସଂକ୍ରାନ୍ତ ସମସ୍ତ ତଥ୍ୟ ଯଥା ପ୍ରମୋଟର, ପ୍ରକଳ୍ପ, ଲେଆଉଟ୍ ପ୍ଲାନ୍, ଜମିର ସ୍ଥିତି, ଅନୁମୋଦନ, ଚୁକ୍ତିନାମା, ବିଲ୍ଡର, ଠିକାଦାର, ଷ୍ଟ୍ରକଚରାଲ ଇଂଜିନିୟରିଂ ଆଦି ସମ୍ପର୍କରେ ସବିଶେଷ ତଥ୍ୟ ରଖିବାକୁ ପଡ଼ିବ।
- ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅନୁମୋଦନ ବିନା କିମ୍ବା ନିୟନ୍ତ୍ରକଙ୍କଠାରୁ ଆଦେଶ ନ ପାଇ କୌଣସି ପ୍ରକଳ୍ପର ପ୍ରାକ୍ ଉଦ୍‌ଘାଟନ ହୋଇପାରିବ ନାହିଁ।
- ସବୁ ନିର୍ମାଣାଧୀନ ପ୍ରକଳ୍ପ ନିୟନ୍ତ୍ରକଙ୍କ ନିୟନ୍ତ୍ରଣରେ ରହିବ।
- ଯେଉଁ ପ୍ରକଳ୍ପ ୫୦୦ ବର୍ଗ ମିଟରରୁ ଅଧିକ ଏବଂ ଆଠଟି ଆପାର୍ଟମେଣ୍ଟରୁ ଊର୍ଦ୍ଧ୍ୱ ତାହା ନିୟନ୍ତ୍ରଣ ଆଇନର ପରିସରଭୁକ୍ତ। ଏହି ସୀମାକୁ ରାଜ୍ୟସରକାର ଚାହିଁଲେ କମାଇପାରିବେ।
- ବିଭ୍ରାନ୍ତିକର ବିଜ୍ଞାପନ କାରଣରୁ କୌଣସି ଖାଉଟି ଯଦି କ୍ଷତିଗ୍ରସ୍ତ ହୁଅନ୍ତି ତାଙ୍କୁ କ୍ଷତିପୂରଣ ପ୍ରଦାନ କରିବାର ବ୍ୟବସ୍ଥା ଆଇନରେ ଅଛି।
- ଡେଭେଲପର୍ସଙ୍କୁ ପାଞ୍ଚ ବର୍ଷ ପୂର୍ବରୁ ନିର୍ମାଣ କରିଥିବା ପ୍ରକଳ୍ପଗୁଡ଼ିକ ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ସଂକ୍ଷିପ୍ତ ସୂଚନା ଦେବାକୁ ହେବ। ସେଥିରୁ କେତେ ପୂର୍ଣ୍ଣାଙ୍ଗ ଓ କେତେ ନିର୍ମାଣାଧୀନ ତାହା ମଧ୍ୟ ଦର୍ଶାଇବାକୁ ପଡ଼ିବ। କ୍ରେତାଙ୍କ ସୁବିଧା ପାଇଁ ତଥ୍ୟକୁ ନିୟନ୍ତ୍ରକଙ୍କ ୱେବ୍‌ସାଇଟରେ ଦେଖାଇବାକୁ ପଡ଼ିବ।
- ଆଇନ ଅନୁସାରେ କାର୍ପେଟ ଏରିଆ ସଂକ୍ରାନ୍ତ ତଥ୍ୟ ପ୍ରକାଶ କରିବା ବାଧ୍ୟତାମୂଳକ।
- ନିର୍ମାତାଙ୍କୁ ପ୍ରକଳ୍ପ ନିର୍ମାଣ ଖର୍ଚ୍ଚ ଭରଣା କରିବାକୁ କ୍ରେତାଙ୍କଠାରୁ ସଂଗ୍ରହ କରିଥିବା ଘର ବିକ୍ରିବାବଦ ଅର୍ଥର ୭୦ ଶତାଂଶ ୧୫ ଦିନ ମଧ୍ୟରେ ଏକ

ତଫସିଲଭୁକ୍ତ ବ୍ୟାଙ୍କର ଏସ୍‌କ୍ରୋ ଆକାଉଣ୍ଟରେ ଜମା କରିବାକୁ ପଡ଼ିବ। ଏହାଦ୍ୱାରା ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ନିର୍ମାଣ ଶେଷ ହୋଇପାରିବ।

- ଆଇନରେ ବିବାଦ ସମାଧାନ ପାଇଁ ଫାଷ୍ଟଟ୍ରାକ୍ କୋର୍ଟ, ବିବାଦ ସମାଧାନ ମଞ୍ଚ ଓ ଆପିଲେଟ ଟ୍ରିବ୍ୟୁନାଲ ଗଠନର ବ୍ୟବସ୍ଥା ଅଛି।
- ରିୟଲ ଇଷ୍ଟେଟ୍ ସଂକ୍ରାନ୍ତ ମାମଲା ସିଭିଲ୍ କୋର୍ଟରେ ବିଚାର ହୋଇପାରିବ ନାହିଁ, ମାତ୍ର ଖାଉଟି ଅଦାଲତରେ ଏହି ମାମଲାର ଶୁଣାଣି ହୋଇପାରିବ। ଦେଶରେ ଏବେ ୬୪୪ ଖାଉଟି ଅଦାଲତ ରହିଛି। ଖାଉଟିଙ୍କ ପାଇଁ ମାମଲା ବିଚାରର ଏକାଧିକ ବିକଳ୍ପ ରହିଲେ ସେମାନଙ୍କୁ କମ୍ ବ୍ୟୟରେ ନ୍ୟାୟ ମିଳିପାରିବ।
- ପ୍ରକଳ୍ପର ଦୁଇ ତୃତୀୟାଂଶ କ୍ରେତାଙ୍କ ଅନୁମୋଦନ ବିନା ପ୍ରମୋଟର, ମୂଳ ପ୍ଲାନ୍ ଓ ଡିଜାଇନକୁ ବଦଳାଇପାରିବେ ନାହିଁ।
- ଯଦି ପ୍ରମୋଟର ତାଙ୍କ ସମ୍ପତ୍ତି ପଞ୍ଜିକୃତ ନ'କରନ୍ତି ତାହେଲେ ତାଙ୍କୁ ପ୍ରକଳ୍ପ ମୂଲ୍ୟର ୧୦ ଶତାଂଶ ଜୋରିମାନା ବାବଦରେ ପୈଠ କରିବାକୁ ପଡ଼ିବ। ସେ 'ରେରା' ନିୟମ ଉଲ୍ଲଙ୍ଘନ କଲେ କିମ୍ବା ନିୟାମକ କର୍ତ୍ତୃପକ୍ଷଙ୍କ ଆଦେଶ ନ ମାନିଲେ ତିନି ବର୍ଷ କାରାଦଣ୍ଡ ଭୋଗିବା ସହ ପ୍ରକଳ୍ପ ମୂଲ୍ୟର ଅତିରିକ୍ତ ୧୦ ଶତାଂଶ ଜୋରିମାନା ଦେବେ। ବିଲ୍ଡର ଯଦି ଆଇନ ଅମାନ୍ୟ କରନ୍ତି ତାଙ୍କୁ ମଧ୍ୟ ପ୍ରକଳ୍ପ ମୂଲ୍ୟର ପାଞ୍ଚ ଶତାଂଶ ଜୋରିମାନା ଆକାରରେ ଦେବାକୁ ପଡ଼ିବ। ବ୍ୟବସ୍ଥାଗତ ଉଲ୍ଲଙ୍ଘନ ପାଇଁ ଏଜେଣ୍ଟଙ୍କୁ ଦୈନିକ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ହେବ। ଏଜେଣ୍ଟ ଓ କ୍ରେତା ଟ୍ରିବ୍ୟୁନାଲ ଆଦେଶ ଅମାନ୍ୟ କଲେ କାରାଦଣ୍ଡରେ ଦଣ୍ଡିତ ହୋଇପାରିବେ। ଆଇନ ଅନୁସାରେ ତ୍ରୁଟି ବା ବିଳମ୍ବ କ୍ଷେତ୍ରରେ ଉଭୟ ପ୍ରମୋଟର ଓ କ୍ରେତାଙ୍କଠାରୁ ସମାନୁପାତିକ ଭାବେ ସୁଧ ଆଦାୟ କରାଯିବ। ଆଗରୁ ଏ କ୍ଷେତ୍ରରେ ପ୍ରମୋଟରଙ୍କୁ ଫାଇଦା ଓ କ୍ରେତାଙ୍କୁ ଅଧିକ ଅର୍ଥ ଦେବାକୁ ପଡୁଥିଲା।

> କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବା ସମସ୍ତଙ୍କ ପାଇଁ ଘର ମିଶନ କାର୍ଯ୍ୟକ୍ରମ ସକାଶେ ଦେଶର ୩୦୫ ସହର ଓ ନଗରକୁ ଚିହ୍ନଟ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୨୦୨୨ ସୁଦ୍ଧା ସହରାଞ୍ଚଳ ଗରିବଙ୍କ ପାଇଁ ପ୍ରଥମ ପର୍ଯ୍ୟାୟରେ ୨ କୋଟି ଘର ତିଆରି କରିବାର ଲକ୍ଷ୍ୟ ରଖାଯାଇଛି। ସ୍ୱଳ୍ପ ମୂଲ୍ୟର ଘର ନିର୍ମାଣର ମାନଦଣ୍ଡରେ ପରିବର୍ତ୍ତନ କରାଯାଇଛି।

- ପ୍ରକଳ୍ପ ଆବାସଗୁଡ଼ିକୁ କ୍ରେତାଙ୍କୁ ହସ୍ତାନ୍ତର କରିବାର ତିନିମାସ ମଧ୍ୟରେ ଏକ ଆବାସିକ ସଂଘ ଗଠନ ଅନିବାର୍ଯ୍ୟ କରାଯାଇଛି। ଏହା ଫଳରେ ପ୍ରକଳ୍ପର ଆବାସିକ ବ୍ୟକ୍ତିବିଶେଷ କମନହଲ, ଲାଇବ୍ରେରୀ ଓ ଅନ୍ୟାନ୍ୟ ସାଧାରଣ ସୁବିଧାସୁଯୋଗର ପରିଚାଳନା ନିଜେ କରିପାରିବେ। ଆବାସରେ ଯଦି କୌଣସି ନିର୍ମାଣଗତ ତ୍ରୁଟି ଥାଏ ତା'ହେଲେ ଘରକ୍ରେତା ପଜେସନର ଏକ ବର୍ଷ ମଧ୍ୟରେ ଡେଭେଲପରଙ୍କୁ ଡକାଇ ବିକ୍ରି ପରବର୍ତ୍ତୀ ସେବା ମାଧ୍ୟମରେ ତାହାର ମରାମତି ବା ପରିବର୍ତ୍ତନ କରାଇପାରିବେ।

'ରେରା' କାର୍ଯ୍ୟକାରୀ ହେବାପରେ କ୍ରେତା ଅନ୍‌ଲାଇନରେ ଏକ ପ୍ରକଳ୍ପ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବାର ସୁଯୋଗ ପାଇଛନ୍ତି। ପ୍ରକଳ୍ପର ନିର୍ମାଣ କାର୍ଯ୍ୟ, ଅଗ୍ରଗତି ଓ ମାନକୁ ସେମାନେ ଅନ୍‌ଲାଇନ୍‌ରେ ତଦାରଖ କରି ତ୍ରୁଟି ବିଚ୍ୟୁତି ଦେଖିଲେ ଆବଶ୍ୟକ ସ୍ଥଳେ କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ କରିପାରିବେ। ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ନିର୍ମାଣ ନ'ହେଲେ ତା'ବିରୋଧରେ ମଧ୍ୟ ଆଇନର ଆଶ୍ରୟ ନେଇହେବ। ପ୍ରାଦେଶିକ ସ୍ତରରେ ନିୟାମକ ଆୟୋଗ ଗଠନର ବ୍ୟବସ୍ଥା ହୋଇଥିବାରୁ ଉପଭୋକ୍ତା ସହଜ ଓ ସୁବିଧାରେ ଆବଶ୍ୟକସ୍ଥଳେ ନ୍ୟାୟ ପାଇଁ ଏହାର ଦ୍ୱାରସ୍ଥ ହୋଇପାରିବେ। ଯେଉଁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ନିକଟରେ ପଞ୍ଜିକୃତ ହୋଇଛି କେବଳ ତାହା ହିଁ ବିକ୍ରି ହୋଇପାରିବ।

ପ୍ରକଳ୍ପ ନିର୍ମାଣ ସହ ସଂପୃକ୍ତ ପ୍ରମୋଟର, ଡେଭେଲପର ଓ ବିଲ୍ଡରଙ୍କ କହିବା କଥା ହେଲା କର୍ତ୍ତୃପକ୍ଷ ଓ ମୌଳିକ ସେବା ଯୋଗାଣକାରୀ ବିଭାଗ ସମୂହ ଓ ସମୁଦାୟ ସହଯୋଗ ନ' କଲେ ଧାର୍ଯ୍ୟ ସମୟରେ ପ୍ରକଳ୍ପ ନିର୍ମାଣ ସମ୍ଭବ ହୋଇପାରିବ ନାହିଁ।

ଉପସଂହାରରେ କୁହାଯାଇପାରେ ଯେ 'ରେରା' ଆଇନ ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ସ୍ୱଚ୍ଛତା ଓ ବିଶ୍ୱସନୀୟତା ଆଣିବାରେ ସହାୟକ ହେବ। ଏହା ଫଳରେ ପ୍ରକଳ୍ପକୁ ପାଣ୍ଠି ଯୋଗାଣ ବଢ଼ିବ। ଏପର୍ଯ୍ୟନ୍ତ ରେରା ଆଇନ କାର୍ଯ୍ୟକାରିତା ସମ୍ପର୍କରେ ଓଡ଼ିଶା ସମେତ ୨୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ କର୍ତ୍ତୃପକ୍ଷ ବିଜ୍ଞପ୍ତି ଜାରି କରିସାରିଲେଣି। ଏହି କ୍ଷେତ୍ର ବ୍ୟବସ୍ଥିତ, ସ୍ୱଚ୍ଛ ଓ ଉତ୍ତରଦାୟୀ ହେଲେ ଜିଡିପିକୁ ଏହାର ଅବଦାନ ବଢ଼ିବ ଏବଂ ଅଧିକ କର୍ମ ନିଯୁକ୍ତି ପରିସର ସୃଷ୍ଟି ହେବ। ସବୁଠୁ ବଡ଼ କଥା ହେଲା ଘର କିଣିବାକୁ ଆଗ୍ରହୀ ଲୋକେ ଠକାମି ଓ ଅନ୍ୟାନ୍ୟ ଅସୁବିଧାର ସମ୍ମୁଖୀନ ହେବେ ନାହିଁ।

କେନ୍ଦ୍ର ସରକାରଙ୍କ ସମସ୍ତଙ୍କ ପାଇଁ ଘର ଯୋଜନା ନିମନ୍ତେ ବିପୁଳ ପାଣ୍ଠିର ଆବଶ୍ୟକତା ରହିଛି। ଏଥିପାଇଁ ଘରୋଇ ଉଦ୍ୟୋଗର ସହଯୋଗ ଅପରିହାର୍ଯ୍ୟ। ଏବେ ଅନେକ ରିୟଲ ଇଷ୍ଟେଟ କମ୍ପାନୀ ଋଣ ବୋଝରେ ଅଣନିଃଶ୍ୱାସୀ। ସେମାନଙ୍କୁ ମଧ୍ୟ ନୂଆ ଆଇନଗତ ବ୍ୟବସ୍ଥା ପାଣ୍ଠି ସଂଗ୍ରହରେ ସହାୟକ ହେବ। ସ୍ୱଚ୍ଛ ବ୍ୟବସାୟ ଦ୍ୱାରା ଉଭୟ ବିଲ୍ଡର ଓ କ୍ରେତା ଲାଭବାନ ହେବେ। ଏହି କ୍ଷେତ୍ରକୁ ଅଧିକ ବିଦେଶୀ ପୁଞ୍ଜି ଆସିବ। ତେବେ ଯେଉଁ ସରକାରୀ କର୍ତ୍ତୃପକ୍ଷ ପ୍ରକଳ୍ପ ମଞ୍ଜୁରୀ ପ୍ରଦାନ କରୁଛନ୍ତି ସେମାନଙ୍କ ପାଇଁ 'ରେରା' ଆଇନ ପ୍ରଯୁଜ୍ୟ ନୁହେଁ। ତେଣୁ ସେମାନେ ଅନୁମୋଦନ ଦେବାରେ ବିଳମ୍ବ କଲେ ପ୍ରକଳ୍ପ ନିର୍ମାଣ ବିଳମ୍ବିତ ହେବ।

ନୂଆ ବ୍ୟବସ୍ଥା ରିୟଲ ଇଷ୍ଟେଟ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବ ଏବଂ ଏହି କ୍ଷେତ୍ର ପୁନର୍ବାର ତେଜିୟାନ ହୋଇ ତା'ର କାର୍ଯ୍ୟ ଜାରି ରଖିବ ବୋଲି ଆଶା କରିବା ସ୍ୱାଭାବିକ।

**ଲେଖକ ପ୍ରମୁଖ ନିର୍ଦ୍ଦେଶକ, ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀଜ୍**

# ମହାତ୍ମା ଗାନ୍ଧୀଙ୍କ 'କର ବା ମର' ଆହ୍ୱାନ

● ଏ. ଅନ୍ନାମଲାଇ

ପ୍ରଧାନମନ୍ତ୍ରୀ ଗତ ଜୁଲାଇ ୩୦ ତାରିଖରେ ତାଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଅଗଷ୍ଟ ମାସର ମହତ୍ତ୍ୱ ବର୍ଣ୍ଣନା କରି ଏହାକୁ ବିପ୍ଳବର ମାସ ବୋଲି କହିଥିଲେ। ସେ କହିଥିଲେ, "ଆମେ ପିଲାଟିବେଳୁ ଏକଥା ସ୍ୱାଭାବିକ ଭାବେ ଶୁଣିଆସୁଛୁ ଏବଂ ଏହାର କାରଣ ହେଲା ଅସହଯୋଗ ଆନ୍ଦୋଳନ ୧୯୨୦ ଅଗଷ୍ଟ ପହିଲାରେ ଆରମ୍ଭ ହୋଇଥିଲା; ଭାରତଛାଡ଼ ଆନ୍ଦୋଳନ ଯାହା ଅଗଷ୍ଟକ୍ରାନ୍ତି ନାମରେ ପରିଚିତ ତାହା ମଧ୍ୟ ୧୯୪୨ ଅଗଷ୍ଟ ୯ ତାରିଖରେ ଆରମ୍ଭ ହୋଇଥିଲା ଏବଂ ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭ କରିଥିଲା। ଏପରି ଦେଖିଲେ ମୁକ୍ତି ସଂଗ୍ରାମର ଇତିହାସ ସହିତ ଜଡ଼ିତ ଅନେକ ଘଟଣା ଏହି ଅଗଷ୍ଟ ମାସରେ ହିଁ ଘଟିଥିଲା। ଚଳିତ ବର୍ଷ ଆମେ ଭାରତଛାଡ଼ ଆନ୍ଦୋଳନର ୭୫ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଛି। ତେବେ ଏହି 'ଭାରତ ଛାଡ଼' ସ୍ଲୋଗାନ କିଏ ତିଆରି କରିଥିଲେ ସେ ବିଷୟରେ ଖୁବ୍ କମ୍ ଲୋକ ଅବଗତ। ଡକ୍ଟର ୟୁସୁଫ୍ ମେହେର ଅଲି ଏହି 'ଭାରତ ଛାଡ଼' ସ୍ଲୋଗାନ ପ୍ରସ୍ତୁତ କରିଥିଲେ। ୧୯୪୨ ଅଗଷ୍ଟ ୯ ତାରିଖରେ କ'ଣ ଘଟିଥିଲା ସେ କଥା ଆମ ଯୁବ ପିଢ଼ି ଜାଣିବା ଉଚିତ।"

ପ୍ରଧାମନ୍ତ୍ରୀ ମଧ୍ୟ ଆହୁରି ଉଲ୍ଲେଖ କରିଥିଲେ ଯେ "ଭାରତର ଜନତା, ସେମାନଙ୍କର ଅଦମ୍ୟ ଇଚ୍ଛା ବଳରେ ଏକାଠି ହୋଇ ସ୍ୱାଧୀନତା ପାଇଁ ଲଢ଼େଇ କରିବା ସହ ଅକଥନୀୟ ଦୁଃଖ ଯନ୍ତ୍ରଣା ଭୋଗିଥିଲେ। ଇତିହାସର ଏହି ସବୁ ପୃଷ୍ଠା ଏକ ଗୌରବମୟ ଭାରତ ନିର୍ମାଣ ପାଇଁ ଆମ ନିମନ୍ତେ ପ୍ରେରଣାର ଉତ୍ସ। ଆମ ମୁକ୍ତି ଆନ୍ଦୋଳନର ନାୟକମାନେ ସେମାନଙ୍କର ଏକନିଷ୍ଠ ଭକ୍ତି ସହିତ ଏକ ତପସ୍ୟା କରିଥିଲେ ଦେଶ ମାତୃକାର ସ୍ୱାଧୀନତା ପାଇଁ। ସେମାନେ ଦୁଃଖଯନ୍ତ୍ରଣା ସହ୍ୟ କରିଥିଲେ, ଚରମ ତ୍ୟାଗ ପୂର୍ବକ ନିଜର ଜୀବନ ମଧ୍ୟ ଉତ୍ସର୍ଗ କରିବାକୁ ପଛାଇ ନ ଥିଲେ। ଏହାଠାରୁ ଅଧିକ ବଡ଼ ପ୍ରେରଣା ଆମ ପାଇଁ ଆଉ କ'ଣ ହୋଇପାରେ ? ଭାରତଛାଡ଼ ଆନ୍ଦୋଳନ ଭାରତୀୟ ମୁକ୍ତି ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।"

ଗାନ୍ଧିଜୀ ୧୯୪୨ରେ ଏକ ଐତିହାସିକ ଓ ଶକ୍ତିଶାଳୀ 'ଭାରତଛାଡ଼' ଆହ୍ୱାନ ଦେଇ ବ୍ରିଟିଶ ଶାସକଙ୍କର ମୁକାବିଲା କରିଥିଲେ। ଏଥିସହିତ ସେ ଜନତାଙ୍କୁ 'କର ବା ମର' ଆହ୍ୱାନ ଦେଇ ବ୍ରିଟିଶ ଶାସନ ବିରୋଧରେ ମତାଇଥିଲେ। ଗାନ୍ଧିଜୀ ୧୯୪୨ ଅଗଷ୍ଟ ଆଠ ତାରିଖରେ ବମ୍ବେଠାରେ ଏହି ଐତିହାସିକ ଆହ୍ୱାନ ଦେଇଥିଲେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ୧୯୩୯ରେ ଆରମ୍ଭ ହେଲା। ଭାରତର ତତ୍କାଳୀନ ଭାଇସରାୟ ଲିନ୍‌ଲିଥ୍‌ଗୋ ଭାରତର ନିର୍ବାଚିତ ପ୍ରାଦେଶିକ ସରକାରଙ୍କ ସହ ପରାମର୍ଶ ନ' କରି ୧୯୩୯ ସେପ୍ଟେମ୍ବର ୩ ତାରିଖରେ ବ୍ରିଟିଶ ଶାସକଙ୍କ ପକ୍ଷ ସମର୍ଥନ କରି ଜର୍ମାନୀ ବିରୋଧରେ ଯୁଦ୍ଧ ଘୋଷଣା କଲେ। କଂଗ୍ରେସ ଏହାର ଦୃଢ଼ ବିରୋଧ କଲା। କଂଗ୍ରେସ କାର୍ଯ୍ୟକାରୀ କମିଟିର ବୈଠକ ଡକାଗଲା। ବୈଠକରେ ନିଷ୍ପତ୍ତି ହେଲା ଯେ ଭାରତରେ ଏକ କେନ୍ଦ୍ରୀୟ ସରକାର ଗଠନ କରିବାକୁ ଅନୁମତି ମିଳିଲେ ଏହା ବ୍ରିଟିଶ ସରକାରଙ୍କୁ ଯୁଦ୍ଧରେ ସହଯୋଗ କରିବ। ଏଥିସହିତ ଯୁଦ୍ଧ ପରେ ଭାରତକୁ ସ୍ୱାଧୀନତା ଦେବାକୁ ବ୍ରିଟିଶ ସରକାରଙ୍କୁ ଅଙ୍ଗୀକୃତ ହେବାକୁ ପଡ଼ିବ।



ବ୍ରିଟିଶ ସରକାର କିନ୍ତୁ କଂଗ୍ରେସର ଏହି ପ୍ରସ୍ତାବ ପ୍ରତି କର୍ଣ୍ଣପାତ କଲେନାହିଁ। ଭାଇସରାୟ ଲିନ୍‌ଲିଥ୍‌ଗୋ ପରାମର୍ଶଦାତା କାର୍ଯ୍ୟ ସମ୍ପାଦନ ପାଇଁ କେବଳ ଏକ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ବିଭିନ୍ନ ରାଜ୍ୟରେ କ୍ଷମତାରେ ଥିବା କଂଗ୍ରେସ ସରକାର ୧୯୩୯ରେ ଇସ୍ତଫା ପ୍ରଦାନ କଲେ। ଏହି ସମୟରେ ଗାନ୍ଧିଜୀ ଅସ୍ପୃଶ୍ୟତାର ବିରୋଧ ଓ ଅନ୍ୟ କେତେକ ରଚନାତ୍ମକ କାର୍ଯ୍ୟରେ ବ୍ୟସ୍ତ ଥିଲେ। ତେବେ ଦେଶର ରାଜନୈତିକ ଦୃଶ୍ୟ ପଟରେ ସୃଷ୍ଟ ଏହି ବାଧ୍ୟବାଧକତାମୂଳକ ପରିସ୍ଥିତି ଗାନ୍ଧିଜୀଙ୍କୁ ପୁଣି ରାଜନୀତିକୁ ଫେରାଇ ଆଣିବାକୁ ବାଧ୍ୟ କଲା।

**ବ୍ରିଟିଶ, ଯୁଦ୍ଧ ଓ କଂଗ୍ରେସ**

ବ୍ରିଟିଶ ସରକାରଙ୍କ ପ୍ରସ୍ତାବରେ ଗାନ୍ଧିଜୀ ଓ କଂଗ୍ରେସ ସନ୍ତୁଷ୍ଟ ନ ଥିଲେ। ବ୍ରିଟିଶ ସରକାରଙ୍କ ପ୍ରସ୍ତାବ ଥିଲା ଯେ ଯୁଦ୍ଧ ପରେ ଭାରତୀୟମାନଙ୍କୁ ନେଇ ଏକ ପ୍ରତିନିଧି ସଭା ଗଠନ କରାଯିବ ଯାହା ଦେଶର ନୂଆ ସମ୍ବିଧାନ ପ୍ରସ୍ତୁତ କରିବ। ପୂର୍ଣ୍ଣ ସ୍ୱାଧୀନତା ଦାବି କରୁଥିବା ଗାନ୍ଧିଜୀ ବ୍ରିଟିଶ ପ୍ରସ୍ତାବରେ ଅସନ୍ତୋଷ ପ୍ରକାଶ କରି ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ କଲେ। ବ୍ୟକ୍ତିଗତ ସତ୍ୟାଗ୍ରହର ପରିସର ସୀମିତ ଓ ଏହା ପ୍ରତୀକାତ୍ମକ ତଥା ଅହିଂସା ଆଧାରିତ। ତେବେ ଏହି ବ୍ୟକ୍ତିଗତ ସତ୍ୟାଗ୍ରହରେ ଗାନ୍ଧିଜୀ ନିଜର କିଛି ନିର୍ଦ୍ଦିଷ୍ଟ ସହଯୋଗୀଙ୍କ ସମର୍ଥନ ଲୋଡ଼ିଲେ। ତାଙ୍କର ଉଦ୍ଦେଶ୍ୟ ଥିଲା ଯେ ସେମାନେ ବ୍ରିଟିଶ ସରକାରଙ୍କୁ ବିଶ୍ୱଯୁଦ୍ଧରେ ଭାରତର ସମର୍ଥନକୁ ଭୁଲ ବୋଲି ପ୍ରମାଣ କରି ସାଧାରଣରେ ବାର୍ତ୍ତା ପହଞ୍ଚାଇବା। ସବୁ ଲଢ଼େଇକୁ ଅହିଂସା ଉପାୟରେ ପ୍ରତିରୋଧ କରିବ। ବ୍ରିଟିଶ ସରକାରଙ୍କ ସପକ୍ଷରେ ବିଶ୍ୱଯୁଦ୍ଧରେ ଭାରତ ଯୋଗ ନ'ଦେବା ଥିଲା ଗାନ୍ଧିଜୀଙ୍କ ମୂଳ ଲକ୍ଷ୍ୟ। ହେଲେ ଉପନିବେଶବାଦୀ ବ୍ରିଟିଶ ସରକାର ଭାରତରୁ ଲୋକ ଓ ଅର୍ଥବଳ ଜବରଦସ୍ତ ନେଇ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ନିଜ ସମର୍ଥନରେ ବିନିଯୋଗ କରିଥିଲେ। ଫିରିଙ୍ଗି ସରକାରଙ୍କ ଏହି ନୀତି ବିରୋଧରେ ଦେଶବ୍ୟାପୀ ଜନସଚେତନତା ସୃଷ୍ଟି କରିପାରିବା ଭଳି ସତ୍ୟାଗ୍ରହୀ ବାଛିବାର ଦାୟିତ୍ୱ ମହାତ୍ମା ଗାନ୍ଧୀଙ୍କ ଉପରେ ମଧ୍ୟ ରହିଲା।

ଆଚାର୍ଯ୍ୟ ବିନୋବା ଭାବେ ପ୍ରଥମ ସତ୍ୟାଗ୍ରହୀଭାବେ ୧୯୪୦ ସେପ୍ଟେମ୍ବର ୧୭ରେ ୱାର୍ଦ୍ଧାରେ ସତ୍ୟାଗ୍ରହ ଆରମ୍ଭ କଲେ। ତାଙ୍କୁ ତୁରନ୍ତ ଗିରଫ କରାଯାଇ ତିନିମାସ ଜେଲ୍‌ଦଣ୍ଡ ଦିଆଗଲା। ଦ୍ୱିତୀୟ ସତ୍ୟାଗ୍ରହୀ ଥିଲେ ଜବାହରଲାଲ ନେହେରୁ ଏବଂ ତାଙ୍କୁ ମଧ୍ୟ ଚାରିମାସ କାରାଦଣ୍ଡ ମିଳିଥିଲା। ବ୍ୟକ୍ତିଗତ ସତ୍ୟାଗ୍ରହ ପ୍ରାୟ ୧୫ ମାସ ପର୍ଯ୍ୟନ୍ତ ଦେଶରେ ଚାଲିଥିଲା।

ସେତେବେଳେ ଦକ୍ଷିଣ ଏସିଆରେ ଜାପାନ ସେନାର ପରାକ୍ରମ ବୃଦ୍ଧି ପାଇଥିଲା ଏବଂ ସେମାନେ ନିରଙ୍କୁଶ ଭାବେ ଆଗକୁ ମାଡ଼ି ଚାଲିଥିଲେ। ଏହି ଘଟଣାରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଉଇନଷ୍ଟନ ଚର୍ଚ୍ଚିଲ ବିବ୍ରତ ହୋଇପଡ଼ିଲେ। ଜାପାନ ସେନାର ମୁକାବିଲା ପାଇଁ ପଦକ୍ଷେପ ନେବାକୁ ସେ ବାଧ୍ୟ ହେଲେ। ସେ ତାଙ୍କର ଯୁଦ୍ଧ ସମୟର ମନ୍ତ୍ରିପରିଷଦର ଲେବର ପାର୍ଟି ସହକର୍ମୀ ସାର୍ ଷ୍ଟାଫୋର୍ଡ କ୍ରିପ୍ସଙ୍କୁ ଭାରତ ପଠାଇଲେ। ସେ ଏକ ପ୍ରକାର ମଧ୍ୟସ୍ଥ ଦାୟିତ୍ୱ ତୁଲାଇବାକୁ ଦୂତ ଭାବରେ ଭାରତ ଆସିଲେ। ଏହା ପଛରେ ବ୍ରିଟିଶ ସରକାରଙ୍କ କୂଟନୈତିକ ଚତୁରତା ନିହିତ ଥିଲା। କ୍ରିପ୍ସ ଜଣେ ଶାକାହାରୀ ଓ ସମାଜବାଦୀ ଆଦର୍ଶର ବ୍ୟକ୍ତି ଥିଲେ। ଭାରତ ପ୍ରତି ମଧ୍ୟ ତାଙ୍କର କିଛି ଦରଦ ଥିଲା। ତେଣୁ ତାଙ୍କ ନେତୃତ୍ୱରେ ଗଠିତ ମିଶନ ଭାରତକୁ ପଠାଯିବା ପଛରେ ବ୍ରିଟିଶ ସ୍ୱାର୍ଥ ଅଗ୍ରାଧିକାର ପାଇଥିଲା। ଏହା କ୍ରିପ୍ସ ମିଶନ ଭାବେ ପରିଚିତ। ୧୯୪୨ ମାର୍ଚ୍ଚ ୨୨ରେ କ୍ରିପ୍ସ ଦିଲ୍ଲୀରେ ପହଞ୍ଚିଲେ। ସେ ଗାନ୍ଧିଜୀଙ୍କ ସମେତ ବହୁ ତୁଙ୍ଗ କଂଗ୍ରେସ ନେତାଙ୍କୁ ଭେଟିଲେ। କ୍ରିପ୍ସ ଯେଉଁ ପ୍ରସ୍ତାବ ଭାରତର ସ୍ୱାଧୀନତା ସମ୍ପର୍କରେ ଧରି ଆସିଥିଲେ ତାହାକୁ ଦେଖି ଗାନ୍ଧିଜୀ ହତାଶ ହେଲେ। ସେ ଏହି ପ୍ରସ୍ତାବକୁ 'ପୋଷ୍ଟ ଡେଟେଡ୍ ଚେକ୍' ବୋଲି କହିଲେ। ପରବର୍ତ୍ତୀ ପ୍ଲେନ୍‌ରେ ଲଣ୍ଡନ ଫେରିଯିବାକୁ ଅସନ୍ତୁଷ୍ଟ ଗାନ୍ଧିଜୀ, କ୍ରିପ୍ସଙ୍କୁ ପରାମର୍ଶ ଦେଲେ। ଏପ୍ରିଲ ୧୨ରେ କ୍ରିପ୍ସ ଖାଲି ହାତରେ ସ୍ୱଦେଶ ଫେରିଲେ।

**ବାସ୍ତବ ବିକଳ୍ପ**

ଗାନ୍ଧିଜୀଙ୍କ ମତିଗତି ଅନୁଧ୍ୟାନ କରିବା ପାଇଁ ଆମେରିକୀୟ ଲେଖକ ଲୁଇ ଫିଶର ସେତେବେଳେ ଭାରତ ଆସିଥିଲେ ଏବଂ ୱାର୍ଦ୍ଧାର ସେବାଗ୍ରାମରେ ରହୁଥିଲେ। ସେ ମଧ୍ୟ ଜିନ୍ନାଙ୍କ ସମେତ ବିଭିନ୍ନ ନେତାଙ୍କୁ ଭେଟୁଥିଲେ। ଗାନ୍ଧିଜୀ ଆମେରିକାର ରାଷ୍ଟ୍ରପତି ଫ୍ରାଙ୍କଲିନ୍ ଡି ରୁଜଭେଲ୍ଟଙ୍କ ପାଖକୁ ଖଣ୍ଡିଏ ଚିଠି ଲେଖି ତାହା ତାଙ୍କୁ ନିରାପଦରେ ଦେବାକୁ ଫିଶରଙ୍କୁ ଅନୁରୋଧ କଲେ। ଗାନ୍ଧିଜୀ ସେହି ଚିଠିରେ ଲେଖିଥିଲେ "ମୋ ପ୍ରସ୍ତାବକୁ ପୂରା ପକ୍କା କରିବା ପାଇଁ ମୁଁ ମିତ୍ର ଶକ୍ତିଙ୍କୁ ଏହି ପ୍ରସ୍ତାବ ଦେଉଛି ଯେ ସେମାନେ ଚାହିଁଲେ ନିଜର ସେନାଙ୍କୁ ନିଜ ଖର୍ଚ୍ଚରେ ଭାରତରେ ରଖିପାରିବେ। ଏହି ସେନା ମୁତୟନ ଭାରତର ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷା ପାଇଁ ନୁହେଁ; ବରଂ ଜାପାନୀ ଆକ୍ରମଣର ମୁକାବିଲା ଏବଂ ଚୀନର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ହେବା ଦରକାର। ଏଥିପାଇଁ ଭାରତର ସର୍ତ୍ତ ହେଲା ସେ ମଧ୍ୟ ପ୍ରଥମେ ମୁକ୍ତ ଓ ସ୍ୱାଧୀନ ହେବା ଦରକାର ଏବଂ ସେହି ସ୍ୱାଧୀନତା ଆମେରିକା ଓ ବ୍ରିଟେନର ସମକକ୍ଷ ହେବା ଉଚିତ୍। ଭାରତ ସହିତ ଚୁକ୍ତି କ୍ରମେ ମିତ୍ରଶକ୍ତିର ସୈନ୍ୟମାନେ ଭାରତରେ ସମୁଦାୟ ଯୁଦ୍ଧ ସମୟ ପର୍ଯ୍ୟନ୍ତ ରହିପାରିବେ। ମୁକ୍ତ ଭାରତର ଯେଉଁ ସରକାରକୁ ଦେଶବାସୀ ନିର୍ବାଚିତ କରିବେ, ତାହା ପ୍ରତ୍ୟକ୍ଷ ହେଉ କିମ୍ବା ପରୋକ୍ଷ, ବାହ୍ୟ ହସ୍ତକ୍ଷେପ ବିନା ଗଠିତ ଏହି ସରକାର ସହିତ ପ୍ରଥମେ ଚୁକ୍ତି କରିବାକୁ ହେବ।"

ଏହି ସମୟରେ ବ୍ରିଟିଶ ସରକାରଙ୍କ ପ୍ରଚାର କଳ ବେଶ୍ ସକ୍ରିୟ ଥିଲା। ଏହା ମାଧ୍ୟମରେ ବ୍ରିଟିଶ ସରକାର ଗାନ୍ଧି, ନେହେରୁ ଓ ଆଜାଦଙ୍କ ବିରୋଧରେ ଆମେରିକୀୟଙ୍କୁ ନାନାଦି ନକାରାତ୍ମକ ତଥ୍ୟ ଓ ଚିତ୍ର ପ୍ରଦାନ କଲେ। ଏହା ସତ୍ତ୍ୱେ ସେତେବେଳେ ଆମେରିକାର ଏକ ଗୋଷ୍ଠୀ ଗାନ୍ଧିଙ୍କ କାର୍ଯ୍ୟକ୍ରମ ଓ ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ସେମାନେ ମଧ୍ୟ ରାଷ୍ଟ୍ରପତିଙ୍କ ସହିତ ଏ ସମ୍ପର୍କରେ କଥାବାର୍ତ୍ତା କରିଥିଲେ।

**ଭାରତଛାଡ଼:**

୧୯୪୨ ଅଗଷ୍ଟ ସାତରେ ମହାତ୍ମା ଗାନ୍ଧି ଦେଇଥିବା ନିଜ ଭାଷଣରେ ବ୍ରିଟିଶ ସରକାରଙ୍କୁ ଭାରତ ଛାଡ଼ିବାକୁ ରାସ୍ତା ଦେଖାଇଥିଲେ। ତାହାର ଠିକ୍ ପରଦିନ ଆରମ୍ଭ ହେଲା ବ୍ରିଟିଶ ଶାସକଙ୍କ ବିରୋଧରେ ଭାରତଛାଡ଼ ଆନ୍ଦୋଳନ। ବ୍ରିଟିଶ ଶାସନର ଅବସାନ ପାଇଁ ଏହା ଥିଲା ଶେଷ ଆହ୍ୱାନ। ଗାନ୍ଧିଜୀ ନିଜ ଭାଷଣରେ ବ୍ରିଟିଶରାଜ ବିରୋଧରେ ଅହିଂସା ଆନ୍ଦୋଳନ ଆରମ୍ଭ କରିବାକୁ ମଧ୍ୟ ଡାକରା ଦେଇଥିଲେ। ମାତ୍ର ନିଜ ପଦକ୍ଷେପରେ ଗାନ୍ଧି ଅତ୍ୟନ୍ତ ସତର୍କ ଥିଲେ। ଭାରତ ଛାଡ଼ ଆନ୍ଦୋଳନ ପ୍ରସ୍ତାବ ଗୃହୀତ ହେବା ପୂର୍ବରୁ ସେ ଏହାର ପରିଚାଳନା ପାଇଁ ମଧ୍ୟ କେତେକ ସର୍ତ୍ତ ରଖିଥିଲେ। ଏଥିରେ ହିଂସା ଓ ଆକ୍ରୋଶ ଯେପରି ନ'ରହେ ସେଥିପ୍ରତି ସତର୍କ ରହିବାକୁ ସେ ପରାମର୍ଶ ଦେଇଥିଲେ।

ଏହି ଆନ୍ଦୋଳନରେ ବହୁ ସଂଖ୍ୟାରେ ଯୋଗଦେବାକୁ ଗାନ୍ଧିଜୀ ଲୋକମାନଙ୍କୁ ଆହ୍ୱାନ ଦେଇଥିଲେ। ସେ କହୁଥିଲେ, "ମୋ ଗଣତନ୍ତ୍ର ଅର୍ଥ ପ୍ରତ୍ୟେକ ବ୍ୟକ୍ତି ନିଜର ମୁନିବ। ମୁଁ ଅନେକ ଇତିହାସ ପଢ଼ିଛି; କିନ୍ତୁ ଅହିଂସା ଉପାୟରେ ଏତେବଡ଼ ଗଣତାନ୍ତ୍ରିକ ଆନ୍ଦୋଳନ ବିଷୟରେ କିଛି ତଥ୍ୟ ପାଇନାହିଁ। ଆମେ ସ୍ୱାଧୀନତା ହାସଲର ଆମର ମୌଳିକ ଲକ୍ଷ୍ୟ ବୁଝିଗଲେ ଆମ ଭିତରେ ହିନ୍ଦୁ, ମୁସଲମାନ ଭଳି ଭାବନା ରହିବ ନାହିଁ। ଭାରତର ସଂଗ୍ରାମ ସ୍ୱାଧୀନତା ଓ ସ୍ୱୟଂଶାସନ ପାଇଁ। ଏକ ଅହିଂସା ବିପ୍ଳବ କ୍ଷମତା ଦଖଲର ସୁଚିନ୍ତିତ କାର୍ଯ୍ୟକ୍ରମ ନୁହେଁ; ଏହା ସମ୍ପର୍କ ପରିବର୍ତ୍ତନର ଏକ କାର୍ଯ୍ୟସୂଚୀ।"

ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଆମକୁ ମନେ ପକାଇଦେଇଛନ୍ତି, ଅଗଷ୍ଟ ନ'ରେ ମହାତ୍ମା ଗାନ୍ଧୀ ଭାରତ ଛାଡ଼ ଆନ୍ଦୋଳନର ଆହ୍ୱାନ ଦେଇଥିଲେ। ଏଥିରେ ଭୟଭୀତ ହୋଇ ବ୍ରିଟିଶ ସରକାର ଭାରତର ସବୁ ପ୍ରମୁଖ ନେତାମାନଙ୍କୁ ଗିରଫ କରିନେଲେ।

**ଦୁର୍ଭାଗ୍ୟଜନକ ହିଂସା**

ଗାନ୍ଧିଙ୍କ ଅହିଂସା ଆନ୍ଦୋଳନ ଏକ ପରୀକ୍ଷା ଥିଲା। ନିଜ ଶକ୍ତି ବଳରେ ବ୍ରିଟିଶ ସରକାର ଏହାକୁ ନିଃଶେଷ କରିଦେବାକୁ ଚାହୁଁଥିଲା। ଆନ୍ଦୋଳନ ଆରମ୍ଭ ଆଗରୁ ସରକାର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଦେଇଥିଲେ। ଅଖିଳ ଭାରତ କଂଗ୍ରେସ କମିଟି ଭାରତ ଛାଡ଼ ଆନ୍ଦୋଳନକୁ ଅନୁମୋଦନ କରିବା ଖବର ଜଣାପଡ଼ିଯିବା ମାତ୍ରେ ବ୍ରିଟିଶ ହୁକୁମତ୍ ପକ୍ଷରୁ ସବୁ ରାଜ୍ୟପାଳ, ମୁଖ୍ୟ କମିଶନର ଏବଂ ଦେଶୀୟ ରାଜ୍ୟଗୁଡ଼ିକର ରାଜନୈତିକ ଅଧକ୍ଷ (ପଲିଟିକାଲ ପ୍ରେସିଡେଣ୍ଟ)ମାନଙ୍କୁ ନିର୍ଦ୍ଦେଶ ଜାରି କରାଯାଇ ପ୍ରସ୍ତୁତ ରଖାଗଲା। ଯୋଜନାବଦ୍ଧ ଭାବେ ସାରା ଭାରତରେ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତଦନୁସାରେ ଗାନ୍ଧିଙ୍କ ସମେତ ଏଆଇସିସି, ପିସିସି, ଡିସିସି ମୁଖ୍ୟ, ସଦସ୍ୟ ଓ ସବୁ ଛାମୁଆ କଂଗ୍ରେସ ସଂଗଠନର ନେତାମାନଙ୍କୁ ଅବିଳମ୍ବେ ଗିରଫ କରି ଜେଲ୍‌ରେ ଠୁଙ୍କିବାକୁ ନିର୍ଦ୍ଦେଶ ଜାରି କରାଗଲା। କଂଗ୍ରେସର ଅଫିସ୍, ଦପ୍ତର, ପାଣ୍ଠି ଓ ସମ୍ପତ୍ତିକୁ ଜବତ କରାଯିବା ସହିତ ବିକ୍ଷୋଭ, ସଭା, ଧାରଣା, ସମାବେଶ, ସତ୍ୟାଗ୍ରହ, ବୈଠକକୁ ବେଆଇନ କରାଗଲା। ପୁଲିସ ଓ ସଶସ୍ତ୍ର ବାହିନୀକୁ ନିୟୋଜିତ କରି ସଭାସମିତି, ଆନ୍ଦୋଳନକୁ ଭଣ୍ଡୁର କରାଯିବା ସହ କେତେକ ସ୍ଥାନରେ ସାମରିକ ଆଇନ ଲାଗୁ କରାଗଲା। ଅକଥନୀୟ ଅତ୍ୟାଚାର, ଦମନଲୀଳା ଚଳାଇ ବ୍ରିଟିଶ ସରକାର ଏକ ଆତଙ୍କର ପରିବେଶ ସୃଷ୍ଟି କଲେ। ଗାନ୍ଧିଙ୍କ ଭାଷଣର ୨୪ ଘଣ୍ଟା ପରେ ସମଗ୍ର କଂଗ୍ରେସ ନେତା ଏପରିକି ତଳସ୍ତରର ନେତୃମଣ୍ଡଳୀ ଗିରଫ ହୋଇସାରିଥିଲେ। ଏଥିରେ ସାଧାରଣ ଜନତା କ୍ରୁଦ୍ଧ ଓ ପ୍ରତିଶୋଧ ପରାୟଣ ହୋଇ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଭିଆଇଲେ ଓ ଅନେକ ସ୍ଥାନରେ ସରକାରୀ ଦପ୍ତର ଓ ସମ୍ପତ୍ତିକୁ ଭଙ୍ଗାରୁଜା କରି ଲୋକେ ନିଆଁ ଲଗାଇଦେଲେ।

ଦେଶବ୍ୟାପୀ ହିଂସାକାଣ୍ଡ ଘଟିବା ପରେ ବ୍ରିଟିଶ ସରକାର ଏହି ପରିସ୍ଥିତି ପାଇଁ ଗାନ୍ଧିଙ୍କୁ ଦାୟୀ କଲେ। ହିଂସାର ଆଶ୍ରୟ ନେଇ ଗାନ୍ଧି ସରକାରଙ୍କୁ ବଦନାମ କରିବାକୁ ପ୍ରୟାସ କରୁଛନ୍ତି ବୋଲି ବ୍ରିଟିଶ ଶାସକମାନେ ପ୍ରଚାର କଲେ। ଏହା ଗାନ୍ଧିଙ୍କୁ ବିଶେଷ ଦୁଃଖ ଦେଲା। ଏପର୍ଯ୍ୟନ୍ତ ସେ ଅହିଂସାକୁ ଏକ ଶକ୍ତିଶାଳୀ ରାଜନୈତିକ ଅସ୍ତ୍ରଭାବେ ବ୍ୟବହାର କରିଆସୁଥିଲେ; ମାତ୍ର ଶେଷାବସ୍ଥାରେ



ନିଜ ଲୋକମାନେ ହିଂସାକାଣ୍ଡ ଭିଆଇ ତାଙ୍କୁ ବଦନାମ କଲେ। ସେତେବେଳେ ଗାନ୍ଧି ପୁଣେର ଆଗା ଖାଁ ପ୍ୟାଲେସରେ ନିଜର ସହକର୍ମୀଙ୍କ ସହ ବନ୍ଦୀ ଥାଆନ୍ତି। ସେଠାରେ ସେ ୧୯୪୩ ଫେବୃଆରୀ ୧୦ ରୁ ମାର୍ଚ୍ଚ ତିନି ତାରିଖ ପର୍ଯ୍ୟନ୍ତ ୨୧ ଦିନ ପାଇଁ ଅନେଶନ କରିଥିଲେ।

ଜେଲ୍‌ରେ ଗାନ୍ଧି ଅନଶନ କରିଥିବା ଖବର ଲୋକଙ୍କ ପାଖରେ ପହଞ୍ଚିଲା। ସେ ସମୟର ଦ୍ୱନ୍ଦ୍ୱ ସମ୍ପର୍କରେ ସେତେବେଳର ଜଣେ ଆତ୍ମଗୋପନକାରୀ କର୍ମୀ ଏବଂ ପରବର୍ତ୍ତୀ କାଳରେ ଗାନ୍ଧି ସ୍ମାରକନିଧିର ଅଧକ୍ଷ ଆର ଆର ଦିବାକର କହନ୍ତି, "ଆତ୍ମଗୋପନକାରୀ ଓ ଲୁଚାଛପା ପଦକ୍ଷେପ ଯେଉଁଥିରେ ମୁଁ ସମ୍ପୃକ୍ତ ଥିଲି ତାହା ମଧ୍ୟ ସମ୍ପୂର୍ଣ୍ଣ ଗାନ୍ଧିବାଦୀ ନ ଥିଲା। ଲୋକେ ପ୍ରତିକ୍ରିୟାଶୀଳ ହୋଇ କେଉଁଠି କେମିତି ସରକାରୀ ସମ୍ପତ୍ତିକୁ ନଷ୍ଟ କରୁଥିଲେ ମଧ୍ୟ କୌଣସି ମଣିଷ ଉପରେ ଆକ୍ରମଣ ନ'କରିବାକୁ କଂଗ୍ରେସ ପକ୍ଷରୁ ଲୋକଙ୍କୁ ସ୍ପଷ୍ଟ ଓ କଡ଼ା ନିର୍ଦ୍ଦେଶ ଥିଲା।" ଗାନ୍ଧି ଜେଲ୍‌ରେ ଅନଶନ କରିବା ଖବରରେ ଅନେକ ଲୋକ ବ୍ୟଥିତ ହେଲେ। ଅନେକ ମଧ୍ୟ ବ୍ରିଟିଶ ଶାସକଙ୍କ ଉପରେ ଅଧିକ କ୍ରୋଧିତ ହେଲେ। ଗାନ୍ଧିଜୀ କହିଲେ, ଧନସମ୍ପତ୍ତି ଉପରେ ଆକ୍ରମଣ କ୍ରମଶଃ ପରିବର୍ଦ୍ଧିତ ହୋଇ ବ୍ୟକ୍ତି ଆଡ଼କୁ ମୁହାଁଇବ ଏବଂ ତା' ଉପରେ ମଧ୍ୟ ଆକ୍ରମଣ ହେବ। ତେଣୁ ଏହି ହିଂସାତ୍ମକ ପ୍ରତିବାଦ ପରିହାର କରାଯିବା ଉଚିତ। ଆତ୍ମଗୋପନ କରି ରହିଥିବା ଲୋକ କର୍ମୀଙ୍କ ସହ ଯୋଗାଯୋଗ ନ' ରଖିଲେ ଆନ୍ଦୋଳନର ନେତୃତ୍ୱ କିମ୍ବା ଏଥିରେ ସାମିଲ ହୋଇପାରିବ ନାହିଁ। ତେଣୁ ଆତ୍ମଗୋପନ ନିରର୍ଥକ। ୧୯୪୪ ଜୁଲାଇ ୨୮ରେ ଗାନ୍ଧି ଘୋଷଣା କଲେ ଯେ ସବୁ ଆତ୍ମଗୋପନକାରୀ ଓ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ହିଂସ୍ର। ତେଣୁ ଏଥିରେ ସଂପୃକ୍ତ କର୍ମୀ ସାଧାରଣରେ ଆତ୍ମପ୍ରକାଶ କରି ପ୍ରକାଶ୍ୟ ଆନ୍ଦୋଳନରେ ଭାଗ ନେବାକୁ ଗାନ୍ଧିଙ୍କ ଆହ୍ୱାନ ଅନେକଙ୍କୁ ଅନୁପ୍ରାଣିତ କରିଥିଲା।

**ଦ୍ୱିତୀୟ ବିଶ୍ୱଯୁଦ୍ଧର ହିଂସ୍ର ପରିସମାପ୍ତି**

ଜାପାନ ଉପରେ ଆମେରିକାର ପରମାଣୁ ବୋମାମାଡ଼ ସହିତ ଦ୍ୱିତୀୟ ବିଶ୍ୱଯୁଦ୍ଧର ହିଂସ୍ର ପରିସମାପ୍ତି ଘଟିଲା। ୧୯୪୫ ଅଗଷ୍ଟ ୬ ଓ ୯ ତାରିଖରେ ଯଥାକ୍ରମେ ଜାପାନର ହିରୋସିମା ଓ ନାଗାସାକି ସହର ଉପରେ ପରମାଣୁ ଆକ୍ରମଣରେ ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ହେଲା ଓ ଅଗଣିତ ପଙ୍ଗୁ ପାଲଟିଲେ। ଏହା ବିଶ୍ୱ ଇତିହାସର ଏକ ଅଭୂତପୂର୍ବ ଘଟଣା ଥିଲା। ଏହି ଲଢ଼େଇରେ ମିତ୍ରଶକ୍ତିର ବିଜୟ ହେଲା। ଗ୍ରେଟବ୍ରିଟେନ ତାହାର ଭୂଖଣ୍ଡ ସୁରକ୍ଷାରେ ସମର୍ଥ ହେବା ପରେ ଭାରତୀୟ ପ୍ରସଙ୍ଗର ସମାଧାନ ପାଇଁ ଏକ ପ୍ରକାର ବାଧ୍ୟ ହେଲା। ଲବଣ ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନ ସମୟରେ ବ୍ରିଟିଶ ଶାସକମାନେ ଭାରତୀୟମାନଙ୍କୁ ଯେଉଁଭଳି ବ୍ୟବହାର ପ୍ରଦର୍ଶନ କଲେ ତାହାର କୁପ୍ରଭାବ ଭାରତ ଭିତରେ ଓ ବାହାରେ ଅନୁଭୂତ ହେଲା। ଜନମତ ମୁଖ୍ୟତଃ ଗାନ୍ଧୀ ଓ ଭାରତୀୟ ମୁକ୍ତି ସଂଗ୍ରାମ ସପକ୍ଷରେ ଥିଲା।

କେତେକ ଯୁକ୍ତି କରନ୍ତି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ ସରକାର ଯେଉଁ ବିପୁଳ ଅର୍ଥ ବ୍ୟୟ କଲା ତାହା ବ୍ରିଟିଶ ସାମ୍ରାଜ୍ୟକୁ ଏକାଠି ରଖିବା ପାଇଁ ସମସ୍ୟା ସୃଷ୍ଟି କରିଥିଲା। ତେଣୁ ବ୍ରିଟିଶ ଶାସକ ଭାରତକୁ ସ୍ୱାଧୀନତା ଦେବାକୁ ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଥିଲେ। ଏହି ଯୁକ୍ତିର ଯଥାର୍ଥତା କମ୍ ଏବଂ ଏହା ଗାନ୍ଧିଙ୍କ ଦ୍ୱାରା ବ୍ରିଟିଶ ଶାସନ ବିରୋଧରେ ମୁଣ୍ଡ ଟେକିଥିବା ଗଣ ଆନ୍ଦୋଳନ ଓ ସଚେତନତାକୁ ଅସମ୍ମାନ ଓ ନ୍ୟୁନ କରିବାକୁ ଏକ ଷଡ଼ଯନ୍ତ୍ର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ବ୍ରିଟିଶ ଶାସକ ଯୁଦ୍ଧକାଳୀନ ବିପୁଳ ବ୍ୟୟର ଭରଣା କରିବାକୁ ଭାରତକୁ ଏକ ଉପନିବେଶ ଭାବେ ଅଧିକ ଦିନ ରଖିବାକୁ ଉଚିତ ମନେ କରିଥାନ୍ତେ; କିନ୍ତୁ ଗାନ୍ଧିଙ୍କ ନେତୃତ୍ୱରେ ପରିଚାଳିତ ଗଣ ଆନ୍ଦୋଳନ ଓ ମୁକ୍ତି ସଂଗ୍ରାମ ବ୍ରିଟିଶ ସରକାରଙ୍କୁ ବାସ୍ତବରେ ଏଥିପାଇଁ ସୁଯୋଗ ଦେଇ ନ ଥିଲା। ଆଉ କେତେକ କହନ୍ତି ଯେ ଭାରତରେ ବ୍ରିଟିଶ ଶାସନ ବିରୋଧରେ ଚାଲିଥିବା ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଓ ଗୁପ୍ତ କାର୍ଯ୍ୟକ୍ରମ ଯୋଗୁଁ ସେମାନେ ଭାରତକୁ ସ୍ୱାଧୀନତା ଦେବାକୁ ବାଧ୍ୟ ହେଲେ। ଏହି ଯୁକ୍ତି ମଧ୍ୟ ବଳିଷ୍ଠ ନୁହେଁ।

ପରିଶେଷରେ ବ୍ରିଟିଶ ସରକାର ଭାରତକୁ ସ୍ୱାଧୀନତା ପ୍ରଦାନ କରିବା ନେଇ ଗାନ୍ଧି ଓ ଅନ୍ୟ ଜାତୀୟତାବାଦୀ ନେତାମାନଙ୍କ ସହ ଯୋଗସୂତ୍ର ଆରମ୍ଭ କଲେ। ଏଥିପାଇଁ କ୍ୟାବିନେଟ୍ ମିଶନ ଲଣ୍ଡନରୁ ଦିଲ୍ଲୀ ଆସିଲେ। ଗାନ୍ଧିଙ୍କ ଅନୁମାନ ଓ ଦୂରଦୃଷ୍ଟି ସତ୍ୟ ପ୍ରମାଣିତ ହେଲା। କେବଳ ଭାରତ ନୁହେଁ ଏସିଆ ଓ ଆଫ୍ରିକାର ଅନେକ ଉପନିବେଶକୁ ସ୍ୱାଧୀନତା ଦେବାକୁ ବ୍ରିଟିଶ ଶାସକ ଶେଷରେ ବାଧ୍ୟ ହେଲେ। ଫିଲାଡେଲଫିଆରେ ଆୟୋଜିତ ଆମେରିକାର ଦ୍ୱିଶତବାର୍ଷିକ ପ୍ରତିଷ୍ଠା ଦିବସ ଉତ୍ସବରେ ଭାଷଣ ବେଳେ ରାଣୀ ଏଲିଜାବେଥ୍ କହିଥିଲେ, "ନିଜର ଶାସନ କଳାର ଅଭାବରୁ ବ୍ରିଟେନ ଅଷ୍ଟାଦଶ ଶତାବ୍ଦିରେ ତାହାର ଆମେରିକୀୟ ଉପନିବେଶ ହରାଇଥିଲା। ନିଜ ସାମ୍ରାଜ୍ୟରେ କାହାକୁ ରଖି ହେବ ଓ କାହାକୁ ରଖି ହେବ ନାହିଁ ତାହା ଠିକଣା ସମୟରେ ବୁଝିବାର ଶକ୍ତି ବ୍ରିଟେନର ନ ଥିଲା। ଗାନ୍ଧି ନିଜର ଅହିଂସା, ଭଦ୍ରୋଚିତ ମାର୍ଗରେ ବ୍ରିଟେନକୁ ଶାସନର ଏହି କଳା ଶିଖାଇବାରେ ସମର୍ଥ ହୋଇଥିଲେ। ତାହାକୁ ବୁଝିପାରି ବ୍ରିଟିଶ ଶାସକମାନେ ଠିକଣା ସମୟରେ ମର୍ଯ୍ୟାଦା ଓ ସମ୍ମାନର ସହ ଭାରତ ଛାଡ଼ିବାକୁ ସୁଯୋଗ ପାଇଲେ। ଏଥିପାଇଁ ଗାନ୍ଧି ହିଁ ଏକ ଅନୁକୂଳ ବାତାବରଣ ସେମାନଙ୍କ ପାଇଁ ସୃଷ୍ଟି କରିଥିଲେ।

ଗାନ୍ଧି ଭାରତୀୟଙ୍କୁ କର ବା ମରର ଆହ୍ୱାନ ଦେଇଥିଲେ। ଜଣେ ସଚ୍ଚା ନେତା ଭାବେ ସେ ତାହା କରିଥିଲେ ଏବଂ ପ୍ରାଣପାତ କଲେ।

**ଲେଖକ ନୂଆଦିଲ୍ଲୀସ୍ଥିତ ଜାତୀୟ ଗାନ୍ଧି ସଂଗ୍ରହାଳୟର ନିର୍ଦ୍ଦେଶକ**

# ୭୦ରେ ଭାରତ : ଉପଲବ୍ଧି, ଆହ୍ୱାନ ଓ ସମ୍ଭାବନା

● ବାଲ୍ମିକୀପ୍ରସାଦ ସିଂହ




ଦୀର୍ଘକାଳର ଏକ ମୁକ୍ତି ସଂଗ୍ରାମ ପରେ ୭୦ବର୍ଷ ତଳେ ସ୍ୱାଧୀନତାର ଏକ ନୂଆ ଯୁଗ ଭାରତରେ ଆରମ୍ଭ ହୋଇଥିଲା । ଭାରତର ଶାଶ୍ୱତ ଇତିହାସରେ ଏହି କ୍ଷଣ ଯଥାର୍ଥରେ ଥିଲା 'ନିୟତି ସହିତ ଭେଟ' । ଏହା ଗଣତନ୍ତ୍ରର ଅୟମାରମ୍ଭ କରିବା ସହ ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ସମସ୍ତଙ୍କ ପାଇଁ ନିଶ୍ଚିତ କରିବାର ପ୍ରତିଶ୍ରୁତି ଦେଲା । ପ୍ରାଚୀନ ଐତିହ୍ୟ ଓ କୀର୍ତ୍ତିରାଜି ବିମଣ୍ଡିତ ପାଞ୍ଚ ହଜାର ବର୍ଷର ସଭ୍ୟତାରେ ସମୃଦ୍ଧ ସତୁରି ବର୍ଷର ଗଣତାନ୍ତ୍ରିକ ଭାରତକୁ ବୁଝିବାକୁ ଜଣେ କେମିତି ଚେଷ୍ଟା କରିବ ? ଭାରତର ଅନନ୍ୟ ବିଶେଷତ୍ୱ ଏହାର ଉର୍ଜାଶୀଳ ସମାଜ ଓ ଶାସନତନ୍ତ୍ର ବିକାଶ ଏବଂ ଉପଲବ୍ଧିର ସୂକ୍ଷ୍ମଭେଦ ବହନ କରେ । ୧୯୪୨ରେ ଏକ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ଜନ୍ମିତ ଜଣେ ବ୍ୟକ୍ତି ଯେ କି ପରବର୍ତ୍ତୀ କାଳରେ ଦେଶ ଶାସନର ଜଣେ ଅଂଶୀଦାର, ଜିଲା, ପ୍ରଦେଶଠାରୁ ଆରମ୍ଭ କରି ଜାତୀୟ ସ୍ତରରେ ନୀତି ପ୍ରଣୟନ ଓ ଏହାର ରୂପାୟନରେ ସଂପୃକ୍ତ, ତା' ପାଇଁ ସ୍ୱାଧୀନ ଭାରତର ଏହି ଯାତ୍ରାର ମୂଲ୍ୟାୟନ କରିବା ବାସ୍ତବିକ ଏକ କଷ୍ଟସାଧ ବ୍ୟାପାର ।

ବି.ଆର୍. ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଉପରେ ଦେଶର ସମ୍ବିଧାନ ପ୍ରଣୟନ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଆମ୍ବେଦକରଙ୍କ ଦୂରଦୃଷ୍ଟି, ବିଚାର ଓ କମିଟିର ସଦସ୍ୟମାନଙ୍କ ଉପଯୁକ୍ତ ଦିଗ୍‌ଦର୍ଶନ ଓ ସହଯୋଗରେ ପ୍ରସ୍ତୁତ ଭାରତୀୟ ସମ୍ବିଧାନ ୧୯୫୦ ଜାନୁୟାରୀ ୨୬ରେ କାର୍ଯ୍ୟକାରୀ ହେଲା । ଏହି ସମ୍ବିଧାନ ଗଣତନ୍ତ୍ର ଓ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ କଳ୍ପିତ ଭାରତ ନିର୍ମାଣର ବିଚାର ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇଲା । ସେହି ସାମ୍ବିଧାନିକ ପଥରେ ଆମେ ନିରନ୍ତର ଅଗ୍ରସର ହୋଇ ଅନେକ ଉପଲବ୍ଧି ହାସଲ କରିଛୁ । ଏହା ସତ୍ତ୍ୱେ ଆମ ବ୍ୟବସ୍ଥାରେ ଅନେକ ତ୍ରୁଟି ବିଚ୍ୟୁତି ରହିଛି ଏବଂ ଆମର ଅନେକ ଇପ୍‌ସିତ ଲକ୍ଷ୍ୟ ପୂରଣ ହୋଇପାରିନାହିଁ । ବ୍ୟବସ୍ଥାଗତ ତ୍ରୁଟିର ସଂଶୋଧନ ଓ ଅବସାନ ଘଟାଇ ଆମକୁ ଲକ୍ଷ୍ୟ ହାସଲ ପଥରେ ଆଗେଇ ଯିବାକୁ ପଡ଼ିବ ।

**ଉପଲବ୍ଧି**

ଆମର ଉପଲବ୍ଧି ଅନେକ । ସେଥି ମଧ୍ୟରୁ ଚାରିଟି ବିଶେଷ ମହତ୍ୱପୂର୍ଣ୍ଣ । ପ୍ରଥମତଃ ଭାରତ ଲୋକପ୍ରିୟ ସାର୍ବଭୌମତ୍ୱ ବ୍ୟବସ୍ଥା ଆପଣେଇଛି ଯାହାର ଅର୍ଥ ମୁକ୍ତ ଓ ଅବାଧ ନିର୍ବାଚନରେ ନିର୍ବାଚିତ ପ୍ରତିନିଧିମାନଙ୍କ ଜରିଆରେ ଲୋକଙ୍କଦ୍ୱାରା ଶାସନ ବ୍ୟବସ୍ଥାର ପ୍ରବର୍ତ୍ତନ । ପ୍ରାଚୀନ ବିହାରର ବୈଶାଳୀ ଗଣରାଜ୍ୟ ଏବଂ କେତେକ ବୌଦ୍ଧ ସଂଘରେ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରବର୍ତ୍ତନକୁ ଛାଡ଼ିଦେଲେ ଭାରତ ତାହାର ଇତିହାସରେ ପ୍ରଥମ ଥର ପାଇଁ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଓ ଲୋକଙ୍କ ଦ୍ୱାରା ଶାସନତନ୍ତ୍ର ପରିଚାଳନା ବ୍ୟବସ୍ଥା ଆପଣେଇଛି । ଏବେ ଭାରତ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର କେବଳ ନୁହେଁ, ଏହା ମଧ୍ୟ ସବୁଠୁ ଆକର୍ଷକ ଓ ଚମକପ୍ରଦ ପ୍ରମାଣିତ ହୋଇଛି ।

ଜଣେ ବ୍ୟକ୍ତି ଗୋଟିଏ ଭୋଟ ଏବଂ ଗୋଟିଏ ଭୋଟ, ଗୋଟିଏ ମୂଲ୍ୟ ନୀତି ତଥା ବ୍ୟବସ୍ଥା ଦେଶରେ ପ୍ରବର୍ତ୍ତନ କରିବା ଏକ ସାହସିକ ତଥା ଚମତ୍କାର ନିଷ୍ପତ୍ତି ଥିଲା । ସାର୍ବଜନୀନ ସାବାଳକ ଭୋଟ ବ୍ୟବସ୍ଥା ଫଳରେ ଦେଶକୁ ଯଥେଷ୍ଟ ଲାଭ ମିଳିଛି । ଉପରୁ ସମାଜର ତଳସ୍ତରକୁ କ୍ଷମତାର ବିକେନ୍ଦ୍ରୀକରଣ ଶାସନ ଓ ବିକାଶ କ୍ଷେତ୍ରରେ ଆମର ଉପଲବ୍ଧିକୁ ସୁଦୃଢ଼ କରିଛି । ଭାରତରେ ଗଣତନ୍ତ୍ର, ଶାସନର ହୃଦୟ ଭଳି କାର୍ଯ୍ୟ କରୁଛି । ଭାରତରେ ଗଣତନ୍ତ୍ରର ପ୍ରବର୍ତ୍ତନ ଓ ଏହାର ସଫଳତା, ପାରମ୍ପରିକ ବିଚାରର ଅନେକ ବିଚାରକ, ବିଶେଷତଃ ପାଶ୍ଚାତ୍ୟ ବିଶେଷଜ୍ଞଙ୍କ ମତକୁ ଭୁଲ ପ୍ରମାଣ କରିଛି । ପାରମ୍ପରିକ ବିଚାରରେ ଗଣତନ୍ତ୍ର ତିଷ୍ଠିବା ପାଇଁ ଗୋଟିଏ ଦେଶରେ କେତେକ ମୌଳିକ ବିଷୟର ଆବଶ୍ୟକତା ରହିଛି । ଏସବୁ ହେଲା ଉତ୍ତମ ଆର୍ଥିକ ସ୍ଥିତି, ଉଚ୍ଚ ସାକ୍ଷରତା ହାର ଓ ସମଗ୍ର ଦେଶ ପାଇଁ ଗୋଟିଏ ଭାଷା । ମାତ୍ର ଦାରିଦ୍ର୍ୟ, ନିରକ୍ଷରତା ଓ ନାନା ପ୍ରକାର ବିଭିନ୍ନତା ମଧ୍ୟରେ ଭାରତରେ ଗଣତନ୍ତ୍ର ବିକଶିତ ହେଉଛି । ଦେଶର ମୁକ୍ତି ସଂଗ୍ରାମୀ ଓ ଆଦି ନେତାମାନେ ଭାରତ ଭଳି ଏକ ବହୁଳବାଦୀ ଦରିଦ୍ର ଦେଶରେ ଗଣତନ୍ତ୍ରର ଯେଉଁ ପ୍ରବର୍ତ୍ତନ କରିଥିଲେ ତାହା ସଫଳ, ଦୃଢ଼, ଚମକପ୍ରଦ ଏବଂ ଫଳପ୍ରଦ ହେବାର ଶ୍ରେୟ ଦେଶର ଜନତାଙ୍କୁ ଯାଏ ।

ଭାରତୀୟ ଗଣତନ୍ତ୍ରର ଏକ ବଡ଼ ବିଶେଷତ୍ୱ ହେଲା ଏଠାରେ ନିୟମିତ ବ୍ୟବଧାନରେ ମୁକ୍ତ ଓ ଅବାଧ ନିର୍ବାଚନ ସାର୍ବଜନୀନ ସାବାଳକ ବ୍ୟବସ୍ଥାରେ ଅନୁଷ୍ଠିତ ହୁଏ । ଗୋଟିଏ ଦଳ ବା ମେଣ୍ଟରୁ ଅନ୍ୟ ଦଳ ବା ମେଣ୍ଟକୁ କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ନିୟମିତ ଭାବେ ନିର୍ବିଘ୍ନରେ ସମ୍ପାଦିତ

ହୋଇଥାଏ । ଭାରତର ନିର୍ବାଚନ ପ୍ରକ୍ରିୟା ଅତି ସରଳ ଏବଂ ଲୋକେ ଏହା ସହିତ ବେଶ୍ ପରିଚିତ । ଅତଏବ ଭାରତରେ ଗଣତନ୍ତ୍ର ଲୋକଶକ୍ତିର ଏକ ଆନୁଷ୍ଠାନିକ ପରିପ୍ରକାଶ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଭାରତୀୟ ଗଣତନ୍ତ୍ରର ଆଉ ଏକ ବିଶେଷତ୍ୱ ହେଲା ଏଠାରେ ସାଧାରଣ ଲୋକେ (ଭୋଟର) ଅଧିକରୁ ଅଧିକ ସଂଖ୍ୟାରେ ରାଜନୀତିରେ ଅଂଶଗ୍ରହଣ କରନ୍ତି । ସହରରୁ ଗାଁ ସବୁଠି ରାଜନୀତି ଉପରେ ଚର୍ଚ୍ଚା ଚାଲେ । ଲୋକେ ସେମାନଙ୍କ ରାଜନୈତିକ ଅଧିକାର ଓ ଭୋଟ୍ ଦାନ ସୁଯୋଗର ମୂଲ୍ୟ ବୁଝି ମତାଧିକାର ସାବ୍ୟସ୍ତ କରନ୍ତି । ପଞ୍ଚାୟତଠାରୁ ବିଧାନସଭା ଓ ଲୋକସଭା ସବୁ ନିର୍ବାଚନରେ ନିୟମିତ ଭୋଟ ଦେଇଥାନ୍ତି ।

ଭାରତୀୟ ଗଣତନ୍ତ୍ରର ସବୁଠୁ ବଡ଼ ଉପଲବ୍ଧି ହେଲା ଦେଶର ଏକତା ଓ ସଂହତିକୁ ଅତୁଟ ରଖିବା । ସ୍ୱାଧୀନତା ପରେ ଯେଉଁ ଭାରତୀୟ ସଂଘ ଗଠିତ ହୋଇଥିଲା ସେଥିରେ ସର୍ଦ୍ଦାର ପଟେଲଙ୍କର ଏକ ମହତ୍ୱପୂର୍ଣ୍ଣ ଭୂମିକା ଥିଲା । ଦେଶର ପ୍ରଥମ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରୀ ଭାବେ ସେ ୫୬୫ଟି ଦେଶୀୟ ରାଜ୍ୟ (ରାଜାଙ୍କ ଦ୍ୱାରା ଶାସିତ ରାଜ୍ୟ)କୁ ଭାରତୀୟ ସଂଘରେ ଖୁବ୍ କମ୍ ସମୟରେ ସଫଳତାର ସହ ମିଶାଇବାରେ ସଫଳ ହୋଇଥିଲେ । ସେବେଠାରୁ ଆମେ ସମଗ୍ର ଭାରତକୁ ଏକ ରଖିବାରେ ସଫଳ ହୋଇପାରିଛୁ ଏବଂ ଏହାର ଗଣତାନ୍ତ୍ରିକ ଅନୁଷ୍ଠାନ ସଫଳତାର ସହ କାର୍ଯ୍ୟ କରୁଛି । ଭାରତ ବିଭାଜନ ପରିପ୍ରେକ୍ଷୀରେ ଏହା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଭାରତ ବିଭାଜନ ଯୋଗୁଁ ଏକ ଲକ୍ଷ୍ୟରୁ ଅଧିକ ଲୋକ ଦଙ୍ଗାଗୋଳରେ ନିହତ ହୋଇଥିଲେ ଏବଂ ଲକ୍ଷଲକ୍ଷ ଭିଟାମାଟି ହରାଇଥିଲେ । ଭାରତୀୟ ରାଷ୍ଟ୍ର ବ୍ୟବସ୍ଥା ରୂପକ ଜାହାଜକୁ ଭାଙ୍ଗିବା ପାଇଁ ଉଦ୍ୟମରତ ଚରମପନ୍ଥୀ ସଂଗଠନଗୁଡ଼ିକ ନିୟନ୍ତ୍ରଣରେ ରଖିବା ପାଇଁ ସମ୍ବିଧାନିକ ଗଣତନ୍ତ୍ରର ଢାଞ୍ଚା ଆବଶ୍ୟକ ଦୃଢ଼ ବ୍ୟବସ୍ଥା କରିଛି ।

ଦ୍ୱିତୀୟରେ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଶାସନ ବ୍ୟବସ୍ଥା ପରିଚାଳନାରେ ଅର୍ଥନୈତିକ ଦିଗକୁ ସାମିଲ କରିଛି । ଏହାର ଗୁରୁତ୍ୱପୂର୍ଣ୍ଣ ସୁଫଳ ହେଲା ୧୯୪୭ରୁ ଏଯାଏ ଦେଶର ଲୋକସଂଖ୍ୟାରେ ବିପୁଳ ବୃଦ୍ଧି ଘଟିବା ସତ୍ତ୍ୱେ ଭାରତ ଖାଦ୍ୟଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଛି । ନୂଆ ଯୋଜନାମାନ ପ୍ରଣୟନ କରାଯାଇ ଦେଶର ପ୍ରତ୍ୟେକ ନାଗରିକଙ୍କୁ ଖାଦ୍ୟ ଯୋଗାଇଦେବାର ବ୍ୟବସ୍ଥା ହୋଇଛି । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯିବା ସହିତ ଏମ୍‌ଜିନରେଗା ଭଳି କାର୍ଯ୍ୟକ୍ରମରେ ଲୋକଙ୍କୁ ରୋଜଗାର ଯୋଗାଇ



ଦିଆଯାଉଛି । ସର୍ବୋପରି ଜିଏସ୍‌ଟି ପ୍ରବର୍ତ୍ତନ କରାଯାଇ ସାରା ଭାରତକୁ ଗୋଟିଏ ବଜାରରେ ପରିଣତ କରିବା ସହ ବ୍ୟାଙ୍କ ଓ ଟିକସ ବ୍ୟବସ୍ଥାକୁ ସରଳ ତଥା ସହଜ କରାଯାଇଛି ।

ଭାରତକୁ ଏକବିଂଶ ଶତାବ୍ଦୀରେ ବିଶ୍ୱର ଏକ ବୃହତ୍ ଆର୍ଥିକ ଶକ୍ତିରେ ପରିଣତ କରିବା ପାଇଁ ରାଜନୈତିକ ନେତୃବୃନ୍ଦ, ନୀତିନିର୍ଦ୍ଧାରକ, ବ୍ୟବସାୟ ବିଶାରଦ ଆଦି ମିଳିମିଶି ଲକ୍ଷ୍ୟ ନିର୍ଦ୍ଧାରଣ କରିବା ସହ ଏ ଦିଗରେ କାର୍ଯ୍ୟ କରୁଛନ୍ତି । ଦେଶର ଉଚ୍ଚ ଆର୍ଥିକ ଅଭିବୃଦ୍ଧି ହାର, ବୈଦେଶିକ ବିନିମୟ ମୁଦ୍ରା ଭଣ୍ଡାରର ଉତ୍ତମ ସ୍ଥିତି ଏବଂ ସେୟାର ବଜାରର କ୍ରମବର୍ଦ୍ଧିଷ୍ଣୁ ସୂଚକାଙ୍କ ଏଥିପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଛି । ଭାରତ ଏବେ ଉଚ୍ଚ ଅଭିବୃଦ୍ଧି ସହିତ ସବୁ ନାଗରିକଙ୍କୁ ବିକାଶର ଲାଭରେ ଅଂଶୀଦାର କରିବାକୁ ଗୁରୁତ୍ୱ ଦେଉଛି । ଏହି ସମତା ଭାବ ବିଶେଷ ଗୁରୁତ୍ୱପୂର୍ଣ୍ଣ । ଏହି ଦୁଇଟି ଉଦ୍ଦେଶ୍ୟ ସର୍ବଦା ପରସ୍ପରର ବିରୋଧୀ ହୋଇ ନ ଥିଲେ ମଧ୍ୟ ବେଳେବେଳେ ସମସ୍ୟା ସୃଷ୍ଟି ହୋଇଥାଏ । ଦରିଦ୍ର ଏବଂ ବଞ୍ଚିତବର୍ଗଙ୍କ ସ୍ୱାର୍ଥକୁ ଉପେକ୍ଷା କରି ସୀମିତ ସମ୍ବଳକୁ କ୍ରମବର୍ଦ୍ଧିଷ୍ଣୁ ମଧ୍ୟବିତ୍ତ ଶ୍ରେଣୀ କିମ୍ବା ବ୍ୟବସାୟୀ ଗୋଷ୍ଠୀଙ୍କ ସ୍ୱାର୍ଥ ପାଇଁ ଅଧିକ ବିନିଯୋଗ କରିହେବ ନାହିଁ । ସେଥିପାଇଁ ସମସ୍ତଙ୍କ ସ୍ୱାର୍ଥପ୍ରତି ଆବଶ୍ୟକ ନଜର ଦେବାକୁ ପଡ଼ିବ । ତୃତୀୟରେ ଆମ ସମ୍ବିଧାନ ଦୁଇ ପ୍ରକାର ନୀତି ପ୍ରତି ଅଙ୍ଗୀକୃତ ଯାହାର ଉତ୍ତମ ପ୍ରଭାବ କାର୍ଯ୍ୟର ମାନ ଉପରେ ପଡୁଛି । ଏହି ଦୁଇଟି ନୀତି ହେଲା ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ଓ ସାମାଜିକ ତଥା ଶୈକ୍ଷିକ ଦୃଷ୍ଟିରୁ ଉପେକ୍ଷିତଙ୍କ ପ୍ରତି ଆବଶ୍ୟକ ଦୃଷ୍ଟି ଦେଇ ସେମାନଙ୍କ ଉତ୍‌ଥାନ ପାଇଁ ପଦକ୍ଷେପ ଗ୍ରହଣ । ପ୍ରାରମ୍ଭିକ ଭାବେ ସରକାରୀ ନିଯୁକ୍ତିରେ କେବଳ ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକଙ୍କ ପାଇଁ ସ୍ଥାନ ସଂରକ୍ଷଣ ଭଳି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ୧୯୯୦ ମଣ୍ଡଳ କମିଶନ ସୁପାରିସ ଲାଗୁ ହେବା ପରେ ଏବେ ଏହି ସଂରକ୍ଷଣ ସୁଯୋଗ ସରକାରୀ ଭାବେ ଘୋଷିତ ଅନଗ୍ରସର ବର୍ଗର ଲୋକଙ୍କୁ ମିଳୁଛି ।

ଏହି ଅସ୍ତିବାଚକ କାର୍ଯ୍ୟାନୁଷ୍ଠାନ ଫଳରେ ଦଳିତ ଓ ଅନଗ୍ରସର ଶ୍ରେଣୀର ଲୋକଙ୍କୁ ଶିକ୍ଷା ଓ ନିଯୁକ୍ତି ସୁଯୋଗ ବଣ୍ଟନ କ୍ଷେତ୍ରରେ ପ୍ରଗତି ପରିଲକ୍ଷିତ ହୋଇଛି । ସାଧାରଣ ଭାବେ ନିମ୍ନସ୍ତରର କିମ୍ବା ଗରିବ ପିତାମାତାଙ୍କର ପିଲାମାନେ ପଢ଼ାପଢ଼ିରେ ଭଲ ସୁବିଧାସୁଯୋଗ ପାଆନ୍ତି ନାହିଁ ଏବଂ ଚାକିରି କ୍ଷେତ୍ରରେ ଭଲ ପ୍ରତିଯୋଗିତା କରିବାରେ ବିଫଳ ହୁଅନ୍ତି । ଯେଉଁମାନେ ତଳିଆ ପଦରେ ନିଯୁକ୍ତି ପାଆନ୍ତି ସେମାନଙ୍କୁ କମ୍ ବେତନ ମିଳେ । ଏବେ ସରକାରୀ ସ୍ତରରେ ପ୍ରତ୍ୟେକ କ୍ଷେତ୍ରରେ ଓ ପ୍ରତ୍ୟେକ ସ୍ତରରେ ସଂରକ୍ଷଣର ବ୍ୟବସ୍ଥା ଥିବାରୁ ଦଳିତ ଓ ଅନଗ୍ରସର ବର୍ଗର ପିଲାମାନେ ଆଇଏଏସ୍, ଆଇପିଏସ୍ ଭଳି ସର୍ବଭାରତୀୟ ଚାକିରି ପାଇବାରେ ସଫଳ ହେଉଛନ୍ତି । ତେବେ ଏହି ସୁଯୋଗ ଗରିବ, ଦଳିତ ଓ ଅନଗ୍ରସର ବର୍ଗର ସବୁ ପିଲା ଏଯାଏ ଉଠାଇବାକୁ ସମର୍ଥ ହୋଇନାହାନ୍ତି ।

ସେହିଭଳି ସମ୍ବିଧାନ ମଧ୍ୟ ମହିଳା ଓ ଶିଶୁମାନଙ୍କ କଲ୍ୟାଣ ତଥା ଉତ୍‌ଥାନ ପାଇଁ ଆବଶ୍ୟକ ବ୍ୟବସ୍ଥା କରିଛି । ଗତ ୭୦ବର୍ଷ ମଧ୍ୟରେ ଏ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥାରେ ମଧ୍ୟ ମହିଳାଙ୍କ ପ୍ରତିନିଧିତ୍ୱ ପାଇଁ ଆସନ ସଂରକ୍ଷଣ ବ୍ୟବସ୍ଥା ହୋଇଛି । ଏହା ସତ୍ତ୍ୱେ ଏ କ୍ଷେତ୍ରରେ ଆହୁରି ଅନେକ କିଛି କରିବାର ଅଛି । ଚତୁର୍ଥରେ ବିଚାରବିଭାଗ, ନିର୍ବାଚନ ଆୟୋଗ, ଅଡିଟ ବ୍ୟବସ୍ଥା, ଗଣମାଧ୍ୟମ ଓ କିଛି ସରକାରୀ ପ୍ରତିଷ୍ଠାନ ସମୂହ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯେଉଁସବୁ ସରକାରୀ ଅନୁଷ୍ଠାନ ବା ସଂସ୍ଥା ରହିଛି ସେସବୁ ନିଜ ନିଜର କର୍ତ୍ତବ୍ୟ ସ୍ୱାଧୀନ ଓ ସୁଚାରୁ ରୂପେ ସମ୍ପାଦନ କରି ଗଣତନ୍ତ୍ରକୁ ସମୃଦ୍ଧ କରୁଛନ୍ତି । ସୂଚନା ପାଇବାର ଅଧିକାର ଯାହା ଲୋକଙ୍କୁ ମିଳିଛି ତାହା ସେମାନଙ୍କୁ ସଶକ୍ତ କରିଛି ।

ଭାରତୀୟ ଗଣତନ୍ତ୍ରର ସ୍ଥିରତା ଓ ସଫଳତା ଆମ ବହୁଳବାଦୀ ଚରିତ୍ର ଏବଂ ପ୍ରାଚୀନ ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧ ଯୋଗୁଁ ସମ୍ଭବ ହୋଇଛି କି ? ଏହି ସଫଳତା ପାଇଁ ଆମ ମୁକ୍ତି ସଂଗ୍ରାମର ନେତାମାନଙ୍କ ଲକ୍ଷ୍ୟ ଓ ଅବଦାନ ଦାୟୀ କି ? ଏହା କ'ଣ ଆମ ସମ୍ବିଧାନ ଯୋଗୁଁ ସମ୍ଭବ ହୋଇଛି କି ? ଏଥିପାଇଁ ଭାରତ ସରକାର ଓ ପ୍ରାଦେଶିକ ସରକାରମାନଙ୍କୁ ଶ୍ରେୟ ଦେଇ ହେବ କି ? ମୋ ବିଚାରରେ ଏସବୁ ମିଳିତ ଭାବେ ଭାରତୀୟ ସମ୍ବିଧାନକୁ ଦୃଢ଼ ଓ ସଫଳ କରିଛନ୍ତି । ବାସ୍ତବରେ ଭାରତର ସଭ୍ୟତାଜନିତ ଶକ୍ତି ଯାହା ଆମକୁ ସହନଶୀଳତା ଓ ବୁଝାମଣାର ଭାବ ଶିଖାଇଛି ତାହା ମୁଖ୍ୟତଃ ଏଥିପାଇଁ ଦାୟୀ ।

ବିଶ୍ୱଦରବାରରେ ଭାରତର ଉତ୍‌ଥାନ ପଛରେ ଏହାର ଗଣତାନ୍ତ୍ରିକ ସଫଳତା ଓ ବିବିଧତା ମଧ୍ୟରେ ଏକତା ପ୍ରମୁଖ କାରଣ । ଏହାର ଉପଲବ୍ଧି ରାଜନୈତିକ ଓ ଅର୍ଥନୈତିକ ସ୍ୱାତନ୍ତ୍ର୍ୟ ବା ମୁକ୍ତିରେ ନିହିତ । ଏହା ସତ୍ତ୍ୱେ ଭାରତକୁ ଆହୁରି ଦୀର୍ଘ ପଥ ଅତିକ୍ରମ କରିବାକୁ ପଡ଼ିବ ।

### ଆହ୍ୱାନ ସମୂହ

ଭାରତର ରାଜନୈତିକ ଅର୍ଥନୀତି ବିବିଧ ଆହ୍ୱାନର ସମ୍ମୁଖୀନ । ଏହା ମୂଳତଃ ନିରାପତ୍ତା, ନ୍ୟାୟ, ଦାରିଦ୍ର୍ୟଦୂରୀକରଣ, ନିଯୁକ୍ତି ସୃଷ୍ଟି, ସ୍ୱାସ୍ଥ୍ୟ ଓ ଶିକ୍ଷାର ଉନ୍ନତି ଏବଂ ରାଜନୀତିର ଅପରାଧୀକରଣ ଏବଂ ଦୁର୍ନୀତି ସହ ସମ୍ପର୍କିତ ।

**ନିରାପତ୍ତା ଓ ନ୍ୟାୟ :** ନାଗରିକଙ୍କ ଧନଜୀବନର ସୁରକ୍ଷା ରାଷ୍ଟ୍ରର ମୌଳିକ ଦାୟିତ୍ୱ । ଏବେ କିଛି ବେଆଇନ ତତ୍ତ୍ୱ ଦେଶର ସାର୍ବଭୌମ ଓ ଅଖଣ୍ଡତାକୁ ଧମକ ଦେଉଛନ୍ତି । ଜାମ୍ମୁ-କାଶ୍ମୀରରେ ମୁଣ୍ଡ ଟେକିଥିବା ଜିହାଦି ଆତଙ୍କବାଦ, ଉତ୍ତର-ପୂର୍ବାଞ୍ଚଳର ବିଦ୍ରୋହୀଙ୍କ କାର୍ଯ୍ୟକଳାପ, ଦେଶର ପ୍ରମୁଖ ଅଞ୍ଚଳରେ ନକ୍ସଲପନ୍ଥୀଙ୍କ ଉପଦ୍ରବ ଓ ଅନ୍ୟାନ୍ୟ ଅଞ୍ଚଳରେ ସ୍ଥାନୀୟ କେତେକ ଗୋଷ୍ଠୀଙ୍କ ଚରମପନ୍ଥୀ କାର୍ଯ୍ୟକଳାପ ଭାରତର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତି ଗୁରୁତର ବିପଦ ସୃଷ୍ଟି କରିଛି । ସୌଭାଗ୍ୟର ବିଷୟ ଯେ ଜିହାଦି ଆତଙ୍କବାଦ ବିରୋଧରେ ରାଷ୍ଟ୍ରୀୟ ସମ୍ମତି ପ୍ରକାଶ ପାଇଛି । ତେଣୁ ତା' ବିରୋଧରେ ଦୃଢ଼ ରାଷ୍ଟ୍ରୀୟ କାର୍ଯ୍ୟାନୁଷ୍ଠାନ ଜରୁରୀ । ସେହିଭଳି ଆତଙ୍କ ଓ

ହିଂସାକାଣ୍ଡ ଭିଆଇ ନକ୍ସଲପନ୍ଥୀ, ଚରମପନ୍ଥୀ ଗୋଷ୍ଠୀମାନେ ଗଣତାନ୍ତ୍ରିକ ସରକାରଙ୍କଠାରୁ କ୍ଷମତା ଛଡ଼ାଇ ନେବାକୁ ବିଭିନ୍ନ ରାଜ୍ୟରେ ଯେଉଁ ମସୁଧା ଚଳାଇଛନ୍ତି ସେମାନଙ୍କୁ ଦୃଢ଼ହସ୍ତରେ ଦମନ କରିବାକୁ ହେବ। ଏ କ୍ଷେତ୍ରରେ କେନ୍ଦ୍ର-ରାଜ୍ୟ ସହଯୋଗ, ଉତ୍ତମ ସମନ୍ୱୟ ଓ ରଣନୀତି ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ ଲୋଡ଼ା।

ନ୍ୟାୟ ପାଇବାର ସୁଯୋଗ ସୁବିଧା ନାଗରିକଙ୍କ ପାଇଁ ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ସେମାନେ ଅନ୍ୟାୟ, କଷଣ ଓ ଅତ୍ୟାଚାରରୁ ମୁକ୍ତି ପାଇଁ ରାହା ପାଇଥାନ୍ତି। ବାସ୍ତବତା ହେଲା ଅନେକ ନାଗରିକ ନିଜର ଅଧିକାର ସମ୍ପର୍କରେ ଅଜ୍ଞ। ଅନେକ ଅର୍ଥାଭାବ ଯୋଗୁଁ କିମ୍ବା ସଚେତନତା ଅଭାବରୁ ନ୍ୟାୟ / ସହାୟତା କେଉଁଠୁ ମିଳିପାରିବ ତାହା ଜାଣିନାହାନ୍ତି। ଆଇନର ଜଟିଳ ପାଠକୁ ବୁଝିବା ପାଇଁ ସେମାନଙ୍କ ପାଖରେ ସମୟ କିମ୍ବା ସମ୍ବଳ ନଥାଏ। ଏହିସବୁ କାରଣରୁ ଆମ ଅଦାଲତଗୁଡ଼ିକରେ ୨୦୧୬ ସୁଦ୍ଧା ୨୮ ନିୟୁତ ମାମଲା ପଡ଼ିରହିଛି। ଅତଏବ ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ବିଧିବଦ୍ଧ ବ୍ୟବସ୍ଥା ଅବିଳମ୍ବେ ଗ୍ରହଣ କରାଯିବା ଉଚିତ। ଅତି ଅଭାବି ଜନତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଆଡ୍‌ହକ୍ ଭିତ୍ତିରେ (ଅସ୍ଥାୟୀ ଭାବେ) କିଛି ପଦକ୍ଷେପ ନିଆଯିବା ଯୁକ୍ତିଯୁକ୍ତ ମନେହୁଏ।

**ଦାରିଦ୍ର୍ୟ ଦୂରୀକରଣ:**

ଗତ ସତୁରୀ ବର୍ଷ ମଧ୍ୟରେ ଭାରତରେ ନିୟୁତ ନିୟୁତ ଲୋକ ଦାରିଦ୍ର୍ୟ ସୀମାରେଖା ଅତିକ୍ରମ କରି ମଧ୍ୟବିତ୍ତ ବର୍ଗରେ ସାମିଲ ହୋଇଛନ୍ତି। ଏହା ସତ୍ତ୍ୱେ ଏବେ ମଧ୍ୟ ଦେଶର ୧୩୦ କୋଟି ଲୋକଙ୍କ ମଧ୍ୟରୁ ୨୦ କୋଟି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ଦେଶର ଉତ୍ତର ଓ ପୂର୍ବ ଭାଗରେ ଥିବା ରାଜ୍ୟମାନଙ୍କରେ ଦରିଦ୍ରଙ୍କ ସଂଖ୍ୟା ଅତି ଅଧିକ। ଏସବୁ ଲୋକଙ୍କୁ ଠିକ୍ ଭାବେ ଚିହ୍ନଟ କରି ସେମାନଙ୍କର ତାଲିକା କମ୍ପ୍ୟୁଟରରେ ପଞ୍ଜୀକୃତ କରିବାକୁ ପଡ଼ିବ। ତେବେ ଯାଇ ସେମାନଙ୍କୁ ସିଧାସଳଖ ଆର୍ଥିକ ସୁବିଧାସୁଯୋଗ ଯୋଗାଇ ଦେଇହେବ। ଆର୍ଥିକ ଅନଗ୍ରସର ବା



ଦରିଦ୍ର ଲୋକ ସବୁ ଜାତି, ଧର୍ମ, ବର୍ଣ୍ଣ ଓ ଅଞ୍ଚଳରେ ଅଛନ୍ତି। ତେଣୁ ସେମାନଙ୍କୁ ଆର୍ଥିକ ଅନଗ୍ରସର ତାଲିକାଭୁକ୍ତ କରି ସହାୟତା ଦିଆଯିବା ଉଚିତ।

ଦେଶର ଯୁବକଯୁବତୀମାନଙ୍କୁ ଉଚ୍ଚମାନର ଶିକ୍ଷା ଓ ଦକ୍ଷତା ବିକାଶର ସୁଯୋଗ ଦେଲେ ଗଣତାନ୍ତ୍ରିକ ଶାସନ ଅଧିକ ଦୃଢ଼ ହେବ। ଏବେ ଯୁବସମାଜ ଆଗରେ ଦୁଇଟି ବିକଳ୍ପ। ସେ ବିଶ୍ୱସ୍ତରୀୟ ଇଞ୍ଜିନିୟରିଂ କଲେଜରେ ପାଠପଢ଼ିବ ନା, ନକ୍ସଲ ସଂଗଠନ ବା ଅପରାଧୀ ଗୋଷ୍ଠୀରେ ଯୋଗ ଦେବ। ତେଣୁ ଯୁବସମାଜ ପାଇଁ ଉପଯୁକ୍ତ ସୁବିଧାସୁଯୋଗ ସୃଷ୍ଟି କରିବାକୁ ପଡ଼ିବ। ଏଥିସହିତ ନକ୍ସଲସଂଗଠନ ଓ ଅପରାଧୀ ଗୋଷ୍ଠୀଙ୍କୁ ଦମନ କରିବାକୁ ହେବ।

ଭାରତୀୟ ଗଣତନ୍ତ୍ର ଏହି ସବୁ ଜଟିଳ ପ୍ରସଙ୍ଗକୁ ମୁକାବିଲା କରିପାରିବ ? ଏଥିପାଇଁ କିଛି ପଦକ୍ଷେପ ଗ୍ରହଣ କରିବା ଜରୁରୀ ମନେହୁଏ। ସରକାରଙ୍କୁ ସେବା ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ପଡ଼ିବ। ଉପେକ୍ଷିତ ବର୍ଗଙ୍କ ଉତ୍‌ଥାନ ପାଇଁ ନୀତି ପ୍ରସ୍ତୁତ କରି ସେମାନଙ୍କ କଲ୍ୟାଣ ପାଇଁ ଦୃଷ୍ଟି ଦେବାକୁ ହେବ। ଦକ୍ଷତା ବିକାଶ ସହିତ ନିଯୁକ୍ତି ଓ ରୋଜଗାର ସୃଷ୍ଟି ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ତେବେ ଯାଇ ଏହି ବର୍ଗର ଲୋକେ ବଜାର ବ୍ୟବସ୍ଥାର ଲାଭ ଉଠାଇପାରିବେ।

**କର୍ମ ନିଯୁକ୍ତି:**

ଯୁବବର୍ଗଙ୍କ ପାଇଁ ଉପଯୁକ୍ତ କର୍ମନିଯୁକ୍ତିର ପରିସର ସୃଷ୍ଟି କରିବା ଭାରତୀୟ ରାଜନୈତିକ ଅର୍ଥନୀତି ପାଇଁ ସବୁଠୁ ବଡ଼ ଆହ୍ୱାନ। ଭାରତରେ ୧୮ ରୁ ୩୫ ବର୍ଷର କର୍ମଠ ବର୍ଗରେ ୮୦ ଶତାଂଶ ଲୋକ ରହୁଛନ୍ତି। ଏହି ସଂଖ୍ୟା ସାରା ବିଶ୍ୱରେ ସର୍ବାଧିକ। ପ୍ରତି ମାସରେ ନିୟୁତ ସଂଖ୍ୟକ ଛାତ୍ରଛାତ୍ରୀ ନିଯୁକ୍ତି ବଜାରକୁ ପ୍ରବେଶ କରୁଛନ୍ତି; କିନ୍ତୁ ସେମାନଙ୍କୁ ଉପଯୁକ୍ତ କର୍ମ ସଂସ୍ଥାନ ମିଳୁନାହିଁ। ଦେଶର ଦ୍ରୁତ ଆର୍ଥିକ ବିକାଶ ସତ୍ତ୍ୱେ ନିଯୁକ୍ତି ପ୍ରତ୍ୟାଶୀଙ୍କ ଚାହିଦା ଅନୁସାରେ କର୍ମନିଯୁକ୍ତି ମିଳୁନାହିଁ। ଏହାକୁ କେତେକ ଭାଷ୍ୟକାର ନିଯୁକ୍ତିହୀନ ଅଭିବୃଦ୍ଧି ବୋଲି କହୁଛନ୍ତି। ମାନୁଫାକଚରିଙ୍ଗ ଓ ସେବା କ୍ଷେତ୍ରରେ ନୂଆ ଟେକ୍‌ନୋଲୋଜିର ପ୍ରଚଳନ ଫଳରେ ଲୋକଙ୍କ ହାତରୁ କାମ ମେସିନ୍ ଛଡ଼େଇନେଉଛି। ଫଳରେ ନିଯୁକ୍ତି ସଂକଟ ଅଧିକ ଜଟିଳ ଆକାର ଧାରଣ କରୁଛି। ତେଣେ ବୈଷୟିକ ଦୃଷ୍ଟିରୁ ନିଯୁକ୍ତି ପାଇବାକୁ ଅଯୋଗ୍ୟ (ଟେକ୍‌ନୋଲୋଜିକାଲି ଅନ୍ ଏମ୍ପ୍ଲଏବଲ୍) ଯୁବକଯୁବତୀଙ୍କ ସଂଖ୍ୟା ବଢୁଥିବାରୁ ଦେଶର ଉତ୍ତର ଓ ପୂର୍ବାଞ୍ଚଳର ରାଜ୍ୟଗୁଡ଼ିକରେ ନୂଆ ସମସ୍ୟା ସୃଷ୍ଟି ହୋଇଛି।

ଅଭିବୃଦ୍ଧିର ଯନ୍ତ୍ରବାଦୀ ସମ୍ବେଦନହୀନ ମତ କହେ ଲୋକସଂଖ୍ୟା ବା ଲୋକବଳ ହିଁ ଭାଗ୍ୟ।

ସତ କଥା ହେଲା ଯୁବବର୍ଗର ଉତ୍ତମ ଶିକ୍ଷା ଓ ଦକ୍ଷତା ବିକାଶ ସହିତ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ନ ହେଲେ ଅଧିକ ଜନସଂଖ୍ୟା ସୁଖ ସମୃଦ୍ଧି ଆଣେନାହିଁ। ଏହି ଦିଗ ପ୍ରତି ଉଚିତ ଦୃଷ୍ଟି ନ ଦେଲେ ବିପୁଳ ଜନସଂଖ୍ୟା ଭାରତର ସ୍ଥିରତା ଓ ଶାସନ ପାଇଁ ସମସ୍ୟା ସୃଷ୍ଟି କରିବ।

**ଶିକ୍ଷା ଓ ସ୍ୱାସ୍ଥ୍ୟ:**

ଅଧିକ ନିଯୁକ୍ତି ସୃଷ୍ଟି ସହ ଉତ୍ତମ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଉପରେ ଭାରତକୁ ଗୁରୁତ୍ୱ ଦେବାକୁ ପଡ଼ିବ। ବିଭିନ୍ନ କ୍ଷେତ୍ରର ରୋଜଗାରକ୍ଷମ ବ୍ୟକ୍ତି, ବୟସ୍କ ବ୍ୟକ୍ତି ବିଶେଷ, ଶିଶୁ, ଗରିବ ଓ ଜରାଗ୍ରସ୍ତଙ୍କ ଚିକିତ୍ସା ଓ ଯତ୍ନ ପାଇଁ ସରକାରଙ୍କୁ ନୂଆ ନୂଆ ଅଧିକ ସ୍ୱାସ୍ଥ୍ୟସେବା କେନ୍ଦ୍ର ଓ ପ୍ରତିଷ୍ଠାନ ଖୋଲିବାକୁ ହେବ। ସରକାର ଏ କ୍ଷେତ୍ରରେ ଯେଉଁ ଅର୍ଥ ଏବେ ଖର୍ଚ୍ଚ କରୁଛନ୍ତି ତାହାର ବଡ଼ଭାଗ ଥିଲାବାଲା ଉପଭୋଗ କରୁଛନ୍ତି। ଗରିବ ଓ ଅନଗ୍ରସର ଅଞ୍ଚଳରେ ଥିବା ସ୍କୁଲ ଓ ଚିକିତ୍ସା କେନ୍ଦ୍ରଗୁଡ଼ିକ ପ୍ରାୟତଃ ଅଚଳ କିମ୍ବା ନିମ୍ନମାନର ସେବା ଯୋଗାଉଛନ୍ତି। ଭାରତର ଶିଶୁମାନଙ୍କର ଆବଶ୍ୟକ ବୁଦ୍ଧି ଓ ଦକ୍ଷତା ଥିବା କଥା ବିଭିନ୍ନ ଅନୁଧ୍ୟାନରୁ ଜଣାପଡ଼ିଛି। ଅତଏବ ସେମାନଙ୍କୁ ଉତ୍ତମମାନର ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଯୋଗାଇଦେବାର ଆବଶ୍ୟକତା ରହିଛି। ତାହାର ଅଭାବରେ ସେମାନଙ୍କ ମେଧା ଓ ବୁଦ୍ଧିର ବିକାଶ ହେବ ନାହିଁ। ଦୁଃଖର ବିଷୟ ହେଲା ଆମର ଅଧିକାଂଶ ସରକାରୀ ସ୍କୁଲ ଠିକ୍‌ଠାକ୍ କାମ କରନ୍ତି ନାହିଁ। ଶିକ୍ଷକଙ୍କ ଅଭାବ ଓ ଅନୁପସ୍ଥିତି ପରିସ୍ଥିତିକୁ ବିପର୍ଯ୍ୟସ୍ତ କରିଛି। ପରିଣାମସ୍ୱରୂପ ୧୦ବର୍ଷ ବୟସର ଅଧା ସରକାରୀ ସ୍କୁଲ ପିଲା ସାତବର୍ଷର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ପାଠର ଗୋଟିଏ ପାରାଗ୍ରାଫ୍ ମଧ୍ୟ ବଢ଼ିବାକୁ ସକ୍ଷମ ହୁଅନ୍ତି ନାହିଁ। ଅନେକ ଶିକ୍ଷକ ପାଠ ପଢ଼ାଇବାକୁ ମୋଟାମୋଟି ଭାବେ ଅଯୋଗ୍ୟ। ପାଠ୍ୟକ୍ରମ ପିଲାଙ୍କ ଦକ୍ଷତାକୁ ବିଚାରକୁ ନ ନେଇ ଅତି ଉଚ୍ଚାଭିଳାଷୀ। ଯୋଗ୍ୟ ଶିକ୍ଷକଙ୍କୁ ସେମାନଙ୍କର ପ୍ରତିଭା ଦେଖି ନିଯୁକ୍ତି ଦିଆଯିବା ଉଚିତ। ଏଥିରେ ରାଜନୈତିକ ବିଚାର ରହିବା ଅନାବଶ୍ୟକ। ଘରୋଇ ସ୍କୁଲଗୁଡ଼ିକରେ ସ୍ଥିତି ସାମାନ୍ୟ ଭଲ। ମାତ୍ର ସେସବୁ ସ୍କୁଲ ଅତ୍ୟନ୍ତ ବ୍ୟୟବହୁଳ ଏବଂ ଅଧିକାଂଶ ସହରରେ ଅବସ୍ଥିତ।



ଏଠାରେ ସ୍ମରଣଯୋଗ୍ୟ ଯେ ଶତାବ୍ଦୀ ଶତାବ୍ଦୀ ଧରି ଭାରତ ବିଶ୍ୱର ଉତ୍କୃଷ୍ଟ ଶିକ୍ଷା କେନ୍ଦ୍ର ହୋଇ ରହିଥିଲା ଏବଂ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଉଚ୍ଚମାନର ଶିକ୍ଷା ଯୋଗୁଁ ଭାରତର ସଭ୍ୟତା ଓ ସଂସ୍କୃତି ବିଶ୍ୱରେ ଅଦ୍ୱିତୀୟ ଥିଲା। ବର୍ତ୍ତମାନ ଭାରତରେ ଉଚ୍ଚ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେବାର ସମୟ ଆସିଛି। ଉଚ୍ଚମାନର ଶିକ୍ଷାନୁଷ୍ଠାନ ନିର୍ମାଣ ସହିତ ଅଭିନବ ଜ୍ଞାନକୌଶଳର ଉପଯୋଗ କରି ମଣିଷର ଜ୍ଞାନ ବୃଦ୍ଧି କରିବାକୁ ପଡ଼ିବ।

ଦେଶର ସାମଗ୍ରିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବିପର୍ଯ୍ୟସ୍ତ। କେତେକ ରାଜ୍ୟରେ ଏହା ଅତି କଦର୍ଯ୍ୟ। ଗ୍ରାମାଞ୍ଚଳ, ଯେଉଁଠି ଦେଶର ଜନସଂଖ୍ୟାର ୭୦ ଶତାଂଶ ଲୋକ ବାସ କରନ୍ତି, ସେଠାରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କଥା ଅବର୍ଣ୍ଣନୀୟ। ସହରଗୁଡ଼ିକରେ ଅନେକ ଘରୋଇ ହସପିଟାଲ ଅଛି। ସେଠାରେ ଭଲ ଚିକିତ୍ସକ ଉତ୍ତମ ସେବା ଯୋଗାଉଛନ୍ତି। ଏହା କିନ୍ତୁ ବ୍ୟୟବହୁଳ। ଗ୍ରାମାଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଉନ୍ନତି ଆଣିବା ଏକ ଅପରିହାର୍ଯ୍ୟ ଆବଶ୍ୟକତା। ସ୍ୱାସ୍ଥ୍ୟ ସୂଚନା ପ୍ରଯୁକ୍ତି (ଆଇଟି) ବ୍ୟବସ୍ଥାକୁ ସୁସଂହତ କରି ଗ୍ରାମାଞ୍ଚଳରେ ଅଧିକରୁ ଅଧିକ କ୍ଲିନିକ୍ ଓ ଡାକ୍ତରଖାନା ତିଆରି କଲେ ରୋଗୀସେବା ବ୍ୟବସ୍ଥାରେ ଉନ୍ନତି ଆସିବ। ଦେଶରେ ଡାକ୍ତର ଓ ତାଲିମପ୍ରାପ୍ତ ନର୍ସମାନଙ୍କର ଅଭାବ ରହିଛି। ଚାହିଦା ଅନୁସାରେ ତାହା ପୂରଣ କରିବାକୁ ବ୍ୟବସ୍ଥା କରାଯିବା ଦରକାର।

ସୁଖର କଥା ଯେ ସରକାର ନୂଆ ଶିକ୍ଷା ଓ ସ୍ୱାସ୍ଥ୍ୟନୀତି ପ୍ରଣୟନ କରିବାକୁ ପଦକ୍ଷେପ ଆରମ୍ଭ କରିଛନ୍ତି। ଏହା ଯଥାଶୀଘ୍ର କାର୍ଯ୍ୟକାରୀ ହେବା ଜରୁରୀ।

**ଦୁର୍ନୀତି ଓ ରାଜନୀତିକ ଅପରାଧୀକରଣ:**

ରାଜନୈତିକ ପ୍ରକ୍ରିୟାର ଅପରାଧୀକରଣ ଏବଂ ରାଜନେତା-ସିଭିଲ ସାର୍ଭେଣ୍ଟ ଓ ବ୍ୟବସାୟୀ -

ଉଦ୍ୟୋଗୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକାର କୁପ୍ରଭାବ ସରକାରୀ ନୀତି ପ୍ରଣୟନ ଓ ଶାସନକୁ ପ୍ରଭାବିତ କରୁଛି। ନିର୍ବାଚନରେ ଭାଗନେଇ ବିଧାନସଭା ଓ ସଂସଦକୁ ଅପରାଧୀମାନେ ଅର୍ଥବଳ ଓ ବାହୁବଳ ଦ୍ୱାରା ପ୍ରବେଶ କରୁଛନ୍ତି। ଏହା ଭାରତର ଗଣତାନ୍ତ୍ରିକ ପ୍ରଶାସନ ପାଇଁ ଏକ ବଡ଼ ବିପଦ। ବିଧାସଭା ଓ ସଂସଦର ସଦସ୍ୟମାନେ ପଦର ଦୁରୁପଯୋଗ କରି ବ୍ୟକ୍ତିଗତ ଲାଭରେ ମାତିବା ଓ ଅର୍ଥ ରୋଜଗାରରେ ଲିପ୍ତ ହେବା ଏକ ରାଜନୈତିକ ସଂସ୍କୃତି ପାଲଟି ଯାଇଛି। ସରଳ ଜୀବନ ଓ ନିଃସ୍ୱାର୍ଥପର ସେବା - ଏହି ଗାନ୍ଧିବାଦୀ ବିଶ୍ୱାସକୁ ଆମ ଲୋକପ୍ରତିନିଧିମାନେ ପାଶୋରି ଦେଲେଣି। ଆଇନର ଶାସନ ବେଳେବେଳେ ଲୋକଙ୍କ ଶାସନରେ ପରିଣତ ହେଉଛି। ନିର୍ବାଚନ ଆୟୋଗ ଓ ସଂସଦ ଏହି ସମସ୍ୟା ଘେନି ବିଶେଷ ଚିନ୍ତିତ। ଏହାର ନିରାକରଣ ପାଇଁ ଅଧିକ କଠୋର ଓ ସଶକ୍ତ ଆଇନ ତୁରନ୍ତ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି।

ଭାରତରେ ଉଚ୍ଚସ୍ତରର ଦୁର୍ନୀତି ଯୋଗୁଁ ଶାସନର ମାନ ବଢ଼ିପାରୁନାହିଁ ବୋଲି ବିଚାର କରାଯାଉଛି। ଏହା ମଧ୍ୟ ସମାବେଶୀ ବିକାଶ କ୍ଷେତ୍ରରେ ଏକ ପ୍ରତିବନ୍ଧକ। ମଣିଷର ଲୋଭ ଦୁର୍ନୀତିର ଚାଳକ ହୋଇଥିବାବେଳେ ଏହାକୁ ରୋକିବାରେ ବ୍ୟବସ୍ଥାଗତ ଦୁର୍ବଳତା ଓ ବିଫଳତା ଦୁର୍ନୀତିକୁ ବଢ଼ାଇବାରେ ସହାୟକ ହେଉଛି।

ଆଦେଶ ଓ ନିୟନ୍ତ୍ରଣ ବା କମାଣ୍ଡ ଓ କଣ୍ଟ୍ରୋଲ୍ ବ୍ୟବସ୍ଥାରେ ଅସ୍ୱଚ୍ଛତା, ଅସ୍ୱଚ୍ଛ ସରକାରୀ ବ୍ୟବସ୍ଥା, ସେବା ଯୋଗାଣରେ ସରକାରଙ୍କ ଏକଚାଟିଆ କାରବାର, ଅବିକଶିତ ଆଇନଗତ ଢାଞ୍ଚା, ସୂଚନାର ଅଭାବ ଏବଂ ନାଗରିକ ଅଧିକାରର ଦୁର୍ବଳ ସଂଜ୍ଞା - ଏସବୁ ଭାରତରେ ଦୁର୍ନୀତିକୁ ପ୍ରୋତ୍ସାହିତ କରୁଛି। ଦୋଷୀକୁ ଧରି ତା'ପ୍ରତି ଉଚିତ ଦଣ୍ଡବିଧାନ, ମାମଲାର ତ୍ୱରିତ ବିଚାର ତଥା ସାଧୁ ସଚ୍ଚୋଟ ଜନସେବକ (ସିଭିଲ୍ ସର୍ଭାଣ୍ଟ), ଉଦ୍ୟୋଗପତି / ବ୍ୟବସାୟୀ, ରାଜନେତା ଓ ନାଗରିକଙ୍କ ମର୍ଯ୍ୟାଦା ଏବଂ ସମ୍ମାନକୁ ସୁରକ୍ଷିତ କରିବାକୁ ହେବ।

**ସମ୍ଭାବନା ଓ ସାମର୍ଥ୍ୟ:**

ଭାରତ ଆର୍ଥିକ, ସାମରିକ ଓ ସାଂସ୍କୃତିକ କ୍ଷେତ୍ରରେ ଆଗାମୀ ଦିନରେ ଯଥେଷ୍ଟ ଉନ୍ନତି କରିବାର ସମ୍ଭାବନା ବହନ କରେ। ବିଭିନ୍ନ କ୍ଷେତ୍ରରେ ଭାରତର ଉତ୍‌ଥାନ ଓ ସଫଳତା ଏବେ ଦୃଷ୍ଟିଗୋଚର ହେଉଛି। ଏହାସତ୍ତ୍ୱେ ଦେଶର ଆଭ୍ୟନ୍ତରୀଣ ସାମାଜିକ ଆହ୍ୱାନ ଓ ପଡ଼ୋଶୀଙ୍କ ଆଚରଣ ଦୃଷ୍ଟିରୁ ଏହି ବିକାଶ ଯାତ୍ରା ସହଜ ନୁହେଁ। ବୈଦେଶିକ ନୀତି କ୍ଷେତ୍ରରେ ଆମେ ଦୁଃସାହସିକ ପଦକ୍ଷେପ ନେଇପାରିବା ନାହିଁ କିମ୍ବା ଦେଶର ବଞ୍ଚିତ ଓ ଉପେକ୍ଷିତ ବର୍ଗଙ୍କ ଦାବିକୁ ଉପେକ୍ଷା କରିପାରିବା ନାହିଁ। ଏହି ବଞ୍ଚିତମାନଙ୍କୁ ରାଜନୀତି, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଧିକ ସୁବିଧା ସୁଯୋଗ ଦେବାକୁ ପଡ଼ିବ। ଏହା ସହିତ ଆମକୁ ଆମର ସାମରିକ ଶକ୍ତି ଓ କୌଶଳ ବଢ଼ାଇବାକୁ ହେବ।





ଜନସଂଖ୍ୟା, ସଂସ୍କୃତି, ସହରାୟନ ଓ ମାନବିକ ଚେତନାର ସଂପ୍ରସାରଣ ଦୃଷ୍ଟିରୁ ଇତିହାସ ଅତି ଶୀଘ୍ର ଗତିକରୁଛି। ଏସବୁ ପରିବର୍ତ୍ତନ ସହ ଲୋକଙ୍କ ଆଶା ଆକାଂକ୍ଷାରେ ଏକ ଅସାଧାରଣ ବୃଦ୍ଧି ପରିଲକ୍ଷିତ ହୋଇଛି। ଅତଏବ ଭାରତୀୟ ନେତୃମଣ୍ଡଳୀକୁ ଆର୍ଥିକ, ସାମାଜିକ, ସାଂସ୍କୃତିକ ଓ ବୈଦେଶିକ କ୍ଷେତ୍ରରେ ଏକାଧିକ ନୂତନ ନୀତି ବାଛିବାକୁ ପଡ଼ିବ। ଏହାସହିତ ଆମର ଶକ୍ତି ସାମର୍ଥ୍ୟକୁ ବିଚାରକୁ ନେଇ ବୈଷୟିକ ଉଦ୍‌ଭାବନ, ସମସ୍ୟା ସମାଧାନ ଦକ୍ଷତା ଓ ରାଜନୈତିକ ଦୂରଦୃଷ୍ଟି ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ହେବ। ଭାରତର ରାଜନୀତି, ଗଣମାଧ୍ୟମ, ଶିକ୍ଷାବିତ୍, ବିଚାରଗୋଷ୍ଠୀର ବିଦ୍ୱାନ ଓ ଦକ୍ଷ ବ୍ୟକ୍ତିବିଶେଷ ପ୍ରସଙ୍ଗର ପର୍ଯ୍ୟାଲୋଚନା କରି ଏହା ଉପରେ ସାଧାରଣ ବିତର୍କ ଆରମ୍ଭ କରିବାର କ୍ଷମତା ରଖନ୍ତି।

ମହାତ୍ମା ଗାନ୍ଧି ଚାହିଁଥିଲେ ଯେ ଆମେ ସମସ୍ତେ ସେଭଳି ଏକ ଭାରତ ଗଠନ ପାଇଁ କାର୍ଯ୍ୟ କରିବା ଯେଉଁଠି ଅତି ଦରିଦ୍ର ଲୋକେ ଭାବିବେ ଯେ ଏହା ତାଙ୍କର ମାତୃଭୂମି ଏବଂ ତାହାର ନିର୍ମାଣରେ ସେମାନଙ୍କର ଅବଦାନ ଥିବା କଥା ସେମାନେ ଅନୁଭବ କରିପାରିବେ। ସେହି ଭାରତରେ ଉଚ୍ଚ ଓ ନୀଚ ବର୍ଗର ସ୍ଥାନ ନଥିବ ଏବଂ ସବୁ ସଂପ୍ରଦାୟର ଲୋକେ ପୂର୍ଣ୍ଣ ସଦ୍‌ଭାବ ଓ ସଂପ୍ରୀତି ମଧ୍ୟରେ ବାସ କରିବେ।

ଗଣତନ୍ତ୍ର କ୍ରମଶଃ ବିକାଶ ଓ ଶାସନର ନୂଆ ବିଶେଷତ୍ୱକୁ ନିର୍ଦ୍ଧାରଣ କରୁଛି। ଗତ ସାତ ଦଶନ୍ଧି ମଧ୍ୟରେ ଗଣତନ୍ତ୍ର ନିର୍ଦ୍ଧାରିତ ନିର୍ବାଚନ ପରିଚାଳନା ବାହାରେ ସୁଶାସନ ଏବଂ ନାନାଦିବିକାଶ ପ୍ରକ୍ରିୟାରେ ବିଭିନ୍ନ ପକ୍ଷଙ୍କ ଅଂଶଗ୍ରହଣ ଉପରେ କ୍ରମଶଃ ଅଧିକ ଗୁରୁତ୍ୱ ଦେଉଛି।

ଏକ ସମାବେଶୀ ସମାଜ ଗଠନ ପାଇଁ ଧୈର୍ଯ୍ୟ ଓ ପରିଶ୍ରମ ଲୋଡ଼ା। ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ହେଲା ସମାଜର ବଞ୍ଚିତ ବର୍ଗଙ୍କୁ ସବଳ କରି ଅଧିକ ସଫଳ କରିବା। ଏଥିପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା, ସହରାଞ୍ଚଳ ଯୋଜନା, ସରକାରୀ ପରିବହନ ସେବା, ଆବର୍ଜନା ପରିଚାଳନା ଏବଂ ଗ୍ରାମାଞ୍ଚଳ ଗୃହନିର୍ମାଣ କାର୍ଯ୍ୟକ୍ରମରେ ନୂଆ କୌଶଳ ଓ ବିଚାର ଲୋଡ଼ା। ଏ କ୍ଷେତ୍ରରେ ଆମକୁ ମୌଳିକ ସୂତ୍ରକୁ ପୁନଃ ଆବିଷ୍କାର କରିବା ପରିବର୍ତ୍ତେ ଆମ ଭାରତୀୟ ସମାଜ ଓ ବ୍ୟବସ୍ଥାକୁ କ'ଣ ସୁହାଇବ ତାହା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ମୁଁ 'ଯୋଗାଡ଼' ଜ୍ଞାନ କୌଶଳ କଥା କେବଳ କହୁ ନାହିଁ, ଏହା ବାହାରେ ଅଧିକ କିଛି ତାତ୍ତ୍ୱିକ ଓ ମୂଳଭୂତ ପ୍ରସଙ୍ଗ ସାମିଲ।

ମହାକାଶ, କମ୍ପ୍ୟୁଟର, ସଫ୍ଟଓ୍ୱେୟାର, ଅଟୋମୋବାଇଲ କମ୍ପୋନେଣ୍ଟ, ନୂଆ ଔଷଧପତ୍ର ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିକଟ ଅତୀତରେ ଭାରତ ଅନେକ କିଛି ନୂଆ ନୂଆ ଉପଲବ୍ଧି ଓ ଅଭିନବତା ହାସଲ କରିଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ'ର ସଫଳତା ସେଥିମଧ୍ୟରୁ ଗୋଟିଏ ଉଦାହରଣ। ଏହି ସଂସ୍ଥା ଏବେ ବିଶ୍ୱସ୍ତରୀୟ ହୋଇପାରିଛି। ଭାରତର ପୁରପଲ୍ଲୀରେ ଇଣ୍ଟରନେଟର ବହୁଳ ପ୍ରବେଶ ପ୍ରଗତିର ଏକ ମାଇଲଖୁଣ୍ଟ।

ଏକ ରାଷ୍ଟ୍ର ଓ ସଭ୍ୟତା ହିସାବରେ ଭାରତ ସିନ୍ଧୁ ସଭ୍ୟତା କାଳରୁ ନୂଆ ନୂଆ ସଫଳତା ଓ ଅଭିନବତା ହାସଲ କରିଆସିଛି। ଯୋଗ, ପ୍ରାକୃତିକ ଚିକିତ୍ସା, ତର୍କ ଏବଂ ଶାସ୍ତ୍ର ଓ ଦାର୍ଶନିକ ଅନୁସନ୍ଧିତ୍ସା ଆଦି ବିଷୟକ ଆମର ଉପଲବ୍ଧି ଓ ଅଭିନବତା ସର୍ବଜନବିଦିତ। କମ୍ପ୍ୟୁଟର ଯୁଗରେ ମଧ୍ୟ ଆମର ସଫଳତା ଆମ ଦକ୍ଷତାକୁ ପ୍ରତିପାଦନ କରେ। ଏବେ ସରକାର, ପ୍ରଶାସନ, ବଜାର ବ୍ୟବସ୍ଥା, ନାଗରିକ ସମାଜ ଆଦି ବିଭିନ୍ନ କ୍ଷେତ୍ରରେ ନୂଆ ନୂଆ ଅଭିନବ କଥାମାନ ଘଟୁଛି। ସାମାଜିକ ଓ ରାଜନୈତିକ ପ୍ରକ୍ରିୟା କ୍ରମଶଃ ଆନ୍ତଃ ସଂଯୁକ୍ତ ହୋଇ ଦେଶରେ ସଂଭ୍ରାନ୍ତବର୍ଗଙ୍କ ଚରିତ୍ର ବଦଳାଇବାରେ ସହାୟକ ହେଉଛି।

ବିକାଶ ଓ ଧର୍ମନିରପେକ୍ଷତା ପରସ୍ପରର ପରିପୂରକ। ଅନ୍ୟ ବ୍ୟକ୍ତିର ଦୃଷ୍ଟିକୋଣ ଓ ଧର୍ମ ପ୍ରତି ସମ୍ମାନ ପ୍ରଦାନ ଭାରତୀୟ ଉତ୍ତରାଧିକାରର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସଭ୍ୟତାର ଏହି ବିଶେଷତ୍ୱ, ମୋ ମତରେ ଯାହାକୁ ବହୁଧା ପ୍ରବୃତ୍ତି କୁହାଯାଇପାରେ, ଭାରତକୁ ରାଷ୍ଟ୍ର ପଟଳରେ ସଦର୍ପେ ଛିଡ଼ା କରାଇପାରିଛି। ଏହି ନୀତି ପାଇଁ ଭାରତରେ ବିଶ୍ୱର ସବୁ ପ୍ରମୁଖ ଧର୍ମର ଲୋକେ ଏକାଠି ରହିବାକୁ ସମର୍ଥ ହୋଇଛନ୍ତି।

ଆମେ ଯେଉଁ ନୀତି ଓ ଶୈଳୀରେ ବହୁଳବାଦୀ ନୀତି ଆପଣେଇ ଆମ ସମାଜକୁ ଆଗେଇ ନେଇଛୁ ତାହାକୁ ସମଗ୍ର ବିଶ୍ୱ ସମ୍ମାନ

> ମହାତ୍ମା ଗାନ୍ଧି ଚାହିଁଥିଲେ ଯେ ଆମେ ସମସ୍ତେ ସେଭଳି ଏକ ଭାରତ ଗଠନ ପାଇଁ କାର୍ଯ୍ୟ କରିବା ଯେଉଁଠି ଅତି ଦରିଦ୍ର ଲୋକେ ଭାବିବେ ଯେ ଏହା ତାଙ୍କର ମାତୃଭୂମି ଏବଂ ତାହାର ନିର୍ମାଣରେ ସେମାନଙ୍କର ଅବଦାନ ଥିବା କଥା ସେମାନେ ଅନୁଭବ କରିପାରିବେ। ସେହି ଭାରତରେ ଉଚ୍ଚ ଓ ନୀଚ ବର୍ଗର ସ୍ଥାନ ନଥିବ ଏବଂ ସବୁ ସଂପ୍ରଦାୟର ଲୋକେ ପୂର୍ଣ୍ଣ ସଦ୍‌ଭାବ ଓ ସଂପ୍ରୀତି ମଧ୍ୟରେ ବାସ କରିବେ।
>
> ଗଣତନ୍ତ୍ର କ୍ରମଶଃ ବିକାଶ ଓ ଶାସନର ନୂଆ ବିଶେଷତ୍ୱକୁ ନିର୍ଦ୍ଧାରଣ କରୁଛି। ଗତ ସାତ ଦଶନ୍ଧି ମଧ୍ୟରେ ଗଣତନ୍ତ୍ର ନିର୍ଦ୍ଧାରିତ ନିର୍ବାଚନ ପରିଚାଳନା ବାହାରେ ସୁଶାସନ ଏବଂ ନାନାଦିବିକାଶ ପ୍ରକ୍ରିୟାରେ ବିଭିନ୍ନ ପକ୍ଷଙ୍କ ଅଂଶଗ୍ରହଣ ଉପରେ କ୍ରମଶଃ ଅଧିକ ଗୁରୁତ୍ୱ ଦେଉଛି।
>
> ଏକ ସମାବେଶୀ ସମାଜ ଗଠନ ପାଇଁ ଧୈର୍ଯ୍ୟ ଓ ପରିଶ୍ରମ ଲୋଡ଼ା। ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ହେଲା ସମାଜର ବଞ୍ଚିତ ବର୍ଗଙ୍କୁ ସବଳ କରି ଅଧିକ ସଫଳ କରିବା। ଏଥିପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା, ସହରାଞ୍ଚଳ ଯୋଜନା, ସରକାରୀ ପରିବହନ ସେବା, ଆବର୍ଜନା ପରିଚାଳନା ଏବଂ ଗ୍ରାମାଞ୍ଚଳ ଗୃହନିର୍ମାଣ କାର୍ଯ୍ୟକ୍ରମରେ ନୂଆ କୌଶଳ ଓ ବିଚାର ଲୋଡ଼ା। ଏ କ୍ଷେତ୍ରରେ ଆମକୁ ମୌଳିକ ସୂତ୍ରକୁ ପୁନଃ ଆବିଷ୍କାର କରିବା ପରିବର୍ତ୍ତେ ଆମ ଭାରତୀୟ ସମାଜ ଓ ବ୍ୟବସ୍ଥାକୁ କ'ଣ ସୁହାଇବ ତାହା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ।

ପ୍ରଦାନ କରୁଛି। ସେଥିପାଇଁ ଆମ ସମାଜର ସଂଖ୍ୟାଲଘୁ ଓ ଦୁର୍ବଳ ଶ୍ରେଣୀ ପ୍ରତି ଆମକୁ ଅଧିକ ସଚେତନ ହେବାକୁ ପଡ଼ିବ। ଆମକୁ ହୃଦୟଙ୍ଗମ କରିବାକୁ ହେବ ଯେ କେବଳ ଏକ ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ଭାରତ ହିଁ ଆମ ଲୋକଙ୍କ ବିଶ୍ୱାସଭାଜନ ହେବ। ଏହା ମଧ୍ୟ ଭାରତ ପ୍ରତି ସମଗ୍ର ବିଶ୍ୱର ବିଶ୍ୱାସ ଉଜ୍ଜୀବିତ କରି ରଖିବ।

ଏକ ସଭ୍ୟତାର ସ୍ୱାସ୍ଥ୍ୟ ଓ ଦୃଢ଼ତା ତାହାର ପାରମ୍ପରିକ ଧାର୍ମିକ ରୀତିନୀତି, କାର୍ଯ୍ୟକଳାପ, ବିଶ୍ୱାସ, ମତବାଦ ଓ ପୁରୁଣାକାଳିଆ ବିଶ୍ୱାସର ପରିହାର କ୍ଷେତ୍ରରେ ଲଢ଼େଇ କରିବାର ସାମର୍ଥ୍ୟରୁ ବିଚାର ହୁଏ। ଅନ୍ଧବିଶ୍ୱାସ, ରକ୍ଷଣଶୀଳ ବିଚାର ଓ ରୁଢ଼ିବାଦୀ ରୀତିନୀତି ବିକାଶର ପଥରୋଧ କରିଥାଏ ଏବଂ ସମାଜରେ ବିଭାଜନ ସୃଷ୍ଟି କରେ। ସମୟକ୍ରମେ ଭାରତୀୟ ସଭ୍ୟତା ତାହାର ସ୍ଥିତି ସ୍ଥାପକତା ପ୍ରଦର୍ଶନ କରି ଏଭଳି ସମସ୍ୟା ସହ ସଂଘର୍ଷ କରି ସଫଳ ହେଉଛି। ମୋର ବିଶ୍ୱାସ, ଯେ ପର୍ଯ୍ୟନ୍ତ ଭାରତୀୟ ସମାଜ ଶାସନତନ୍ତ୍ର, କଳା, ସାହିତ୍ୟ, ସଂସ୍କୃତି, ବିଜ୍ଞାନ, ପ୍ରଯୁକ୍ତି, ଗଣତାନ୍ତ୍ରିକ ଅନୁଷ୍ଠାନ ଓ ନ୍ୟାୟ ଆଦି କ୍ଷେତ୍ରରେ ସୃଜନାତ୍ମକ ବିଚାର ଓ ବ୍ୟକ୍ତିତ୍ୱକୁ ପ୍ରୋତ୍ସାହିତ କରିଚାଲିବ ସେ ପର୍ଯ୍ୟନ୍ତ ଭାରତର ପ୍ରାଚୀନ ସାଂସ୍କୃତିକ ଶକ୍ତି ପୁନଃନବୀକୃତ ହେଉଥିବ।

'ଇଣ୍ଡିଆ ଯାହାକି ଭାରତ' ଏହି ଉକ୍ତିର ବୃହତ୍ତର ମୂଲ୍ୟବୋଧ ରହିଛି। ଏହା ତାହାର ସନ୍ତାନଙ୍କୁ ସରଳ ଜୀବନ, ଦୃଢ଼ ପାରିବାରିକ ସମ୍ପର୍କ, ଅନ୍ୟର ଦୃଷ୍ଟିକୋଣ ପ୍ରତି ସହନଶୀଳତା, ଆଧ୍ୟାତ୍ମିକ ଅନୁସନ୍ଧାନ ଓ ପରିବେଶ ପ୍ରତି ସମ୍ମାନ ଆଦି ଶିକ୍ଷା ଦେଇଥାଏ। ଭାରତର ସମ୍ବିଧାନ ଏସବୁ ମୂଲ୍ୟବୋଧକୁ ଅନୁମୋଦନ କରି ଅନେକଙ୍କ ଦ୍ୱାରା ଶାସନ ପରିବର୍ତ୍ତେ 'ଆଇନର ଶାସନ'ର ଏକ ଦୃଢ଼ ଢାଞ୍ଚା ପ୍ରଦାନ କରିଛି।

'ସମସ୍ତଙ୍କ ସହିତ ସମସ୍ତଙ୍କର ବିକାଶ' ସ୍ଲୋଗାନ ଏହି ପରିପ୍ରେକ୍ଷୀରେ ବେଶ୍ ଉପଯୁକ୍ତ ମନେହୁଏ। ବିକାଶ କେବଳ ସମାବେଶୀ ହେବା ଉଚିତ ନୁହେଁ ଏହା ମଧ୍ୟ ଗଣତାନ୍ତ୍ରିକ ନୀତି ଓ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ହେବା ଅପରିହାର୍ଯ୍ୟ। ଏହାର ଠିକଣା ପରିପାଳନ ଫଳରେ ଭାରତରୁ କ୍ଷୁଧା, ଦାରିଦ୍ର୍ୟ ଓ ଅଶିକ୍ଷାର ଅଭିଶାପ ଦୂର ହୋଇପାରିବ।

**ଉପସଂହାର:**

ଉପସଂହାରରେ ମୋ ଲିଖିତ ଏକ ବହି "ଟ୍ରେଣ୍ଡିଫାଷ୍ଟ ସେଞ୍ଚୁରୀ : ଜିଓ ପଲିଟିକ୍ସ, ଡେମୋକ୍ରାସୀ ଆଣ୍ଡ୍ ପିସ୍'ରୁ ଗୋଟିଏ ଅନୁଚ୍ଛେଦ ଉଦ୍ଧାର କରୁଛି। ତାହା ହେଲା –

"ପ୍ରକୃତ ପ୍ରସଙ୍ଗ ହେଲା; ଭାରତ ଆଗକୁ ବଢୁଛି ତ ? ଏକ ସନ୍ଧିକ୍ଷଣରେ ଥିବା ରାଷ୍ଟ୍ର ଭାବେ ଆମେ ଉତ୍ତମ ଶାସନ ଆଡ଼କୁ ଆଗୋଉଛନ୍ତି କି ? ଏହାର ଉତ୍ତର ଅସ୍ତିବାଚକ ଭାବେ ଦେବାକୁ ମୁଁ ଆଗ୍ରହୀ। ରାଜନୈତିକ ନେତୃତ୍ୱ, ଶାସନ ସହ ସଂପୃକ୍ତ ଅନୁଷ୍ଠାନରେ ନୂଆ ଜାଗରଣ, ବିଚାରାଳୟର ସ୍ୱାଧୀନ ଚରିତ୍ର, ସକ୍ରିୟ ଗଣମାଧ୍ୟମ ଏବଂ ନାଗରିକ ସମାଜ ତଥା ଅନ୍ୟାନ୍ୟ ଅନୁଷ୍ଠାନ ଏଥିପାଇଁ ମୋତେ ଆଶାବାଦୀ କରନ୍ତି। ଏହି ଆତ୍ମବିଶ୍ୱାସ ଓ ଆଶା ପଛରେ ରହିଛନ୍ତି ଭାରତର ନାଗରିକ, ବିଶେଷ କରି ଯୁବ ସମାଜ। ସେମାନେ ଚାହାନ୍ତି ଶାସନ ଲୋକଙ୍କ ଆଶା ଓ ବିଶ୍ୱାସର ଅନୁରୂପ ହେଉ ଏବଂ ଶାସନତନ୍ତ୍ର ଓ ସରକାର ଲୋକଙ୍କ ପ୍ରତି ସମ୍ବେଦନଶୀଳ ହେଉ। ରାଜନୈତିକ କାର୍ଯ୍ୟନିର୍ବାହୀ, ଶିଳ୍ପ ଓ ଉଦ୍ୟୋଗଜଗତର ନେତୃଗଣ ଏବଂ ସରକାରୀ ଚାକିରିରେ ଥିବା ବ୍ୟକ୍ତିବିଶେଷ ଏଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ। ଅନିବାର୍ଯ୍ୟ ଉପସଂହାର ହେଲା – ସରକାର, ନାଗରିକ ସମାଜ, ଅନୁଷ୍ଠାନ ସମୂହ ଏବଂ ବଜାରକୁ ଏଥିପାଇଁ ମିଳିତ ଭାବେ କାମ କରିବାକୁ ପଡ଼ିବ। ଗଣତନ୍ତ୍ରର ବିଭିନ୍ନ ତତ୍ତ୍ୱ, ସଂସ୍କୃତି ଓ ପ୍ରଶାସନ ନିଜନିଜ ମଧ୍ୟରେ ସମନ୍ୱୟ ରଖି କାମ କଲେ ଏହା ସମ୍ଭବ ହୋଇପାରିବ।"

**ଲେଖକ ସିକ୍କିମର ପୂର୍ବତନ ରାଜ୍ୟପାଳ, ଜଣେ ବିଶିଷ୍ଟ ଲେଖକ ଓ ଚିନ୍ତକ**

# ସମସ୍ତଙ୍କ ପାଇଁ ଆବାସ ଭିତ୍ତିଭୂମି ଓ ଏହାର ପରିଚାଳନା ବ୍ୟବସ୍ଥା

● କୃଷ୍ଣ ଦେବ

ଦେଶ ସ୍ୱାଧୀନତା ପରେ ପରେ ଶରଣାର୍ଥୀଙ୍କ ଥଇଥାନ ପାଇଁ ଭାରତରେ ସରକାରୀ ଆବାସ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ପରଠାରୁ ଆବାସ ନିର୍ମାଣ ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରାଧିକାର କ୍ଷେତ୍ର ହୋଇଆସିଛି ଏବଂ ଏହାକୁ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ସହିତ ସଂଯୁକ୍ତ କରାଯାଇଛି।

ଆବାସ ଏକ ମୌଳିକ ଆବଶ୍ୟକତା ତଥା ନିର୍ମାଣ ଉଦ୍ୟୋଗ ଦେଶର ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ନିରନ୍ତର ମୂଲ୍ୟ ହିସାବରେ ନିର୍ମାଣ ଉଦ୍ୟୋଗ ଭାରତୀୟ ଜିଡିପିକୁ ଆଠ ଶତାଂଶ ଆୟ ଯୋଗାଏ। କୃଷି ପରେ ଏହା ଦ୍ୱିତୀୟ ସର୍ବାଧିକ ନିଯୁକ୍ତି ପ୍ରଦାନକାରୀ ଉଦ୍ୟୋଗ ଓ ଆର୍ଥିକ କାର୍ଯ୍ୟକ୍ରମକୁ ବିଶେଷ ଅବଦାନ ଦେଇଥାଏ। ସେବା କ୍ଷେତ୍ର ପରେ ନିର୍ମାଣ ଉଦ୍ୟୋଗକୁ ଦ୍ୱିତୀୟ ସର୍ବାଧିକ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ଆସିଥାଏ। ଏହି କ୍ଷେତ୍ରରେ ୩୫ ନିୟୁତ ଲୋକ କାର୍ଯ୍ୟ କରନ୍ତି ଓ ଏହା ଅର୍ଥନୀତିର ସମସ୍ତ କ୍ଷେତ୍ରକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରଭାବିତ କରିଥାଏ।

ସହରସମୂହ ଧନର କେନ୍ଦ୍ର। କେତେକ ମହାନଗରୀର ମୁଣ୍ଡପିଛା ଆୟ ଦେଶର ସାମଗ୍ରିକ ମୁଣ୍ଡପିଛା ଆୟଠାରୁ ମଧ୍ୟ ବହୁ ଅଧିକ। କେତେକ କ୍ଷେତ୍ରରେ ଏହା ମଧ୍ୟ ଦେଶର ଜାତୀୟ ହାରର ଦୁଇଗୁଣରୁ ବେଶୀ। ଆବାସ ନିର୍ମାଣ ଉଦ୍ୟୋଗ ଦେଶର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ କ୍ଷେତ୍ର। ବିପୁଳ ଜନସଂଖ୍ୟା, ଲୋକଙ୍କ ଆୟ ବୃଦ୍ଧି ଓ ଦ୍ରୁତ ସହରାୟନ ଆଦି କାରଣରୁ ଏହି ଉଦ୍ୟୋଗର ଅଭିବୃଦ୍ଧି ଦ୍ରୁତତର। ୨୦୦୧ରେ ଭାରତରେ ୨୮୬ ନିୟୁତ ଲୋକ ସହରାଞ୍ଚଳରେ ବସବାସ କରୁଥିଲେ। ଏ କ୍ଷେତ୍ରରେ ବିଶ୍ୱରେ ଭାରତର ସ୍ଥାନ ଦ୍ୱିତୀୟ।

୨୦୧୧ ଜନଗଣନା ଅନୁସାରେ ଭାରତର ସହରାଞ୍ଚଳ ଜନସଂଖ୍ୟା ୩୭୭ ନିୟୁତକୁ ବୃଦ୍ଧି ପାଇଛି। ଏହାର ଅର୍ଥ ସହରାଞ୍ଚଳ ଜନସଂଖ୍ୟାରେ ପ୍ରାୟ ୩୨ ଶତାଂଶ ଅଭିବୃଦ୍ଧି ଘଟିଛି। ଦେଶର ଗ୍ରାମାଞ୍ଚଳରେ ୨୦୧୨ ସୁଦ୍ଧା ୪୭.୪ ନିୟୁତ ଘରର ଅଭାବ ଥିଲା। ଆକଳନ ଅନୁସାରେ ୨୦୩୦ ସୁଦ୍ଧା ଭାରତର ସହରାଞ୍ଚଳରେ ୫୯ କୋଟି ଲୋକ ବସବାସ କରିବେ। ଏହି ଜନସଂଖ୍ୟା ସହିତ ସେତେବେଳେ ୧୮.୮ ନିୟୁତ ଘରର ଅଭାବ ଦେଶରେ ପଡ଼ିବ।

ଘର ଅଭାବର ସମ୍ମୁଖୀନ ହେବାକୁ ଥିବା ବା ହେଉଥିବା ଏହି ଜନସଂଖ୍ୟା ପାଇଁ ଆବାସ ଯୋଗାଣ ବ୍ୟବସ୍ଥା କଥା ଚିନ୍ତା କରିବା ସମୟର ଆହ୍ୱାନ। କେବଳ ସେମାନଙ୍କ ପାଇଁ ଘର କରିଦେଲେ ଚଳିବ ନାହିଁ, ସେମାନଙ୍କ ଆତଜାତ ପାଇଁ ପରିବହନ ବ୍ୟବସ୍ଥା ଓ ରୋଜଗାର କଥା ଚିନ୍ତା କରିବାକୁ ହେବ। ବର୍ତ୍ତମାନର ଛୋଟକାଟିଆ ସହର ଓ ନୂଆ କରି ଗଢ଼ିଉଠୁଥିବା ସହରାଞ୍ଚଳରେ ପରିବହନ ବ୍ୟବସ୍ଥା ଏକ ସମସ୍ୟା। ଆଗକୁ ସହର ବଢ଼ିବା ସହ ଜନସଂଖ୍ୟା ବୃଦ୍ଧି ଯୋଗୁଁ ପରିବହନ ସମସ୍ୟା ଯେପରି ଏକ ସଂକଟଜନକ ସ୍ଥିତିରେ ନ' ପହଞ୍ଚେ ସେଥିପାଇଁ ଏବେଠୁ ଦୂରଦୃଷ୍ଟିସଂପନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେପ ଜରୁରୀ।

୨୦୦୧ରେ ଭାରତରେ ୫୧୬୧ ସହର (ଟାଉନ୍) ଥିଲା। ୨୦୧୧ରେ ଏହି ସଂଖ୍ୟା ୭୯୩୫ରେ ପହଞ୍ଚିଥିଲା। ଗତ ଶତାବ୍ଦୀରେ ଦ୍ରୁତ ସହରାୟନ ଯୋଗୁଁ ସହର ଓ ନଗରାଞ୍ଚଳର ଜନସଂଖ୍ୟା ନିରନ୍ତର ଭାବେ ବୃଦ୍ଧି ପାଇବାରେ ଲାଗିଛି। ସହରାଞ୍ଚଳ ଜନସଂଖ୍ୟା ବୃଦ୍ଧିର ଏହି ଧାରା ଯୋଗୁଁ ପ୍ରଥମ ଶ୍ରେଣୀର ସହରଗୁଡ଼ିକରେ ଅଧିକରୁ ଅଧିକ ଲୋକ ବସବାସ କରୁଛନ୍ତି। ବଡ଼ ସହରମାନଙ୍କରେ ଏବେ ସହରାଞ୍ଚଳ ଜନସଂଖ୍ୟାର



ଦୁଇ ତୃତୀୟାଂଶରୁ ଅଧିକ ଲୋକ ରହୁଛନ୍ତି। ଏସବୁ ନଗରୀ ବା ପ୍ରଥମ ଶ୍ରେଣୀର ସହରମାନଙ୍କର ଜନସଂଖ୍ୟା ଅତି କମ୍‌ରେ ଏକ ଲକ୍ଷରୁ ଅଧିକ। ସେହିଭଳି ବଡ଼ ସହର, ୧୦ ଲକ୍ଷରୁ ଅଧିକ ଲୋକ ବାସ କରୁଥିବା ସହର, ୫୦ଲକ୍ଷରୁ ଅଧିକ ଲୋକ ରହୁଥିବା ସହରର ଲୋକ ସଂଖ୍ୟା ମଧ୍ୟ ଆଶାତୀତ ଭାବେ ବଢ଼ି ବଢ଼ି ଚାଲିଛି। ଏସବୁ ସହରର ପରିବହନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ରଣକୌଶଳ ଓ ଯୋଜନା ଲୋଡ଼ା।

ସହରାଞ୍ଚଳର ଆବାସ ଓ ସେବା ଯୋଗାଣ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ଅନେକ ନୀତି ଓ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଜାକାରିଆ କମିଟି (୧୯୬୩) ପ୍ରଥମେ ଏଥିପାଇଁ ବିଭିନ୍ନ ସୁପାରିଶ କରିଥିଲେ। ଏହାପରେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା, ସଂଗଠନ ଏ କ୍ଷେତ୍ରରେ ସରକାରଙ୍କୁ ବିଭିନ୍ନ ସୁପାରିଶମାନ କରିଛନ୍ତି। ସେଥିମଧ୍ୟରୁ ଟାଉନ୍ ଓ କଣ୍ଟ୍ରି ପ୍ଲାନିଂ ଅର୍ଗାନାଇଜେସନ (୧୯୭୪), ଯୋଜନା କମିଶନ (୧୯୮୩, ୧୯୯୩), ଅପରେସନ ରିସର୍ଚ୍ଚ ଗ୍ରୁପ୍ (୧୯୮୯), ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ (୧୯୯୧), କେନ୍ଦ୍ରୀୟ ସାଧାରଣ ସ୍ୱାସ୍ଥ୍ୟ ଓ ପରିବେଶ ଇଞ୍ଜିନିୟରିଂ ପ୍ରତିଷ୍ଠାନ (୧୯୯୯), ଇଶର ଆଲୁୱାଲିଆ କମିଟି ଭିତ୍ତିଭୂମି ରିପୋର୍ଟ (୨୦୧୧) ଜାତୀୟ ସହରାଞ୍ଚଳ ଭିତ୍ତିଭୂମି ନୀତି (୨୦୦୬) ଓ ୧୯୮୮ର ଜାତୀୟ ଆବାସନୀତି ଅନ୍ୟତମ। ଏହାଛଡ଼ା ବିଭିନ୍ନ ରାଜ୍ୟ ସରକାର ମଧ୍ୟ ସହରାଞ୍ଚଳ ଭିତ୍ତିଭୂମି ବିକାଶ, ପରିବହନ ଓ ଆବାସ ବ୍ୟବସ୍ଥାର ଉନ୍ନତି ପାଇଁ ନିଜନିଜର ନୀତି ପ୍ରସ୍ତୁତ କରି କାର୍ଯ୍ୟକାରୀ କରିଛନ୍ତି।

ଏସବୁ ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଜାତୀୟ ଆବାସିକ ବ୍ୟାଙ୍କ (ଏନ୍‌ଏଚ୍‌ବି) ଓ ସହରାଞ୍ଚଳ ବିକାଶ ନିଗମ (ହୁଡ଼କୋ) ପ୍ରତିଷ୍ଠା କରିଛନ୍ତି। ସହରାଞ୍ଚଳ ଆବାସ ସମସ୍ୟାର ସମାଧାନ ପାଇଁ ଜାତୀୟ ସ୍ତରରେ ୨୦୦୭ରେ ପ୍ରଥମେ ଏକ ନିର୍ଦ୍ଦିଷ୍ଟ ନୀତି ପ୍ରଣୟନ କରାଯାଇ ଲୋକଙ୍କୁ ଶସ୍ତାରେ ଘର ଯୋଗାଇ ଦେବାର


राजीव
आवास
योजना
RAJIV AWAS YOJANA

ପ୍ରୟାସ ଆରମ୍ଭ ହେଲା। ଏହା ସହିତ ସହରାଞ୍ଚଳର ନିରନ୍ତର ବିକାଶକୁ ମଧ୍ୟ ଅଗ୍ରାଧିକାର ଦିଆଗଲା। ଏହା ପରେ ପରେ ନିର୍ଦ୍ଦିଷ୍ଟ ଭାବେ ବିଭିନ୍ନ ଆବାସିକ ନୀତି ସହରାଞ୍ଚଳ ପାଇଁ ପ୍ରସ୍ତୁତ ହୋଇଛି। ସେଥିମଧ୍ୟରୁ ଜବାହାରଲାଲ ନେହରୁ ଜାତୀୟ ସହରାଞ୍ଚଳ ମିଶନ (ଜେଏନ୍‌ଏନ୍‌ୟୁଆରଏସ୍) ଅନ୍ୟତମ। ଏହି ଯୋଜନାରେ ୨୦୦୫ ରୁ ୧୨ ମଧ୍ୟରେ ୬୫ଟି ସହରର ଗରିବଙ୍କ ପାଇଁ ୧୫ ଲକ୍ଷ ଘର ନିର୍ମାଣର ଲକ୍ଷ୍ୟ ରଖାଯାଇଥିଲା। ଏହି ଯୋଜନାରେ ସମନ୍ୱିତ ଆବାସ ଓ ବସ୍ତି ଅଞ୍ଚଳର ପୁନର୍ବିକାଶ ନୀତି କାର୍ଯ୍ୟକାରୀ ହୋଇଥିଲା। ସେହିଭଳି ସହରାଞ୍ଚଳ ଗରିବଙ୍କ ପାଇଁ ମୌଳିକ ସେବା ଯୋଗାଣ ଲକ୍ଷ୍ୟରେ ବିଏସ୍‌ୟୁପି ଯୋଜନା ହାତକୁ ନିଆଯାଇଥିଲା। ଏଥିରେ ସ୍ୱଳ୍ପ ଆୟକାରୀ ବର୍ଗଙ୍କୁ ଶସ୍ତା ଘର ନିର୍ମାଣ, ଭୋଗଦଖଲର ନିରାପତ୍ତା, ଜଳଯୋଗାଣ, ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ ସେବା, ସାମାଜିକ ନିରାପତ୍ତା ଅଗ୍ର ପ୍ରାଧାନ୍ୟ ପାଇଥିଲା।

ଲୋକଙ୍କ କ୍ରୟ ଶକ୍ତିକୁ ଦେଖି ସୁଲଭ ମୂଲ୍ୟର ଘର ନିର୍ମାଣର ଯେଉଁ ପରିକଳ୍ପନା କରାଯାଇଛି ସେଥିରେ ଅଂଶୀଦାରୀ ବ୍ୟବସ୍ଥାକୁ ଯୋଡ଼ାଯାଇଛି। ଘରୋଇ କ୍ଷେତ୍ରକୁ ଏଥିରେ ସାମିଲ କରି ବଜାରଭିତ୍ତିକ ସମାଧାନ ସୂତ୍ର ବାହାର କରିବାକୁ ଚେଷ୍ଟା କରାଯାଇଛି। ସେହିଭଳି ରାଜୀବ ଆବାସ ଯୋଜନାରେ ସହରାଞ୍ଚଳ ଗରିବଙ୍କୁ ଶସ୍ତାରେ ଘର ଯୋଗାଇବାର ବ୍ୟବସ୍ଥା ହୋଇଛି। ୨୦୧୫ ମେ ମାସରେ ସରକାର ରାଜୀବ ଆବାସ ଯୋଜନାକୁ ସମସ୍ତଙ୍କ ପାଇଁ ୨୦୨୨ ସୁଦ୍ଧା ଆବାସ ଯୋଗାଣ ଯୋଜନାରେ ସାମିଲ କରିଛନ୍ତି। ଏଥିପାଇଁ ବିଧିବଦ୍ଧ ନୂଆ ନୀତି ଓ କାର୍ଯ୍ୟକ୍ରମ ମଧ୍ୟ ପ୍ରସ୍ତୁତ କରାଯାଇଛି। ୨୦୨୨ରେ ଦେଶ ତାହାର ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ କରିବା ବେଳେ ସହରାଞ୍ଚଳର ସବୁ ଗରିବ ବାସହୀନ ଯେପରି ଶସ୍ତାରେ ଘର ପାଇବେ ସେଥିପାଇଁ ପ୍ରଧାନମନ୍ତ୍ରୀ ସମସ୍ତଙ୍କ ପାଇଁ ଘର ଯୋଜନାର ଲକ୍ଷ୍ୟ ନିର୍ଦ୍ଧାରଣ କରିଛନ୍ତି। ଏଥିପାଇଁ କେନ୍ଦ୍ର ସରକାର ଏକ ବ୍ୟାପକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ୨୦୨୨ ସୁଦ୍ଧା ଦେଶର ବିଭିନ୍ନ ପ୍ରାନ୍ତରେ ଦୁଇ କୋଟିରୁ ଅଧିକ ଘର ତିଆରି କରିବା କାମରେ ଲାଗିଛନ୍ତି। ଏହା ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନାମରେ ପରିଚିତ ଏବଂ ଏଥିପାଇଁ କେନ୍ଦ୍ରସରକାର ଆର୍ଥିକ ସହାୟତା ରାଜ୍ୟଗୁଡ଼ିକୁ ଯୋଗାଇଦେଉଛନ୍ତି। ଏହି ଯୋଜନାରେ ଉପକୃତ ହେବାକୁ ଥିବା ଲୋକଙ୍କ ମଧ୍ୟରେ ଅଛନ୍ତି ସହରାଞ୍ଚଳର ଗରିବ, ଆର୍ଥିକ ଅନଗ୍ରସର ଓ ସ୍ୱଳ୍ପ ଆୟକାରୀ ବର୍ଗର ବ୍ୟକ୍ତିବିଶେଷ। ୨୦୧୧ର ଜନଗଣନା ହିସାବରେ ଦେଶର ୪୦୪୧ଟି ବୈଧାନିକ (ମାନ୍ୟତାପ୍ରାପ୍ତ) ସହରରେ ଏହା ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେଉଛି। ଏଥିରେ ରହିଛି ୫୦୦ ପ୍ରଥମଶ୍ରେଣୀର ସହର ଯେଉଁଠି ତିନିପର୍ଯ୍ୟାୟରେ ଏହି ଯୋଜନା କାର୍ଯ୍ୟକାରୀ ହେବ।

ପ୍ରଥମ ପର୍ଯ୍ୟାୟରେ ୨୦୧୫ରୁ ୨୦୧୭ ମଧ୍ୟରେ ୧୦୦ଟି ସହରରେ ଏହି ଯୋଜନାର କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୨୦୧୭ ଏପ୍ରିଲରୁ ୨୦୧୯ ମାର୍ଚ୍ଚ ମଧ୍ୟରେ ଆଉ ୨୦୦ ସହରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟ ଶେଷ କରିବାର ଲକ୍ଷ୍ୟ ରଖାଯାଇଛି। ଅବଶିଷ୍ଟ ୨୦୦ ସହରରେ ଏହି ଯୋଜନା ତୃତୀୟ ପର୍ଯ୍ୟାୟରେ ଏପ୍ରିଲ ୨୦୧୯ରୁ ୨୦୨୨ ମାର୍ଚ୍ଚ ମଧ୍ୟରେ କାର୍ଯ୍ୟକାରୀ ହେବ।

୨୦୧୭ କେନ୍ଦ୍ରୀୟ ବଜେଟରେ ଏଥିପାଇଁ ବ୍ୟୟ ବରାଦକୁ ୧୫ ହଜାର କୋଟିରୁ ୨୦ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଶସ୍ତା ଗୃହ ନିର୍ମାଣକୁ ମଧ୍ୟ ଭିତ୍ତିଭୂମିର ମର୍ଯ୍ୟାଦା ଦେଇ ବିଲ୍ଡର ଓ ନିବେଶକଙ୍କ ଦୀର୍ଘକାଳୀନ ଦାବିକୁ ପୂରଣ କରାଯାଇଛି। ଏହାଦ୍ୱାରା ଏହି



କ୍ଷେତ୍ରରେ ପୁଞ୍ଜିନିବେଶ ସହଜ ହେବ ଏବଂ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ।

୨୦୧୫ ବଜେଟରେ ମଧ୍ୟ ସରକାର ୬୦ ନିୟୁତ ଶସ୍ତା ଘର ଯୋଗାଇଦେବାକୁ ଅଙ୍ଗୀକୃତ ହୋଇଥିଲେ ଓ ଏ ବାବଦରେ ୨୦୧୯ସୁଦ୍ଧା ୬୧୦୦ କୋଟି ଟଙ୍କା ବ୍ୟୟ କରିବାକୁ ଘୋଷଣା କରିଥିଲେ। ତେବେ ସରକାରଙ୍କ ଏହି ଘର ନିର୍ମାଣ ଯୋଜନା ପାଇଁ ମୋଟ୍ ଏକ ଟ୍ରିଲିୟନ ବା ଏକ ଲକ୍ଷ କୋଟି ଟଙ୍କାର ଆବଶ୍ୟକତା ଥିବା ଆକଳନ କରାଯାଇଛି। ସେଥିମଧ୍ୟରୁ ୭୦ ରୁ ୮୦ ଶତାଂଶ ଅର୍ଥ ଆଗାମୀ ପାଞ୍ଚରୁ ସାତ ବର୍ଷ ମଧ୍ୟରେ ଶସ୍ତା ଘର ନିର୍ମାଣ ପାଇଁ ଲାଗିବ। ଏହି ପାଣ୍ଠିର ଆବଶ୍ୟକତା ପୂରଣ କରିବା ପାଇଁ ସରକାର ବିଶେଷ ତତ୍ପରତାର ସହିତ ଏ କ୍ଷେତ୍ରରେ ଘରୋଇ ଉଦ୍ୟୋଗକୁ ସାମିଲ କରିବାକୁ ପ୍ରୟାସ କରୁଛନ୍ତି। ଏହି ଉଦ୍ୟୋଗରୁ ପୁଞ୍ଜି ଆସିଲେ ପାଣ୍ଠି ଯୋଗାଡ଼ ସମସ୍ୟା ଅନେକାଂଶରେ ଦୂର ହେବ। ୨୦୧୯ ସୁଦ୍ଧା ଗ୍ରାମାଞ୍ଚଳରେ ମଧ୍ୟ ଏକ କୋଟି ଘର ନିର୍ମାଣର ଲକ୍ଷ୍ୟ ରହିଛି। ବାସହୀନ ଓ କଚ୍ଚା ଘରେ ରହୁଥିବା ଗରିବଙ୍କୁ ଏହି ନୂଆ ପକ୍କା ଘର ଯୋଗାଇବାକୁ ସରକାର ଅଙ୍ଗୀକୃତ।

ଏହି ବ୍ୟାପକ ଆବାସ ନିର୍ମାଣ ଯୋଜନା ଓ ବିପୁଳ ପାଣ୍ଠି ବିନିଯୋଗ ଦୃଷ୍ଟିରୁ ଆଗାମୀ ଦିନରେ ଆବାସ ନିର୍ମାଣ ଉଦ୍ୟୋଗ ଓ ରିୟଲ ଇଷ୍ଟେଟ କ୍ଷେତ୍ରରେ ଏକ ବଡ଼ଧରଣର ଅଭିବୃଦ୍ଧି ଆସିବାକୁ ଯାଉଛି। ଏହାଦ୍ୱାରା ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ତ୍ୱରାନ୍ୱିତ ହେବା ସହ ସହରାଞ୍ଚଳରେ ଅନେକ ରୋଜଗାର ସୁଯୋଗ ସୃଷ୍ଟି ହେବ। ଭାରତୀୟ ପ୍ରେକ୍ଷାପଟରେ ବିଚାର କଲେ ଏହା ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ରିୟଲ ଇଷ୍ଟେଟ କ୍ଷେତ୍ରରେ ଏହି ବିକାଶ ଫଳରେ ଦେଶର ସହରାଞ୍ଚଳରେ ଅଧିକରୁ ଅଧିକ ରୋଜଗାର ଓ ଉପାର୍ଜନ ସୁଯୋଗ ସୃଷ୍ଟି ହେବ। ଏଡ୍ ଗ୍ଲାକସରଙ୍କ ଭାଷାରେ ସହରରେ ଗରିବ ଲୋକ ସୃଷ୍ଟି ହୁଅନ୍ତି ନାହିଁ, ସହର ଗରିବ ଲୋକଙ୍କୁ ଆକର୍ଷିତ କରେ। ଏହି ଆକର୍ଷଣ ଅନ୍ୟ କିଛି ନୁହେଁ ବରଂ ଗାଁ ଛାଡ଼ି ସହରକୁ ଲୋକଙ୍କ ପଳାୟନ। ଭିଟାମାଟି ଛାଡ଼ି ସହରକୁ ପଳାଇ ଆସୁଥିବା ଏହି ଲୋକଙ୍କ ପାଇଁ ଆବାସ, ପାଣି, ଆଲୋକ, ପରିବହନ ଓ ଶୌଚ ବ୍ୟବସ୍ଥା ଭଳି ମୌଳିକ ଆବଶ୍ୟକତା ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ନିର୍ମାଣ ଉଦ୍ୟୋଗରେ କାମ ନିରନ୍ତର ଚାଲେ ନାହିଁ। ମଝିରେ ମଝିରେ ଏହା ଧିମେଇ ଯାଏ ବା ବନ୍ଦ ହୁଏ। ଫଳରେ ଏ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ସବୁବେଳେ କାମ ମିଳେ ନାହିଁ। ତେଣୁ ସେମାନେ ମଝିରେ ମଝିରେ ବେକାର ଓ ଅର୍ଦ୍ଧ ବେକାର ହୋଇ ରହନ୍ତି। ଏଭଳି ସ୍ଥିତିରେ ଶ୍ରମିକମାନେ ଦୟନୀୟ ସ୍ଥିତିରେ କାଳାତିପାତ କରନ୍ତି। ସେମାନଙ୍କୁ ମଧ୍ୟ ଶୋଷଣର ସମ୍ମୁଖୀନ ହେବାକୁ ପଡ଼େ। ସ୍ୱଳ୍ପକାଳ ପାଇଁ ସହରକୁ ଆସିଥିବା ଗ୍ରାମାଞ୍ଚଳ ଶ୍ରମିକମାନେ ବସ୍ତିରେ ଅସ୍ୱାସ୍ଥ୍ୟକର ପରିବେଶରେ ରହିବାକୁ ବାଧ୍ୟ ହୁଅନ୍ତି। ପଲା ମାରି ସରକାରୀ ଯାଗାରେ ମୁଣ୍ଡ ଗୁଞ୍ଜୁଥିବା ଏହି ଶ୍ରମିକମାନେ ସର୍ବଦା ଉଚ୍ଛେଦ ଭୟରେ କାଳକାଟନ୍ତି। ଅନେକ ମଧ୍ୟ ଫୁଟ୍‌ପାଥରେ ବା ସହରର ପାର୍କ କଡ଼ରେ ମୁଣ୍ଡ ଗୁଞ୍ଜନ୍ତି। ସେମାନଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ମିଳେନାହିଁ। ସେମାନଙ୍କୁ ନାନା ଭାବେ ହଇରାଣ ହରକତ କରାଯାଏ। ମହିଳାମାନେ ସବୁଠୁ ବେଶି ଅସୁବିଧା ଭୋଗନ୍ତି। ବେଳେବେଳେ ଏହି ଶ୍ରମିକମାନେ ସହରାଞ୍ଚଳରେ ବେଆଇନ ବସ୍ତି ତଆରି କରି ସେଠି ରହନ୍ତି। ସେହି କଲୋନୀଗୁଡ଼ିକରେ ବିଭିନ୍ନ ଅଞ୍ଚଳ, ଧର୍ମ, ଭାଷା ଓ ସଂସ୍କୃତିର ଲୋକ ଏକାଠି ରହିବାକୁ ବାଧ୍ୟ ହୁଅନ୍ତି।

ଆବାସ ଓ ମୌଳିକ ଭିତ୍ତିଭୂମିର ଚାହିଦା ଓ ଯୋଗାଣ କ୍ଷେତ୍ରରେ ଯେଉଁ ପ୍ରମୁଖ ସମସ୍ୟା ରହିଛି ସେଥିରୁ ଦୁଇଟି ହେଲା ଜଟିଳ ଓ ଲମ୍ବା ପ୍ରକ୍ରିୟା, ବାହ୍ୟ ଯୋଗାଯୋଗ ଓ ଭିତ୍ତିଭୂମିର ଅଭାବ। ଜମିର କିସମ ପରିବର୍ତ୍ତନ, ଭବନର ପ୍ଲାନ୍ ତନଖି ଓ ଅନୁମୋଦନ, ନିର୍ମାଣ ଆଦେଶ ହାସଲ, ସବୁ ସଂସ୍ଥାଠାରୁ ଏନ୍‌ଓସି ହାସଲ କରି କାମ ଆରମ୍ଭ କରିବା ପାଇଁ ପ୍ରାୟ ଦୁଇ ବର୍ଷ ଲାଗିଯାଉଛି। ଏହା ଫଳରେ

ପ୍ରକଳ୍ପ ନିର୍ମାଣର ଖର୍ଚ୍ଚ ବଢୁଛି ଏବଂ ସମୟ ନଷ୍ଟ ହେଉଛି । ସହରାଞ୍ଚଳ ଗରିବଙ୍କୁ ଶସ୍ତାରେ ଗୃହଯୋଗାଣ କ୍ଷେତ୍ରରେ ଥିବା ଏହି ଅସୁବିଧାକୁ ଦୂର କରିବାକୁ ପଡ଼ିବ । ଦ୍ୱିତୀୟରେ ବାହ୍ୟ ସଂଯୋଗ ଓ ଭିତ୍ତିଭୂମି କ୍ଷେତ୍ରରେ ଜମି ଯୋଗାଣ, ଆବାସ ନିର୍ମାଣ ପାଇଁ ମୌଳିକ ଭିତ୍ତିଭୂମିର ବିକାଶ ବିଭିନ୍ନ କାରଣରୁ ବିଳମ୍ବିତ ହେଉଛି । ଏହାକୁ ଦୃଷ୍ଟିରେ ରଖି କେତେକ ରାଜ୍ୟ ସରକାର ଜମି ଏକାଠି କରିବା ଓ ଅନ୍ୟ କାର୍ଯ୍ୟ ତଦାରଖ କରିବାକୁ ଜିପିଏସ୍ ବ୍ୟବସ୍ଥାର ଉପଯୋଗ କରୁଛନ୍ତି । ମଧ୍ୟପ୍ରଦେଶ ଓ କର୍ଣ୍ଣାଟକରେ ବାସ୍ତବ ସ୍ଥିତି ତଦାରଖ ପାଇଁ ଜିପିଏସ୍ ଉପଯୋଗ କରାଯାଉଛି ।


ଧାର୍ଯ୍ୟ ସମୟ ୨୦୨୨ ସୁଦ୍ଧା ଆମକୁ ଏହି ଆବାସ ଯୋଗାଡ଼ ଲକ୍ଷ୍ୟ ହାସଲ କରିବାକୁ ହେଲେ ଜଳ, ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ, ଶିକ୍ଷା, ପରିବହନ, ଶକ୍ତି ଓ ପରିବେଶ ଆଦି ପ୍ରସଙ୍ଗଗୁଡ଼ିକ ଉପରେ ଆବଶ୍ୟକ ଦୃଷ୍ଟିଦେବାକୁ ପଡ଼ିବ । ଏସବୁ କ୍ଷେତ୍ରର ସ୍ଥିର ନିରନ୍ତର ବିକାଶ ନ'ହେଲେ ମଣିଷର ଜୀବନ ଧାରଣ ସୁଖଦ ହୋଇପାରିବ ନାହିଁ । ଏହାର ପ୍ରଭାବ ମଧ୍ୟ ଭବିଷ୍ୟତର ଆବାସ ଯୋଜନାର ସଫଳତା ଉପରେ ସିଧାସଳଖ ପଡ଼ିବ । ଅତଏବ ନୂଆ ଆବାସ ଯୋଜନାଗୁଡ଼ିକୁ ଏପରି ତିଆରି କରିବାକୁ ପଡ଼ିବ ଯେପରି କି ଭବିଷ୍ୟତରେ ଏହାର ଆଖପାଖରେ ବସ୍ତି ଗଢ଼ି ଉଠିବାର ସମ୍ଭାବନା ନ ଥିବ କିମ୍ବା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇ ଜନଜୀବନ ବିପନ୍ନ ହେଉ ନ ଥିବ ।

**ଜଳ, ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟ:**

ଜଳ ଯୋଗାଣ, ପରିଚ୍ଛନ୍ନତା ଓ ଅସ୍ୱାସ୍ଥ୍ୟକର ପରିବେଶ ବସ୍ତି ତଥା ସହରାଞ୍ଚଳର ପ୍ରମୁଖ ସମସ୍ୟା । ଅନେକ ସମୟରେ ପାଇପ ଜଳ ଯୋଗାଣର ବ୍ୟବସ୍ଥା ସତ୍ତ୍ୱେ ପାଣି ସ୍ୱାଭାବିକ ଆସେ ନାହିଁ କିମ୍ବା ଅନେକ ଦିନ ବନ୍ଦ ରହେ । ସେହିଭଳି ସଫେଇ ଓ ପରିଚ୍ଛନ୍ନତା ପ୍ରତି ଗୁରୁତ୍ୱ ଦିଆଯାଏନାହିଁ । ଏହା ଯୋଗୁଁ ପରିବେଶ ପ୍ରଦୂଷିତ ହୋଇ ନାନା ପ୍ରକାର ରୋଗବ୍ୟାଧି ବ୍ୟାପେ । ୨୦୦୯ର ଏକ ଅନୁଧ୍ୟାନ ଅନୁସାରେ ଦେଶର ସହରାଞ୍ଚଳରେ ୧୪ବର୍ଷରୁ କମ୍ ବୟସର ୨୩ ନିୟୁତ ପିଲା ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ଅନୁରପ କାରଣରୁ ସହରାଞ୍ଚଳରେ ପ୍ରତି ୧୦୦୦ ଶିଶୁରେ ୪୨ ଜଣଙ୍କର ମୃତ୍ୟୁ ଘଟୁଛି । ଏହି ହାର ଗ୍ରାମାଞ୍ଚଳ ଶିଶୁ ମୃତ୍ୟୁ ହାରଠାରୁ କମ୍ ହୋଇଥିଲେ ହେଁ ସହରାଞ୍ଚଳ ପାଇଁ ଯଥେଷ୍ଟ ଅଧିକ ।

ଜଳଯୋଗାଣ କ୍ଷେତ୍ରରେ ପାଇପ୍ ଓ ଟ୍ୟାପ୍‌ର ମରାମତି କିମ୍ବା ରକ୍ଷଣାବେକ୍ଷଣ ନିୟମିତ ଭାବେ ହୁଏନାହିଁ । ବେଆଇନ ପାଣି ସଂଯୋଗ ଅଧିକ ଥିବା ବେଳେ ନିୟମିତ ଜଳକର ଆଦାୟ ହୁଏ ନାହିଁ । ମଇଳା ପାଣିର ନିଷ୍କାସନ ସୁବିଧା ନ ଥାଏ । ଫଳରେ ସହରର ବସ୍ତି ଅଞ୍ଚଳରେ ଜଳ ଯୋଗାଣ ଏକ କ୍ଷତିସାଧନକାରୀ ବ୍ୟବସ୍ଥାରେ ପରିଣତ ହୋଇଛି । ଏହି ଦିଗ ପ୍ରତି ମଧ୍ୟ ଦୃଷ୍ଟି ଦିଆଯିବା ଆବଶ୍ୟକ ।

ସହରାଞ୍ଚଳର ଆଉ ଏକ ବଡ଼ ସମସ୍ୟା ହେଉଛି ତଳିଆ ଅଞ୍ଚଳରେ ପାଣି ଜମି ରହି କୃତ୍ରିମ ବନ୍ୟା ସୃଷ୍ଟି ହେବା । ଆବଶ୍ୟକ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଦୀର୍ଘ ଦିନ ପର୍ଯ୍ୟନ୍ତ ପାଣି ଜମି ରହି ପ୍ରଦୂଷିତ ବାତାବରଣ ସୃଷ୍ଟି କରିବା ସହିତ ଭୂତଳ ଜଳକୁ ଦୂଷିତ କରିଥାଏ । ଏହା ଯୋଗୁ ମଧ୍ୟ ମୃତ୍ତିକା କ୍ଷୟ ଘଟେ ଓ ନାନା ରୋଗବ୍ୟାଧି



ବ୍ୟାପେ। ଅତଏବ ସହରାଞ୍ଚଳ ଜଳ ପରିଚାଳନା ପାଇଁ ଯୋଜନାକୃତ ପଦକ୍ଷେପ ଗ୍ରହଣ କରି ନୂଆ ଜ୍ଞାନ କୌଶଳର ଉପଯୋଗ କରିବା ଜରୁରୀ। ନର୍ଦ୍ଦମା ପରିଚାଳନା ମଧ୍ୟ ସହରାଞ୍ଚଳର ଆଉ ଏକ ସମସ୍ୟା। ଉଭୟ ଖୋଲା ଡ୍ରେନ ଓ ଭୂତଳ ଡ୍ରେନର ପରିଚାଳନା ପାଇଁ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଲୋଡ଼ା। ତା'ହେଲେ ନର୍ଦ୍ଦମା ପାଣି ସହରକୁ ନର୍କକୁଣ୍ଡରେ ପରିଣତ କରିବ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦେଶର ୫୧୬୧ ସହର / ନଗର ମଧ୍ୟରୁ ୪୮୬୧ରେ ସ୍ୱେରେଜ ବ୍ୟବସ୍ଥା ନାହିଁ। ବେଙ୍ଗାଲୁରୁ ଓ ହାଇଦରାବାଦ ଭଳି ନଗରୀରେ ପ୍ରାୟ ୫୦ ଶତାଂଶ ଘର ସ୍ୱେରେଜ ବ୍ୟବସ୍ଥାରୁ ବିଚ୍ଛିନ୍ନ ହୋଇ ଏବେ ମଧ୍ୟ ରହିଛି। ଦେଶର ସହରାଞ୍ଚଳର ୧୮ ଶତାଂଶ ଲୋକଙ୍କ ପାଇଁ କୌଣସି ଶୌଚାଳୟର ସୁବିଧା ନାହିଁ। ତେଣୁ ସେମାନେ ଖୋଲାରେ ମଳମୂତ୍ର ତ୍ୟାଗ କରନ୍ତି। ସେହିଭଳି ସହରର ୨୦ ଭାଗରୁ ଅଧିକ ରାସ୍ତା ଘାଟରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ। ଫଳରେ ସାମାନ୍ୟ ବର୍ଷାରେ ସେସବୁ ବୁଡ଼ିଯାଏ।

୨୦୧୦ର ଏକ ହିସାବ ଅନୁସାରେ ଭାରତ ସରକାର ଯଦି ବର୍ଜ୍ୟଜଳର ପରିଚାଳନା ବ୍ୟବସ୍ଥା ନ କରନ୍ତି ତାହାର ପ୍ରଭାବରେ ଯେଉଁ ଜଳବାହିତ ରୋଗ ସବୁ ବ୍ୟାପିବ, ତାହାର ଚିକିତ୍ସା ପାଇଁ ୧୫୦୦ କୋଟି ଡଲାର ଖର୍ଚ୍ଚ କରିବାକୁ ପଡ଼ିବ।

**କଠିନ ବର୍ଜ୍ୟବସ୍ତୁ ପରିଚାଳନା:**

ଭାରତୀୟ ସହର ବଜାରରେ ପ୍ରତିଦିନ ବିପୁଳ ପରିମାଣର କଠିନ ବର୍ଜ୍ୟବସ୍ତୁ ଜମାହୁଏ। ଭାରତରେ ଏହି ପରିମାଣ ଅନ୍ୟାନ୍ୟ ଦେଶ ତୁଳନାରେ କମ୍ ହୋଇଥିଲେ ହେଁ କଠିନ ବର୍ଜ୍ୟବସ୍ତୁରୁ ପ୍ରାକୃତିକ ଉପାୟରେ ନଷ୍ଟ ହୋଇପାରୁଥିବା ଅଳିଆକୁ ଭାରତରେ ପୃଥକ୍ କରାଯାଏ ନାହିଁ। ଉଭୟ ପୌରସଂସ୍ଥା ଓ ଜନତା ଏଦିଗରେ ଅନାସକ୍ତ। ଆବର୍ଜନା ଗଦାରୁ ଅଳିଆ ନିୟମିତ ଭାବେ ଉଠାଯାଏ ନାହିଁ କିମ୍ବା ଏହାର ପ୍ରକ୍ରିୟାକରଣ ପ୍ରାୟତଃ ହୁଏନା। ୨୦୦୦ ମସିହାରେ ମୁନିସ୍‌ପାଲ ବର୍ଜ୍ୟବସ୍ତୁ ପରିଚାଳନା ଆଇନ କାର୍ଯ୍ୟକାରୀ ହୋଇଥିଲେ ହେଁ ଏହାର ପ୍ରବର୍ତ୍ତନ ଅତ୍ୟନ୍ତ ଦୁର୍ବଳ। ଭାରତର ସହରୀ ବର୍ଜ୍ୟବସ୍ତୁ ମଧ୍ୟରୁ ୬୦ ଶତାଂଶ ପ୍ରାକୃତିକ ଉପାୟରେ ବିଘଟନ ଓ ପଚନକ୍ଷମ। ବାକିତକ ପ୍ରାକୃତିକ ଉପାୟରେ ନଷ୍ଟ ହୁଏନା। ଏଥିରେ ରହିଛି ପ୍ଲାଷ୍ଟିକ, ଜରି, ପଲିଥିନ, ପ୍ୟାକେଜିଂରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଇତ୍ୟାଦି। ବଡ଼ ସହରାଞ୍ଚଳରେ ମୁଣ୍ଡପିଛା ବର୍ଜ୍ୟବସ୍ତୁ ପକାଇବା ହାର ବାର୍ଷିକ ୧.୩ ହାରରେ ବଢ଼ି ବଢ଼ି ଚାଲିଛି। ୨୦୧୪ ଅକ୍ଟୋବର ୨ରେ ଭାରତ ସରକାର ସ୍ୱଚ୍ଛଭାରତ ଅଭିଯାନ ଆରମ୍ଭ କରିଛନ୍ତି। ୨୦୧୯ ଅକ୍ଟୋବର ୨ ସୁଦ୍ଧା ଭାରତକୁ ସ୍ୱଚ୍ଛ ଓ ପରିଷ୍କାର କରିବା ଏହି ଯୋଜନାର ଲକ୍ଷ୍ୟ। ଏହା ଏକ ଭଲ କାର୍ଯ୍ୟକ୍ରମ ଏବଂ ଏହାର ସଫଳତା ପାଇଁ ଜନସହଯୋଗ ଲୋଡ଼ା।

**ପରିବହନ:**

ସହରାଞ୍ଚଳ ପରିବହନ ଏକ ବୃହତ୍ତର ପରିପ୍ରକାଶ। ଏହା ଭିତରେ ଆସୁଛି ଗୋଟିଏ ସହରର ଯାତ୍ରୀ ଓ ସାମଗ୍ରୀ ପରିବହନ ବ୍ୟବସ୍ଥା। ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସହର ମଧ୍ୟରେ ଯିବା ଆସିବା କରିବାକୁ କିମ୍ବା ମାଲ ପରିବହନ ପାଇଁ ଲୋକେ ବିଭିନ୍ନ ପନ୍ଥାର ଆଶ୍ରୟ ନେଇଥାନ୍ତି। ପାଦରେ ଚାଲିବା, ସାଇକଲ ବା ଦୁଇ ଚକିଆ ଯାନ, ରିକ୍ସା, ଅଟୋ ରିକ୍ସା,



୨୦୧୫ ବଜେଟରେ ମଧ୍ୟ ସରକାର ୬୦ ନିୟୁତ ଶସ୍ତା ଘର ଯୋଗାଇଦେବାକୁ ଅଙ୍ଗୀକୃତ ହୋଇଥିଲେ ଓ ଏ ବାବଦରେ ୨୦୧୯ସୁଦ୍ଧା ୬୧୦୦ କୋଟି ଟଙ୍କା ବ୍ୟୟ କରିବାକୁ ଘୋଷଣା କରିଥିଲେ। ତେବେ ସରକାରଙ୍କ ଏହି ଘର ନିର୍ମାଣ ଯୋଜନା ପାଇଁ ମୋଟ୍ ଏକ ଟ୍ରିଲିୟନ ବା ଏକ ଲକ୍ଷ କୋଟି ଟଙ୍କାର ଆବଶ୍ୟକତା ଥିବା ଆକଳନ କରାଯାଇଛି। ସେଥିମଧ୍ୟରୁ ୭୦ ରୁ ୮୦ ଶତାଂଶ ଅର୍ଥ ଆଗାମୀ ପାଞ୍ଚରୁ ସାତ ବର୍ଷ ମଧ୍ୟରେ ଶସ୍ତା ଘର ନିର୍ମାଣ ପାଇଁ ଲାଗିବ। ଏହି ପାଣ୍ଠିର ଆବଶ୍ୟକତା ପୂରଣ କରିବା ପାଇଁ ସରକାର ବିଶେଷ ତତ୍ପରତାର ସହିତ ଏ କ୍ଷେତ୍ରରେ ଘରୋଇ ଉଦ୍ୟୋଗକୁ ସାମିଲ କରିବାକୁ ପ୍ରୟାସ କରୁଛନ୍ତି। ଏହି ଉଦ୍ୟୋଗରୁ ପୁଞ୍ଜି ଆସିଲେ ପାଣ୍ଠି ଯୋଗାଡ଼ ସମସ୍ୟା ଅନେକାଂଶରେ ଦୂର ହେବ। ୨୦୧୯ ସୁଦ୍ଧା ଗ୍ରାମାଞ୍ଚଳରେ ମଧ୍ୟ ଏକ କୋଟି ଘର ନିର୍ମାଣର ଲକ୍ଷ୍ୟ ରହିଛି। ବାସହୀନ ଓ କଚ୍ଚା ଘରେ ରହୁଥିବା ଗରିବଙ୍କୁ ଏହି ନୂଆ ପକ୍କା ଘର ଯୋଗାଇବାକୁ ସରକାର ଅଙ୍ଗୀକୃତ।

ମୋଟର କାର୍, ଘରୋଇ ଓ ସରକାରୀ ବସ୍, ଟ୍ରକ୍ ଆଦି ବିଭିନ୍ନ ମାର୍ଗ ଏଥି ପାଇଁ ରହିଛି। ଏସବୁ ମୁଖ୍ୟତଃ ସଡ଼କ ପରିବହନ ପାଇଁ ଉଦ୍ଦିଷ୍ଟ। ଏହାଛଡ଼ା ସହର ମଧ୍ୟରେ ରେଳ ସେବାର ପ୍ରଚଳନ କେତେକ କ୍ଷେତ୍ରରେ ମଧ୍ୟ ରହିଛି।

ଭାରତର ସହରମାନଙ୍କରେ ପରିବହନ ବ୍ୟବସ୍ଥାର ମାତ୍ର ୨୨ ଶତାଂଶ ସରକାରୀ ପରିବହନ ସଂସ୍ଥା ଯୋଗାଇଥାନ୍ତି। ଏଥିରେ ସ୍ୱଳ୍ପ ଆୟକାରୀ ଲୋକ ବେଶୀ ଯାତାୟାତ କରିଥାନ୍ତି। ତୁଳନାତ୍ମକ ଭାବେ ଦେଖିଲେ ଫିଲିପାଇନ୍ସ, ଭେନିଜୁଏଲା ଓ ଇଜିପ୍ଟରେ ସରକାରୀ ପରିବହନ ଯୋଗାଣ ହାର ୪୯ ଶତାଂଶ। ଦକ୍ଷିଣକୋରିଆ, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକା ଭଳି ଉଚ୍ଚ-ମଧ୍ୟ ଆୟକାରୀ ରାଷ୍ଟ୍ରରେ ଏହି ହାର ୪୦ ଶତାଂଶ।

ଆହୁରି ମଧ୍ୟ ୧୯୫୧ ରେ ସରକାରୀ ପରିବହନ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ବାହନଙ୍କ ସଂଖ୍ୟା ମୋଟ ବାହନର ୧୧ ଶତାଂଶ ଥିବାବେଳେ ୨୦୦୧ରେ ତାହା ୧.୧ ଶତାଂଶକୁ ହ୍ରାସ ପାଇଛି। ୨୦୦୯ର ଏକ ହିସାବ ଅନୁସାରେ ଭାରତରେ ପାଞ୍ଚଲକ୍ଷ ବା ତା'ଠାରୁ ଅଧିକ ଲୋକସଂଖ୍ୟା ବିଶିଷ୍ଟ ୮୫ଟି ସହର ମଧ୍ୟରୁ ମାତ୍ର ୨୦ଟିରେ ସିଟିବସ୍ ସେବା ରହିଛି।

ସହରରେ ରାସ୍ତାର ସାନ୍ଦ୍ରତା ଦେଖିଲେ ଜଣାଯାଏ ଯେ ସିଙ୍ଗାପୁରରେ ବର୍ଗକିଲୋମିଟର ପିଛା ରାସ୍ତାର ଘନତ୍ୱ ୯.୨, ସିଓଲରେ ୨୧.୮, ଜୋହାନ୍ସବର୍ଗରେ ୧୦, ଚେନ୍ନଇରେ ୩.୮ ଏବଂ ନୂଆଦିଲ୍ଲୀରେ ୧୯.୨।

ଭାରତୀୟ ସହରସମୂହରେ ସରକାରୀ ପରିବହନର ନଗଣ୍ୟ ସ୍ଥିତି ଓ ଖରାପ ସେବା କେବଳ ଗମନାଗମନ ଓ ପରିବହନକୁ ବିଗାଡୁ ନାହିଁ, ଏହା ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ମଧ୍ୟ ବ୍ୟାହତ କରୁଛି। ସହରରେ ବିପଦପୂର୍ଣ୍ଣ ରାସ୍ତାରେ ଦୀର୍ଘ ସମୟ ଧରି ଚାଲିବା ବା ବିପଜ୍ଜନକ ଭାବେ ଆତଜାତ ହେଉଥିବା ଲୋକଙ୍କ ମଧ୍ୟରୁ ଅନେକ ଦୁର୍ଘଟଣା ଯୋଗୁଁ ଅକାଳ ମୃତ୍ୟୁ ମୁଖରେ ପଡ଼ନ୍ତି ଓ ଅନେକ ସାରା ଜୀବନ ଅକର୍ମଣ୍ୟ ହୁଅନ୍ତି। ସହର ମଧ୍ୟ ମାତ୍ରାଧିକ ଘରୋଇ ଓ ବେସରକାରୀ ଯାନ ଚଳାଚଳ ମଧ୍ୟ ପରିବେଶ ପ୍ରଦୂଷଣ ବଢ଼ାଇଥାଏ। ଟିକସ ବୋଝ ଯୋଗୁଁ ପରିବହନ ବ୍ୟବସ୍ଥା କ୍ଷତିଗ୍ରସ୍ତ ହେଉଛି। ତେଣୁ ବିଶେଷଜ୍ଞ କମିଟିର ସୁପାରିଶ ଆଧାରରେ ଏହାକୁ ହ୍ରାସ କରିବା ଉଚିତ।

ଏକ ସୁଦକ୍ଷ ନଗର / ସହର ପରିବହନ ବ୍ୟବସ୍ଥା ନଗରଜୀବନକୁ କେବଳ ସୁବ୍ୟବସ୍ଥିତ କରି ନ ଥାଏ, ଏହା ମଧ୍ୟ ଦେଶର ଅର୍ଥନୀତିକୁ ଉତ୍ପ୍ରେରିତ କରେ। ତେଣୁ ଏହି ଦିଗଟି ପ୍ରତି ଆବଶ୍ୟକ ଦୃଷ୍ଟି ଦେବା ପ୍ରଥମ କାର୍ଯ୍ୟ। ସହରଗୁଡ଼ିକ ଆର୍ଥିକ ଅଭିବୃଦ୍ଧିର ଇଞ୍ଜିନରେ ପରିଣତ କରିବାକୁ ହେଲେ ପ୍ରଥମେ ତାହାର ମୌଳିକ ଭିତ୍ତିଭୂମି, ଆବାସ, ଜଳ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା ଓ ପରିବେଶ ଆଦିର ବିକାଶ ଉପରେ ଗୁରୁତ୍ୱ ଦେବାକୁ ହେବ। ତାହା ନ'ହେଲେ ସହର ତାହରା ସଂଜ୍ଞା ହରାଇ ବସିବ। ସହରାଞ୍ଚଳରେ ଗାଡ଼ି ଭିଡ଼ କମାଇବା ପାଇଁ ଏକ କନ୍‌ଜେସନ ଟ୍ୟାକ୍ସ ପ୍ରବର୍ତ୍ତନର ମସୁଧା କରାଯାଉଛି। ଏହାଫଳରେ ସହର ମଧ୍ୟରେ ଚଳାଚଳ କରୁଥିବା ଯାନ ସଂଖ୍ୟା ହ୍ରାସ ପାଇବ। ସାଧାରଣ ପରିବହନ ବ୍ୟବସ୍ଥା ସୁବ୍ୟବସ୍ଥିତ ହେଲେ ଲୋକେ ସହଜରେ ଓ ସୁବିଧାରେ ଯିବାଆସିବା କରିପାରିବେ ଏବଂ ପ୍ରଦୂଷଣ ବଢ଼ିବ ନାହିଁ। ଏହା ପରିବେଶ ସୁରକ୍ଷାରେ ସହାୟକ ହେବ।

ଭବିଷ୍ୟତ ପିଢ଼ି ଯିଏ କି ସହରାଞ୍ଚଳର ଶସ୍ତା ଘରେ ରହିବେ ସେମାନେ ୨୪ ଘଣ୍ଟା ବିଜୁଳି ଓ ପାଣି ଲୋଡ଼ିବେ ଯାହା ଏକ ମୌଳିକ ଅଧିକାର। ଏଥି ସହିତ ସେମାନଙ୍କ ସାମାଜିକ ଓ ଅନ୍ୟାନ୍ୟ ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ କେନ୍ଦ୍ର, ପାର୍କିଂ ସୁବିଧା, ଖୋଲା ଯାଗା, ପଥଚାରୀଙ୍କ ପାଇଁ ସ୍ୱତନ୍ତ୍ର ରାସ୍ତା ଓ ପାର୍କ ଆଦି ତିଆରି କରିବାକୁ ପଡ଼ିବ। ଏହାଦ୍ୱାରା ସେହି ନାଗରିକମାନେ ଏକ ସୁସ୍ଥ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଜିଇଁବାର ସୁଯୋଗ ପାଇବେ। ଏଭଳି ଲୋକ ନିଶ୍ଚୟ ଦେଶ ପାଇଁ ଯେ ସମ୍ପତ୍ତି ହେବେ ଏଥିରେ ସନ୍ଦେହର ଅବକାଶ ନାହିଁ।

ଲେଖକ ଭିତ୍ତିଭୂମି କ୍ଷେତ୍ରର ଜଣେ ବିଶେଷଜ୍ଞ ଏବଂ ସ୍ୱାଧୀନ ପରାମର୍ଶଦାତା ଭାବେ ବିଭିନ୍ନ ସଂସ୍ଥାରେ କାର୍ଯ୍ୟରତ


# ଶସ୍ତା ଗୃହ ନିର୍ମାଣରେ ଅନୁକୂଳ ଜ୍ଞାନକୌଶଳର ଉପଯୋଗ

● ଯଶକୁମାର ଶୁକ୍ଲ

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ଦ୍ରୁତ ସହରାୟନ ଫଳରେ ଦେଶରେ ଲୋକଙ୍କ ପାଇଁ ଘରର ଅଭାବ ପଡ଼ୁଛି। ୨୦୧୨ ରୁ ୧୭ ମଧ୍ୟରେ ଦେଶର ସହରାଞ୍ଚଳରେ ୧୮.୭୮ ନିୟୁତ ଆବାସର ଅଭାବ ଥିବାବେଳେ ଗ୍ରାମାଞ୍ଚଳରେ ଏହି ସଂଖ୍ୟା ଥିଲା ୪୩.୯୦ ନିୟୁତ। ସହରାଞ୍ଚଳରେ ଆବାସ ଅଭାବର ସମ୍ମୁଖୀନ ଲୋକଙ୍କ ମଧ୍ୟରୁ ଆର୍ଥିକ ଅନଗ୍ରସର ଓ ସ୍ୱଳ୍ପ ଆୟକାରୀ ବର୍ଗର ଲୋକଙ୍କ ସଂଖ୍ୟା ୯୫ ଶତାଂଶ। ସେହିଭଳି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ମଧ୍ୟରୁ ଗ୍ରାମାଞ୍ଚଳରେ ୯୦ ଭାଗରୁ ଅଧିକଙ୍କର ଘର ନାହିଁ। ଅତଏବ ଗୃହହୀନଙ୍କୁ ଶସ୍ତା ଓ ସୁବିଧାରେ କିପରି ଘର ଯୋଗାଇ ଦିଆଯାଇପାରିବ ତାହାର ବାଟ ବାହାର କରିବା ଯୋଜନାକାରମାନଙ୍କର ସବୁଠୁ ବଡ଼ ଦାୟିତ୍ୱ।

ସ୍ୱଳ୍ପ ଆୟକାରୀ, ଅର୍ଥନୈତିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବିପିଏଲ କାର୍ଡଧାରୀଙ୍କୁ କିପରି ଶସ୍ତାରେ ଘର ଯୋଗାଇ ଦିଆଯାଇପାରିବ ସେଥିପାଇଁ ବିଗତ ଦଶନ୍ଧିଗୁଡ଼ିକରେ ଭାରତରେ ଜାତୀୟ, ପ୍ରାଦେଶିକ, ସହରାଞ୍ଚଳ ସ୍ୱାୟତ୍ତଶାସନ ସଂସ୍ଥା ଆଦି ସ୍ତରରେ ନାନା ପ୍ରୟାସ କରାଯାଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇଛି। ଏହା ସତ୍ତ୍ୱେ ଏହି ଲକ୍ଷ୍ୟ ପୂରଣ ହୋଇପାରିନାହିଁ। ଏବେ ନିକଟରେ ଭାରତ ସରକାର ଆବାସ ସମସ୍ୟା ଦେଶରୁ ଦୂର କରିବା ପାଇଁ ବିଭିନ୍ନ ମହତ୍ୱାକାଂକ୍ଷୀ ଯୋଜନା ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ସେଥିମଧ୍ୟରୁ ୨୦୨୨ ସୁଦ୍ଧା ଦେଶର ସହରାଞ୍ଚଳର ସମସ୍ତଙ୍କୁ ଘର ଯୋଗାଣ ମିଶନ, ଅମୃତ ଯୋଜନା ଓ ସ୍ମାର୍ଟ ସିଟି କାର୍ଯ୍ୟକ୍ରମ ଅନ୍ୟତମ। ଏହି ଯୋଜନାରେ ଯେଉଁ ଅତିରିକ୍ତ ଆବାସ ତିଆରି ହେବ ତାହା ଦେଶର ଭିତ୍ତିଭୂମି ଓ ସମ୍ବଳ ଉପରେ ପ୍ରଚଣ୍ଡ ଚାପ ପକାଇବ। ୨୦୧୪-୧୫ରେ ଭାରତର ଆବାସିକ କ୍ଷେତ୍ରର ବିଜୁଳି ବ୍ୟବହାର ଦେଶର ପ୍ରଚଳିତ ମୋଟ୍ ବିଜୁଳି ଉପଯୋଗର ୨୩ ଶତାଂଶ ଥିଲା। ଏହା କେନ୍ଦ୍ରୀୟ ପରିସଂଖ୍ୟାନର ହିସାବ। ଆହୁରି ମଧ୍ୟ ଏହି ଧାରା ସୂଚାଉଛି ଯେ ୨୦୫୦ ବେଳକୁ ଦେଶର ଘରୋଇ ବିଦ୍ୟୁତ୍ ବ୍ୟବହାର ବର୍ତ୍ତମାନ ହାରର ଆଠଗୁଣରେ ପହଞ୍ଚିବ। ଅତଏବ ଏବେଠୁ ଆମକୁ ଶକ୍ତି ଦକ୍ଷ ବା ସ୍ୱଳ୍ପ ଶକ୍ତି ଉପଯୋଗକାରୀ ଆବାସ ନିର୍ମାଣ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ଏବଂ ଏହା ନିଶ୍ଚିତ କରିବାକୁ ପଡ଼ିବ ଯେ ନୂଆ କରି ତିଆରି ହେବାକୁ ଥିବା ଘରଗୁଡ଼ିକର ଶକ୍ତି ଆବଶ୍ୟକତା, ଜଳ ଉପଯୋଗ ଏବଂ ନିର୍ମାଣ ସାମଗ୍ରୀ ଯେପରି ସର୍ବନିମ୍ନ ସ୍ତରରେ ରହେ।


୨୦୦୧ରେ ଭାରତ ଶକ୍ତି ସଂରକ୍ଷଣ ଆଇନ କାର୍ଯ୍ୟକାରୀ କରିବା ପରେ ନିର୍ମାଣ ଉଦ୍ୟୋଗରେ ଉର୍ଜା ସଂରକ୍ଷଣ ଭବନ ନିର୍ମାଣ ଆଇନ ଲାଗୁହେଲା। ଏହାପରେ ଏହି ଆଇନକୁ ଅଧିକ କଡ଼ାକଡ଼ି କରାଯାଇ ଶକ୍ତି ସଂରକ୍ଷଣ ପାଇଁ ବ୍ୟବହାର କରାଯାଉଥିବା ବିଭିନ୍ନ ସାମଗ୍ରୀର ମାନକ ନିର୍ଦ୍ଧାରଣ ହେଲା। ଜାତୀୟ ଭବନ ଆଇନରେ ଭାରତୀୟ ମାନକ ବ୍ୟୁରୋ ଅତିରିକ୍ତ



ବ୍ୟବସ୍ଥା କରି (ଦ୍ୱିତୀୟ ଭାଗ) ତାହାକୁ ମଧ୍ୟ ବାଧ୍ୟତାମୂଳକ କଲେ। ସେଥିରେ ଅଣପାରମ୍ପରିକ ଶକ୍ତି ଯଥା ସୌରଚାଳିତ ହିଟର, ସୌର ଆଲୋକ ବ୍ୟବସ୍ଥା, ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥା ଆଦି କରାଗଲା। ସେହିଭଳି ଭବନଗୁଡ଼ିକ ପାଇଁ ପରିବେଶ ମାନ ବା ଗ୍ରୀନ୍ ରେଟିଂ ବ୍ୟବସ୍ଥା କରାଯାଇ ଏହି ମାନକ ପୂରଣ କରୁଥିବା ପ୍ରକଳ୍ପଗୁଡ଼ିକୁ ସ୍ୱେଚ୍ଛାକୃତ ପ୍ରମାଣନ ଦେବାର ବ୍ୟବସ୍ଥା ହେଲା। ମୋଟା ମୋଟି ଆବାସ ନିର୍ମାଣ କ୍ଷେତ୍ରରେ ପରିବେଶ ଅନୁକୂଳ ଜ୍ଞାନକୌଶଳ, ଉପକରଣ ଓ ନିର୍ମାଣ ସାମଗ୍ରୀ ବ୍ୟବହାର କରିବାକୁ ନୂଆ ଆଇନରେ ଅଗ୍ରାଧିକାର ଦିଆଯାଇଛି। ସ୍ଥାନୀୟ ଭାବେ ମିଳୁଥିବା ସାମଗ୍ରୀ ଓ ସ୍ୱଳ୍ପ ମୂଲ୍ୟର ସାମଗ୍ରୀ ବ୍ୟବହାର ଦ୍ୱାରା ଘରର ନିର୍ମାଣ ଖର୍ଚ୍ଚ କମିବ ଓ ଏହାକୁ ଲୋକେ ଶସ୍ତାରେ କିଣି ପାରିବେ। ଏହା ମଧ୍ୟ ପରିବେଶ ଅନୁକୂଳ ହେବ।

**ଡିଜାଇନ ପଛର ସିଦ୍ଧାନ୍ତ:**

ଉତ୍ତମ ଆବାସ ସୁବିଧା ମଣିଷ ଜୀବନର ମାନ ବଢ଼ାଏ ଓ ଉତ୍ପାଦକତା ତଥା ଆୟ ବୃଦ୍ଧିରେ ସହାୟକ ହୁଏ। ଅତଏବ ଯେଉଁ ନୂଆ ଆବାସ ନିର୍ମାଣର ପରିକଳ୍ପନା ରହିଛି ତାହାର ଡିଜାଇନ ଏକ ସୁସ୍ଥ, ଆରାମଦାୟକ ପରିବେଶ ଯୋଗାଇବାକୁ ଉଦ୍ଦିଷ୍ଟ ହେବା ଉଚିତ। ଏହି ଘର ମଧ୍ୟ ସାଧାରଣ ଲୋକର କ୍ରୟଶକ୍ତି ମଧ୍ୟରେ ରହିବା ଉଚିତ। ଏହି ଘରର ଡିଜାଇନ ସିଦ୍ଧାନ୍ତରେ କେତେକ ମୌଳିକ ବିଷୟବସ୍ତୁ ସ୍ଥାନ ପାଇବା ଉଚିତ। ସେଗୁଡ଼ିକ ହେଲା ଘର ଭିତରର ପବନର ମାନ, ଘରର ତାପଜ ସହନଶକ୍ତି ଏବଂ ଭିତରର ଶୀତଳ ପରିବେଶ, ଘରର ସର୍ବନିମ୍ନ ଶକ୍ତି ଆବଶ୍ୟକତା ନିର୍ଦ୍ଧାରଣ। ସେହିଭଳି ଘରର ମୂଲ୍ୟ ପୂର୍ଣ୍ଣାଙ୍ଗ ଜୀବନଚକ୍ର ଭିତ୍ତିକ ଅର୍ଥାତ - ନିର୍ମାଣ, ବ୍ୟବହାର ଓ ପରିହାରକୁ ହିସାବକୁ ନେଇ ନିର୍ଦ୍ଧାରିତ ହେବା ଆବଶ୍ୟକ। ପାରମ୍ପରିକ ଭାବେ ଘର ନିର୍ମାଣର ଖର୍ଚ୍ଚ କେବଳ ପ୍ରାରମ୍ଭିକ ନିର୍ମାଣ ମୂଲ୍ୟକୁ ବୁଝାଏ। ଜୀବନଚକ୍ର ଦୃଷ୍ଟିକୋଣରେ ଘରର ନିର୍ମାଣଠାରୁ ଚୂଡ଼ାନ୍ତ ପର୍ଯ୍ୟାୟ ପର୍ଯ୍ୟନ୍ତ ସବୁ ସ୍ତର ଅନ୍ତର୍ଭୁକ୍ତ ହେଉଥିବାରୁ ଏଥିରେ ଉପଯୁକ୍ତ ଟେକ୍ନୋଲୋଜି ବ୍ୟବହାରର ଯଥାର୍ଥତା ରହିଛି। ଏହାଦ୍ୱାରା ଦୀର୍ଘ ମିଆଦି ସୁବିଧା ସୁଯୋଗ





ମିଳିପାରିବ। ଏହି ଡିଜାଇନ ମଧ୍ୟ ଜଳବାୟୁ ପରିବର୍ତ୍ତନ ଜନିତ ସ୍ଥିତିର ମୁକାବିଲା କରିବାକୁ ସକ୍ଷମ ହେବା ଆବଶ୍ୟକ। ସେହିଭଳି ନିର୍ମାଣ ଖର୍ଚ୍ଚ କମ୍ କରିବା ପାଇଁ ସ୍ଥାନୀୟ ଭାବେ ମିଳୁଥିବା ନିର୍ମାଣ ସାମଗ୍ରୀ ବ୍ୟବହାର କରାଯିବା ଉଚିତ।

**ଡିଜାଇନ୍ ପଦ୍ଧତି :**

ଉର୍ଜାଦକ୍ଷ ଭବନର ଡିଜାଇନ ଦୁଇଟି ପଦ୍ଧତିରେ କରାଯାଇପାରିବ। ସେଥିରୁ ଗୋଟିଏ ହେଲା ସ୍ପେସିଫିକେଟିଭ ବା ନିର୍ଦ୍ଦେଶାତ୍ମକ। ଏହାକୁ ମଧ୍ୟ ବହୁକାଳଭୋଗୀ ପଦ୍ଧତି କୁହାଯାଇପାରେ। ଏହି ପଦ୍ଧତିରେ ନିର୍ମିତ ଭବନ ବା ଘରର ବିଭିନ୍ନ ଭାଗ ଭିନ୍ନଭିନ୍ନ ଆବଶ୍ୟକତା ପୂରଣ ପାଇଁ ଉଦ୍ଦିଷ୍ଟ। ତେଣୁ ବିଲଡର ବା ଡିଜାଇନର ଏ ଧରଣର ଡିଜାଇନ ଦେଖି ତା' ମଧ୍ୟରୁ ସବୁଠାରୁ ଭଲ ଓ ଶସ୍ତା ସୁନ୍ଦର ମଜବୁତ ଶ୍ରେଣୀର ଘର ତିଆରି କରିବା ଉଚିତ। ଅନ୍ୟ ପଦ୍ଧତିଟି ହେଲା ପରଫରମାନ୍ସ ଭିତ୍ତିକ ବା ପ୍ରଦର୍ଶନାତ୍ମକ। ଏହାର ସରଳ ଅର୍ଥ ହେଲା ଗୋଟିଏ ଡିଜାଇନ ବା ନିର୍ମାଣ ଶୈଳୀକୁ ନକଲ କରି ଘର କରିବା। ତେବେ ଏଭଳି ଘର କଲେ ସେ ଘରର ସ୍ଥାୟିତ୍ୱ ଓ ସର୍ବାଙ୍ଗୀନ ସ୍ଥିର ଆକଳନ ସିମୁଲେସନ ପଦ୍ଧତିରେ କରାଯିବା ଉଚିତ। ତା' ନହେଲେ ଏଥିରେ ବ୍ୟବହୃତ ଉପକରଣ, ନିର୍ମାଣ ଶୈଳୀ ଓ ନିର୍ମାଣ ସାମଗ୍ରୀର ସ୍ଥାୟୀତ୍ୱ ଜାଣି ହେବ ନାହିଁ। ତେବେ ଶସ୍ତା ଘର ତିଆରି ପାଇଁ ନିର୍ଦ୍ଦେଶାତ୍ମକ ଶୈଳୀ ଆପଣେଇବା ସବୁଠୁ ଭଲ।

**ଭାରତ ପାଇଁ ତାପରୁ ଆରାମର ସଂଜ୍ଞା:**

ଉତ୍ତାପଜନିତ ସ୍ଥିତିର ମୁକାବିଲା ଓ ଆରାମ ପାଇଁ ଭାରତରେ ଭବନଗୁଡ଼ିକ ଟାଇଟ ବା ଦୃଢ଼ ଓ ନିର୍ଦ୍ଧାରିତ କାର୍ଯ୍ୟକ୍ଷମ ସ୍ଥିତିରେ ନିର୍ମିତ। ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଭାରତୀୟମାନେ ନିର୍ଦ୍ଧାରିତ ଆନ୍ତର୍ଜାତିକ ତାପମାନଠାରୁ ଅଧିକ ବା କମ୍ ତାପମାତ୍ରା ସହିବାକୁ ସକ୍ଷମ। ତେଣୁ ଭାରତୀୟଙ୍କ ତାପ ସହିବାର କ୍ଷମତାକୁ ନେଇ ଏକ ମଡେଲ ବା ଢାଞ୍ଚା ପ୍ରସ୍ତୁତ ହୋଇଛି ଯାହାକୁ ଭାରତୀୟ



ଆଡପ୍ଟିଭ୍ କଂଫଟ୍ ମଡେଲ କୁହାଯାଏ। ତେଣୁ ସେହି ମଡେଲକୁ ବିଚାରକୁ ନେଇ ଭବନର ତାପମାତ୍ରା କେତେ ହେବ ଓ ଅନ୍ତେଃବାସୀ କେତେ ତାପମାତ୍ରା ସହିପାରିବେ ତା'କୁ ଦୃଷ୍ଟିରେ ରଖି ନୂଆ ଭବନର ଡିଜାଇନ ଓ ନିର୍ମାଣ କରାଯାଇଛି।

**ଦକ୍ଷ ଆବରଣ:**

ଶସ୍ତା ଘରର ଛାତ ବା ଉପର ଆବରଣର ଡିଜାଇନ୍ ଏପରି ହେବା ଉଚିତ ଯାହା ଘରର ଉତ୍ତାପ ହ୍ରାସରେ ସହାୟକ ହେବା ଆବଶ୍ୟକ। ଉଚ୍ଚ ପ୍ରତିଫଳନକାରୀ ଛାତରେ ବ୍ୟବହୃତ ଜ୍ଞାନକୌଶଳ ଶସ୍ତା ଏବଂ ଫଳପ୍ରଦ। ଏହା ଦ୍ୱାରା ଛାତ ଉପରେ ପଡୁଥିବା ସୌର ରଶ୍ମି ବିକିରଣ ହୋଇ ବାୟୁମଣ୍ଡଳକୁ ଉତ୍ତାପ ଚାଲିଯାଇଥାଏ ଓ ଛାତ ଥଣ୍ଡାରହେ। ଫଳରେ ଘର ଭିତରେ ବିଶେଷ ଉତ୍ତାପ ସହ ଗରମ ଅନୁଭୂତ ହୁଏ ନାହିଁ। ସେହିଭଳି ଘରର କାନ୍ଥ, କବାଟ ଝରକା ଓ ଛାତରେ ବ୍ୟବହୃତ ସାମଗ୍ରୀ ଉଚ୍ଚ ତାପ ନିରୋଧୀ ହେବା ଉଚିତ। ଏହା ସାଧାରଣତଃ ରି-ଭ୍ୟାଲୁ ନାମରେ ପରିଚିତ। ଏହା ଫଳରେ ଘର ଭିତରର ତାପମାତ୍ରା କମ୍ ରହେ। ସେହିଭଳି ଘରର କବାଟ ଓ ଝରକାର ଫାଙ୍କକୁ ତାପନିରୋଧୀ ସାମଗ୍ରୀ ଦ୍ୱାରା ନିବୃତ କରି ରଖିଲେ ବାହାରର ଉତ୍ତାପ ଘର ଭିତରକୁ ପ୍ରବେଶ କରିପାରେ ନାହିଁ। ଘରର ଝରକା ଓ ଆଲୋକ ଆସିବା ପଥକୁ ମଧ୍ୟ ନୂଆ ପ୍ରକାରର ଶସ୍ତା କାଚରେ ଆବଦ୍ଧ କରି ରଖିଲେ ଘର ଆଲୋକିତ ରହିବ। ତେବେ ବାୟୁଚଳାଚଳ ଯେପରି ସ୍ୱଚ୍ଛଳରେ ହୋଇପାରିବ ସେଥିପ୍ରତି ଦୃଷ୍ଟିଦେବାକୁ ପଡ଼ିବ। ସ୍ଥାନୀୟ ଭାବେ ଉପଲବ୍ଧ ତାପ ହ୍ରାସକାରୀ ଉପକରଣ ଘରେ ବ୍ୟବହାର କରାଯାଇପାରିବ। ଏହାଛଡ଼ା ନୂଆ ଜ୍ଞାନକୌଶଳରେ ନିର୍ମିତ ତାପ ହ୍ରାସକାରୀ ଜିନିଷ ଯାହା ଅନ୍‌ଲାଇନ୍‌ରେ ଉପଲବ୍ଧ ତାହାକୁ ମଧ୍ୟ ବ୍ୟବହାର କଲେ ଘର ଥଣ୍ଡା ରହିବ।

**ବାହାର ଛାଇ ରଖିବାର ବ୍ୟବସ୍ଥା:**

ଘରର ବାହାର ଭାଗକୁ ଛାଇ ରଖିବାର ବିଭିନ୍ନ ପାରମ୍ପରିକ ବ୍ୟବସ୍ଥା ଅଛି। ତେବେ ସ୍ୱଳ୍ପ ମୂଲ୍ୟର ଭବନ ବା ଘରେ କମ୍ ଦାମ୍‌ର ଉପକରଣ ବ୍ୟବହାର କରି ଏହାକୁ ଛାୟାପ୍ରଦାନ କରାଯାଇପାରେ। ଏହି ଉପକରଣ ସ୍ଥିର କିମ୍ବା ଚଳନକ୍ଷମ ହୋଇପାରେ। ଚଳନକ୍ଷମ ଛାୟାପ୍ରଦାନକାରୀ ବ୍ୟବସ୍ଥାକୁ ଘର ଲୋକେ ନିଜର ଆବଶ୍ୟକତା ଅନୁସାରେ ଉପଯୋଗ କରି ଝରକା ଓ ଛାତକୁ ଥଣ୍ଡା ରଖିପାରିବେ। ଗବେଷଣାରୁ ଜଣାପଡ଼ିଛି ଯେ ଏହାଦ୍ୱାରା ଛାତ ଓ କବାଟ ଝରକାର ତାପମାତ୍ରା ୧୫ ରୁ ୩୦ ଶତାଂଶ କମ୍ ହୋଇପାରିବ।

**ବାୟୁଚଳାଚଳ:**

ଘର ଭିତରରେ ବାୟୁ ଚଳାଚଳର ମୁଖ୍ୟ ଉଦ୍ଦେଶ୍ୟ ହେଲା ଭିତରର ତାପମାତ୍ରାକୁ ସ୍ଥିର ଓ ବାୟୁର ମାନ ଠିକ୍ ରଖିବା। ଶସ୍ତା ଘରଗୁଡ଼ିକରେ ବାୟୁଚଳାଚଳ ବ୍ୟବସ୍ଥା ଠିକ୍ ରହିଲେ ରାତିରେ ଘର ଥଣ୍ଡା ରହିବ ଓ ଲୋକେ ଶାନ୍ତିରେ ଶୋଇପାରିବେ। ସେଥିପାଇଁ ଉଭୟ ଦିଗକୁ ବାୟୁ ଚଳାଚଳ ପଥ ବା ବାତାୟନ ରହିବା ଦରକାର। ଏହା ଫଳରେ ଘର ଭିତରର ତାପମାତ୍ରା ୧୫ ରୁ ୨୦ ଶତାଂଶ କମ୍ ରହିବ।

**ସ୍ୱଳ୍ପ ଉର୍ଜା ଶୀତଳିକରଣ, ନବୀକୃତ ଏବଂ ଉର୍ଜା ତଦାରଖ ଜ୍ଞାନକୌଶଳ:**

ଚରମ ଜଳବାୟୁ ଜନିତ ସ୍ଥିତିରେ ସ୍ୱଳ୍ପ ଉର୍ଜା ଶୀତଳ ଟେକ୍‌ନୋଲୋଜି ଶସ୍ତା ଘର ପାଇଁ ଲୋଡ଼ା। ଏଥି ସକାଶେ ଆବଶ୍ୟକ ଡିଜାଇନ କରିବାକୁ ପଡ଼ିବ। ସୌର ଶକ୍ତିର ବ୍ୟବହାର କରାଯାଇ ଘର ଭିତରକୁ ଥଣ୍ଡା ରଖାଯାଇପାରିବ। ସେହିଭଳି ଆଲୋକ ବ୍ୟବସ୍ଥା ଓ ପାଣି ଗରମ ଆଦି କାର୍ଯ୍ୟ ସୌରଶକ୍ତି ଦ୍ୱାରା କରାଗଲେ ଏସବୁ ଘରର ଶକ୍ତି ଉପଯୋଗ କମ୍ ରହିବ। ଶସ୍ତା ଘରେ ଉପଯୁକ୍ତ ଶକ୍ତି ବା ଉର୍ଜା ପରିଚାଳନାର ଗୁରୁତ୍ୱ ଅଧିକ।

ମୋଟମୋଟି ଭାବେ ଲୋକଙ୍କ ପାଇଁ ସେମାନଙ୍କ କ୍ରୟଶକ୍ତି ମୁତାବକ ଘର ନିର୍ମାଣ କରିବାକୁ ହେଲେ ବ୍ୟୟବହୁଳ ଡିଜାଇନ ଓ ଜ୍ଞାନକୌଶଳ ପରିବର୍ତ୍ତେ ପରିବେଶ ଅନୁକୂଳ, ସ୍ଥାନୀୟ ଭାବେ ମିଳୁଥିବା ସାମଗ୍ରୀ ଓ ଉର୍ଜା ଦକ୍ଷ କୌଶଳ ଆପଣେଇବାକୁ ପଡ଼ିବ। ସର୍ବୋପରି ଲୋକଙ୍କୁ ଶାନ୍ତିରେ ରହିବା ଭଳି, ଚଳିବା ଭଳି ସ୍ୱଳ୍ପ ମୂଲ୍ୟର ଘର ଯୋଗାଇବାକୁ ହେଲେ ପରିବେଶ ଅନୁକୂଳ ଜ୍ଞାନ କୌଶଳ ଖଟାଇ ଶସ୍ତା, ସୁଲଭ ଓ ମଜବୁତ ଘର ତିଆରି କରିବାକୁ ପଡ଼ିବ। ଏହାଦ୍ୱାରା ବାସହୀନ ଶାନ୍ତିରେ ରହିବେ ଓ ଦେଶର ଆର୍ଥିକ ଅଭିବୃଦ୍ଧି ପ୍ରକ୍ରିୟା ତ୍ୱରାନ୍ୱିତ ହେବ।

ଲେଖକ ସିଇପିଟି ବିଶ୍ୱବିଦ୍ୟାଳୟର ଭବନ ବିଜ୍ଞାନ ଓ ଉର୍ଜା ଗବେଷଣା କେନ୍ଦ୍ରରେ କାର୍ଯ୍ୟରତ

# ସ୍ମାର୍ଟ ସିଟିରେ ଗରିବଙ୍କ ଆବାସ ବ୍ୟବସ୍ଥା

● ଉଷା ପି. ରଘୁପତି

ଫାଷ୍ଟ୍ରାକ୍ ମିଶନ ମୋଡ୍‌ରେ ଦେଶରେ ସ୍ମାର୍ଟ ସିଟି ନିର୍ମାଣ ଅଭିଯାନ କାର୍ଯ୍ୟକାରୀ ହେବାପରେ ଏକ ବିକଶିତ ରାଷ୍ଟ୍ର ହେବାର ଭାରତର ଅନ୍ୱେଷଣ ତ୍ୱରାନ୍ୱିତ ହୋଇଛି। ଏହା ସହିତ ସହରାଞ୍ଚଳର ପରିବର୍ତ୍ତନ ଓ ନବୀକରଣ ପାଇଁ ଉଦ୍ଦିଷ୍ଟ ଅଟଳ ମିଶନ ବା 'ଅମୃତ' ଏବଂ ସମସ୍ତଙ୍କ ପାଇଁ ନିବାସ ଯୋଜନା ଦେଶର ସହରାଞ୍ଚଳର ଚେହେରା ବଦଳାଇବା ପାଇଁ ବିଶେଷ ସହାୟକ ହେବ। ସହରାଞ୍ଚଳରେ କେବଳ ଆବାସିକ ସୁବିଧା ଅଭାବ ଗୋଟିଏ ସମସ୍ୟା ନୁହେଁ। ଉତ୍ତମ ସେବା ଯୋଗାଣ, ପରିବହନ ଓ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ମଧ୍ୟ ଏ କ୍ଷେତ୍ରରେ ଲୋକଙ୍କ ପାଇଁ ଜଟିଳତା ସୃଷ୍ଟି କରିଥାଏ। ତେବେ ଏସବୁ ସମସ୍ୟା ଭିତରେ ସହରାଞ୍ଚଳର ଆବାସିକ ସମସ୍ୟା ସବୁଠୁ ଉତ୍କଟ।

ଜନଗଣନା ଅନୁସାରେ ୨୦୧୧ରେ ଭାରତରେ ସହରାଞ୍ଚଳବାସୀଙ୍କ ସଂଖ୍ୟା ଥିଲା ୩୭ କୋଟି ୭୦ଲକ୍ଷ। ଆସନ୍ତା ୨୦ବର୍ଷ ମଧ୍ୟରେ ଏହି ସଂଖ୍ୟା ୬୦କୋଟିରେ ପହଞ୍ଚିବ ବୋଲି ହିସାବ କରାଯାଇଛି। ୨୦୧୧ ଜନଗଣନାର ସୂଚନା ଅନୁସାରେ ଦେଶର ସହର ଜନସଂଖ୍ୟାର ୧୭.୪% ବା ୧.୩୭ କୋଟି ଲୋକ ବସ୍ତିରେ ବାସ କରନ୍ତି। ବୈଷୟିକ ଗୋଷ୍ଠୀର ୨୦୧୨ ତଥ୍ୟ ଅନୁସାରେ ସହରାଞ୍ଚଳରେ ଜନସଂଖ୍ୟା ତୁଳନାରେ ଆବାସ ଅଭାବ ସଂଖ୍ୟା ସାରା ଦେଶରେ ୧୮.୭୮ ନିୟୁତ। ସେଥିମଧ୍ୟରୁ ଆର୍ଥିକ ଦୁର୍ବଳ ଶ୍ରେଣୀର ୫୬ଶତାଂଶ, ନିମ୍ନ ଆୟକାରୀ ବର୍ଗର ୪୦ ଶତାଂଶଙ୍କର ଘର ନାହିଁ। ସହରାଞ୍ଚଳରେ ଘର ନ ଥିବା ଏହି ବର୍ଗର ଲୋକଙ୍କୁ ଆବାସ ସୁବିଧା ଯୋଗାଇଦେବା ସରକାରଙ୍କ ସମସ୍ତଙ୍କ ପାଇଁ ଘର ଯୋଜନାର ଲକ୍ଷ୍ୟ।

ପ୍ରଥମ ଶ୍ରେଣୀର ସହର, ଯାହାର ଜନସଂଖ୍ୟା ଏକ ଲକ୍ଷରୁ ଅଧିକ, ତାହା ଗ୍ରାମାଞ୍ଚଳରୁ ଆସୁଥିବା ଲୋକଙ୍କ ପାଇଁ ମୁଖ୍ୟ ଆକର୍ଷଣ। ଏସବୁ ନବ ସହରାଭିମୁଖୀ ଲୋକଙ୍କ ମଧ୍ୟରୁ ଅଧିକାଂଶ ସହରରେ ରହିବା ପାଇଁ ଯଥେଷ୍ଟ ଅର୍ଥ ବ୍ୟୟ କରିପାରନ୍ତି ନାହିଁ। ତେଣୁ ବାଧ୍ୟ ହୋଇ ବସ୍ତି, ଚାଳିଆ ଘର, ଗୁଞ୍ଜାଗୁଞ୍ଜି ହୋଇଥିବା ଝୁମ୍ପୁଡ଼ି ଓ କୁଡ଼ିଆ ଆଦିରେ ରହନ୍ତି। ଏସବୁ ଘରେ ଚଳିବା ପାଇଁ ମୌଳିକ ସୁବିଧା ସୁଯୋଗ ନଥାଏ। ଏବେ ପ୍ରଶ୍ନ ହେଉଛି ଆମେ ଯେତେବେଳେ ସ୍ମାର୍ଟ ସିଟିର ପରିକଳ୍ପନା କରୁଛନ୍ତି, ସେତେବେଳେ ଏଥିପ୍ରତି ଆବଶ୍ୟକ ନଜର ଦେଉଛୁ ତ?

ସ୍ମାର୍ଟ ସିଟି ମିଶନ ନିର୍ଦ୍ଦେଶାବଳୀ ଅନୁସାରେ "ଏହାର ଉଦ୍ଦେଶ୍ୟ ହେଲା ମୌଳିକ ଭିତ୍ତିଭୂମି ଯୋଗାଉଥିବା ଏବଂ ନିଜର ନାଗରିକଙ୍କୁ ସ୍ୱଚ୍ଛ ସମ୍ବଳଯୋଗ୍ୟ ପରିବେଶ ସହିତ ମର୍ଯ୍ୟାଦାଜନକ ଜୀବନଧାରଣର ମାନ ପ୍ରଦାନ କରୁଥିବା ସହର ସମୂହଙ୍କୁ ପ୍ରୋତ୍ସାହିତ ଓ ବିକାଶିତ କରାଯିବ।" ଏଥିପାଇଁ ସ୍ମାର୍ଟ ଜ୍ଞାନକୌଶଳ ଓ ସମାଧାନ ସୂତ୍ରର ଉପଯୋଗ କରାଯିବ। ସ୍ମାର୍ଟ ସିଟି ନିରନ୍ତର ଓ ସମାବେଶୀ ବିକାଶ ଉପରେ ଗୁରୁତ୍ୱ ଦିଏ। ଏହା ଅନୁକରଣୀୟ ଢାଞ୍ଚା ବା ମଡେଲ ସୃଷ୍ଟି କରେ ଯାହାର ସଫଳତାକୁ ଅନ୍ୟ ସହରରେ ପ୍ରୟୋଗ କରାଯାଇପାରିବ।

ସ୍ମାର୍ଟସିଟି ପ୍ଲାନ୍ (ଏସ୍‌ସିପି) ଇଲାକାଭିତ୍ତିକ ଯୋଜନା (ଏବିଡି) ଓ ପ୍ୟାନ୍ ସିଟି ପ୍ଲାନକୁ ନେଇ ଗଠିତ। ଏବିଡି ଏକ ସହରର ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଉନ୍ନତ କରି ତାହାର କାୟିକ ପରିବର୍ତ୍ତନ କରିବାକୁ ଲକ୍ଷ୍ୟ ନିର୍ଦ୍ଧାରିତ କରେ। ସେଥିପାଇଁ ସେହି ନିର୍ଦ୍ଦିଷ୍ଟ ଅଞ୍ଚଳର ଡିଜାଇନ୍, ଭିତ୍ତିଭୂମି ଗତିଶୀଳତା ଓ ପରିବେଶ ସବୁକୁ ବଦଳାଇବାକୁ ପଡ଼େ। ପ୍ୟାନ୍ ସିଟି ପ୍ଲାନର ଲକ୍ଷ୍ୟ ହେଲା ଟେକ୍‌ନୋଲୋଜି ଉପଯୋଗ କରି ସହରର ଶାସନ ଓ ପରିଚାଳନାରେ ଉନ୍ନତି ଆଣିବା। ମାତ୍ର ସ୍ମାର୍ଟ ସିଟି ମିଶନ ବା



'ଅମୃତ'ରେ ଆବାସ ବା ଗୃହନିର୍ମାଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇନାହିଁ। ସ୍ମାର୍ଟ ସିଟି ମିଶନରେ କେବଳ ଗରିବ ଲୋକଙ୍କ ପାଇଁ ଶସ୍ତା ଆବାସ ନିର୍ମାଣ ମୌଳିକ ତତ୍ତ୍ୱ ଭାବେ ସ୍ଥାନ ପାଇଛି। ଅତଏବ ସମସ୍ତଙ୍କ ପାଇଁ ଆବାସ ଯୋଜନାରେ ସ୍ମାର୍ଟ ସିଟି ମିଶନ ଓ ଅମୃତ ମିଳିତ ଭାବେ କାର୍ଯ୍ୟକାରୀ ନ'ହେଲେ ଏହା ସଫଳ ହେବନାହିଁ।

୨୦୧୫ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବା ସମସ୍ତଙ୍କ ପାଇଁ ଘର ଯୋଜନା କାର୍ଯ୍ୟକାରୀ ହେଲା। ୨୦୨୨ ସୁଦ୍ଧା ଏହାକୁ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଯଥା ପୌରପରିଷଦ ବା ନିଗମକୁ ଏହି ଯୋଜନାରେ ସିଧାସଳଖ କେନ୍ଦ୍ରୀୟ ସହାୟତା ରାଜ୍ୟଙ୍କ ମାଧ୍ୟମରେ ଯୋଗାଇ ଦିଆଯାଉଛି।

ପର୍ଯ୍ୟାୟକ୍ରମେ ଦେଶର ମାନ୍ୟତାପ୍ରାପ୍ତ ମୋଟ୍ ୪୦୪୧ ସହରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ ହେବ। ପ୍ରଥମେ ଏହାକୁ ୫୦୦ ପ୍ରଥମ ଶ୍ରେଣୀର ସହରରେ କାର୍ଯ୍ୟକାରୀ କରାଯାଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାରା ଦେଶରେ ୨୦ ନିୟୁତ ଘର ନିର୍ମାଣ କରିବାକୁ ପଡ଼ିବ ବୋଲି ହିସାବ କରାଯାଇଛି। ଏସବୁ ଘର ଆଧୁନିକ ପ୍ରଦୂଷଣ ରହିତ ଟେକ୍‌ନୋଲୋଜି ଓ ନିର୍ମାଣ ସାମଗ୍ରୀରେ ତିଆରି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

ସ୍ମାର୍ଟ ସିଟି ଯୋଜନାର କାର୍ଯ୍ୟକାରିତା ସମ୍ପୃକ୍ତ ସହରର ନିଷ୍ପତ୍ତି ଉପରେ ନିର୍ଭର କରେ। ଯଦି ସମ୍ପୃକ୍ତ ସହରର ଅଞ୍ଚଳ ଭିତ୍ତିକ ବିକାଶକୁ ଅଗ୍ରାଧିକାର ଦିଆଯାଏ ଏଥିରେ ଏକ ବସ୍ତି ଅଞ୍ଚଳକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇପାରିବ। ତଦନୁସାରେ ସେହି ଇଲାକାର ପୁନର୍ଗଠନ, ପୁନଃ ଥଇଥାନ ଓ ବିକାଶ କାର୍ଯ୍ୟ ହାତକୁ ନେଇହେବ। ଆବାସ ନିର୍ମାଣ କ୍ଷେତ୍ରରେ ବସ୍ତି ଅଞ୍ଚଳର ଲୋକଙ୍କ ଆର୍ଥିକ ସ୍ଥିତିକୁ ବିଚାରକୁ ନେଇ ଆର୍ଥିକ ଅନଗ୍ରସର ବର୍ଗ, ସ୍ୱଳ୍ପ ଆୟକାରୀ ବର୍ଗ ଓ ଭଡ଼ା ଘର ଆଦି ନିର୍ମାଣ ପାଇଁ ସ୍ମାର୍ଟ ସିଟି ଯୋଜନାରେ ପ୍ରସ୍ତାବ ଅଛି। ତେବେ ଯେଉଁ ସ୍ମାର୍ଟ ସିଟି ପ୍ଲାନ୍ ଚୂଡ଼ାନ୍ତ ହୋଇଛି ସେଥିରୁ ୧୪ଟିରେ ଆବାସ ବ୍ୟବସ୍ଥା ନାହିଁ। ଉଦାହରଣ ସ୍ୱରୂପ ଅହମଦାବାଦ, ଭୁବନେଶ୍ୱର ଓ ଧର୍ମଶାଳା ସ୍ମାର୍ଟ ସିଟି ପ୍ରକଳ୍ପରେ ସେମାନଙ୍କର ଏବିଡି ବା ଅଞ୍ଚଳ ଭିତ୍ତିକ ବିକାଶ ଯୋଜନାରେ ଆବାସ ନିର୍ମାଣ ବ୍ୟବସ୍ଥା ଅଛି; କିନ୍ତୁ କାନପୁର ଓ ଗ୍ୱାଲିୟର ଓ ଲୁଧିଆନା ସ୍ମାର୍ଟ ସିଟି ପ୍ରକଳ୍ପରେ ଆବାସ ନିର୍ମାଣକୁ ଅଗ୍ରାଧିକାର ଦିଆଯାଇନାହିଁ।



**ବିଭିନ୍ନ ଏଡିବିରେ ଆବାସ ପ୍ରସଙ୍ଗର ସ୍ଥିତି କ'ଣ ତାହା ନିମ୍ନରେ ପ୍ରଦାନ କରାଗଲା।**

୧- ଅହମଦାବାଦରେ ୪୦ ହଜାର ଶସ୍ତା ଘର ବିଭିନ୍ନ ଯୋଜନାରେ ନିର୍ମାଣ କରି ହିତାଧିକାରୀଙ୍କୁ ତାହା ୨୦୧୭-୧୮ ଆର୍ଥିକ ବର୍ଷ ସୁଦ୍ଧା ହସ୍ତାନ୍ତର କରିବାର ବ୍ୟବସ୍ଥା ଅଛି।

୨- ଭୁବନେଶ୍ୱରରେ ମିଶନ ଆବାସ ଯୋଜନାରେ ୬୦୦୦ ଘର ନିର୍ମାଣ କରାଯିବ। ଏହି ଏଡିବିରେ ବସ୍ତି ଅଞ୍ଚଳ ବିକାଶ, ଶସ୍ତାରେ ଘର ଯୋଗାଣ, ନିର୍ମାଣ ଶ୍ରମିକଙ୍କ ପାଇଁ ଘର ତିଆରି, ଶ୍ରମଜୀବୀ ମହିଳା ହଷ୍ଟେଲ, ନିରାଶ୍ରୟଙ୍କ ଆବାସସ୍ଥଳୀ ନିର୍ମାଣ ଆଦି କାର୍ଯ୍ୟକ୍ରମ ରହିଛି। ବସ୍ତି ବିକାଶ ଯୋଜନାରେ ୨୪ଟି ବସ୍ତିର ଲୋକଙ୍କୁ ଚାରିଟି ସମନ୍ୱିତ ଆବାସିକ ସୋସାଇଟି ଜରିଆରେ ଥଇଥାନ କରାଯିବାର ପରିକଳ୍ପନା ଅନୁମୋଦିତ ହୋଇଛି।

୩- ଧର୍ମଶାଳାରେ ସ୍ମାଟ ସିଟି ଯୋଜନାରେ ୩୫୦୦ ବାସଗୃହ ନିର୍ମାଣର ବ୍ୟବସ୍ଥା ହୋଇଛି ଏବଂ ସେଥିମଧ୍ୟରୁ ୧୨୫୦ ବସ୍ତିବାସିନ୍ଦା ଓ ସହରାଞ୍ଚଳ ଗୃହହୀନଙ୍କୁ ଯୋଗାଇ ଦିଆଯିବ।

ଏହି ଉଦାହରଣରୁ ସୂଚିତ ହୁଏ ଯେ ସ୍ମାର୍ଟ ସିଟି ପ୍ରକଳ୍ପ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମିଶ୍ରଣରେ ବସ୍ତି ଉନ୍ନତି ଓ ଆବାସ ଯୋଗାଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବାକୁ ପ୍ରୟାସ କରାଯାଉଛି।

ସାଂପ୍ରତିକ ସମୟର ଆହ୍ୱାନ ସବୁର ମୁକାବିଲା କରିବାକୁ ସହରଗୁଡ଼ିକୁ ପରିବର୍ତ୍ତନ କରିବା ପାଇଁ ସ୍ମାର୍ଟ ସିଟି ଯୋଜନା ବିପୁଳ ସୁଯୋଗ ସୃଷ୍ଟି କରିଛି। ସମନ୍ୱିତ ଇଲାକା ବିକାଶ ଯୋଜନାଦ୍ୱାରା ସେ ଅଞ୍ଚଳର ଜଳଯୋଗାଣ, ପରିଚ୍ଛନ୍ନତା, ବର୍ଜ୍ୟଜଳ ନିଷ୍କାସନ, ଗମନାଗମନ

ଓ ଅନ୍ୟାନ୍ୟ ବ୍ୟବସ୍ଥାରେ ଯଥେଷ୍ଟ ଉନ୍ନତି ହୋଇପାରିବ । ତେଣୁ ଆଶା କରିବା ସ୍ମାର୍ଟ ସିଟିର ସୁଫଳ ଗରିବ ବସ୍ତି ବାସିନ୍ଦା ମଧ୍ୟ କିପରି ପାଇବେ ।

**ଆହ୍ୱାନ / ପ୍ରତିବନ୍ଧକ:**

ଏସବୁ ଲକ୍ଷ୍ୟ ହାସଲ କ୍ଷେତ୍ରରେ ଅନେକ ଆହ୍ୱାନ ଓ ପ୍ରତିବନ୍ଧକ ରହିଛି । ମୂଳତଃ ପୁନଃବିକାଶ ବସ୍ତିବାସିନ୍ଦାଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବାକୁ ଶ୍ରେଷ୍ଠ ବିକଳ୍ପ ହୋଇଥିଲେ ହେଁ ଏହା ସବୁ ଇଲାକା ପାଇଁ ସମ୍ଭବ ନୁହେଁ । ଅଧିକାଂଶ ସମୟରେ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରାଯାଇ ଦୂର ଦୂରାନ୍ତ ସ୍ଥାନରେ ଥଇଥାନ କରାଯାଏ । ଏହା ଫଳରେ ଯେଉଁ ଜବରଦଖଲ ଜମି କର୍ତ୍ତୃପକ୍ଷଙ୍କ ଦଖଲକୁ ଆସେ ତାହାକୁ ବିକଶିତ କରି ଅଧିକ ରାଜସ୍ୱ ପାଇବା ପାଇଁ ବିଭିନ୍ନ କାର୍ଯ୍ୟରେ ବିନିଯୋଗ କରାଯାଏ । ଏହା ଏକ ଉତ୍ତମ କୌଶଳ ନୁହେଁ । ସମାବେଶୀ ବିକାଶର ଅର୍ଥ ହେଲା ଅଞ୍ଚଳ ଭିତ୍ତିକ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ସମୟରେ କାହାକୁ ବିସ୍ଥାପିତ ନ' କରି ସବୁ ଆୟକାରୀ ବର୍ଗକୁ ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ଥଇଥାନ ଓ ଉନ୍ନତି ପାଇଁ ସୁଯୋଗ ଦେବା । ମାତ୍ର ସେ କଥା ପ୍ରତି ବିଶେଷ ଧ୍ୟାନ ଦିଆଯାଉନାହିଁ ।

ଆଉ ଏକ ସମସ୍ୟା ହେଉଛି ଆବାସିକ ଘରଗୁଡ଼ିକର ସ୍ଥାୟୀତ୍ୱ ଓ ସେସବୁର ରକ୍ଷଣାବେକ୍ଷଣ । ଉପଯୁକ୍ତ ଜ୍ଞାନକୌଶଳ ଓ ନିର୍ମାଣ ସାମଗ୍ରୀ ଆବାସିକ ୟୁନିଟରେ ବ୍ୟବହାର କରିବା ଏକ ବିକଳ୍ପ ଯାହା ସ୍ମାର୍ଟ ସିଟିରେ ଉପଯୋଗ କରାଯାଇପାରିବ । ତେଣୁ ଘରଗୁଡ଼ିକୁ ମଜବୁତ, ବାସ ଉପଯୋଗୀ ଏବଂ ସହଜରେ ରକ୍ଷଣାବେକ୍ଷଣ କ୍ଷମ କରିବା ପ୍ରତି ଦୃଷ୍ଟି ଦିଆଗଲେ ଗରିବ ଲୋକମାନେ ବିଶେଷ ଉପକୃତ ହେବେ । ତେଣୁ ଘର ସବୁ କିପରି ଶସ୍ତା, ସୁନ୍ଦର ଓ ମଜବୁତ ହେବ ସେଥିପାଇଁ ସ୍ମାର୍ଟ ସିଟି ଯୋଜନାରେ ଆବଶ୍ୟକ ଡିଜାଇନ ପ୍ରସ୍ତୁତି ଓ ପ୍ରୟାସ ଲୋଡ଼ା ।

ସ୍ମାର୍ଟ ସିଟି ଯୋଜନାରେ ଜନ ସହଯୋଗ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଲୋକଙ୍କ ସହଯୋଗ ଓ ସମର୍ଥନ ନ' ରହିଲେ ଏହି ଯୋଜନା ସଫଳ ହୋଇପାରିବ ନାହିଁ, ବସ୍ତିବାସିନ୍ଦାଙ୍କ ସହଯୋଗ



ଓ ସମର୍ଥନରେ ସେମାନଙ୍କ ପାଇଁ ଘରର ଡିଜାଇନ ପ୍ରସ୍ତୁତ କରି ଘର ତିଆରି କରାଯିବା ଉଚିତ । ଘରୋଇ ଉଦ୍ୟୋଗ ମଧ୍ୟ ଏଥିରେ ସହଯୋଗ କରିବାର ଆବଶ୍ୟକତା ରହିଛି । ସେମାନେ ଘରର ଡିଜାଇନ୍, ନିର୍ମାଣ ସାମଗ୍ରୀ ଚୟନ ଏବଂ ଏଥିରେ ରହିବାକୁ ଥିବା ଲୋକଙ୍କ ସମ୍ପର୍କରେ ବିଚାର ବିମର୍ଶ କରି ଆବଶ୍ୟକ ପରାମର୍ଶ ଦେବା ଉଚିତ ମନେହୁଏ ।

ବିଭିନ୍ନ ମହଲରେ ଯୁକ୍ତି କରାଯାଉଛି ଯେ ଏସ୍‌ପିଭି ମାଧ୍ୟମରେ ସ୍ମାର୍ଟ ସିଟି ଯୋଜନାର କାର୍ଯ୍ୟକାରିତା ଗରିବ ବିରୋଧୀ । ଏହା ଫଳରେ ଘରୋଇ ଉଦ୍ୟୋଗ ଗରିବଙ୍କ ଗୃହନିର୍ମାଣ କାର୍ଯ୍ୟରେ ସାମିଲ ହେବାକୁ ବିଶେଷ ଆଗ୍ରହ ପ୍ରକାଶ କରିବ ନାହିଁ । ଏସ୍‌ପିଭି ଯେଉଁ ଢାଞ୍ଚା କାର୍ଯ୍ୟକାରୀ କରିବ ସେଥିରେ ପ୍ରଥମେ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରାଯିବା ପରେ ଥଇଥାନ କରାଯିବ । ଅତଏବ ସହରାଞ୍ଚଳରେ ସମସ୍ତଙ୍କ ପାଇଁ ଘର ଯୋଜନାକୁ ସ୍ମାର୍ଟ ସିଟି ପ୍ରକଳ୍ପ ସହ ମିଶାଇ କାର୍ଯ୍ୟକାରୀ କଲେ ଏହା କେତେ ସଫଳ ହେବ ତାହା ସମୟ ହିଁ କହିବ ।

ଆବାସିକ ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଲା ଭଡ଼ା ପାଇଁ ଘର ତିଆରି କାର୍ଯ୍ୟକ୍ରମ । ମାଲିକାନାଭିତ୍ତିକ ଆବାସ ଉପରେ ଗୁରୁତ୍ୱ ଦେଲେ ଏହା ବସ୍ତିର ସମସ୍ୟା ଦୂର କରିବ ନାହିଁ । ବିଭିନ୍ନ ସହରରେ କାର୍ଯ୍ୟକରୁଥିବା ଦରିଦ୍ର ଓ ଅନ୍ୟାନ୍ୟ ବର୍ଗର ଲୋକ ଯେଉଁମାନେ କି ସେହି ସହରର ସ୍ଥାୟୀ ବାସିନ୍ଦା ନୁହଁନ୍ତି ସେମାନେ ରହିବାକୁ ଭଡ଼ାଘର ଲୋଡ଼ନ୍ତି । ତେଣୁ ଶସ୍ତାରେ ଭଡ଼ା ଘର ପାଇବା ପାଇଁ ଲୋକେ ଆଗ୍ରହ ପ୍ରକାଶ କରନ୍ତି । ଘର ନ ମିଳିଲେ ଏହିସବୁ ଶ୍ରମିକ ଶ୍ରେଣୀର ଲୋକ ନୂଆ ବସ୍ତି ତିଆରି କରି ସେଥିରେ ରହନ୍ତି । ସ୍ମାର୍ଟ ସିଟିରେ ଲୋକଙ୍କ ଆବଶ୍ୟକତାକୁ ବିଚାରକୁ ନେଇ ଏହି ବର୍ଗର ଲୋକଙ୍କ ପାଇଁ ଯଦି ଭଡ଼ା ଘର ତିଆରିର ବ୍ୟବସ୍ଥା କରା ନ ଯାଏ ତା'ହେଲେ ନୂଆନୂଆ ବସ୍ତି ପୁନର୍ବାର ମୁଣ୍ଡ ଟେକିବ ।

ନିମ୍ନ ଆୟକାରୀ ବର୍ଗ ଲୋକଙ୍କୁ ଘର ଯୋଗାଇ ଦେବାବେଳେ ଏଥିପାଇଁ ଅର୍ଥ ଯୋଗାଡ଼ କରିବା ଏକ ବଡ଼ ସମସ୍ୟା। ସରକାର ଏ କ୍ଷେତ୍ରରେ ସୁଧବାବଦ ସବ୍‌ସିଡି ଦେଉଥିବାବେଳେ ଋଣ ପାଇବା ସହଜ କଥା ନୁହେଁ। ଗରିବ ଲୋକଙ୍କୁ ଅନେକ ସମୟରେ ଋଣ ସୁବିଧା ମିଳେ ନାହିଁ।

**ସୁଯୋଗ:**

ସ୍ମାର୍ଟ ସିଟି ମିଶନ ସହ ସମସ୍ତଙ୍କ ପାଇଁ ଘର ଯୋଜନା ସହରାଞ୍ଚଳ ଦରିଦ୍ରଙ୍କ ପାଇଁ ଅଭିନବ ଆବାସିକ ସୁଯୋଗ ଦିଏ। ଏଥିରେ ନୂଆ ଘରଗୁଡ଼ିକରେ ଉତ୍ତମ ଆଲୋକ ବ୍ୟବସ୍ଥା, ବାୟୁ ଚଳାଚଳ ବ୍ୟବସ୍ଥା କରାଯାଇ ଏହାକୁ ଶକ୍ତି ବା ଊର୍ଜା ନିପୁଣ କରିହେବ। ଖରା ଦିନେ ତାପରୁ ରକ୍ଷା ପାଇବା ପାଇଁ ଛାତକୁ ନୂଆ ଶୀତଳ ବ୍ୟବସ୍ଥାର ଉପଯୋଗ କରି ଥଣ୍ଡା ରଖାଯାଇପାରିବ। ପାଣିପାଗ ପରିବର୍ତ୍ତନ ଦୃଷ୍ଟିରୁ ତାପମାତ୍ରା ଆହୁରି ବଢ଼ିବ। ଏହା ଫଳରେ ଗରିବ ଲୋକମାନେ ଅଧିକ କଷ୍ଟ ପାଇବେ। ସେଥିପାଇଁ ସେମାନଙ୍କ ନିମନ୍ତେ ତିଆରି ହେବାକୁ ଥିବା ଘରଗୁଡ଼ିକୁ ସ୍ୱତନ୍ତ୍ର ଭାବେ ତିଆରି କରିବାକୁ ହେବ।

ଅନୁଲମ୍ବ ବା ଖାଡ଼ା ଘର ନିର୍ମାଣ ପାଇଁ ଆରସିସି ଫ୍ରେମ୍ କିମ୍ବା ପ୍ରି-ଷ୍ଟ୍ରେସ୍‌ଡ କଂକ୍ରିଟ ବ୍ୟବହାର କରାଯିବା ଉଚିତ। ତେବେ କାନ୍ଥ, ଝରକା, କବାଟ ଆଦି ପାଇଁ ନୂଆ ସାମଗ୍ରୀ ଯଥା ପୁନଃ ପ୍ରକ୍ରିୟାକୃତ ଧାତୁ, ପ୍ଲାଷ୍ଟିକ କିମ୍ବା ପାଟିକିଲ ବୋର୍ଡ ବ୍ୟବହାର କରାଯାଇପାରେ। ଗୃହ ନିର୍ମାଣ ଖର୍ଚ୍ଚ କମାଇବା ପାଇଁ ସ୍ଥାନୀୟ ଭାବେ ମିଳୁଥିବା ସାମଗ୍ରୀର ଅଧିକ ଉପଯୋଗକୁ ଉତ୍ସାହିତ କରାଯିବା ଆବଶ୍ୟକ।

ଗଣ ଆବାସ ନିର୍ମାଣ ପାଇଁ ଶସ୍ତାରେ ମିଳୁଥିବା ଗ୍ଲାସ ଫାଇବର ରେନ୍‌ଫୋର୍ସଡ ଜିପ୍‌ସମ୍ (ଜିଏଫ୍‌ଆର୍‌ଜି) ପ୍ୟାନେଲ ଏକ ଉତ୍ତମ ଉଦାହରଣ। ଆଇଆଇଟି ମାଡ୍ରାସ ଦ୍ୱାରା ପ୍ରସ୍ତୁତ ଜିଏଫ୍‌ଆର୍‌ଜି ପ୍ୟାନେଲରେ ନିର୍ମିତ ଘରର ପ୍ରତିରୂପ ଚିତ୍ରରେ ପ୍ରଦର୍ଶିତ ହୋଇଛି।

ଘରର ଡିଜାଇନ୍‌ରେ ଦୁଇଟି ଭାଗ ଥାଏ। ଗୋଟିଏ ହେଲା ନିର୍ମାଣ ଢାଞ୍ଚା ବା ଷ୍ଟ୍ରକଚରାଲ୍ ଫ୍ରେମ୍ ଓ ଅନ୍ୟଟି ହେଲା କବାଟ, ଝରକା ଆଦି। ଅନୁଲମ୍ବ ବା ସିଧା ଘର ପାଇଁ ଆରସିସି କିମ୍ବା ପିଏସ୍‌ସି ସାମଗ୍ରୀ ଏବଂ କବାଟ ଝରକା ପାଇଁ ପୁନଃ ପ୍ରକ୍ରିୟାକୃତ ଧାତବ, ପ୍ଲାଷ୍ଟିକ ବା ପାଟିକଲ ବୋର୍ଡ ବ୍ୟବହାର କରିବା ଭଲ। ଅନୁଲମ୍ବ ବା ବହୁତଳ ବିଶିଷ୍ଟ ଘରର ଡିଜାଇନ୍ ଏପରି ହେବା ଉଚିତ ଯେପରିକି କୋଠରୀ ଭିତରକୁ ଆଲୋକ ପ୍ରବେଶ କରିବା ସହ ବାୟୁଚଳାଚଳ ନିର୍ବିଘ୍ନରେ ହେଉଥିବ। ଆହୁରି ମଧ୍ୟ ଏଥିରେ ରହୁଥିବା ଲୋକ ଚଳିବା ପାଇଁ ଆବଶ୍ୟକ ସ୍ଥାନ ଓ ସୁବିଧା ସୁଯୋଗ ଯେପରି ପାଇବେ ସେଥିପ୍ରତି ଦୃଷ୍ଟିଦେବାକୁ ହେବ। ଏହାଛଡ଼ା ଅନ୍ତେଃବାସୀଙ୍କ ଜୀବନଜୀବିକା ପାଇଁ ଘର ସୁବିଧା ଯୋଗାଉଥିବା ଆବଶ୍ୟକ।

କଷ୍ଟଫୋର୍ଡ ସଂସ୍ଥା ପକ୍ଷରୁ ତିରୁଅନନ୍ତପୁରମର କରିମାଡମ୍ କଲୋନୀରେ ଯେଉଁ ଘର ତିଆରି କରାଯାଇଛି ତାହା ଏକ ପ୍ରକୃଷ୍ଟ ଉଦାହରଣ। ଏଥିରେ ପ୍ରତ୍ୟେକ ତାଲାରେ ଲୋକଙ୍କ ପାଇଁ ନିଜର ଆର୍ଥିକ କାରବାର ସକାଶେ ମୁକ୍ତ ସ୍ଥାନ ରହିଛି।

ସ୍ମାର୍ଟ ସିଟିର ଗରିବଙ୍କ ପାଇଁ ଘର ତିଆରି ବେଳେ ଅଭିନବ ପରିକଳ୍ପନାକୁ ରୂପାୟିତ କରିବାର ଆବଶ୍ୟକତା ରହିଛି। ଏଭଳି ଘର ତିଆରି ହେବା ଉଚିତ ଯେଉଁଠି ଗରିବ ଲୋକେ ଜୀବିକାର୍ଜନ ସହ ସ୍ୱାସ୍ଥ୍ୟକର ପରିବେଶ ପାଇବେ। ଏଥିପ୍ରତି ନଜର ନ ଦେଇ କେବଳ ଲକ୍ଷ୍ୟପୂରଣ ପାଇଁ ଘର ତିଆରି କରିଦେଲେ ତାହା ଗରିବଙ୍କ ଆବଶ୍ୟକତା ମେଣ୍ଟାଇବ ନାହିଁ। ଶେଷରେ ବ୍ୟକ୍ତିଟିକୁ ଯଦି ଆମେ ଉତ୍ତମମାନର ଜୀବନଯାପନର ସୁଯୋଗ ଦେଇ ନ'ପାରିବା; ତେବେ ସ୍ମାର୍ଟ ସିଟି ଏକ ସମ୍ଭ୍ରାନ୍ତ ବିଚାରଧାରାରେ ସୀମିତ ହୋଇ ରହିବ ଏବଂ କେବଳ ସ୍ୱଚ୍ଛଳବର୍ଗଙ୍କ ହୀତ ସାଧନ କରିବ।



ଲେଖିକା ଜଣେ ଅବସରପ୍ରାପ୍ତ ପ୍ରଫେସର

## ଆପଣ ଜାଣନ୍ତି କି ?

# ଭାରତରେ ସମବାୟ ଆବାସ ଆନ୍ଦୋଳନ

ଜାତୀୟ ସମବାୟ ଆବାସିକ ମହାସଂଘ (ଏନ୍‌ସିଏଚ୍‌ଏଫ୍) ଭାରତରେ ସମସ୍ତ ସମବାୟ ଆବାସ ଆନ୍ଦୋଳନର ଶୀର୍ଷ ସଂଗଠନ। ୧୯୬୯ରୁ ଏହି ସଂଗଠନ ଏହାର ପ୍ରତିଷ୍ଠା କାଳରୁ ଏହା ଆବାସ କ୍ଷେତ୍ରର ପ୍ରୋତ୍ସାହନ, ବିକାଶ ତଥା ସମନ୍ୱୟ ଦିଗରେ କାର୍ଯ୍ୟ କରିଆସୁଛି। ଦେଶରେ ଆବାସ ସମବାୟମାନ ଗଢ଼ିବା ତଥା ଏହାକୁ କାର୍ଯ୍ୟକ୍ଷମ କରିବା ଦିଗରେ ଏନ୍‌ସିଏଚ୍‌ଏଫ୍ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ରାଜ୍ୟ ସରକାରଙ୍କ ସହଯୋଗରେ ଏହି ସଂସ୍ଥା ୨୦ଟି ଶୀର୍ଷ ସମବାୟ ଆବାସିକ ସଂଗଠନ ସୃଷ୍ଟି କରିଛି। ଏହା ଫଳରେ ଏଭଳି ପ୍ରାଦେଶିକ ସଂଗଠନଗୁଡ଼ିକର ସଂଖ୍ୟା ୨୬କୁ ବୃଦ୍ଧି ପାଇଛି। ଏହି ସଂସ୍ଥା ୧୯୬୯-୭୦ରେ ଗଠିତ ହୋଇଥିଲା। ସେତେବେଳେ ଦେଶରେ ୧୬୩୦୮ ପ୍ରାଥମିକ ଆବାସ ସହଯୋଗ ସମିତି ସହିତ ଏହାର ସଭ୍ୟ ସଂଖ୍ୟା ଥିଲା ୧୧.୧ ଲକ୍ଷ। ଏବେ ତଳସ୍ତରରେ ଦେଶରେ ପ୍ରାୟ ଏକ ଲକ୍ଷ ପ୍ରାଥମିକ ଆବାସ  ସହଯୋଗ ସମିତି କାର୍ଯ୍ୟ କରୁଛି ଯାହାର ସଭ୍ୟ ସଂଖ୍ୟା ୭୦ ଲକ୍ଷରୁ ଅଧିକ। ଏହି ପ୍ରାଥମିକ ସମବାୟ ସମିତିକୁ ରାଜ୍ୟସ୍ତରରେ ୨୬ଟି ଶୀର୍ଷ ସମବାୟ ଫେଡେରେସନ ସହାୟତା ଯୋଗାଉଛନ୍ତି। ଏହି ଫେଡେରେସନ ସବୁ ଏନ୍‌ସିଏଚ୍‌ଏଫ୍ ସହିତ ସହବନ୍ଧିତ। ନିକଟରେ ହୋଇଥିବା ଏକ ଅନୁଧ୍ୟାନ ଅନୁସାରେ ଦେଶରେ ଏବେ ତିଆରି ହେଉଥିବା ପ୍ରତି ୧୦୦ ଘର ମଧ୍ୟରୁ ୧୧ଟି ବିଭିନ୍ନ ସମବାୟ ସଂସ୍ଥାର ସହଯୋଗ ଓ ସହାୟତାରେ ନିର୍ମିତ।

ଆବାସ ସମବାୟ ସମିତିର ଆଇନଗତ ସଂଜ୍ଞା ରହିଛି। ଆଇନ ଅନୁସାରେ ଏକତ୍ର ହୋଇ ଦଳେ ଲୋକ, ସାଧାରଣତଃ ସୀମିତ ସମ୍ବଳ ମଧ୍ୟରେ ନିଜ ନିଜ ଭିତରେ ସାହାଯ୍ୟ, ସହଯୋଗ ଭିତ୍ତିରେ ଘର ନିର୍ମାଣ କରନ୍ତି। ସେମାନଙ୍କର ସଭ୍ୟପଦ ଇଚ୍ଛାଧୀନ। ସମିତିର ନିୟନ୍ତ୍ରଣ ଓ କାର୍ଯ୍ୟ ପରିଚାଳନା ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମ୍ପନ୍ନ ହୋଇଥାଏ। ପ୍ରତ୍ୟେକ ସଦସ୍ୟ ପ୍ରାୟତଃ ସମାନ ପରିମାଣର ଅର୍ଥ ପ୍ରଦାନ କରି ସମବାୟ ସମିତି ଗଠନ କରିଥାନ୍ତି। ମୁଖ୍ୟତଃ ଏହା ଏକ ସ୍ୱୟଂସହାୟକ ଗୋଷ୍ଠୀ ଭାବେ କାର୍ଯ୍ୟ କରି ଘର ତିଆରି କରିଥାଏ। ଏହା ଆବାସ ସମବାୟ ସମିତିର ମୁଖ୍ୟ ବୈଶିଷ୍ଟ୍ୟ। ବିଭିନ୍ନ ରାଜ୍ୟରେ ଏସବୁ ସମବାୟର କାର୍ଯ୍ୟ ସମବାୟ ଆଇନ୍ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଜଣେ ରେଜିଷ୍ଟ୍ରାର ବା ନିବନ୍ଧକଙ୍କ ଦ୍ୱାରା ଏହି ସବୁ ସମବାୟ ସମିତିର କାର୍ଯ୍ୟ ତଦାରଖ ହୁଏ। ଏକାଧିକ ରାଜ୍ୟ ପାଇଁ ବହୁ-ପ୍ରାଦେଶିକ ସମବାୟ ଆଇନ ମଧ୍ୟ ରହିଛି।

ଏକ ସମିତି ବା ସୋସାଇଟିରେ ସର୍ବନିମ୍ନ ସାତଜଣ ସଦସ୍ୟ ରହିବାର ବିଧି ରହିଛି। ତା'ଠାରୁ ଅଧିକ ସଦସ୍ୟ ମଧ୍ୟ ଏଥିରେ ରହିପାରିବେ। ଏହା ପରେ ସଂପୃକ୍ତ ସମିତିକୁ ସୋସାଇଟି ପଞ୍ଜିକରଣ ଆଇନ ୧୮୬୦ ଅନୁସାରେ ପଞ୍ଜିକୃତ ହେବାକୁ ହୋଇଥାଏ। ଏହା ଏକ ସର୍ବଭାରତୀୟ ଆଇନ। ତେବେ ବିଭିନ୍ନ ରାଜ୍ୟରେ ମଧ୍ୟ ସ୍ୱତନ୍ତ୍ର ସମବାୟ ଆଇନମାନ  ଅଛି। ବିଭିନ୍ନ ସମିତିର ବିଭିନ୍ନ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଥାଏ ଏବଂ ଏହା ମଧ୍ୟ ପଞ୍ଜୀକରଣ ସମୟରେ ସ୍ପଷ୍ଟ ଉଲ୍ଲେଖ କରାଯାଇଥାଏ। ଅନେକ ସେବାମୂଳକ ଅନୁଷ୍ଠାନ ମଧ୍ୟ ସୋସାଇଟି ଆଇନରେ ପଞ୍ଜୀକୃତ। ତେବେ ଏକ ପଞ୍ଜୀକୃତ ସୋସାଇଟିର କିଛି ଆଇନଗତ ସୀମିତତା ରହିଛି। ସମବାୟ ସମିତିର ସଦସ୍ୟମାନେ ଏହାର ସଦସ୍ୟମାନଙ୍କ ଆର୍ଥିକ ସ୍ୱାର୍ଥକୁ ପ୍ରୋତ୍ସାହିତ କରିବାକୁ ଆଇନଗତ ଅଧିକାର ପାଇଥାନ୍ତି।

ସମବାୟ ଆବାସ ସମିତିର ନିମ୍ନଲିଖିତ ସୁବିଧା ସୁଯୋଗ ରହିଛି।

୧) ଆବାସ ସମବାୟ ସମିତି (କୋପରେଟିଭ ହାଉସିଂ ସୋସାଇଟି) ସରକାରୀ କିମ୍ବା ଲାଭଜନକ ସଂସ୍ଥା ନୁହେଁ। ଏହାର ମୌଳିକ ଲକ୍ଷ୍ୟ ହେଲା ଆର୍ଥିକ ଶୋଷଣର ଅବସାନ ଘଟାଇବା; କାରଣ ଏହା କେବଳ ସଭ୍ୟମାନଙ୍କ ଦ୍ୱାରା ନିୟନ୍ତ୍ରିତ।

୨) ଏହି ସମବାୟ ସମିତିର ସଦସ୍ୟମାନେ ଆବାସର ଡିଜାଇନ ଓ ପ୍ଲାନିଂ (ନକ୍ସା) ସ୍ତରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାନ୍ତି ଯାହା ସରକାରୀ ସୋସାଇଟି ବ୍ୟବସ୍ଥାରେ ନାହିଁ। ସଂପୃକ୍ତ ଇଷ୍ଟେଟ ବା ମହଲାର ରକ୍ଷଣାବେକ୍ଷଣ ଦାୟିତ୍ୱ ସଦସ୍ୟମାନଙ୍କ ଉପରେ ନ୍ୟସ୍ତ ହୋଇଥାଏ। ଫଳରେ ରକ୍ଷଣାବେକ୍ଷଣ ଓ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଉଚିତ ଦୃଷ୍ଟି ଦିଆଯାଏ ଓ ଏହା ବ୍ୟୟବହୁଳ ହୁଏ ନାହିଁ।

୩) ଏହା ଆବାସିକ ପ୍ରକଳ୍ପର ଗୁଣାତ୍ମକ ଓ ପରିମାଣାତ୍ମକ ଦିଗ ପ୍ରତି ଆବଶ୍ୟକ ଦୃଷ୍ଟି ଦେବାର ସୁଯୋଗ ପାଏ। ଏଥିରେ ସଭ୍ୟମାନଙ୍କର ପ୍ରତ୍ୟକ୍ଷ ଅଂଶୀଦାର ଓ ସହଯୋଗ ଥିବାରୁ ହିତାଧିକାରୀଙ୍କ ସ୍ୱାର୍ଥ ଓ ଆବଶ୍ୟକତା ଅଗ୍ରାଧିକାର ପାଏ।

୪) ଆବାସ ସମବାୟ ହିତାଧିକାରୀ ବା ସଭ୍ୟମାନଙ୍କ ମଧ୍ୟରେ ଅଧିକ ଦାୟିତ୍ୱ ସମ୍ପନ୍ନ ଭାବ ସୃଷ୍ଟି କରେ। ଘର ପାଇବା ପରେ ସଦସ୍ୟମାନେ ଏହାର ମରାମତି ଓ ରକ୍ଷଣାବେକ୍ଷଣ ଆଦି ଦେଖିବା ପାଇଁ ଆବଶ୍ୟକ ନୀତି ଓ ବ୍ୟବସ୍ଥା ତିଆରି କରନ୍ତି।

୫) ସଦସ୍ୟମାନଙ୍କ ପ୍ରତ୍ୟକ୍ଷ ସହଯୋଗ ଓ ତଦାରଖ ଯୋଗୁଁ ଅବାସ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ବିଳମ୍ବିତ ହୁଏନାହିଁ; କିମ୍ବା ପ୍ରକଳ୍ପ ଖର୍ଚ୍ଚ ଅଯଥା ବଢ଼େନି।

୬) ସମିତି ପକ୍ଷରୁ ଏହାର ସଦସ୍ୟମାନଙ୍କ ପାଇଁ ଋଣ ବ୍ୟବସ୍ଥା କରାଯାଇଥାଏ। ଋଣ ପରିଶୋଧ ପାଇଁ ସବୁ ସଦସ୍ୟ ମିଳିତ ଦାୟିତ୍ୱ ବହନ କରିଥାନ୍ତି। ଫଳରେ ଋଣ ପରିଶୋଧ ନିୟମିତ ଓ ବ୍ୟବସ୍ଥିତ ଭାବେ ହୋଇଥାଏ।

୭) ସମବାୟ ସମିତିର ପରିଚାଳନା ଓ ବିଭିନ୍ନ କାର୍ଯ୍ୟରେ ସଦସ୍ୟମାନଙ୍କର ଭୋଟ୍ ଓ ମତ ପ୍ରଦାନର ଅଧିକାର ରହେ। ଏହା ଫଳରେ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ଆତ୍ମ ସମ୍ମାନ ବୃଦ୍ଧିପାଏ।

୮) ସମବାୟ ଏକ କ୍ଷୁଦ୍ର ସଂପ୍ରଦାୟ ହୋଇଥିବାରୁ ଏହାର ସଦସ୍ୟମାନେ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟରେ ଏକାଠି ହୋଇ ନିଜ ନିଜ ମଧ୍ୟରେ ସୁସମ୍ପର୍କକୁ ସୁଦୃଢ଼ କରନ୍ତି। ଏହା ଦ୍ୱାରା ସେମାନଙ୍କ ମଧ୍ୟରେ ସାମାଜିକ ଓ ସାଂସ୍କୃତିକ ସମ୍ପର୍କ ନିବିଡ଼ ହୁଏ। ଏହା ସେମାନଙ୍କର ସାମାଜିକ ବ୍ୟବହାର ଓ ମାନସିକ ସ୍ୱାସ୍ଥ୍ୟ ବୃଦ୍ଧିରେ ସହାୟକ ହୋଇଥାଏ।

୯) ସମବାୟ ଆବାସ ସମିତିର ସଦସ୍ୟମାନେ ଖାଉଟି ସମବାୟ, ବ୍ୟାଙ୍କ, କ୍ଲବ୍ ଓ ଅନ୍ୟାନ୍ୟ ଅର୍ଥନୈତିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାର ସୁଯୋଗ ପାଇଥାନ୍ତି।

ଜଣେ ବ୍ୟକ୍ତି ବିଶେଷକଙ୍କୁ ଏକ ଆବାସିକ ସମବାୟ ସମିତିର ସଦସ୍ୟ ହେବା ପାଇଁ ସର୍ବନିମ୍ନ ଯୋଗ୍ୟତା ସମ୍ପର୍କରେ ସଂପୃକ୍ତ ଆଇନରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି।



# ଯୁବଶକ୍ତିକୁ ଉଦ୍ୟମୀ କରାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆହ୍ୱାନ




ରାଷ୍ଟ୍ରୀୟ ଚାଟାର୍ଡ ଆକାଉଣ୍ଟାଣ୍ଟ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜିଏସ୍‌ଟି, ବିମୁଦ୍ରୀକରଣ ଓ ଆର୍ଥିକ ବିଷୟରେ ତର୍ଜମା କରିବା ସହ ଓଡ଼ିଶାରେ ଏକ ଉନ୍ନତ ବ୍ୟାବସାୟିକ ବାତାବରଣ ସୃଷ୍ଟି ମାଧ୍ୟମରେ ଓଡ଼ିଶାର ଯୁବଶକ୍ତିକୁ ଉଦ୍ୟମୀ କରାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ଚାଟାର୍ଡ ଆକାଉଣ୍ଟମାନଙ୍କୁ ଆହ୍ୱାନ ଜଣାଇଛନ୍ତି।

ଭୁବନେଶ୍ୱରଠାରେ ଅନୁଷ୍ଠିତ ଏହି ରାଷ୍ଟ୍ରୀୟ ସମ୍ମିଳନୀରେ ଓଡ଼ିଶାର ବ୍ୟବସାୟ କ୍ଷେତ୍ରରେ ଅତୀତର ଐତିହାସିକ ସଫଳତା, ବର୍ତ୍ତମାନର ସାରା ଦେଶରେ ଓଡ଼ିଶା ପାଖରେ ଅଧିକ ସୁବିଧା ସୁଯୋଗ ସତ୍ତ୍ୱେ ଓଡ଼ିଶା ଯେଉଁଠାରେ ପହଞ୍ଚିବା କଥା କାହିଁକି ସେଠାରେ ପହଞ୍ଚି ପାରିନାହିଁ, ଏହାର ମିସିଙ୍ଗ୍ ଲିଙ୍କ୍ କେଉଁଠି ଅଛି ତାହା ଖୋଜି ବାହାର କରିବାକୁ ଚାଟାର୍ଡ ଆକାଉଣ୍ଟାଣ୍ଟ୍ କମ୍ୟୁନିଟିକୁ ଶ୍ରୀ ପ୍ରଧାନ ଆହ୍ୱାନ ଜଣାଇଛନ୍ତି।

ଏତଦ୍‌ବ୍ୟତୀତ ଓଡ଼ିଶାରେ ଔଦ୍ୟୋଗିକ ଓ ବ୍ୟାବସାୟିକ ବିକାଶ ପାଇଁ ଅପାର ସମ୍ଭାବନା ରହିଛି। ଓଡ଼ିଆ ଲୋକମାନଙ୍କ ମନରେ ସ୍ୱପ୍ନକୁ ଜଗାଇବା ପାଇଁ ଓଡ଼ିଶାର ବିକାଶ ଚାବିକାଠି ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଦେଶର ପ୍ରଧାନମନ୍ତ୍ରୀ ନୂଆ ଭାରତର ପରିକଳ୍ପନା କରୁଛନ୍ତି। ନୂଆ ଓଡ଼ିଶା ବିନା ନୂଆ ଭାରତର ପରିକଳ୍ପନା ଅସମ୍ଭବ। ଚାଟାର୍ଡ ଆକାଉଣ୍ଟାଣ୍ଟମାନଙ୍କୁ ଆହ୍ୱାନ ଜଣାଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶ ଓ ବିଶ୍ୱ ପାଇଁ ବିକାଶର ନୂଆ ମଡେଲ୍ ଓଡ଼ିଶାରେ ସୃଷ୍ଟି ହୋଇପାରିବ ଓ ଏହା ଓଡ଼ିଶା ମଡେଲ୍ ନାଁରେ ବିଶ୍ୱରେ ପ୍ରସିଦ୍ଧ ହେବ।

ଓଡ଼ିଶାର ଚାଟାର୍ଡ ଆକାଉଣ୍ଟାଣ୍ଟମାନେ ସିଙ୍ଗାପୁର, ନ୍ୟୁୟର୍କ ଷ୍ଟକ୍ ଏକ୍ସଚେଞ୍ଜ ସହ କାମ କରିବା ସହ ମର୍ଜର ଓ ଆକ୍ୟୁଜିସନ୍‌ର କ୍ରିୟାନ୍ୱୟନ ଓଡ଼ିଶାରୁ ହେବ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଭୁବନେଶ୍ୱର ଶିକ୍ଷା କ୍ଷେତ୍ରରେ ପୂର୍ବ ଭାରତର ବଡ଼ ପେଣ୍ଠସ୍ଥଳୀ ହୋଇଛି। ଆଇଆଇଟି ସମେତ ୬ଟି ରାଷ୍ଟ୍ରୀୟ ଶିକ୍ଷାନୁଷ୍ଠାନ ସହ ଉଚ୍ଚମାନର ବେସରକାରୀ ଶିକ୍ଷାୟତନ ଭୁବନେଶ୍ୱରରେ ରହିଛି। ଓଡ଼ିଆ ଯୁବକଙ୍କୁ ଉଦ୍ୟମୀ କରି ଓଡ଼ିଶାକୁ ବ୍ୟାବସାୟିକ ପେଣ୍ଠସ୍ଥଳୀରେ ପରିଣତ କରିବା ପାଇଁ ଚାଟାର୍ଡ ଆକାଉଣ୍ଟାଣ୍ଟମାନେ ବ୍ୟାବସାୟିକ ଇକୋ ସିଷ୍ଟମ୍ ବିକଶିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

# ୧୧ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ୟୁନିଟର ଲୋକାର୍ପଣ କଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଲୋକମାନଙ୍କୁ ହାତ ପାହାନ୍ତାରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ଆବଶ୍ୟକୀୟ ସୁବିଧାଯୁକ୍ତ ୧୧ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ୟୁନିଟର ଲୋକାର୍ପଣ କରିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗେଲ୍ କାର୍ଯ୍ୟାଳୟ ପାହାଲଠାରେ ଏକ ଉତ୍ସବରେ ଶ୍ରୀ ପ୍ରଧାନ ଏହି ଭ୍ୟାନ ଗୁଡିକର ଲୋକାର୍ପଣ କରିଛନ୍ତି । କେନ୍ଦ୍ରସରକାରଙ୍କ ପେଟ୍ରୋଲିୟମ ବିଭାଗର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଗେଲ ଓ ଏଚପିସିଏଲ ଦ୍ୱାରା ୧୧ଟି ସ୍ୱାସ୍ଥ୍ୟ ସେବା ୟୁନିଟ୍ ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ଯୋଜନା ଅନ୍ତର୍ଗତ ପାଇପ ଲାଇନ ଯାଉଥିବା ଜିଲ୍ଲାମାନଙ୍କରେ ଲୋକମାନଙ୍କୁ ଘର ପାଖରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବ । ଏହି ଭ୍ର୍ୟାମ୍ୟମାଣ ୟୁନିଟ ଗୁଡିକରେ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ଔଷଧ ଓ ପାଥୋଲୋଜି ପରୀକ୍ଷାର ବ୍ୟବସ୍ଥା ରହିଛି । ଏହି ଗାଡି ଗୁଡିକ ଜିପିଏସ ଦ୍ୱାରା ସଂଯୋଗ ହୋଇଥିବା କାରଣରୁ ଏହି ଗାଡି ଗୁଡିକ କେଉଁ କେଉଁ ସ୍ଥାନକୁ ଯାଉଛି ଏହା ମୂଳ ସ୍ଥାନରେ ବସି ନଜର ରଖି ହେବ । ଗୋଟିଏ ଗାଡି ଦିନକୁ ୨୫ରୁ ୪୦ କିମି ଯାତ୍ରା କରି ଦୈନିକ ୯୦ରୁ ୧୦୦ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହା ଜରୁରୀକାଳୀନ ଜୀବନରକ୍ଷାକାରୀ ସେବା ଯୋଗାଇବା ସହ ଆମ୍ବୁଲାନ୍ସ ଭାବେ ରୋଗୀକୁ ଅଧିକ ଚିକିତ୍ସା ପାଇଁ ଡାକ୍ତରଖାନାକୁ ମଧ୍ୟ ସ୍ଥାନାନ୍ତରଣ କରିପାରିବ । ଏହା ସହ ନିୟମିତ ହେଲ୍ଥ ଚେକଅପ କ୍ୟାମ୍ପ, ମହିଳା ଓ ଝିଅମାନଙ୍କ ପାଇଁ ମାଗଣାରେ ସାନିଟାରି ନାପକିନ, ବିଶୁଦ୍ଧ ଜଳ ପାଇଁ ବ୍ୟବହାର ହେଉଥିବା ଟାବଲେଟ ଯୋଗାଇ ଦେବ । ଗେଲର ଏହି ସେବାର ନାମ ପ୍ରୋଜେକ୍ଟ ଆରୋଗ୍ୟ ଥିବା ବେଳେ ଏଚପିସିଏଲରେ ଏହି ସେବାର ନାମ ପ୍ରୋଜେକ୍ଟ ଧନ୍ୱନ୍ତରୀ ରଖାଯାଇଛି । ଭାରତ ସରକାରଙ୍କର ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନେ ସେମାନଙ୍କର ସିଏସଆର କାର୍ଯ୍ୟକ୍ରମରେ ଗରୀବ ଲୋକମାନଙ୍କୁ ସେବା ପହଂଚାଇବା ପାଇଁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ସ୍ୱାସ୍ଥ୍ୟସେବା ପାଇଁ ଭ୍ର୍ୟାମ୍ୟମାଣ ମେଡିକାଲ ଭ୍ୟାନ ଲୋକମାନଙ୍କୁ ଲାଭ ଦେବ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି ।

# ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ଅଧୀନରେ ଓଡ଼ିଶାରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନଙ୍କର ଦରମାରେ ବିସଙ୍ଗତି ନେଇ କେନ୍ଦ୍ର ଆୟୁଷ ବିଭାଗ ମନ୍ତ୍ରୀ (ସ୍ୱତନ୍ତ୍ର ଦାୟିତ୍ୱ) ଶ୍ରୀପଦ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଓଡ଼ିଶା ଆୟୁଷ ଡାକ୍ତର ସଂଘର ଅଧ୍ୟକ୍ଷ ଡ. ସୁଶୀଲ କୁମାର ମହାପାତ୍ରଙ୍କ ଆବେଦନକୁ ଆୟୁଷ ମନ୍ତ୍ରୀ ଶ୍ରୀପଦ ନାୟକଙ୍କ ବିଚାର ପାଇଁ ମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରେରଣ କରିଛନ୍ତି।

ଶ୍ରୀ ପ୍ରଧାନ ଏହି ଦାବିପତ୍ରରୁ ଉଦ୍ଧୃତ କରି କହିଛନ୍ତି ଯେ ଓଡ଼ିଶାରେ ସିଏଚ୍‌ସି ଓ ପିଏଚ୍‌ସିରେ କାମ କରୁଥିବା ଆୟୁଷ ଡାକ୍ତର ଏବଂ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ)ରେ କାମ କରୁଥିବା ଆୟୁଷ ଡାକ୍ତରମାନଙ୍କର ଦରମାରେ ଭିନ୍ନତା ଥିବା ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ପିଏଚ୍‌ସି, ସିଏଚ୍‌ସିରେ କାମ କରୁଥିବା ଆୟୁଷ ଡାକ୍ତରଙ୍କୁ ୨୩,୧୦୦ ଟଙ୍କା ଏବଂ କେବିକେ ଅଞ୍ଚଳରେ କାମ କଲେ ଅତିରିକ୍ତ ୪ ହଜାର ଟଙ୍କା ମିଳୁଥିବା ବେଳେ ଆର୍‌ବିଏସ୍‌କେ ଯୋଜନାରେ କାମ କରୁଥିବା ଆୟୁଷ ଡାକ୍ତରମାନଙ୍କୁ ୧୭,୮୫୦ ଓ କେବିକେରେ କାମ କଲେ ଅତିରିକ୍ତ ୪ ହଜାର ଟଙ୍କା ମିଳୁଛି।

ଉଭୟଙ୍କ ଶିକ୍ଷାଗତ ଯୋଗ୍ୟତା ଓ କାମ ସମାନ ହୋଇଥିବା ବେଳେ ଦରମାରେ ବିସଙ୍ଗତି ସେମାନଙ୍କର କାର୍ଯ୍ୟ ଦକ୍ଷତାକୁ ପ୍ରଭାବିତ କରୁଛି ବୋଲି ଦାବିପତ୍ରରେ ଦର୍ଶାଯାଇଛି।

ଏପରି ସ୍ଥିତିରେ ଆୟୁଷ ମନ୍ତ୍ରୀ ଶ୍ରୀ ନାୟକ ଏଥିରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ସମାନ କାମ ପାଇଁ ସମାନ ଦରମା ପାଇଁ ବିଚାର କରି ପଦକ୍ଷେପ ନେବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି।

# ଆଇଓସିଏଲ୍ ଓ ଓଡ଼ିଶା ସରକାର ମଧ୍ୟରେ ଟ୍ୟାକ୍ସ ବିବାଦର ସମାଧାନ

ନୂଆଦିଲ୍ଲୀର ଓଡ଼ିଶା ଭବନଠାରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ (ଆଇଓସିଏଲ୍) ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଟ୍ୟାକ୍ସ ବିବାଦର ସମାଧାନ ବାହାର କରିବା ନେଇ ସମସ୍ତ ବିକଳ୍ପ ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ପେଟ୍ରୋଲିୟମ୍ ମନ୍ତ୍ରଣାଳୟର ସଚିବ, ଆଇଓସିଏଲ୍ ଚେୟାରମ୍ୟାନ୍, ଓଡ଼ିଶାର ମୁଖ୍ୟ ଶାସନ ସଚିବ ଓ ଓଡ଼ିଶାର ଉନ୍ନୟନ କମିଶନର ପ୍ରମୁଖ ଉପସ୍ଥିତ ଥିଲେ।

କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମତ ଥିଲା ଯେ ୨୦୦୪ ମସିହାରେ ଯଦିଓ ଓଡ଼ିଶା ସରକାର ଆଇଓସିଏଲ୍‌କୁ ଟିକସ ରିହାତି ପ୍ରଦାନ କରିଥିଲେ, ତେବେ ରାଜ୍ୟର ଆର୍ଥିକ ସ୍ଥିତି ଓ ଆଇଓସିଏଲର ବାଣିଜ୍ୟିକ ସ୍ୱାର୍ଥକୁ ଆଖି ଆଗରେ ରଖି ଏହାର ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ କରାଯିବାର ଆବଶ୍ୟକତା ରହିଛି। ଏହି ପ୍ରସଙ୍ଗରେ ମଧ୍ୟମ ମାର୍ଗ ବାହାର କରିବା ଉପରେ ସେ ଗୁରୁତ୍ୱ ଦେବା ସହିତ ଉଭୟ ଆଇଓସିଏଲ୍ ଓ ରାଜ୍ୟ ସରକାର ତାଙ୍କର ବର୍ତ୍ତମାନର ଆଭିମୁଖ୍ୟରୁ ବାହାରି ଉଭୟଙ୍କୁ ସ୍ୱୀକାର ହେବା ଭଳି ସମାଧାନ ବାହାର କରିବା ଉଚିତ୍ ବୋଲି କହିଥିଲେ। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଭାରତୀୟ ତୈଳ ନିଗମର ସମ୍ପ୍ରସାରଣ କାମରେ ପ୍ରୋତ୍ସାହନ ଯୋଗାଇ ଦେବା ରାଜ୍ୟ ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ପେଟ୍ରୋକେମିକାଲ୍ ଓ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ରାଜ୍ୟକୁ ଆଣିବାରେ ସକ୍ଷମ ହେବ।

ଲମ୍ବା ସମୟ ଧରି ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ରାଜସ୍ୱ ଓ ଯୁବଶକ୍ତି ପାଇଁ ରୋଜଗାରର ସୁଯୋଗକୁ ବଢ଼ାଇବା ପାଇଁ ସହାୟକ ହେବ। ଏହା ଶିଳ୍ପର ବାତାବରଣ ସୃଷ୍ଟି କରିବ ତଥା ରାଜ୍ୟର ଶିଳ୍ପାୟନ ଓ ଆର୍ଥିକ ପ୍ରଗତିରେ ସହାୟକ ହେବ। ଏହା ପ୍ରଧାମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା, ଓଡ଼ିଶା ସମେତ ପୂର୍ବ ଭାରତର ବିକାଶ ପାଇଁ ଅଧିକ ପୁଞ୍ଜି ବିନିଯୋଗର ସୁଯୋଗ ସୃଷ୍ଟି କରିବ।

କେନ୍ଦ୍ର ପେଟ୍ରୋଲିୟମ୍ ବିଭାଗ ଓ ଭାରତୀୟ ତୈଳ ନିଗମର ଅଧିକାରୀ ଓଡ଼ିଶା ସରକାରଙ୍କ ଅଧିକାରୀମାନଙ୍କ ସହିତ ଆପୋଷ ଆଲୋଚନା କରି ଉଭୟଙ୍କୁ ସ୍ୱୀକାରଯୋଗ୍ୟ ସମାଧାନର ରାସ୍ତା କାଢ଼ିବା ପାଇଁ ଚେଷ୍ଟା କରିବେ ବୋଲି ଏହି ବୈଠକରେ ସହମତି ପ୍ରକାଶ ପାଇଥିଲା।

## ସାମ୍ପ୍ରତିକୀ

# ଜିଏସ୍‌ଟି କର୍ମଶାଳାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରୀର ଓଡ଼ିଶା ଶାଖାର ଜିଏସ୍‌ଟି କର୍ମଶାଳାରେ ଯୋଗଦେଇ ଓଡ଼ିଶାରେ ଉତ୍ତମ ବ୍ୟବସାୟିକ ବାତାବରଣ ତିଆରି କରାଗଲେ ଓଡ଼ିଶା ଦେଶର ଆର୍ଥିକ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିବ ବୋଲି କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପୂର୍ବରୁ ସରକାର ହିଁ ଦେଶର ସବୁର ମୂଳ ଆଧାର ଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଜୁଳି ଆଦି ମୁଖ୍ୟ ବ୍ୟବସ୍ଥା ଯୋଗାଇବା ସହ ଟିକସ ସଂଗ୍ରହ କରିବା, ଶିଳ୍ପ ସ୍ଥାପନା କରିବା, ହୋଟେଲ୍ ଚଳାଇବା ସବୁ ସରକାରଙ୍କ ଉପରେ ନ୍ୟସ୍ତ ଥିଲା।

ପରବର୍ତ୍ତୀ ସମୟରେ ସରକାର ବ୍ୟବସ୍ଥାକୁ ନିଜେ ଚଲାଇବା ବଦଳରେ ବ୍ୟବସ୍ଥା ଚାଲିବାରେ ସହାୟତା ଓ ସମସ୍ୟା ତିଆରି ହେଲେ ତାହାର ସମାଧାନ ଭୂମିକାକୁ ଆସବା ହିଁ ସରକାରଙ୍କ କାର୍ଯ୍ୟ ସୀମା ବୋଲି ସ୍ୱାଧୀନତା ପରଠାରୁ ଧୀରେ ଧୀରେ ପରିବର୍ତ୍ତନ ହୋଇ ଏହି ସ୍ଥିତିରେ ପହଞ୍ଚିଛି।

ସେ କହିଛନ୍ତି ଯେ ଜିଏସ୍‌ଟି ଗୋଟିଏ ଦେଶ- ଗୋଟିଏ କର ବ୍ୟବସ୍ଥା ଲାଗୁ ହେବା ଦ୍ୱାରା ସମଗ୍ର ଭାରତରେ ସମାନ ପ୍ରକାର ବ୍ୟବସାୟିକ ସୁବିଧା ଉପଲବ୍ଧ ହେବ। ପୂର୍ବରୁ ରୋଜଗାର ସୃଷ୍ଟି ସରକାରଙ୍କର ଏକାକୀ ଦାୟିତ୍ୱ ଥିଲା। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ଦେଶର ଯେକୌଣସି ସାଧାରଣ ନାଗରିକ ଏଥିପାଇଁ ସୁଯୋଗ ସୃଷ୍ଟି କରିପାରିବ ଓ ତାହାର ଢାଞ୍ଚାଗତ ସୁବିଧା ସୃଷ୍ଟି କରିବା ହିଁ ସରକାରଙ୍କର ପ୍ରାଥମିକତା ହୋଇଛି।

ପୂର୍ବରୁ ଦେଶର ପଶ୍ଚିମ ଭାଗ, ଉତ୍ତର ଓ ଦକ୍ଷିଣରେ କିଛି ଅଂଶରେ ବିକାଶ ଅଧିକ ମାତ୍ରାରେ ପହଞ୍ଚିଥିବା ବେଳେ ଓଡ଼ିଶା ଓ ପୂର୍ବ ଭାରତ ବିକାଶର ଦୌଡ଼ରେ ପଛରେ ପଡ଼ିଛି। ଦେଶରେ ଯେତେବେଳେ ନୂଆ ବ୍ୟବସାୟିକ ବାତାବରଣ ତିଆରି ହେଉଛି ଓଡ଼ିଶାର କମ୍ପାନୀ ସେକ୍ରେଟାରୀମାନେ ଓଡ଼ିଆ ଯୁବକଙ୍କୁ ଉଦ୍ୟମୀ କରିବାରେ ସହାୟକ ହୋଇପାରିବେ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଜିଏସ୍‌ଟି ଲାଗୁ ପରେ ଓଡ଼ିଶା ଭଳି ଖାଉଟି ପ୍ରଧାନ ରାଜ୍ୟକୁ ଉତ୍ପାଦନ ଓ ବ୍ୟବସାୟ କରିବାକୁ ଲୋକମାନେ ଆସିବେ। ସାଢ଼େ ଚାରିକୋଟି ଓଡ଼ିଆ ଲୋକଙ୍କୁ ସମ୍ମାନର ସହ ବଞ୍ଚିବା ପାଇଁ ନିର୍ଣ୍ଣୟ ନେବାକୁ ପଡ଼ିବ। ସରକାରୀ ଚାକିରି, ସରକାରୀ ଆଶ୍ରିତ ବ୍ୟବସ୍ଥା ବା ସରକାରୀ ଦାନ ନୁହେଁ ଉପାର୍ଜନ କରିବା ଓ ଅନ୍ୟ ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବାର ନୂଆ ସମ୍ଭାବନା ସୃଷ୍ଟି କରିବା ପାଇଁ ଜିଏସ୍‌ଟି ଏକ ସହାୟକ ବ୍ୟବସ୍ଥା ହେବ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ମାନ୍ୟବର ସୁପ୍ରିମ୍‌କୋର୍ଟ ଅଳ୍ପ କିଛିଦିନ ତଳେ ଓଡ଼ିଶାରେ ପାହାଡ଼ ପରି ଖଣି ଲୁଟ୍ ହେବା ଘଟଣା ନେଇ ଟିପ୍ପଣୀ କରିଥିଲେ। ଚୀନ୍‌ରେ ଅଲିମ୍ପିକ୍ସ ହେଲା, ଲୁହାପଥର ଚାହିଦା ବଢ଼ିଲା, ଓଡ଼ିଶାରେ ଜଙ୍ଗଲ, ଖଣି ଓ ଅନ୍ୟାନ୍ୟ ନିୟମ ଭାଙ୍ଗି ଓଡ଼ିଶାର ପ୍ରାକୃତିକ ସମ୍ପଦର ଲୁଟ୍ ହେଲା। ଖୋଦ୍ ରାଜ୍ୟ ସରକାର ୫୯ ହଜାର କୋଟି ଟଙ୍କାର ଖଣି ଲୁଟ୍ ହୋଇଥିବା ଦର୍ଶାଇ କମ୍ପାନୀମାନଙ୍କୁ ଆଦାୟ ପାଇଁ ନୋଟିସ୍ ଦେଉଥିଲେ। ଏବେ ଜିଏସ୍‌ଟି ବ୍ୟବସ୍ଥାରେ ଠକିବା ଅସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ।

# ପୂର୍ବତନ ରାଷ୍ଟ୍ରପତି ଶ୍ରୀ ପ୍ରଣବ ମୁଖାର୍ଜୀଙ୍କ ନିର୍ବାଚିତ ଭାଷଣର ଚତୁର୍ଥ ଖଣ୍ଡ ଉନ୍ମୋଚିତ

ପ୍ରାକ୍ତନ ରାଷ୍ଟ୍ରପତି ଶ୍ରୀ ପ୍ରଣବ ମୁଖାର୍ଜୀଙ୍କ ନିର୍ବାଚିତ ଭାଷଣର ଚତୁର୍ଥଖଣ୍ଡକୁ ତାଙ୍କ ଅବସରକାଳୀନ ଉତ୍ସବରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ୨୦୧୭ ଜୁଲାଇ ୨୪ ତାରିଖରେ ରାଷ୍ଟ୍ରପତି ଭବନରେ ଉନ୍ମୋଚନ କରିଥିଲେ। ଉନ୍ମୋଚିତ ପୁସ୍ତକର ପ୍ରଥମ ଖଣ୍ଡକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୁଖାର୍ଜୀଙ୍କୁ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଧ୍ୟ ଉପସ୍ଥିତ ଥିଲେ।

ପାଞ୍ଚ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଶ୍ରୀ ମୁଖାର୍ଜୀ ଯେଉଁସବୁ ଭାଷଣ ବିଭିନ୍ନ ସମୟରେ ଦେଇଥିଲେ ସେଥି ମଧ୍ୟରୁ ବାଛି ବାଛି କେତେକକୁ ଚାରିଟି ଖଣ୍ଡରେ ସଂକଳିତ କରି ପ୍ରକାଶ କରାଯାଇଛି। ଚତୁର୍ଥ ତଥା ଶେଷ ଖଣ୍ଡ ଶ୍ରୀ ମୁଖାର୍ଜୀଙ୍କ ରାଷ୍ଟ୍ରପତିତ୍ୱ କାଳର ଚତୁର୍ଥ ଓ ପଞ୍ଚମ ବର୍ଷର ନିର୍ବାଚିତ ଭାଷଣମାନ ସ୍ଥାନ ପାଇଛି। ଏହା ପୂର୍ବରୁ ଅନ୍ୟ ତିନିଖଣ୍ଡ ପୁସ୍ତକ ଏହି ପର୍ଯ୍ୟାୟରେ ପ୍ରକାଶ ପାଇଥିଲା। ଚତୁର୍ଥ ଖଣ୍ଡରେ ଶ୍ରୀ ମୁଖାର୍ଜୀଙ୍କ ନିର୍ବାଚିତ ଭାଷଣ ସବୁକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି। ସେସବୁ ହେଲା - ୧) ରାଷ୍ଟ୍ର, ସଂସଦ, ସାମ୍ବିଧାନିକ ସଂସ୍ଥା ଓ ପ୍ରତିରକ୍ଷା ବାହିନୀ, ୨) ଗୁରୁତ୍ୱପୂର୍ଣ୍ଣ ଦିବସ ଓ ଘଟଣା ତଥା ବିଶିଷ୍ଟ ବ୍ୟକ୍ତି ବିଶେଷ, ୩) ଭୋଜି ସଭା ଭାଷଣ ଓ ବିଦେଶ ଭ୍ରମଣ କାଳରେ ପ୍ରଦତ୍ତ ଭାଷଣ, ୪) ସମ୍ମାନ ପ୍ରଦାନ ଉତ୍ସବରେ ପ୍ରଦତ୍ତ ଭାଷଣ ଏବଂ ୫) ଶିକ୍ଷା ଓ ସମ୍ମେଳନ ସଂକ୍ରାନ୍ତ ଅଭିଭାଷଣ। ସମସ୍ତ ଚାରିଟି ଯାକ ଖଣ୍ଡ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପ୍ରକାଶନ ପ୍ରଭାଗ ଦ୍ୱାରା ପ୍ରକାଶିତ।

ଗତ ତିନି ବର୍ଷ ମଧ୍ୟରେ ପ୍ରକାଶନ ପ୍ରଭାଗ ରାଷ୍ଟ୍ରପତି ଭବନ ସହ ମିଶି ରାଷ୍ଟ୍ରପତି ଭବନର ସଂସ୍କୃତି, ଐତିହ୍ୟ ଓ ଐତିହାସିକ ଘଟଣାବଳୀକୁ ନେଇ ଧାରାବାହିକ ଭାବେ ପୁସ୍ତକମାନ ପ୍ରକାଶ କରିଆସୁଛି। ରାଷ୍ଟ୍ରପତି ଭବନ ଏକ ଜାତୀୟ ପ୍ରତିଷ୍ଠାନ ହୋଇଥିବାରୁ ଏହି ସବୁ ବହିରେ ଏ ସମ୍ପର୍କିତ ବିଭିନ୍ନ ତଥ୍ୟାବଳୀ, ବିରଳ ଫଟୋଚିତ୍ର ଓ ଅନ୍ୟାନ୍ୟ ସାମଗ୍ରୀର ତଥ୍ୟ, ଚିତ୍ର ସ୍ଥାନିତ ହୋଇଛି। ଉତ୍ତରପିଢ଼ି ପାଇଁ ଏହାର ଯଥେଷ୍ଟ ଐତିହାସିକ ଓ ସାଂସ୍କୃତିକ ମହତ୍ୱ ରହିଛି।

ଏସବୁ ପୁସ୍ତକ ପ୍ରକାଶନ ବିଭାଗର ସେଲ୍ସ ଏମ୍ପୋରିୟମରେ ବିକ୍ରି ପାଇଁ ଉପଲବ୍ଧ। ଭାରତ କୋଷ ପୋଟାଲ bharatkoshportal.gov.in ମାଧ୍ୟମରେ ମଧ୍ୟ ଏହା କିଣାଯାଇପାରିବ।


## New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards

# The price of Employment News is being revised from 6th February 2016 issue onwards

**YOJANA (Odia) : Monthly** **September 2017** **RNI No. 57203/93**
ISSN 0971-8346 Total Number of Pages (56)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ
# ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ ।

## ଯୋଜନା ପଢ଼ନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା. ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ. ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ. ଅର୍ଥନୈତିକ ଓ ସାମାଜିକ ବିକାଶ. କୃଷି. ଶିକ୍ଷା. ବାଣିଜ୍ୟ. ପରିବହନ. ଯୋଗାଯୋଗ. ଖାଉଟୀସୁରକ୍ଷା. ପରିବେଶ ସଂରକ୍ଷଣ. ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା. ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ. ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ. ଅଧ୍ୟାପକ. ଗବେଷକ. ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

### ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ି ତୋଳନ୍ତୁ ।

### ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା ।

### "ଯୋଜନା"ର ଗ୍ରାହକ ଦେୟ

*ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

### ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at : Print-Tech Offset Pvt. Ltd., Plot No. F66/1 & F66/2, Chandaka Industrial Area, Bhubaneswar - 24
Editor : Dr. Girish Chandra Dash